# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୭/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 27/ 2018 (Career & Appointment) | ★★★★★★

୪୪ଶ ଭାଗ ୩୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-





**କଳିଙ୍ଗ ଷ୍ଟାଡିୟମକୁ ସ୍ୱପ୍ନାଙ୍କ ପ୍ରଶଂସା**

ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ହେପ୍ଟାଥଲନ ତାରକା ସ୍ୱପ୍ନା ବର୍ମନ କଳିଙ୍ଗ ଷ୍ଟାଡିୟମକୁ ପ୍ରଶଂସା କରିଛନ୍ତି। ୧୯

୦୮ **ଭଲ କାହାଣୀକୁ ପସନ୍ଦ କରେ: ରାଧିକା ଆପ୍ଟେ**

ଭଲ କାହାଣୀ ଆଧାରିତ ଫିଲ୍ମକୁ ପସନ୍ଦ କରେ ବୋଲି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍ଟେ ପ୍ରକାଶ କରିଛନ୍ତି ।









## ସଂକ୍ଷେପରେ

■ ଶ୍ରୀଲଙ୍କାରେ ରାଜନୈତିକ ଡ୍ରାମା

### ରାଜପାକ୍ସେ ହେଲେ ପ୍ରଧାନମନ୍ତ୍ରୀ



କଲମ୍ବୋ,୨୬।୧୦(ପି.ଟି.): ଏକ ନାଟକୀୟ ଘଟଣାକ୍ରମରେ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେଙ୍କ ସ୍ଥାନରେ ରାଜପାକ୍ସେ ଦେଶର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ନେଇ ସେଠାର ଟିଭି ଚ୍ୟାନେଲଗୁଡ଼ିକରେ ଖବର ପ୍ରସାରିତ ହୋଇଛି। ୱିକ୍ରମସିଂହେଙ୍କ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି) ନେତୃତ୍ୱାଧୀନ ଏକତା ସରକାରରୁ ସିରିସେନାଙ୍କ ବୃହତ୍ ରାଜନୈତିକ ମେଣ୍ଟ ୟୁନାଇଟେଡ୍ ପିପୁଲ୍ସ ଫ୍ରିଡମ୍ ଆଲାଏନ୍ସ (ୟୁପିଏଫ୍‌ଏ) ଓହରିଯାଇଛି। ୨୦୧୫ରେ ଶ୍ରୀଲଙ୍କା ଫ୍ରିଡମ୍ ପାର୍ଟି (ଏସ୍‌ଏଲ୍‌ପିଏଫ୍) ନେତା ସିରିସେନା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ମିଳିତ ସରକାର ଗଠନ ହୋଇଥିଲା। ଏଥିସହ ପ୍ରାୟ ୧ ଦଶନ୍ଧି ଧରି ଚାଲିଥିବା ରାଜପାକ୍ସେଙ୍କ ଶାସନର ଅବସାନ ଘଟିଥିଲା। ସେତେବେଳେ ସିରିସେନାଙ୍କୁ ୱିକ୍ରମସିଂହେ ସମର୍ଥନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସରକାରଙ୍କ ଅର୍ଥନୈତିକ ନୀତି ଓ ଦୈନନ୍ଦିନ ପ୍ରଶାସନକୁ ନେଇ ସିରିସେନା ଓ ୱିକ୍ରମସିଂହେଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା।

## କିଛି ତଥ୍ୟ

ଅକ୍ଟୋବର ୧୨ ସୁଦ୍ଧା ବ୍ୟାଙ୍କଗୁଡିକର ଋଣ ଯୋଗାଣ ଧାରାରେ ୧୪.୩୫% ବୃଦ୍ଧି ଘଟି ୮୯.୯୩ ଲକ୍ଷ କୋଟି ଟଙ୍କା ରହିଛି। ଏହି ସମୟରେ ଜମାରେ ୮.୮୬%ବୃଦ୍ଧି ଘଟିବା ସହ ୧୧୭.୮୫ ଲକ୍ଷ କୋଟି ଟଙ୍କା ଛୁଇଁଚି।

– ଆର୍‌ବିଆଇ

# ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୨୬।୧୦(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ପୂର୍ବରୁ ଭୁବନେଶ୍ୱରରେ ହେବାକୁ ଯାଉଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଲୋଗୋକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଏହି ଲୋଗୋକୁ ଶେୟାର କରି ମୁଁ ବହୁତ ଖୁସି। ଏହି ଫେଷ୍ଟିଭାଲ କ୍ରୀଡ଼ା, କଳା ଓ ସଂସ୍କୃତିର ଏକ ଅପୂର୍ବ ସମ୍ମିଶ୍ରଣ। ଏହି ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ବ୍ୟକ୍ତିବିଶେଷଙ୍କୁ ସ୍ମାର୍ଟ ସିଟି ଭୁବନେଶ୍ୱର ଏବଂ ଓଡ଼ିଶା ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟର ମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ନଭେମ୍ବର ୨ ଓ ୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟ ଅବସରରେ ଦେଶ ବିଦେଶର ପ୍ରତିଷ୍ଠିତ କ୍ରୀଡ଼ା ତାରକା, ସାହିତ୍ୟିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ସାମ୍ବାଦିକ ଏବଂ ପ୍ରତିଷ୍ଠିତ ଲେଖକ ଏକାଠି ହେବେ।

ଏସିଆରେ ପ୍ରଥମଥର ପାଇଁ ହେବାକୁ ଯାଉଥିବା ଏହି ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଲିଟେରାରି ☞ପୃଷ୍ଠା–୧୫

■ ସିବିଆଇ କଳି: ସିଭିସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୨ ସପ୍ତାହରେ ତଦନ୍ତ ସାର



■ ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ
■ ନାଗେଶ୍ୱର ନେଇପାରିବେନି ବଡ଼ ନିଷ୍ପତ୍ତି
■ ନଭେମ୍ବର ୧୨ରେ ପରବର୍ତ୍ତୀ ଶୁଣାଣି
■ କେନ୍ଦ୍ର, ସିଭିସିଙ୍କୁ ଜବାବ ତଲବ

ନୂଆଦିଲ୍ଲୀ,୨୬।୧୦(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କଳି ଘନେଇବାରେ ଲାଗିଥିବାବେଳେ ଶୁକ୍ରବାର ଏଥିରେ ନୂଆ ମୋଡ଼ ଆସିଛି। ସିବିଆଇର ଦୁଇ ମୁଖିଆ ଆଲୋକ ବର୍ମା ଏବଂ ରାକେଶ ଅସ୍ଥାନା ପରସ୍ପର ବିରୋଧରେ ଆଣିଥିବା ଆରୋପ ଓ ପ୍ରତ୍ୟାରୋପର ତଦନ୍ତ ୨ ସପ୍ତାହ ମଧ୍ୟରେ ଶେଷ କରିବାକୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ। ଏହାସହ ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଏମ୍. ନାଗେଶ୍ୱର ରାଓ ଇତିମଧ୍ୟରେ କୌଣସି ବଡ଼ଧରଣର ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୨ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। କେନ୍ଦ୍ର ସରକାର ଛୁଟିରେ ପଠାଇଦେଇଥିବା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଆଗତ ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ସମୟ ଗଡ଼ିଚାଲିବା ଦେଶର ସ୍ୱାର୍ଥ ହିତରେ ନୁହେଁ ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଅଭିଯୋଗକୁ ନେଇ ସିଭିସିଙ୍କୁ କ୍ୟାବିନେଟ ସେକ୍ରେଟାରି ଦେଇଥିବା ଟିପ୍ପଣୀ ଆଧାରରେ ତଦନ୍ତ କରାଯିବ। ସିଭିସି ୧୪ ଦିନ ମଧ୍ୟରେ ତଦନ୍ତ ଶେଷ କରିବେ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କରାଯିବ। ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ନାଗେଶ୍ୱର ରାଓ ଅକ୍ଟୋବର ୨୩ରୁ କୌଣସି ବଡ଼ଧରଣର ନୀତିଗତ ନିଷ୍ପତ୍ତି ନେଇପାରିବେ ନାହିଁ। ସେ କେବଳ ରୁଟିନ୍ କାର୍ଯ୍ୟ କରିପାରିବେ। ☞ପୃଷ୍ଠା–୧୫


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


## ଆଜିର ସମ୍ପାଦକୀୟ

**ବରିଷ୍ଠତାକୁ ଉପେକ୍ଷା**

## ଆଜିର ମନ୍ତବ୍ୟ

“ ଚାଷ ଜମିରେ କାଦୁଅକୁ ବି କାଞ୍ଚନରେ ପରିଣତ କରାଯାଇପାରେ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ରିଭ୍ୟୁ ପିଟିଶନ ଦାଖଲ କଲେ ସରକାର

## ପୌର ନିର୍ବାଚନ ଅଡୁଆ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଆସନ୍ତା ପୌର ନିର୍ବାଚନକୁ ନେଇ ରାଜ୍ୟ ସରକାର ଅଡୁଆରେ ପଡିଛନ୍ତି। ସ୍ଥାନ ସଂରକ୍ଷଣ ଉପରେ ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୮ ତାରିଖରେ ରୋକ ଲଗାଇଥିଲେ। ଏହି ରାୟର ପୁନର୍ବିଚାର କରିବାକୁ ରାଜ୍ୟ ସରକାର ଶୁକ୍ରବାର ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଛନ୍ତି। ସାନି ଆଦେବନକୁ ଯଦି ସୁପ୍ରିମକୋର୍ଟ ଗ୍ରହଣ କରି ପୂର୍ବ ସଂରକ୍ଷଣ ବ୍ୟବସ୍ଥାକୁ କାଏମ ରଖିବେ ତେବେ ପୌର ନିର୍ବାଚନକୁ ନେଇ ଲାଗି ରହିଥିବା ଝମେଲାରୁ ସରକାରଙ୍କୁ ମୁକ୍ତି ମିଳିଯିବ। ଡିସେମ୍ବର ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଯିବ।

ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରି ନ ଥିଲେ। ହାଇକୋର୍ଟ ଯେଉଁ ରାୟ ଶୁଣାଇଥିଲେ ସର୍ବୋଚ୍ଚ ଅଦାଲତ ତାହାକୁ କାଏମ ରଖିବା ସହ କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମଗୁଡିକରେ ଏସ୍‌ସି,ଏସଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ।

ସୁପ୍ରିମକୋର୍ଟ ଯଦି ରିଭ୍ୟୁ ପିଟିଶନକୁ ଗ୍ରହଣ ନ କରିବେ ତେବେ ରାଜ୍ୟ ସରକାର ବାଧ ହୋଇ ଓଡିଶା ପୌର ପରିଷଦ ଆଇନ ଏବଂ ଓଡିଶା ମହାନଗର ନିଗମ ଆଇନ–୨୦୦୩ ସଂଶୋଧନ କରିବେ। ଏଥିପାଇଁ ବିଧାନସଭାର ଅନୁମୋଦନ ଆବଶ୍ୟକ ହେବ। ଏଥିସହିତ ପୁଣିଥରେ ପୌର ପରିଷଦଗୁଡିକର ସୀମା ପୁନଃ ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କରିବାକୁ ପଡିବ। ଏ ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ସରକାରଙ୍କୁ ଅତି କମରେ ଆହୁରି ୬ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଯିବା ସମ୍ଭାବନା ରହିଛି।

ଏଠାରେ ସୂଚନାଯୋଗ୍ୟ ଗତ ସେପ୍ଟେମ୍ବର ୩୦ ତାରିଖରେ ୬୫ଟି ପୌର ସଂସ୍ଥା ସହ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ୨୨ଟି ପୌର ସଂସ୍ଥାର କାର୍ଯ୍ୟକାଳ ଡିସେମ୍ବର ୧୦ ତାରିଖରେ ସରିବ। ସେହିପରି ୨୦୧୯ ଜାନୁୟାରୀ ୧୭ରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଫେବୃୟାରୀ ୧୩ ତାରିଖରେ କଟକ ମହାନଗର ନିଗମ ଏବଂ ବାରିପଦା ମ୍ୟୁନିସିପାଲଟିର କାର୍ଯ୍ୟକାଳ ସରୁଛି। ☞ପୃଷ୍ଠା–୧୫






# ଦଳ ଭିତରେ ଯୁବ ରାଜନୀତି

ସୁନିତ୍ ମିଶ୍ର

ଭୁବନେଶ୍ୱର,୨୬।୧୦



ଲୋକନାଥ ମହାରଥୀ



ଅମରେଶ ପତ୍ରୀ



ଟଙ୍କଧର ତ୍ରିପାଠୀ

ଆଗକୁ ୨୦୧୯ ସାଧାରଣ ନିର୍ବାଚନ। ଏବେ ରାଜ୍ୟରେ ସକ୍ରିୟ ଥିବା ୩ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ଯୁବଗୋଷ୍ଠୀଙ୍କ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ ଥିବା ପରିଲକ୍ଷିତ ହେଉଛି। ଯୁବ ନେତୃତ୍ୱକୁ କାର୍ଯ୍ୟରେ ଲଗାଇବା ସକାଶେ ଏହି ଦଳଗୁଡିକ ତୃଣମୂଳସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। କିନ୍ତୁ ୩ଦଳରେ ଯୁବ ସଙ୍ଗଠନକୁ ଦେଖିଲେ ଏହାର ନେତୃତ୍ୱ ନେଉଥିବା ଯୁବଗୋଷ୍ଠୀ କୌଣସି ଭାବରେ ବରିଷ୍ଠଙ୍କ ପ୍ରଭାବରୁ ମୁକ୍ତ ନୁହନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହାସହ ବିଭିନ୍ନ ଦଳରେ କେତେଜଣ ପୁରୁଖା ନେତା ନିଜ ଅନୁଗାମୀଙ୍କ ହାତରେ ଛାମୁଆ ସଙ୍ଗଠନ ଦାୟିତ୍ୱ ଟେକିଦେଇ ଦକ୍ଷତା ରଖିଥିବା ଯୁବକଙ୍କୁ ଅଣଦେଖା କରି ପତିଆରା ଜାହିର କରୁଛନ୍ତି।

ରାଜ୍ୟ ରାଜନୀତିରେ ଦୁଇଦଶନ୍ଧି ଧରି ବିଜେଡିର ବହୁଳ ପ୍ରଭାବ ଦେଖିବାକୁ ମିଳୁଛି। ପଞ୍ଚାୟତ ନିର୍ବାଚନରେ ଦଳର ବିପର୍ଯ୍ୟୟ ପରେ ନେତୃତ୍ୱ ଯୁବ ସଙ୍ଗଠନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ଯୁବ ବିଜେଡିର କାର୍ଯ୍ୟକାରିଣୀ କରାଯାଇଥିଲା। ଯୁବ ସଙ୍ଗଠନର ନେତୃତ୍ୱକୁ ଦୀର୍ଘଦିନ ଧରି ଜାବୁଡି ରଖିଥିବା ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ସେତେବେଳେ ଦାୟିତ୍ୱ ମୁକ୍ତ କରାଗଲା। ତାଙ୍କ ସ୍ଥାନରେ ନୂଆ ମୁହଁ ଭାବେ ଅମରେଶ ପତ୍ରୀ ବିଜେଡି ଯୁବ ସଭାପତି ଭାବେ ନିଯୁକ୍ତି ପାଇଲେ। ଯୁବ ସଭାପତି ଅମରେଶ ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁଙ୍କ ଗୋଷ୍ଠୀର ବୋଲି ଆଲୋଚନା ହେଉଛି। ଏଥିଲାଗି ଦଳରେ ଅନେକ ଦକ୍ଷ ଯୁବନେତା ଥିବା ସତ୍ତ୍ୱେ ଅମରେଶଙ୍କୁ ଏହି ପଦବୀ ହାତେଇବାର ସୌଭାଗ୍ୟ ମିଳିପାରିଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ଯୁବ ସଙ୍ଗଠନକୁ ନିଜ ଇଙ୍ଗିତରେ ଚଲାଇବା ପାଇଁ ଅରୁଣ ଯଥେଷ୍ଟ ଉଦ୍ୟମ କରୁଛନ୍ତି। ମାତ୍ର ଦଳର ଯୁବ ବ୍ୟାପାର ଦାୟିତ୍ୱ ସଞ୍ଜୟଙ୍କ ହାତରେ ନ୍ୟସ୍ତ ରହିଛି। ତେଣୁ ସଞ୍ଜୟଙ୍କ ବିନା ଇଙ୍ଗିତରେ ଯୁବ ସଙ୍ଗଠନର କୌଣସି କାର୍ଯ୍ୟକ୍ରମ ସମ୍ଭବ ହେଉନାହିଁ। ଯୁବ କାର୍ଯ୍ୟକ୍ରମରେ ସଞ୍ଜୟଙ୍କ ହସ୍ତକ୍ଷେପ ଅରୁଣଙ୍କୁ ଏକ ପ୍ରକାର ନିଷ୍କ୍ରିୟ କରି ରଖିଥିବା ଚର୍ଚ୍ଚା ଜୋର୍ ଧରିଛି। ଏ ପ୍ରସଙ୍ଗରେ ପଚରାଯିବାରୁ ସଞ୍ଜୟ କହିଛନ୍ତି ଯେ, ଯୁବ ସଭାପତି ପଦ ଅମରେଶଙ୍କୁ ତାଙ୍କ ଦକ୍ଷତା ଆଧାରରେ ଦିଆଯାଇଛି। ଏହି ପଦବୀ ଦେବା ସମୟରେ ମୋର ପରାମର୍ଶ ନେବାକୁ କୁହାଯାଇଥିଲା। କୌଣସି ପ୍ରକାର ଲବିରେ ପତ୍ରୀଙ୍କୁ ଦାୟିତ୍ୱ ଦିଆଯାଇ ନାହିଁ। ଲବି ସମ୍ପର୍କିତ ଗୁଜବ ଅସତ୍ୟ। ☞ପୃଷ୍ଠା–୨

ଭୀମା କୋରେଗାଓଁ ମାମଲାରେ ପୁଣେର ଏକ ସ୍ୱତନ୍ତ୍ର କୋର୍ଟ ଶୁକ୍ରବାର ୩ ସାମାଜିକ କର୍ମୀଙ୍କ ଜାମିନ୍ ଆବେଦନକୁ ଖାରଜ କରିଛନ୍ତି। ସେମାନେ ହେଲେ ସୁଧା ଭରଦ୍ୱାଜ, ଭର୍ନନ ଗୋନସାଲଭେ ଏବଂ ଅରୁଣ ଫେରାରିଆ। ଜିଲା ଦୌରାଜଜ୍ଙ୍କ ସ୍ୱତନ୍ତ୍ର ବିଚାରପତି କେ.ଡି. ବଦନା ଏହି ଆବେଦନକୁ ଖାରଜ କରିଛନ୍ତି। ଆତଙ୍କବାଦୀଙ୍କ ସହ ସମ୍ପୃକ୍ତି ନେଇ ପୋଲିସ ୫ ସାମାଜିକ କର୍ମୀଙ୍କୁ ଅଗଷ୍ଟ୨୮ରୁ ଗୃହବନ୍ଦୀ କରି ରଖିଥିଲା।



## ସଂକ୍ଷେପରେ

### ଆଧାରକୁ ନେଇ ଟେଲିକମ୍ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

## ଇ-କେୱାଇସି ବ୍ୟବହାର ବନ୍ଦ କର


**ନୂଆଦିଲ୍ଲୀ,୨୬।୧୦:** ପୁରୁଣା ଗ୍ରାହକ ତଥା ନୂଆ ସିମ୍ ପାଇବାକୁ ଆଗ୍ରହୀଙ୍କ ସମ୍ପର୍କରେ ଯାଞ୍ଚ ପାଇଁ ଆଧାର ଇ-କେୱାଇସି ବ୍ୟବହାର ବନ୍ଦ କରିବାକୁ କେନ୍ଦ୍ର ସରକାର ଶୁକ୍ରବାର ସମସ୍ତ ଟେଲିକମ୍ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟେଲିକମ କ୍ଷେତ୍ରରେ ଆଧାର ବ୍ୟବହାର ବନ୍ଦ ପାଇଁ ସୁପ୍ରିମକୋର୍ଟ ଗତମାସରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହାକୁ ଆଧାର କରି ଟେଲିକମ ବିଭାଗ(ଡିଓଟି) ପକ୍ଷରୁ ଏକ ଗାଇଡ୍‌ଲାଇନ ଜାରି କରାଯାଇଛି। ଏଥିରେ ଆଧାର ଆଧାରିତ ଇ-କେୱାଇସି ବନ୍ଦ କରିବାକୁ କୁହାଯାଇଛି। ତେବେ ଗ୍ରାହକ ସ୍ୱ ଇଚ୍ଛାରେ ଆଧାର ନମ୍ବର ଦେଲେ ଏହାକୁ ଦସ୍ତାବିଜ ଭାବେ ବ୍ୟବହାର କରିହେବ ବୋଲି ୩ ପୃଷ୍ଠାର ଗାଇଡ୍‌ଲାଇନରେ ଉଲ୍ଲେଖ କରାଯାଇଛି।

## ଯୁବକଙ୍କୁ ଟଣ୍ଟିଚିପି ହତ୍ୟା

**ସୋରଡା,୨୬।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ସୋରଡା ବ୍ଲକ ଏକଲପୁର ଗ୍ରାମର ସୀତାରାମ ଦାଶ (୩୮)ଙ୍କୁ ଗୁରୁବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ଟଣ୍ଟିଚିପି ହତ୍ୟା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ସୀତାରାମ ବଡଗଡରୁ ସଉଦା କିଣି ଘରକୁ ଫେରୁଥିବାବେଳେ ଗାଁ ମୁଣ୍ଡରେ କେତେଜଣ ଯୁବକ ତାଙ୍କୁ ଟଣ୍ଟିଚିପି ହତ୍ୟା ଉଦ୍ୟମ କରିଥିଲେ। ସେ ଖସିଆସି ସ୍ତ୍ରୀକୁ ଘଟଣା ସମ୍ପର୍କରେ କହିଥିବା ତାଙ୍କ ଭାଇ ଘନଶ୍ୟାମ ସୂଚନା ଦେଇଛନ୍ତି। ତାଙ୍କ ପାଟି ଓ ନାକରୁ ରକ୍ତ ବାହାରୁ ଥିବାରୁ ତୁରନ୍ତ ବଡଗଡ ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛନ୍ତି। ତାଙ୍କ ସ୍ତ୍ରୀଙ୍କ ଏତଲା ପ୍ରକାରେ ବଡଗଡ ପୋଲିସ ନଂ.୨୮୭/୧୮ରେ ଏକ ମାମଲା ରୁଜୁ କରି ଜଣଙ୍କୁ ଅଟକ ରଖିଥିବା ଥାନାଧିକାରୀ ଜେନା ସୂଚନା ଦେଇଛନ୍ତି।

# ‘ଟ୍ରିବ୍ୟୁନାଲ ମହାନଦୀ ସମସ୍ୟାର ପ୍ରକୃତ ସମାଧାନ ନୁହେଁ’

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)



‘ମହାନଦୀ: କୋଲ୍ ରିଚ, ୱାଟର ଷ୍ଟ୍ରେସ୍‌ଡ’ ଶୀର୍ଷକ ରିପୋର୍ଟ ଉନ୍ମୋଚନ ଅବସରରେ ଅତିଥିଗଣ।

ମହାନଦୀ ଜଳ ବିବାଦର ପ୍ରକୃତ ସମାଧାନ ଟ୍ରିବ୍ୟୁନାଲ ଦ୍ୱାରା ସମ୍ଭବ ନୁହେଁ। ଓଡ଼ିଶା ଏବଂ ଛତିଶଗଡ ମହାନଦୀ ପ୍ରାକୃତିକ ପ୍ରବାହକୁ ଅବ୍ୟାହତ ରଖିବାକୁ ଚେଷ୍ଟା କରିବା ଆବଶ୍ୟକ। ଟ୍ରିବ୍ୟୁନାଲରେ ମାମଲା ଥିଲେ ବି ଦ୍ୱିପାକ୍ଷିକ ଆଲୋଚନା ସହ ସୁଚିନ୍ତିତ ପଦକ୍ଷେପ ହିଁ ମହାନଦୀକୁ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ମହାନଦୀର ଜଳ ଉତ୍ସଗୁଡିକର ସୁରକ୍ଷା କରିବାର ସମୟ ଆସିଛି। ପୂର୍ବାପେକ୍ଷା ମହାନଦୀର ଜଳଧାରଣ କ୍ଷମତା ୧୦ ପ୍ରତିଶତ ହ୍ରାସ ପାଇଛି। ‘ମହାନଦୀ: କୋଲ୍ ରିଚ, ୱାଟର ଷ୍ଟ୍ରେସ୍‌ଡ’ ଶୀର୍ଷକ ଏକ ରିପୋର୍ଟ ଉନ୍ମୋଚନ ଅବସରରେ ଏଭଳି ମତ ପ୍ରକାଶ ପାଇଛି।

କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚକମାନେ କହିଛନ୍ତି ଯେ, ଭାରତର ମୁଖ୍ୟ ନଦୀଗୁଡିକୁ ପ୍ରାକୃତିକ ଭାବେ ରକ୍ଷା କରିବା ପାଇଁ ରାଜ୍ୟ-ରାଜ୍ୟ ମଧ୍ୟରେ ବୁଝାମଣା ଜରୁରୀ। ମହାନଦୀର ଉପରମୁଣ୍ଡରୁ ଆରମ୍ଭ କରି ତଳମୁଣ୍ଡରେ ସମୁଦ୍ରରେ ମିଶିବା ଯାଏ କେତେ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି, ସେ ସମ୍ପର୍କିତ ଏକ ରିପୋର୍ଟ ଜଳ ବିଶେଷଜ୍ଞ ରଞ୍ଜନ ପଣ୍ଡା ସଂକ୍ଷିପ୍ତ ଭାବେ ଆଲୋଚନା କରିଥିଲେ। ସେ କହିଛନ୍ତି ଯେ, ମହାନଦୀର ଜଳଧାରଣ କ୍ଷମତା ହ୍ରାସ ପାଇବା ସହ ଉଭୟ ରାଜ୍ୟରେ ଥର୍ମାଲ ପାୱାର ପ୍ଲାଣ୍ଟ ଯୋଗୁ ଜଳ ଶୋଷଣ ପ୍ରଭୃତ କ୍ଷତି ସାଧନ କରିଛି। ତେଣୁ ମହାନଦୀକୁ ନେଇ ରାଜନୈତିକ ଲଢେଇରେ ପ୍ରକୃତ ସମାଧାନ ବାହାରିବ ନାହିଁ। ନଦୀ ଜଳ ତଳମୁଣ୍ଡକୁ ପ୍ରବାହିତ ହେବା ଏକ ପ୍ରାକୃତିକ ନିୟମ। ତାହାକୁ ଅଟକାଇ ବଡ ବ୍ୟାରେଜ ନିର୍ମାଣ କରି ନଦୀର ସୁରକ୍ଷା କରାଯାଇ ପାରେନା। ବ୍ୟାରେଜ ନିର୍ମାଣ ନଦୀ ଜଳ ସଂରକ୍ଷଣର ସମାଧାନ ନୁହେଁ। ନଦୀର ଉଭୟ ପାର୍ଶ୍ୱରେ ଜଙ୍ଗଲ ରହିଲେ ଜଳଧାରଣ କ୍ଷମତା ବଢିଥାଏ। ଏହା ପ୍ରତ୍ୟକ୍ଷ ଭାବେ ଜଳବାୟୁ ପରିବର୍ତ୍ତନ ଏବଂ ନିୟନ୍ତ୍ରଣକୁ ପ୍ରଭାବିତ କରିଥାଏ। ଭାରତ-ପାକିସ୍ତାନ ସିନ୍ଧୁ ନଦୀର ସମାଧାନ କରିପାରୁଥିବାବେଳେ ମହାନଦୀ ଜଳ ବିବାଦର ସମାଧାନ ଦୁଇ ରାଜ୍ୟ ମଧ୍ୟରେ କାହିଁକି ହୋଇପାରିବ ନାହିଁ ବୋଲି ରଞ୍ଜନ ପ୍ରଶ୍ନ କରିଛନ୍ତି।

କୋଇଲାଭିତ୍ତିକ ଶିଳ୍ପ ମହାନଦୀ ଅବକ୍ଷୟର ମୂଳ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶର ୧୮% କୋଇଲା କେବଳ ଛତିଶଗଡରେ ରହିଛି। ବିଭିନ୍ନ କମ୍ପାନୀ ସହ ସ୍ୱାକ୍ଷରିତ ହୋଇଥିବା ପ୍ରାୟ ୧,୪୦,୦୦୦ ମେଗାୱାଟ୍‌ର ପାୱାରପ୍ଲାଣ୍ଟ ଜଳ ପାଇଁ ମହାନଦୀ ଉପରେ ନିର୍ଭରଶୀଳ। ଓଡ଼ିଶାରେ ସାରା ଦେଶର ପ୍ରାୟ ୨୫ % କୋଇଲା ଗଚ୍ଛିତ ରହିଛି। ଏହାଦ୍ୱାରା ମହାନଦୀର ଅବବାହିକା ବହୁଳ ଭାବରେ କ୍ଷତିଗ୍ରସ୍ତ ହେବ ବୋଲି ରିପୋର୍ଟରେ ଆଶଙ୍କା କରାଯାଇଛି। ଏକାଧିକ କମ୍ପାନୀ ୫୮,୦୦୦ ମେଗାୱାଟ କୋଇଲାକୁ ଭିତ୍ତିକରି ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖିଛନ୍ତି। ଟ୍ରିବ୍ୟୁନାଲଙ୍କ ଦିଆଯାଇଥିବା ନିର୍ଦ୍ଦେଶ ଅନୁପାଳନ ନ ହେବାର ଯଥେଷ୍ଟ ଉଦାହରଣ ରହିଛି। ଦୀର୍ଘଦିନ ଧରି ଥିବା କାବେରୀ ନଦୀ ବିବାଦ ତାହାର ଉଦାହରଣ। ରାଜନୈତିକ ଲଢେଇ ଭିତରେ କାବେରୀ ନଦୀର ମାତ୍ର ୫ରୁ ୧୦ % ଜଳ ହିଁ ସାଧାରଣ ଲୋକଙ୍କ ସ୍ୱାର୍ଥରେ ଲାଗି ପାରୁଛି। ଛତିଶଗଡ-ଓଡ଼ିଶା ମଧ୍ୟରେ ଦେଖାଦେଇଥିବା ବିବାଦ ଦୀର୍ଘଦିନର ନୁହେଁ। ତେଣୁ ଦୁଇ ରାଜ୍ୟର ମିଳିତ ଉଦ୍ୟମରେ ବିବାଦର ସମାଧନ ହୋଇପାରିବ। ଅବକ୍ଷୟମୁଖୀ ମହାନଦୀର ଜଳଉତ୍ସର ପୁନରୁଦ୍ଧାର ମଧ୍ୟ ହୋଇପାରିବ ବୋଲି ପରିବେଶବିତ୍ ଆର୍ତ୍ତବନ୍ଧୁ ମିଶ୍ର ମତ ରଖିଥିଲେ।

### ‘ମହାନଦୀ: କୋଲ୍ ରିଚ, ୱାଟର ଷ୍ଟ୍ରେସଡ୍’ ରିପୋର୍ଟ ଲୋକାର୍ପିତ

# ଓଏଏସ୍ ସ୍ତରରେ ପଦୋନ୍ନତି ଓ ବଦଳି

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ କେତେଜଣ ଓଏଏସ୍ ଅଫିସରଙ୍କୁ ସିନିୟର ବ୍ରାଞ୍ଚରୁ ସୁପରଟାଇମ୍ ସ୍କେଲକୁ ପଦୋନ୍ନତି ମିଳିଛି। ଏହି ଅଫିସରମାନେ ହେଉଛନ୍ତି ଖୋର୍ଦ୍ଧା ଡ୍ରୁଡାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର, ଖୋର୍ଦ୍ଧାର ଭୂ-ଅଧିଗ୍ରହଣ ଅଧିକାରୀ ଶ୍ରାବଣୀ ପଟ୍ଟନାୟକ, ଉପ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି, ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସଚିବ ସୁବାଶିଷ ମାନସିଂ ଏବଂ ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ।

ଅପରପକ୍ଷରେ ଓଡ଼ିଶା ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟିର ଯୁଗ୍ମ ସଚିବ ଶିବନାରାୟଣ ନନ୍ଦଙ୍କୁ କୃଷି ବିଭାଗକୁ ଅତିରିକ୍ତ ନିର୍ଦ୍ଦେଶକ(ଆଡମିନ୍) ଭାବେ ବଦଳି କରାଯାଇଛି। କୋରାପୁଟ ଡିଆରଡିଏର ପ୍ରକଳ୍ପ ଅଧିକାରୀ ଥିବା ଦେବେନ୍ କୁମାର ପ୍ରଧାନଙ୍କୁ ଉକ୍ତ ଜିଲାର ଏଡିଏମ୍ ଭାବେ ନିଯୁକ୍ତି ମିଳିଛି। ଢେଙ୍କାନାଳ ଏଡିଏମ୍ ଥିବା ଅବନୀକାନ୍ତ ପଟ୍ଟନାୟକ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଢେଙ୍କାନାଳ ଏଡିଏମ୍ ଏବଂ ସର୍ବେଶ୍ୱର ସିଂଙ୍କୁ ବାଲେଶ୍ୱର ଡିଆରଡିଏ(ଆଡମିନ୍) ଭାବେ ନୂତନ ନିଯୁକ୍ତି ମିଳିଛି।

# ଚାଷୀ ଆତ୍ମହତ୍ୟା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଲା ଭାଜପା

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ସ୍ୱଳ୍ପ ବୃଷ୍ଟିପାତ ଏବଂ ଜଳସେଚନର ଅଭାବ ଯୋଗୁ ଚାଷଜମି ଫାଟି ଆଁ କଲାଣି। ଏହାର ପ୍ରଭାବରେ ହଜାର ହଜାର ହେକ୍ଟର ଜମିର ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗୋଟିଏପଟେ ଫସଲ ନଷ୍ଟ ଏବଂ ଅନ୍ୟପଟେ ଋଣଭାରରେ ପେଷି ହୋଇ ୨ଦିନ ଭିତରେ ୪ ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି। ପ୍ରତିଦିନ ଚାଷୀ ଆତ୍ମହତ୍ୟାର ରିପୋର୍ଟ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ଏହାସତ୍ତ୍ୱେ ରାଜ୍ୟ ସରକାର ଚାଷୀଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ଚୁପ୍ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ସମାଲୋଚନା କରିଛନ୍ତି। ସରକାର ମରୁଡି ହୋଇଥିବା ଅଞ୍ଚଳର ଚାଷୀଙ୍କୁ ସହାୟତା ଦେବା ସହ କୃଷିଋଣ ଛାଡ ନ କଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଜଳସେଚନର ବିଫଳତା ପାଇଁ ବିଲମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଜଳସେଚନ ବିଭାଗକୁ ଦୀର୍ଘ ସମୟ ନିଜ ପାଖରେ ରଖିଥିଲେ ମଧ୍ୟ ଅଦ୍ୟାବଧି କୌଣସି ଆଖିଦୃଶିଆ କାର୍ଯ୍ୟ କରିପାରି ନାହାନ୍ତି। ୧୮ବର୍ଷର ଶାସନ ପରେ ବିଲ ମୁଣ୍ଡରେ ପାଣି ଟୋପେ ପହଞ୍ଚିପାରିଲାନି, ଯାହାର ନମୁନା ହେଉଛି ଆଜିର ଚାଷୀ ଆତ୍ମହତ୍ୟା।

# ୧୦ ଡିଗ୍ରୀକୁ ଖସିଲା ତାପମାତ୍ରା

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ରାଜ୍ୟରେ କେତେକ ଭାଗରେ ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀକୁ ଖସିଲାଣି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବାସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାମାତ୍ରା ୧୦.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୧୩.୬, ଭବାନୀପାଟଣା ୧୪, ଝାରସୁଗୁଡା ୧୫.୮, କେନ୍ଦୁଝର ୧୫ ଏବଂ ଅନୁଗୋଳ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଦିନରେ ତାତି ବଢୁଥିଲେ ମଧ୍ୟ ରାତ୍ରୀରେ ସର୍ବନିମ୍ନ ତାପମାତ୍ରା ତଳକୁ ଖସିବ।




## ପ୍ରଥମ ପୃଷ୍ଠାରୁ

### ଦଳ ଭିତରେ ଯୁବ ...

ଦଳର ଚିନ୍ତାଧାରା ଅନୁସାରେ ଦାୟିତ୍ୱକୁ ଯେ ଠିକ୍ ଭାବେ ତୁଲାଇପାରିବ ସେ ହିଁ ନେତୃତ୍ୱକୁ ଆଗକୁ ନେବାରେ ସଫଳ ହୋଇପାରିବ। ଯୁବ ସଙ୍ଗଠନରେ ଅମରେଶଙ୍କ ସଫଳତାର ସମୀକ୍ଷା ସମୟ କରିବ ବୋଲି ସଞ୍ଜୟ କହିଛନ୍ତି।

ନିର୍ବାଚନ ପାଖେଇବାରୁ ବିଭିନ୍ନ ଜିଲାରେ ଏବେ ଯୁବ ସଙ୍ଗଠନର ଏକାଧିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମାତ୍ର ଏପର୍ଯ୍ୟନ୍ତ ଯୁବ ସଭାପତି ନିଜସ୍ୱ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସଫଳ ହୋଇନାହାନ୍ତି। ଏଥିଲାଗି ସେ ଦାୟିତ୍ୱ ନେବାର ଏତେଦିନ ପରେ ମଧ୍ୟ ସଙ୍ଗଠନରେ ତାଙ୍କର ସେତେଟା ପ୍ରଭାବ ଦେଖିବାକୁ ମିଳୁନାହିଁ ବୋଲି ଯୁବ ସଙ୍ଗଠନ ସହ ଜଡିତ କିଛି ନେତା ମତ ରଖିଛନ୍ତି। ଲକ୍ଷ୍ୟ କରାଯାଉଛି, ଜିଲାସ୍ତରରେ କୌଣସି ଯୁବ ପଦବୀ ନିଯୁକ୍ତି ସମୟରେ ସ୍ଥାନୀୟ ବିଧାୟକ/ମନ୍ତ୍ରୀ ଏବଂ ଜିଲା ସଭାପତିଙ୍କ ମତାମତ ଲୋଡାଯାଇ କିଛି ଗୋଡାଣିଆ ଯୁବକଙ୍କୁ ଦାୟିତ୍ୱ ଦିଆଯାଉଛି। ଏସବୁ ପ୍ରସଙ୍ଗରେ ଅମରେଶ କହିଛନ୍ତି ଯେ,୨୦୧୭ ଏପ୍ରିଲରୁ ଦାୟିତ୍ୱ ନେଇଛି। ଦାୟିତ୍ୱ ନେବା ପରଠାରୁ ସେଭଳି କୌଣସି ରାଜ୍ୟସ୍ତରୀୟ ବଡଧରଣର କାର୍ଯ୍ୟକ୍ରମ ହୋଇନାହିଁ। ମାତ୍ର ଏବେ ଯୁବ ବିଜେଡି ପକ୍ଷରୁ ଜୋନ୍‌ସ୍ତରୀୟ, ବ୍ଲକ୍‌ସ୍ତରୀୟ, ଜିଲାସ୍ତରୀୟ ଏବଂ ନିର୍ବାଚନମଣ୍ଡଳୀ ସ୍ତରରେ ଯୁବ ସମାବେଶ କାର୍ଯ୍ୟକ୍ରମ ଚାଲିଛି। ମୋତେ କାହା ଲବିରେ ନେତୃତ୍ୱ ଦାୟିତ୍ୱ ମିଳିନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। ୨୦୧୪-୨୦୧୮ ମଧ୍ୟରେ ୬୦ହଜାର ଯୁବତୀ ଯୁବକଙ୍କୁ ସରକାରୀ ନିଯୁକ୍ତି ମିଳିଛି। ୫ଲକ୍ଷ ଯୁବକଙ୍କୁ ବେସରକାରୀ ସ୍ତରରେ ନିଯୁକ୍ତି ମିଳିଛି। ସ୍କିଲ ଓଡିଶା କାର୍ଯ୍ୟକ୍ରମରେ ୮ଲକ୍ଷ ଯୁବତୀ ଯୁବକଙ୍କୁ କୁଶଳୀ କରିବା ପାଇଁ ସରକାର ଯୋଜନା କରିଛନ୍ତି। ତେଣୁ ଯୁବପିଢି ଭୋଟ ସମୟରେ ନବୀନ ପଟ୍ଟନାୟକଙ୍କ ବିକଳ୍ପ ପାଇବେ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ସଞ୍ଜୟ ଏବଂ ଅରୁଣଙ୍କୁ ବାଦ୍ ଦେଲେ ଯୁବ ରାଜନୀତିରେ ବିଶେଷ ରୁଚି ରଖୁଥିବା ଅତନୁ ସବ୍ୟସାଚୀ ନାୟକଙ୍କର ନିର୍ଦ୍ଦିଷ୍ଟ କେତେଜଣ ସମର୍ଥକ ରହିଛନ୍ତି। ଅତନୁଙ୍କୁ ଅସନ୍ତୁଷ୍ଟ ନ କରିବା ସକାଶେ ତାଙ୍କ ଗୋଷ୍ଠୀର କେତେଜଣ ଯୁବକର୍ମୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି। ମାତ୍ର ସଙ୍ଗଠନରେ ସେମାନେ ସେତେଟା ପ୍ରଭାବ ବିସ୍ତାର କରିପାରୁ ନାହାନ୍ତି। ସେହିପରି ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କର ଯୁବ ସଙ୍ଗଠନ ଉପରେ ସିଧାସଳଖ ପ୍ରଭାବ ନାହିଁ। ହେଲେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକର୍ତ୍ତାଙ୍କ ଉପରେ ତାଙ୍କର ପ୍ରବଳ ଚାପ ବାରି ହୋଇପଡୁଛି। ଅନ୍ୟପଟେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀ ହାତଗଣତି ୩ଟି ଅଞ୍ଚଳରେ ସୀମିତ ରହିଯାଇଛି। ଗତବର୍ଷ ବର୍ଷାକୁ ଆଳକରି ଯୁବ ସମ୍ମିଳନୀ ବନ୍ଦ କରାଯାଇଥିଲା। ଅଦ୍ୟାବଧି ଉକ୍ତ କାର୍ଯ୍ୟକ୍ରମ ହୋଇପାରି ନାହିଁ।

ଶାସକ ଦଳ ଭଳି କଂଗ୍ରେସ ଯୁବ ସଙ୍ଗଠନରେ ମଧ୍ୟ ସମଦଶା। ୧୯୯୫ରେ କଂଗ୍ରେସ କ୍ଷମତାକୁ ଫେରିବା ପଛରେ ଯୁବ ସଙ୍ଗଠନର ପ୍ରମୁଖ ଅବଦାନ ଥିଲା। ବିଜେଡି ଶାସନ କରିବାର କିଛିବର୍ଷ ପର୍ଯ୍ୟନ୍ତ ମଧ୍ୟ ଯୁବ କଂଗ୍ରେସର ପ୍ରଭାବ ରାଜ୍ୟ ରାଜନୀତିରେ ବେଶ୍ ଭଲଭାବେ ଅନୁଭୂତ ହେଉଥିଲା। କିନ୍ତୁ ଯୁବ କଂଗ୍ରେସର ଏହି ପ୍ରଭାବ ସମୟାନୁକ୍ରମେ ଦୁର୍ବଳ ହୋଇଯାଇଥିବା ଅନୁଭବ ହେଉଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯୁବ ସଙ୍ଗଠନ ପାଇଁ ସ୍ୱତନ୍ତ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାପରେ ରାଜ୍ୟରେ ଦଳର ଯୁବ ସଙ୍ଗଠନ ବହୁ ଗୋଷ୍ଠୀରେ ପରିଣତ ହୋଇ ରହିଛି। ବର୍ତ୍ତମାନ ଯୁବ କଂଗ୍ରେସ ସଭାପତି ଦାୟିତ୍ୱ ଲୋକନାଥ ମହାରଥୀଙ୍କ ହାତରେ ରହିଛି। ଲୋକନାଥ ପୂର୍ବତନ ଯୁବ ସଭାପତି ସଂଗ୍ରାମ ଜେନାଙ୍କ ଅନୁଗାମୀ ଭାବେ ଜଣାଶୁଣା। ଲୋକନାଥ ଦଳର ଯୁବ ସଙ୍ଗଠନକୁ ନେଇ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ମାତ୍ର ଦଳରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଯୋଗୁ ଯୁବ ସଙ୍ଗଠନର କାର୍ଯ୍ୟକ୍ରମ ରାଜ୍ୟରେ ସେତେଟା ପ୍ରଭାବ ପକାଇପାରୁ ନାହିଁ। କାରଣ ଦଳର ସବୁ ବର୍ଗର ନେତାମାନେ ଏକତ୍ରିତ ହୋଇ ଯୁବ ସଙ୍ଗଠନକୁ ସହଯୋଗ ଦେବାରେ ବିଫଳ ହେଉଛନ୍ତି। ନିରଞ୍ଜନ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ହେବାପରେ ଯୁବ ସଙ୍ଗଠନ ଅଧିକ ଦୁର୍ବଳ ହୋଇପଡିଛି ବୋଲି କିଛି ଯୁବ ନେତା ମତ ରଖିଛନ୍ତି। ବିଗତ ଦିନରେ ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କ ହାତରେ ଅଧିକାଂଶ ସମୟରେ ଯୁବ ସଙ୍ଗଠନ ରହିଆସୁଥିଲା। ଲୁଲୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ସମର୍ଥନ ଯୋଗୁ ନିରଞ୍ଜନଙ୍କୁ ଯୁବ ସଙ୍ଗଠନର ସମର୍ଥନ ମିଳିପାରୁଥିଲା। ମାତ୍ର ଲୁଲୁଙ୍କ ପରଲୋକ ପରେ ତାଙ୍କ ହାତରେ ରହିଥିବା ଯୁବ କର୍ମୀ ଦଳର ବିଭିନ୍ନ କାର୍ଯ୍ୟକ୍ରମରୁ ଦୂରେଇ ଯାଇଥିଲେ। ହଠାତ୍ ନିରଞ୍ଜନଙ୍କୁ ଦଳର ସଭାପତି ଦାୟିତ୍ୱ ମିଳିବାପରେ ଲୁଲୁଙ୍କ ଅଧିକାଂଶ ଅନୁଗାମୀ ତାଙ୍କ ନିକଟରେ ପହଞ୍ଚି ସାରିଛନ୍ତି। ଚିଟ୍‌ଫଣ୍ଡ ଦୁର୍ନୀତିରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିବା ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ୍ ଚୌଧୁରୀ ଏବଂ ତାଙ୍କ ଗୋଷ୍ଠୀ ଯୁବ ସଙ୍ଗଠନ ନିରଞ୍ଜନଙ୍କ ହାତକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଆରମ୍ଭ କରିଦେଇଛନ୍ତି। ରଜତ୍ ଯୁବ ସଭାପତି ଥିବାବେଳେ ଲୋକନାଥ ଯୁବ କଂଗ୍ରେସ ଉପସଭାପତି ହୋଇଥିଲେ। ରଜତ୍ ଦୋଷୀ ହେବାପରଠାରୁ ଲୋକନାଥ ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ମାତ୍ର ନିକଟରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଜଣାପଡିଛି। ଆସନ୍ତା ୨୦୧୯ ନିର୍ବାଚନ ପରେ ପୁନର୍ବାର ଯୁବ ସଙ୍ଗଠନ ନିର୍ବାଚନ ହେବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଥିବା ମତଭେଦ ଆଗାମୀ ଯୁବ ସାଙ୍ଗଠନିକ ନିର୍ବାଚନରେ ପ୍ରତିଫଳିତ ହେବାର ଯଥେଷ୍ଟ ଆଶଙ୍କା ଥିବା ବହୁ ଯୁବକର୍ମୀ ମତ ରଖିଛନ୍ତି। ଏହି ପ୍ରସଙ୍ଗରେ ଲୋକନାଥ କହିଛନ୍ତି ଯେ, ୨୦୧୬ରୁ ତାଙ୍କୁ ଯୁବ ସଭାପତି ଦାୟିତ୍ୱ ମିଳିଥିଲା। ଏହା ପରଠାରୁ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ବାରମ୍ବାର କାର୍ଯ୍ୟକ୍ରମ କରାଯାଇଛି। ଜିଲାସ୍ତରରେ ମଧ୍ୟ କାର୍ଯ୍ୟକ୍ରମ ଚାଲିଛି। ଆଗାମୀ ଦିନରେ ଯୁବ କଂଗ୍ରେସରେ କୌଣସି ବିଶୃଙ୍ଖଳା ହେବାର ନାହିଁ। ୨୦୧୭ ମେ ମାସରେ ବେକାରି ସମସ୍ୟା ନେଇ ବିଧାନସଭା ଘେରାଉ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରାୟ ୨୦ହଜାର ଯୁବକ ସାମିଲ ହୋଇଥିଲେ। ଆସନ୍ତା ନଭେମ୍ବରରେ ଯୁବଗୋଷ୍ଠୀଙ୍କୁ ନେଇ ଏକ ବଡଧରଣର କାର୍ଯ୍ୟକ୍ରମ କରାଯିବ। ଏଥିରେ ରାହୁଲ ଗାନ୍ଧୀ ଯୋଗଦେବେ। ଆଗାମୀ ନିର୍ବାଚନରେ ବେକାରି ସମସ୍ୟାକୁ ଗୁରୁତ୍ୱଦେଇ ଆମେ ଯୁବପିଢିଙ୍କ ପାଖକୁ ଯିବୁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଯୁବପିଢିଙ୍କ ନିକଟତର ହେବୁ। ଯଦି ଆଗାମୀ ନିର୍ବାଚନରେ କଂଗ୍ରେସ ସରକାରକୁ ଆସେ ତେବେ ରାଜ୍ୟର ୮୫ପ୍ରତିଶତ ବେକାର ଯୁବତୀ, ଯୁବକଙ୍କୁ ସରକାରୀ ଏବଂ ବେସରକାରୀ ଶିଳ୍ପରେ ନିଯୁକ୍ତି ଦେବୁ। ରାଜ୍ୟରେ ଥିବା ବେଦାନ୍ତ, ଟାଟା ଭଳି ଶିଳ୍ପସଂସ୍ଥାରେ ଓଡ଼ିଆ ଯୁବପିଢିଙ୍କୁ ମାତ୍ରାଧିକ ଗୁରୁତ୍ୱ ମିଳିବ ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିରଞ୍ଜନ ତାଙ୍କ ଜିଲା ରାଜନୀତିକୁ ଆଖିରେ ରଖି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ପୁତ୍ର ସଂଗ୍ରାମ ଜେନାଙ୍କ ଯୁବ କଂଗ୍ରେସରେ ଥିବା ପ୍ରଭାବ ହ୍ରାସ କରିବା ପାଇଁ ପ୍ରବଳ ପ୍ରଚେଷ୍ଟା କରି ଆସୁଛନ୍ତି। ଏହିଭଳି କ୍ଷୁଦ୍ର ଦୃଷ୍ଟିକୋଣ ଯୋଗୁ ଦଳର ପ୍ରାୟସବୁ ଛାମୁଆ ସଙ୍ଗଠନରେ କ୍ଷତି ଘଟିଛି।

କଂଗ୍ରେସ ଏବଂ ବିଜେଡି ତୁଳନାରେ ଭାଜପାର ଯୁବମୋର୍ଚ୍ଚା ନିଷ୍କ୍ରିୟ ଥିବାଭଳି ମନେ ହେଉଛି। ୨୦୧୪ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦି ଯୁବବର୍ଗର ଭୋଟ ପାଇ ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ବିଭିନ୍ନ ସର୍ଭେ ଅନୁଯାୟୀ ରାଜ୍ୟରେ ଅଧିକାଂଶ ଯୁବବର୍ଗ ମୋଦିଙ୍କୁ ଏବେ ମଧ୍ୟ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ପସନ୍ଦ କରୁଛନ୍ତି ବୋଲି କୁହାଯାଉଛି। କିନ୍ତୁ ଭାଜପା ଆଡକୁ ଯୁବକଙ୍କୁ ଟାଣିବା ଲାଗି ରାଜ୍ୟରେ କୌଣସି ପ୍ରଭାବଶାଳୀ ଯୁବ ନେତୃତ୍ୱ ଏପର୍ଯ୍ୟନ୍ତ ସାମ୍ନାକୁ ଆସି ନ ଥିବା ଦଳର କିଛି ଆଗଧାଡିର ନେତା କହିଛନ୍ତି। ମୋଦି ହିଁ ଯୁବକଙ୍କ ଏକମାତ୍ର ଆକର୍ଷଣ ହୋଇ ଭାଜପାରେ ରହିଛନ୍ତି। ଯୁବ ମୋର୍ଚ୍ଚା ନାଁରେ ଦଳର ରହିଥିବା ସଙ୍ଗଠନ ଅଳ୍ପକିଛି କାର୍ଯ୍ୟକ୍ରମ ଭିତରେ ସୀମିତ ରହୁଛି। ଯୁବମୋର୍ଚ୍ଚା ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମରେ ହାତଗଣତି କର୍ମୀଙ୍କୁ ଦେଖିବାକୁ ମିଳୁଛି। ଦଳର ଜଣେ ବରିଷ୍ଠ ନେତାଙ୍କ କହିବା ହେଲା, ଏବେ ପର୍ଯ୍ୟନ୍ତ ଭାଜପାର ଯେତେଜଣ ଯୁବ ମୋର୍ଚ୍ଚାରେ ରହି କାର୍ଯ୍ୟ କରିଛନ୍ତି ସେମାନଙ୍କ ମଧ୍ୟରୁ ନିର୍ବାଚନ ସମୟରେ କାହାକୁ ସେତେଟା ଗୁରୁତ୍ୱ ଦିଆଯାଇ ନାହିଁ। ଅନ୍ୟ ଦୁଇ ଦଳ କଂଗ୍ରେସ ଏବଂ ବିଜେଡି ଯୁବ ଦାୟିତ୍ୱ ତୁଲାଉଥିବା ନେତାଙ୍କୁ ଅନେକ ସମୟରେ ବିଧାୟକ ଟିକେଟ୍ ମିଳିଥାଏ, ଯାହା ଭାଜପାରେ ନାହିଁ। ଏଥିପାଇଁ ଆମ ଦଳରେ ଯୁବ ନେତୃତ୍ୱ ହାତେଇବାକୁ କେହି ସେତେଟା ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଏବେ ଭାଜପା ଯୁବ ମୋର୍ଚ୍ଚା ସଭାପତି ଦାୟିତ୍ୱ ଟଙ୍କଧର ତ୍ରିପାଠୀଙ୍କ ହାତରେ ଟେକି ଦିଆଯାଇଛି। ଦଳର ଯୁବ ନେତୃତ୍ୱକୁ ସଙ୍ଗଠିତ କରିବା ଲାଗି ଟଙ୍କଧରଙ୍କ ପାଖରେ ସେଭଳି ଦକ୍ଷତା ନ ଥିଲେ ସୁଦ୍ଧା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗୋଷ୍ଠୀର ହୋଇଥିବା କାରଣରୁ ତାଙ୍କୁ ଯୁବ ଦାୟିତ୍ୱ ମିଳିଯାଇଛି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଟଙ୍କଧରଙ୍କ ବିପକ୍ଷରେ ରହି ଯୁବ ମୋର୍ଚ୍ଚା ସଭାପତି ଦାୟିତ୍ୱ ନେବାକୁ ଇଚ୍ଛୁକ ଥିବା ଠାକୁର ରଣଜିତ୍ ଦାସଙ୍କ ପାଖରେ ଏହି ଦାୟିତ୍ୱ ତୁଲାଇବାର ଦକ୍ଷତା ରହିଥିଲା ବୋଲି ଆଲୋଚନା ହେଉଛି। ମାତ୍ର ତାଙ୍କୁ ଦାୟିତ୍ୱ ନେବାରୁ ଦୂରେଇ ରଖାଯାଇ ଟଙ୍କଧରଙ୍କୁ ପଦବୀ ମିଳିବା ପରେ ରଣଜିତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ରଣଜିତଙ୍କୁ କେନ୍ଦ୍ରୀୟ ଦାୟିତ୍ୱ ଦିଆଯାଇ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରାଯାଇଛି। ରାଜ୍ୟରେ ସରକାର ଗଢିବାର ସ୍ୱପ୍ନ ଦେଖୁଥିବା ଏହି ଦଳ ଯୁବ ସଙ୍ଗଠନ ମଜଭୁତ କରିବାରେ ବିଫଳ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଟଙ୍କଧର କହିଛନ୍ତି ଯେ, ୨୦୧୫ରୁ ଯୁବମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ନେଲେଣି। ରାଜ୍ୟରେ ଯୁବମୋର୍ଚ୍ଚା ସେଭଳି କୌଣସି ବିଶାଳ କାର୍ଯ୍ୟକ୍ରମ କରିନାହିଁ। ମାତ୍ର ରାଜ୍ୟ ସରକାର ନିଯୁକ୍ତିମେଳା ନାମରେ ଛାତ୍ରୀଛାତ୍ରଙ୍କଠାରୁ ୧୦୦ଟଙ୍କା ଲେଖାଏ ଆଦାୟ କରି ସେମାନଙ୍କୁ କୌଣସି ନିଯୁକ୍ତି ଦେଲେ ନାହିଁ। ଏଥିପାଇଁ ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ କରାଯାଇଥିଲା ଏବଂ ରାଜ୍ୟ ସରକାର ସେହି ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଲେ। ଏବେ ପଶ୍ଚିମ ଓଡିଶାର ୫ଲୋକ ସଭା ନିର୍ବାଚନମଣ୍ଡଳୀର ଯୁବକଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୬୦ହଜାର ଯୁବକ ୧୦ଟଙ୍କା ଲେଖାଏ ଦେଇ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ମଧ୍ୟ ଯୁବପିଢି ଭାଜପାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେବେ। ଓଡିଶାର ଯୁବକମାନେ ଯେଉଁ ସ୍ୱପ୍ନ ଦେଖୁଛନ୍ତି ରାଜ୍ୟରେ ଆମ ସରକାର ଆସିଲେ ତାହା ପୂରଣ କରିବୁ। ଭାଜପାରେ କାହାରି ଲବିରେ ପଦବୀ ମିଳେ ନାହିଁ ବୋଲି ଟଙ୍କଧର କହିଛନ୍ତି।



ଦିଲ୍ଲୀରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ବୁଧବାର ବାଲ୍ମିକୀ ଜୟନ୍ତୀ ଅବସରରେ ଅବିନାଶ ସଙ୍ଗୱାନ (୨୦ ବର୍ଷ) ଅନ୍ୟମାନଙ୍କ ନୃତ୍ୟ ଦେଖି ଉପହାସ କରୁଥିଲେ। ଏହି ସମୟରେ ମନ୍ଦିର ମାର୍ଗ ନିକଟରେ ତାଙ୍କୁ କେହି ଅଜ୍ଞାତ ବ୍ୟକ୍ତି ଗୁଳି କରି ଫେରାର ହୋଇଯାଇଥିଲେ।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ହେବ ଆତସବାଜି

କଟକ ଅଫିସ,୨୬।୧୦

ସୁପ୍ରିମ୍‌କୋର୍ଟ ଏଥର ଦୀପାବଳିରେ ୨ ଘଣ୍ଟା ବାଣଫୁଟା ପାଇଁ ଅନୁମତି ଦେଇଛନ୍ତି। ତଦନୁଯାୟୀ ରାତି ୮ଟାରୁ ୧୦ଟା ଯାଏ ଧାର୍ଯ୍ୟ ହୋଇଛି। ସେହିପରି ଇ-କମର୍ସ ଜରିଆରେ ବାଣ କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ସୁପ୍ରିମକୋର୍ଟଙ୍କ ଏଭଳି ନିର୍ଦ୍ଦେଶକୁ ଠିକ ଭାବେ ପାଳନ କରିବା ପାଇଁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା। ସ୍ଥାନୀୟ ପୋଲିସ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ବେଆଇନ ବାଣ କାରଖାନା ଉପରେ ପୋଲିସର କଡ଼ା ନଜର ରହିବ ଏବଂ ନିୟମ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଯେଉଁ ବାଣଗୁଡ଼ିକୁ ବ୍ୟାନ୍ କରାଯାଇଛି ସେଗୁଡ଼ିକର ଉତ୍ପାଦ ଏବଂ ବିକ୍ରୟ ଉପରେ ପୋଲିସ କଡ଼ା ନଜର ରଖିବ। ସିରିଜ କ୍ରାକରଗୁଡ଼ିକର ବିକ୍ରୟ ଉପରେ ମଧ୍ୟ ପୋଲିସ ରୋକ ଲଗାଇବ। ସାଇଲେନ୍ସ ଜୋନରେ କେହି ଯେଭଳି ଆତସବାଜି ନ କରିବେ ସେଥିପ୍ରତି ଏସ୍‌ପିମାନେ ନଜର ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏଥରର ଦୀପାବଳିର ଆତସବାଜିକୁ କମ୍ୟୁନିଟି ସେଲିବ୍ରେଶନ ଭାବେ ପାଳନ କରିବାକୁ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଖୋଲା ସ୍ଥାନରେ ସବୁ ଲୋକେ ଏକାଠି ହୋଇ ଆତସବାଜି କରିବାକୁ ଡିଜି ନିବେଦନ କରିଛନ୍ତି। ଏହିଭଳି ବ୍ୟବସ୍ଥା ଦ୍ୱାରା ଆତସବାଜି ସମୟରେ ଅଘଟଣକୁ ରୋକିବାରେ ସହାୟକ ହେବ ବୋଲି ସେ ଆଶାପ୍ରକଟ କରିଛନ୍ତି।

## ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

- କମ୍ୟୁନିଟି ସେଲିବ୍ରେଶନ ପାଇଁ ରାଜ୍ୟବାସୀଙ୍କୁ ପରାମର୍ଶ

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ରାୟଗଡା ଅଫିସ୍, ୨୬।୧୦: ରାୟଗଡା ଜିଲା ବାଇସିଂ ପଞ୍ଚାୟତ କୁସୁକୁ ଗ୍ରାମରେ ଏକ ପୋଖରୀରେ ବୁଡ଼ି ୨ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବିଟୁ ନିମାକାଙ୍କ ପୁଅ ପଟୁ ନିମାକା (୧୧) ଓ ସୁବି ନିମାକାଙ୍କ ପୁଅ ନିବେନୁ ନିମାକା (୧୦)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।









NECC NATIONAL EGG CO-ORDINATION COMMITTEE 26.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers




# ସହରାଞ୍ଚଳରେ ସେପ୍ଟେଜ୍ ବିଶୋଧନାଗାର ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୧୦ (ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଧାନୀ ଭୁବନେଶ୍ୱର ସହ ଢେଙ୍କାନାଳ, ବ୍ରହ୍ମପୁର, ପୁରୀ, ସମ୍ବଲପୁର ଓ ରାଉରକେଲାଠାରେ ୬ଟି ସେପ୍ଟେଜ୍ ବିଶୋଧନାଗାରକୁ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ ଏକ ଘରୋଇ ହୋଟେଲରେ ଏ ସମ୍ପର୍କିତ ଏକ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏହାକୁ ଲୋକାର୍ପଣ କରିଛନ୍ତି। ଏହି ବିଶୋଧନାଗାର ପୂର୍ଣ୍ଣରୂପରେ କାର୍ଯ୍ୟକ୍ଷମ ହୋଇ ପାରିଲେ, ପାଇଖାନାରୁ ବାହାରୁଥିବା ମଳକୁ ବିଶୋଧନ କରି ସହରରେ ପ୍ରବାହିତ ନଦୀ ତଥା ଅନ୍ୟାନ୍ୟ ଜଳଉତ୍ସକୁ ଛଡାଯିବ। ଏହା ଦ୍ୱାରା ପୂର୍ବାପେକ୍ଷା ହେଉଥିବା ପ୍ରଦୂଷଣକୁ ହ୍ରାସ କରାଯାଇ ପାରିବ ବୋଲି ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ଓଡ଼ିଶା ନଗରାଞ୍ଚଳ ପରିମଳ ନୀତି-୨୦୧୭କୁ ସରକାର ଗୁରୁତର ସହ ନେଇଛନ୍ତି। ଏଥି ସହିତ ରାଜ୍ୟକୁ ଭବିଷ୍ୟତରେ ସମ୍ପୂର୍ଣ୍ଣ ମଳମୂତ୍ର ତ୍ୟାଗ ନିଷିଦ୍ଧାଞ୍ଚଳ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରହିଛି। ପାରମ୍ପରିକ ଭାବେ ସ୍ୱେରେଜ ବ୍ୟବସ୍ଥାରେ ନ ଯାଇ ସେପ୍ଟେଜ ପରିଚାଳନା ଦ୍ୱାରା ଉପରେ ଅଧିକ ଫୋକସ୍ କରିବାର ସମୟ ଆସିଛି। ସାରା ରାଜ୍ୟର ବିଭିନ୍ନ ସହରରେ ପରିମଳଜନିତ ସମସ୍ୟାର ସମାଧାନ ଏବଂ ନୂଆ ପଦ୍ଧତି ଲାଗୁ କରିବା ପାଇଁ କାର୍ଯ୍ୟ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପରୋକ୍ତ କାର୍ଯ୍ୟ ସମ୍ଭବ ହୋଇପାରିଲେ ନିରନ୍ତର ବିକାଶର ଲକ୍ଷ୍ୟ ହାସଲ ହୋଇପାରିବ। ରାଜ୍ୟର ସମସ୍ତ ୧୧୪ ନଗରାଞ୍ଚଳରେ ଏହା ଲାଗୁ ହେବାକୁ ଯାଉଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ଅମୃତ ଯୋଜନା ଅଧୀନରେ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ବାଲେଶ୍ୱର, ଭଦ୍ରକ, ବାରିପଦାରେ ୯ଟି , ଅନୁଗୋଳ ଓ ଢେଙ୍କାନାଳରେ ୨ଟି ବିଶୋଧନାଗାର ପ୍ରତିଷ୍ଠା ହେବ। ସହରାଞ୍ଚଳରେ ପାଇଖାନା ଟାଙ୍କିରୁ ସୁରକ୍ଷିତ ଭାବେ ମଳ ନିଷ୍କାସନ ଓ ପରିବହନ ପାଇଁ ୮୬ଟି ସେସପୁଲ ଯାନ ନିୟୋଜିତ କରାଯାଇଛି। ଅପରପକ୍ଷରେ ବିଶୋଧନାଗାର ନ ଥିବା ସହରମାନଙ୍କରେ ଗଭୀର ଗାତ ପ୍ରଣାଳୀ ଅବଲମ୍ବନ କରି ନିରାପଦ ଭାବେ ମଳକୁ ପୋତିଦିଆଯାଉଥିବା ଜଣାପଡ଼ିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ଅକ୍ଟୋବର, ୨୦୧୮



ୱାଇଏସ୍‌ଆର କଂଗ୍ରେସର ଅଧ୍ୟକ୍ଷ ୱାଇ.ଏସ୍. ଜଗମୋହନ ରେଡ୍ଡୀ ତାଙ୍କୁ ଛୁରାମାଡ କରାଯାଇଥିବା ଘଟଣାରେ ପୋଲିସ ଆଗରେ ବୟାନ ଦେବାକୁ ମନାକରିଦେଇଛନ୍ତି। ସେ କହିଛନ୍ତି, ତାଙ୍କୁ ଆନ୍ଧ୍ର ପ୍ରଦେଶ ପୋଲିସ ଉପରେ ବିଶ୍ୱାସ ନାହିଁ। ସେଥିପାଇଁ ଅନ୍ୟ ଏକ ତଦନ୍ତକାରୀ ଏଜେନ୍ସିକୁ ବୟାନ ଦେବେ। ଗୁରୁବାର ବିଶାଖାପାଟନା ବିମାନବନ୍ଦରରେ ସେ ଓହ୍ଲାଇବା ସମୟରେ ଜଣେ ଯୁବକ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଜଗନ୍‌ଙ୍କ ବାମହାତରେ ଛୁରା ମାଡ ହୋଇଥିବାରୁ ସେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଡୁଗୁ
ପରିବାରବର୍ଗ



ଓମ୍
ପରିବାରବର୍ଗ



ଲଭ୍‌ଲିନ୍
ପରିବାରବର୍ଗ



ଖ୍ୱାଜା ସୁଜାଉଦ୍ଦିନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

Commando Bike, new condition one/ half year, 2500km. 8249241475. D-9076

### real estate

**SALE**

Fully developed gharabari plot sale Ghangapatna near Sum Hospital IIIT 100" road side internal road- 30". 9438331183, 8238902929. D-64356

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact - 9937059891, 9 3 4 8 2 5 3 4 6 3 , 8908292617.** D-9084

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

3500 sft. homestead land sale Bhimatangi, Old Town, Bhubaneswar. Directly Contact Deepak: 9937329999. (Conditions apply). D-64526

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

1BHK, studio apartment at Mangalabag Square, Puri (Immediate rent after possession). Mobile: 9040089501, 9040089507. D-63396

2100 sft. homestead land immediate sale Hanspal, NH-5, Bhubaneswar. Contact Deepak: 9937329999 (Conditions apply). D-64524

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

1R, 1BR, 2BR, 3BR apartment/ flats Tankapaniroad near Sai Temple 10 lakhs to 35 lakhs. 9776080988, 9238361409. D-63921

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାଙ୍କୁଲେଇ ପାଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

Readymade 3BHK new flat at BJB Nagar, no tax, immediate registration. 9439716901 (Broker Excuse). D-65133

Litigation free plots sale near Indus College, Sundarpada (Bhubaneswar). 9114307240. D-64355

Book a duplex at Bharatpur, close to Studio Chhak, land area 1000 sqft., built up area 1800 sqft. with 30 feet black top road facing. Cost-80 lakhs including all: 9937560970. D-64525

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9 3 4 8 2 5 3 4 6 3 , 8908292617.** D-9085

କଟକର ଚୌଦ୍ୱାରଠାରୁ 7 km. ଦୂରତାରେ sqft. 40 ଟଙ୍କାରେ ଜମି ମିଳୁଅଛି। 8327791490, 7537909084. D-9086

### construction

Construct your building in finished house contact: 9937064680. D-27282

**Construct your dream home @ 450/- , @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-9082

Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

### to-let

Boys Hostel near Rasulgarh, Bhubaneswar. Bed type. 8249241475. D-9077

### packers & movers

Samal Packers Movers provide household shifting in reasonable price. 9437035016. D-63861

### healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Improving your health, skincare though expert therapist, excellent offfer. 9668374480. D-65126

Experience full body massage with us by experts. Enquiry: 7377048581. D-65128

Newly open herbal full body massage with refreshment well trained therapist. 7381239385. D-64625

Refresh your body with smart and expert therapist. Contact: 6370668486. D-65130

Herbal full body massage by smart/ expert therapist. Contact: 8338067247. D-65131

All type of full body massage by expert therapist. 7609005923. D-65132

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Newly opening ayurvedic body massage smart therapist, Shree herbal. 7750020754. D-65134

Newly open ayurvedic full body massage ladies & gents. 8117033493. D-65038

### AFFIDAVIT

By virtue of the affidavit in the Court of Executive Magistrate, Khaira, I Rasmita Nayak @Kabita Nayak, W/o- Laxmidhar Nayak, At- Muhanchuan, P.O.- Panichhatra, Dist.- Balasore solemnly declare that Kabita Nayak & Rasmita Nayak is one & same person. I shall be responsible if any discrepancies arise in future. D-9087

I, Shiba Prasad Das, S/o- Kalipada Das residing at L-1906 Dumduma Housing Board Colony, Bhubaneswar, have changed my name to Ryan Aniket Das, vide affidavit dated 25.10.2018 at Bhubaneswar, India. D-9074

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା



(Duggu)
**Smruti Rekha Sahoo**
Jagulaipara, Kendrapara

ଆଜି ତୋର ଜନ୍ମବାର୍ଷିକୀରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଅଜା, ଆଈ, ଜେଜେ, ଜେଜେମା, ବଡବାପା, ବଡମାମା, ବାବା, ମା, ମାମୁ (ସିଲୁ), ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୯୦୬୭

# ଶତ୍ରୁଘ୍ନ ପାଣ୍ଡବଙ୍କୁ ଶାରଳା ପୁରସ୍କାର

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ(ଇମ୍ପାକ୍ଟ) ପକ୍ଷରୁ ଚଳିତବର୍ଷ ପାଇଁ ସମ୍ମାନଜନକ ଶାରଳା ପୁରସ୍କାର ବିଶିଷ୍ଟ ଲେଖକ ତଥା ଔପନ୍ୟାସିକ ଡ. ଶତ୍ରୁଘ୍ନ ପାଣ୍ଡବଙ୍କୁ ପ୍ରଦାନ କରାଯାଇଛି। ପାଣ୍ଡବ ତାଙ୍କ ରଚିତ ପୁସ୍ତକ 'ମିଶ୍ର ଧ୍ରୁପଦ' ଓ ସାମଗ୍ରିକ କୃତି ନିମନ୍ତେ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରସ୍କାର ବାବଦକୁ ତାଙ୍କୁ ୫ ଲକ୍ଷ ଟଙ୍କା, ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ୩୯ତମ ଶାରଳା ପୁରସ୍କାର ପ୍ରଦାନ ସାରସ୍ୱତ ସମାରୋହରେ ବିଶିଷ୍ଟ ହିନ୍ଦୀ ଲେଖକ ଗୋବିନ୍ଦ ମିଶ୍ର ଡ. ପାଣ୍ଡବଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

ସେହିପରି ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଆ ଯନ୍ତ୍ରସଙ୍ଗୀତ ସହ ଜଡ଼ିତ ଥିବା ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କୁ 'ଇଲା ପଣ୍ଡା ସ୍ମାରକୀ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯାଇଛି। ଦୂରଦର୍ଶନ କେନ୍ଦ୍ରର ଯନ୍ତ୍ରସଙ୍ଗୀତ ତବଲାରେ ସର୍ବୋଚ୍ଚ ଏବଂ ସର୍ବପ୍ରଥମ ଓଡ଼ିଆ କଳାକାର ଭାବେ ସ୍ୱୀକୃତି ପାଇଥିବା ଏହି ମହାନ୍ ବାଦ୍ୟଶିଳ୍ପୀଙ୍କର କେବଳ ତବଲାରେ




ବିଶିଷ୍ଟ ଲେଖକ ଡ. ଶତ୍ରୁଘ୍ନ ପାଣ୍ଡବ ଅତିଥିଙ୍କଠାରୁ ଶାରଳା ପୁରସ୍କାର ଗ୍ରହଣ କରୁଛନ୍ତି।

ନୁହେଁ, ମୃଦଙ୍ଗ, ମର୍ଦ୍ଦଳ, ନାଲ, ବେହେଲା ଓ ଜଳତରଙ୍ଗ ବାଦନରେ ଗଭୀର ଅଭିଜ୍ଞତା ରହିଛି। ଫରୁଖାବାଦ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଘରାନାର ଏହି ଅନ୍ତର୍ଜାତୀୟ ସ୍ତରୀୟ କଳାକାରଙ୍କ ସାଧନାକୁ ସମ୍ମାନ ଜଣାଇ ପୁରସ୍କାର ସମ୍ମାନରାଶି ସ୍ୱରୂପ ତାଙ୍କୁ ୧ଲକ୍ଷ ୫୦ହଜାର ଟଙ୍କା, ତାମ୍ରଲେଖ ଏବଂ ଉପାୟନ ପ୍ରଦାନ କରାଯାଇଛି। ପାରମ୍ପରିକ ପଟଚିତ୍ର କଳାର ଜଣେ ଦକ୍ଷ ଶିଳ୍ପୀ ତଥା ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ବିନୋଦ ମହାରଣାଙ୍କୁ ଚଳିତବର୍ଷ ପାଇଁ 'ଇଲା ପଣ୍ଡା ସ୍ମାରକୀ ଚିତ୍ରକଳା ସମ୍ମାନ'ରେ ସମ୍ମାନିତ କରାଯାଇଛି। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଏହି କଳାସାଧକ ନିଜ କଳା ଜୀବନରେ ଅନେକ ସଫଳତା ସାଉଁଟିଛନ୍ତି। ଦେଶ, ବିଦେଶର ପ୍ରତିଷ୍ଠିତ ସ୍ଥାନଗୁଡ଼ିକରେ ତାଙ୍କର ଅନେକ କୃତି ଶୋଭା ପାଉଥିବା ବେଳେ ବହୁ କଳା ଶିବିର ଓ ପ୍ରଦର୍ଶନୀରେ ସେ ରାଜ୍ୟରୁ ପ୍ରତିନିଧିତ୍ୱ କରିଛନ୍ତି। ଚିତ୍ରକଳା ପ୍ରତି ରହିଥିବା ତାଙ୍କର ପ୍ରତିବଦ୍ଧତା ପାଇଁ ତାଙ୍କୁ ଇମ୍ପାକ୍ଟ ପକ୍ଷରୁ ପ୍ରତୀକାତ୍ମକ ସମ୍ମାନରାଶି ୧ଲକ୍ଷ ୫୦ହଜାର ଟଙ୍କା, ତାମ୍ରଲେଖ ଏବଂ ଉପାୟନ ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇମ୍ପା ଟ୍ରଷ୍ଟର ଟ୍ରଷ୍ଟି ପାରମିତା ମହାପାତ୍ର ସ୍ୱାଗତଭାଷଣ ଦେଇ କହିଥିଲେ, ୫୮ଟି କବିତାର ସମାହାର 'ମିଶ୍ର ଧ୍ରୁପଦ' କବିତା ସଂକଳନରେ ପ୍ରତି ଶବ୍ଦକୁ ଅତି ସୁନ୍ଦର ଭାବେ ସଜାଯାଇଛି। ଏହା କେବଳ ପାଠକଙ୍କ ହୃଦୟକୁ ଛୁଉଁନି, ମନକୁ ଆନ୍ଦୋଳିତ କରୁଛି। ମା'ର 'ପଣତ କଥା'ରୁ 'ଲକ୍ଷ୍ମୀପୁରାଣ' ପର୍ଯ୍ୟନ୍ତ ସବୁକିଛି ମର୍ମସ୍ପର୍ଶୀ ଶବ୍ଦଗୁଡ଼ିକୁ ନେଇ ଏହା ଛନ୍ଦାୟିତ ହୋଇଛି। ଏଭଳି ଏକ ନୂତନ ଭାବାବେଗରେ ପାଠକଙ୍କର ହୃଦୟ ନିକଟବର୍ତ୍ତୀ ହେବାର କ୍ଷମତା ରଖିଥିବା ସାହିତ୍ୟିକ ଏବଂ ତାଙ୍କ କୃତିକୁ ପୁରସ୍କୃତ କରି ଇମ୍ପାକ୍ଟ ଆଜି ଗର୍ବିତ ବୋଲି ପାରମିତା କହିଥିଲେ। ଏହି ଅବସରରେ ଶାରଳା ପୁରସ୍କାର ଉପଦେଷ୍ଟା ମଣ୍ଡଳୀର କାର୍ଯ୍ୟକାରୀ ସଭାପତି ଡ. ମାଳବିକା ରାୟଙ୍କ ସମେତ ବହୁ ଜଣାଶୁଣା ସାହିତ୍ୟିକ ଓ ଭାଷାବିତ୍ ଉପସ୍ଥିତ ଥିଲେ।

# ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୂର୍ଯ୍ୟମଣି ପାତ୍ର**
ନୀଳକଣ୍ଠନଗର,
ଚୁଡ଼ଙ୍ଗ ସାହି, ପୁରୀ-୧
ଆବିର୍ଭାବ: ୧୦ ଜୁଲାଇ ୧୯୬୬
ତିରୋଧାନ: ୨୭ ଅକ୍ଟୋବର ୨୦୧୩

ଆଜିର ଏହି ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପୁଣ୍ୟ ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ପରମ କାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ କରୁଅଛୁ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୦୧୬

### ଅଷ୍ଟମ ଶ୍ରାଦ୍ଧଦିବସ



**ସ୍ୱର୍ଗତା ସବିତା ରଥନାଥ (ଝୁନା)**
କୃଷ୍ଣପକ୍ଷ କାର୍ତ୍ତିକ ତୃତୀୟା
Lect. Eng. PS College,
Belpara, Balangir

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ନାଥ ପରିବାରବର୍ଗ ଆତ୍ମୀୟସ୍ୱଜନ, ରାଉରକେଲା। ଧ-୯୦୭୩

### ଦଶାହ ଉପଲକ୍ଷେ




**ସ୍ୱର୍ଗତ ନରେନ୍ଦ୍ର କୁମାର ପ୍ରଧାନ**
ଆବିର୍ଭାବ: ତା ୧୯।୦୮।୧୯୫୮
ତିରୋଧାନ: ତା ୧୮।୧୦।୨୦୧୮

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘ, ଅନୁଗୋଳ। ଅକ୍ଷୟ କୁମାର ସାମନ୍ତ, ସାଧାରଣ ସମ୍ପାଦକ, ବିଭୂତି ପ୍ରସାଦ ଦାସ, ସଭାପତି। ଧ-୯୦୭୫

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**√ରାଧା ଚରଣ ସାମଲ**
ପ୍ଲଟ୍ ନଂ.୪୮, ୟୁନିଟ୍-୭, ଭୁବନେଶ୍ୱର
(ସ୍ଥାୟୀ ଠିକଣା : ବରପଦା, ଯାଜପୁର)
ଆବିର୍ଭାବ : ୨୮.୦୧.୧୯୨୩
ତିରୋଧାନ : ୧୮.୧୦.୨୦୧୮

ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବୁ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାରବର୍ଗ ଧ-୯୦୮୦

### ୨୦ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଡ. ଦେବରାଜ ଖଣ୍ଡୁଆଳ**
ବିଜୁ ପଟ୍ଟନାୟକ ପାର୍କ ଛକ,
ଭଞ୍ଜନଗର, ଗଞ୍ଜାମ
ତିରୋଧାନ: ୦୮।୧୦।୧୯୯୮
କାର୍ତ୍ତିକ ତୃତୀୟା

ଆପଣଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ- ବିଷ୍ଣୁପ୍ରିୟା, ପୁତ୍ର- ପ୍ରଦୀପ, ସନ୍ତୋଷ, ପୁତ୍ରବଧୂ- ରଶ୍ମିତା, ନିଲୀମା, ଝିଅ-ସୁନିତା, ସୁଜାତା, ଜ୍ୱାଇଁପୁଅ- ବିନାୟକ, ପ୍ରଶାନ୍ତ, ନାତୁଣୀ-ଶ୍ରୀୟା, ନାତି-କାହ୍ନା, ଶୁଭମ୍, ବନ୍ଧୁ ଓ ପରିବାରବର୍ଗ। ଧ-୯୦୮୮

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ବୃଷରାଶିସ୍ଥ ଚନ୍ଦ୍ର ପାରିବାରିକ ସୌଖ୍ୟ, ଅର୍ଥଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିବେ। ବିଶେଷତଃ ତୁଳାରାଶିସ୍ଥ ରବିଜନିତ ସନ୍ତାନ ହେତୁକ ସମସ୍ୟା, ପ୍ରେମ ପ୍ରଣୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଅବଶ୍ୟ ବହୁପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ।

**ବୃଷ** ନିଜ ଗୃହ ତୁଳା ରାଶିରେ ରାଶ୍ୟାଧିପ ଖର୍ଚ୍ଚାନ୍ତ କରାଇ କାମ ହାସଲ କରାଇବ। ପାରିବାରିକ ଅସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟାବହୁଳ ରହିବ। ବୁଧଙ୍କ ପ୍ରଭାବରେ ନୂତନ ନିଯୁକ୍ତି, ଦୂରଯାତ୍ରା ଓ ଅର୍ଥଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଛୋଟକଥାରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ** ଗୁରୁଯୁକ୍ତ ବୁଧ କର୍ମକ୍ଷେତ୍ରକୁ ସମସ୍ୟାମୁକ୍ତ କରାଇବା ସଙ୍ଗେ ବନ୍ଧୁମିଳନ ମାଧ୍ୟମରେ ମନକୁ ଖୁସୀ ରଖିବ। କିନ୍ତୁ ପାପଗ୍ରହ ମଧ୍ୟସ୍ଥ ହେତୁ ନିଜର ଆତ୍ମୀୟସ୍ୱଜନଙ୍କ ସହ ଭୁଲ୍ ବୁଝାମଣାରୁ କଳହ ସୃଷ୍ଟିର ସମ୍ଭାବନା ରହିଛି। ସକାଳୁ ସକାଳୁ କୌଣସି ଶୁଭଖବର ଶୁଣି ମନକୁ ଉଲ୍ଲସିତ କରିପାରେ। ରାଜନୀତି, ସଭାସମିତି ସକାଶେ ଆଲୋଚନା କରିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ପ୍ରତି ଦୁଇଟି ଗ୍ରହଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ସାଧାରଣ ସମସ୍ୟା ମଧ୍ୟ ଦେଇ ଲକ୍ଷ୍ୟସାଧନ କରିବ। ପରିବାର ସକାଶେ ବ୍ୟୟବହୁଳ ଖର୍ଚ୍ଚ ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ। ନିଜ ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିବା ସକାଶେ ଯୋଜନା କରିପାରନ୍ତି। ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ସିଂହ** ରବି ଓ ଶୁକ୍ର ଭାଗ୍ୟଭାବକୁ ଅବଲୋକନ କରିବା ସହ ବଳଶାଳୀ ମଙ୍ଗଳଙ୍କ ପ୍ରଭାବରେ କୌଣସି କାମ ଅଟକି ରହି ନ ପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ନିଜେ କିଛି କରିବା ଭଲ ହେବ।

**କନ୍ୟା** ଆଜିର ଦିନଟି ବହୁତ ଭଲରେ ଭଲରେ ଯିବ। ଯେମିତି ଆଶା କରୁଛନ୍ତି ସେଥିରେ ନିରାଶ ହେବେନାହିଁ। ତଥାପି ତରବରିଆ ଭାବେ କୌଣସି କାମ ନ କରି ଓ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବୃହସ୍ପତି ଓ ଶନିଙ୍କ ପ୍ରଭାବରୁ ଶିଳ୍ପ, ଉଦ୍ୟୋଗ, ରପ୍ତାନି, ବାଣିଜ୍ୟ, ପରିବହନ ଓ ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ।

**ତୁଳା** ଦେହ ଭଲ ରହିବା ସାଙ୍ଗକୁ ଆଶା କରୁଥିବା ଜିନିଷ ପାଇ ଖୁସୀ ହୋଇଯିବେ। ବେଳେବେଳେ ଠିକ୍ କଥା ହେଲେ ମଧ୍ୟ ସ୍ଥାନ, କାଳ, ପାତ୍ରାନୁସାରୀ ନ କହିଲେ ସମସ୍ୟା ଆସିପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଓ ଅକାରଣ ଜିଦ୍ ମନକୁ ବିଭ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ବିଛା** ବନ୍ଧୁକାରକ ବୁଧ ରାଶିରେ ରହିଥିବାରୁ କୌଣସି ନୂତନ ବନ୍ଧୁତ୍ୱ କର୍ମକ୍ଷେତ୍ର ପାଇଁ ଅନୁକୂଳ ବାତାବରଣରେ ସହାୟକ ହେବ। କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ଠକାମିରେ ପଡିବାର ଆଶଙ୍କାକୁ ଏଡ଼ିହେବନାହିଁ। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ।

**ଧନୁ** ଅଧିକାଂଶ କ୍ଷେତ୍ରରେ ଏବଂ ସମୟରେ ଆପଣଙ୍କ ନକାରାତ୍ମକ ଚିନ୍ତାଧାରା କାମକୁ ବିଳମ୍ବିତ କରାଇବ। ଆଗପଛ ବିଚାର ନ କରି କୌଣସି କାମରେ ହାତଦେବା ଠିକ୍ ହେବନାହିଁ। ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କିମ୍ବା ଦର୍ଶନ ଜନିତ ଆନନ୍ଦ ଅନୁଭବ କରିବେ। ବ୍ୟବସାୟ କ୍ଷେତ୍ରରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ।

**ମକର** କେନ୍ଦ୍ରାଧିପତି ଚନ୍ଦ୍ର କୋଣସ୍ଥାନରେ କୌଣସି କାମ ନ ଅଟକିଲେ ମଧ୍ୟ କାମ ହାସଲର ଦୀର୍ଘତା ମନକୁ ଭାରାକ୍ରାନ୍ତ କରି ରଖିବ। ଏହା ସାଙ୍ଗକୁ ସଦାସର୍ବଦା ରୋଗ, ଋଣ ଓ ଶତ୍ରୁତା ଲାଗି ରହିବା କାରଣରୁ ମନ ଭଲ ରହିବ ନାହିଁ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହେବା ଠିକ୍ ହେବ ନାହିଁ। ବିବାଦୀୟ ଘଟଣାରେ ବିଜୟୀ ହେବେ।

**କୁମ୍ଭ** କର୍ମସ୍ଥାନକୁ ଶନିଦୃଷ୍ଟି ଯୋଗୁ ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେଉଥିବାରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ସମସ୍ୟା ଓ ବିବାଦୀୟ ପରିସ୍ଥିତିରେ ମନଭୁଲାଣିଆ କଥା କହି ପରିବେଶକୁ ସ୍ୱାଭାବିକ କରିପାରିବେ।

**ମୀନ** ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟାରେ ସୁଧାର ଆସିବ ଏବଂ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। ପୂର୍ବକଳ୍ପିତ ନୂତନ ଭାବରେ କୌଣସି କାମ, ରାଜନୈତିକ ଆଲୋଚନା କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ସୂତ୍ରରୁ ଶୁଣା ଗୁଜବ ପ୍ରତି ଭ୍ରୂକ୍ଷେପ କରନ୍ତୁନାହିଁ। ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।


ଆଜି କାର୍ତ୍ତିକ କୃଷ୍ଣ ତୃତୀୟା ଶନିବାର, ଅକ୍ଟୋବର ୨୭ ତାରିଖ, ସକାଳ ଘ.୯।୨୪ମି. ଗତେ ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦିବା ଘ.୧୧।୫୩ମି. ଗତେ ଘ.୧।୨୭ମି. ମଧ୍ୟେ, ଘ.୩।୦୭ମି. ଗତେ ଘ.୫।୨୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୧୦ମି. ଗତେ ଘ.୮।୪୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୮।୩୯ମି. ଗତେ ଘ.୧୦।୦୫ମି. ମଧ୍ୟେ ରାହୁକାଳ।



ଉତ୍ତର ପ୍ରଦେଶ ପୋଲିସର ଏସ୍‌ଟିଏଫ୍ ଗୁରୁବାର ଲକ୍ଷ୍ନୌରୁ ନକଲି ବ୍ଲଡ ବ୍ୟାଙ୍କ ପରିଚାଳନା କରୁଥିବା ଏକ ର୍‍ୟାକେଟ୍‌କୁ ଧରିବାରେ ସଫଳ ହୋଇଛି। ଏମାନେ ରକ୍ତ ସହିତ ପାଣି ଏବଂ ରାସାୟନିକ ପଦାର୍ଥ ବ୍ୟବହାର କରୁଥିଲେ। ଏହି ର୍‍ୟାକେଟ୍‌କୁ ମଜୁରିଆ ଏବଂ ରିକ୍ସାଚାଳକମାନେ ଚଳାଉଥିଲେ। ସେମାନେ ରକ୍ତର ପରିମାଣକୁ ବଢ଼ାଇ ୟୁନିଟ୍ ପ୍ରତି ୧୦୦୦ ରୁ ୨୦୦୦ ଟଙ୍କା ନେଉଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରାଯାଇଥିଲା।






# ସିବିଆଇର ଦୁଇ ଅଧିକାରୀଙ୍କୁ ଛୁଟିରେ ପଠାଇବା ପ୍ରସଙ୍ଗ

# ସିବିଆଇ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଦୁଇ ଅଧିକାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟିହେବା ପରେ କେନ୍ଦ୍ର ସରକାର ସେମାନଙ୍କୁ ରାତିଅଧିଆ ଛୁଟିରେ ପଠାଇଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଉଛି। ରାଫେଲ ଦୁର୍ନୀତିକୁ ଚପାଇବା ଉଦ୍ଦେଶ୍ୟରେ ମାମଲାର ତଦନ୍ତ କରୁଥିବା ଆଲୋକ ବର୍ମାଙ୍କୁ ଦାୟିତ୍ୱରୁ ହଟାଇବାକୁ କେନ୍ଦ୍ର ସରକାର ଏଭଳି ଷଡ଼ଯନ୍ତ୍ର କରିଥିବା କଂଗ୍ରେସ ଅଭିଯୋଗ କରି ଶୁକ୍ରବାର ଦେଶବ୍ୟାପୀ ସିବିଆଇ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଭୁବନେଶ୍ୱର ସିବିଆଇ ଅଫିସ ସମ୍ମୁଖରେ କର୍ମୀମାନେ କଳା ପୋଷାକ ପିନ୍ଧି ବିକ୍ଷୋଭ କରିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ୟୁନିଟ୍-୮ ଡିଏଭି ସ୍କୁଲ ନିକଟରୁ ଶୋଭାଯାତ୍ରାରେ ବାହାରି ସିବିଆଇ ଅଫିସ ସମ୍ମୁଖରେ ପହଞ୍ଚି ନାରାବାଜି ଦେଇଥିଲେ।



ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ପିସିସି ସଭାପତି କହିଥିଲେ, ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ସିବିଆଇ ଉପରେ ଲୋକଙ୍କ ବିଶ୍ୱାସ ରହିଛି। ହେଲେ କେନ୍ଦ୍ର ସରକାର ଅଗଣତାନ୍ତ୍ରିକ ଭାବେ ସିବିଆଇକୁ ପଙ୍ଗୁ କରି ଦେଇଛନ୍ତି। ଆରବିଆଇ, ଇଡି ଭଳି ସିବିଆଇକୁ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର କରି ଅଚଳ କରିଦେଇଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ବେଆଇନ ଭାବେ ରାତାରାତି ଛୁଟିରେ ପଠାଇବା ଏବଂ ତାଙ୍କ ସ୍ଥାନରେ କାମଚଳା ନିର୍ଦ୍ଦେଶକଭାବେ ନାଗେଶ୍ୱର ରାଓଙ୍କୁ ନିଯୁକ୍ତି ଦେବା କେନ୍ଦ୍ର ସରକାରଙ୍କ ଏକ ଷଡ଼ଯନ୍ତ୍ର। କେନ୍ଦ୍ର ସରକାର କରିଥିବା ରାଫେଲ ଦୁର୍ନୀତିର ତଦନ୍ତ କରିବାକୁ ଆଲୋକ ବର୍ମା ଚାହିଁଥିଲେ। ତେଣୁ ଧରାପଡ଼ିଯିବା ଭୟରେ କେନ୍ଦ୍ର ସରକାର ଜାଣିଶୁଣି ତାଙ୍କୁ କାର୍ଯ୍ୟରୁ ହଟାଇ ଦେଇଛନ୍ତି। ଯେଉଁ ଅଧିକାରୀ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ କାମ କରିବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଭୁବନେଶ୍ୱର ସିବିଆଇ ଅଫିସ ଦାୟିତ୍ୱରେ ଥିବା ରାକେଶ ଅସ୍ଥାନା ଓଡିଶାର ଚିଟ୍‌ଫଣ୍ଡ ଠକେଇ ମାମଲାର ତଦନ୍ତ କଥା ବୁଝୁଥିଲେ। ଦୁଇ ବର୍ଷ ମଧ୍ୟରେ କିଛି ହେଲା ନାହିଁ। ଏଥିରୁ ସ୍ପଷ୍ଟ ଯେ, ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସିବିଆଇ

## ଗଣତନ୍ତ୍ରର ହତ୍ୟା କରିଛି କେନ୍ଦ୍ର ସରକାର: ନିରଞ୍ଜନ

ମଧ୍ୟରେ ଏକ ଡିଲ୍ ହୋଇଛି। ତେଣୁ ଠକେଇର ଶିକାର ଲୋକମାନେ ଟଙ୍କା ଫେରି ପାଇପାରୁ ନାହାନ୍ତି ବୋଲି ନିରଞ୍ଜନ କହିଛନ୍ତି। ଅନ୍ୟପଟେ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, କଂଗ୍ରେସ ମୁହଁରେ ଏପରି ଅଭିଯୋଗ ଓ ପ୍ରତିବାଦ ଶୋଭାପାଉନି। କେନ୍ଦ୍ର ସରକାର ଚାହୁଁଛନ୍ତି ଖୁବ୍‌ଶୀଘ୍ର ଏହି ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସୁ । ସୁପ୍ରିମକୋର୍ଟ ଏହାକୁ ଗୁରୁତର ସହ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମହାନ୍ତି କହିଛନ୍ତି । ଅନ୍ୟପକ୍ଷରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ଏନ୍‌ଡିଏ ଅମଳରେ ସିବିଆଇ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ 'ପଞ୍ଜୁରୀ ଭିତରେ ଶାରୀ' ବୋଲି ମତ ରଖିଥିଲେ। ଆଜିର ଦିନରେ ମଧ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏବେ ସିବିଆଇ ନିଜର ଛବି ସୁଧାରିବାର ସମୟ ଆସିଛି ବୋଲି ସେ କହିଛନ୍ତି।

# ୩୦ ଯାଏ ଜାରି ରହିବ ଆଇନଜୀବୀ ଆନ୍ଦୋଳନ

**କଟକ ଅଫିସ, ୨୬।୧୦**

ଅକ୍ଟୋବର ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ। ଅକ୍ଟୋବର ୩୦ ମଧ୍ୟରେ ସମସ୍ୟାର ସମାଧାନ କ୍ଷେତ୍ରରେ ଯଦି ସରକାର ତତ୍ପରତା ପ୍ରକାଶ ନ କରନ୍ତି ତେବେ ୩୧ ତାରିଖରେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମେତ ସମଗ୍ର ରାଜ୍ୟରେ ଥିବା ବିଭିନ୍ନ ବାର୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯିବ। ଶୁକ୍ରବାର ଅପରାହ୍ନରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହିଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ହାଇକୋର୍ଟ ବାର୍ ଉପସଭାପତି ବଂଶୀଧର ଶତପଥୀ, ସମ୍ପାଦକ ସତ୍ୟବ୍ରତ ମହାନ୍ତି, କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସଭାପତି ଅକ୍ଷୟ କୁମାର ପତି, ସିଭିଲ ବାର୍ ଆସୋସିଏଶନ ସଭାପତି ଉମାକାନ୍ତ ନନ୍ଦଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

ସୂଚନାଥାଉ ଯେ, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଡ୍‌ଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଦୋଷୀ ପୋଲିସ କର୍ମଚାରୀଙ୍କୁ ଗିରଫ ଦାବିରେ ଓକିଲମାନେ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ। ଉକ୍ତ ଆନ୍ଦୋଳନକୁ ଆଉ ୩ ଦିନ ପରେ ୨ ମାସ ପୂରିବ। ହାଇକୋର୍ଟର ପୂଜା ଅବକାଶ ପରେ ବାର୍ ଆସୋସିଏଶନର ବୈଠକ ଶୁକ୍ରବାର ବସିଥିଲା। ଆଶା ଥିଲା ଯେ ଏହି ବୈଠକରେ କୌଣସି ସମାଧାନର ସୂତ୍ର ବାହାରିବ। କିନ୍ତୁ ବୈଠକରେ ଉପସ୍ଥିତ ଆଇନଜୀବୀମାନଙ୍କ ମତାମତ ଅନୁଯାୟୀ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ସରକାରଙ୍କୁ ସମାଧାନ ପାଇଁ ଆଇନଜୀବୀମାନେ ଏକପ୍ରକାର ମହଲତ ଦେଇଛନ୍ତି।

# ୧୨୦ ଏଠି ନୁହେଁ, ସେଠି: ତଥାଗତ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଭାଜପା ୧୨୦ ଆସନ ଦଖଲ କରିବ ବୋଲି ଏହାର ନେତାମାନେ ଦାବି କରୁଛନ୍ତି। ଜାତୀୟ ଦଳ ହୋଇଥିବାରୁ ସେମାନେ ନିଶ୍ଚିତଭାବେ ଦିଲ୍ଲୀ(ପାର୍ଲାମେଣ୍ଟ) ସମ୍ପର୍କରେ କହୁଥିବା ବୁଝାପଡୁଛି। ସେମାନେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବସାଇବାକୁ ଚାହୁଁଛନ୍ତି। ଓଡିଶା ବିଧାନସଭାରେ ୧୨୦ ଆସନ ପାଇବେ ବୋଲି କୌଣସି ସ୍ଥାନରେ ଭାଜପା ଲେଖି ନାହିଁ ବୋଲି ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ କହିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଯଦି ସେମାନେ ୪୨୦ରୁ ୧୨୦କୁ ଖସି ଆସିଲେଣି, ତେବେ ସ୍ୱୀକାର କରିଗଲେଣି ଯେ, ପାର୍ଲାମେଣ୍ଟରେ ସେମାନେ ଦୁର୍ବଳ ହୋଇଗଲେଣି। ସେମାନଙ୍କ ୧୨୦ ମିଶନକୁ ମୁଁ ପାର୍ଲାମେଣ୍ଟ ହିସାବ ବୋଲି ଚିନ୍ତା କରୁଛି। ମୁଁ ସବୁବେଳେ କାନ୍ଥବାଡରେ ଦେଖୁଛି ଭାଜପାର ୧୨୦ ମିଶନ। ଏହା ଦେଖି ମୁଁ ଭାବୁଛି କେତେ ଦୁଃଖଦାୟକ, ଏଥର ତେବେ ମୋଦି ସରକାର ହୋଇପାରିବ ନାହିଁ। ଆଗାମୀ ନିର୍ବାଚନରେ ବିଜେଡି ୨୧ଲୋକ ସଭା ଆସନ ହାତେଇବ। ବିଧାନସଭାରେ ବିଜେଡି ୧୪୦ ଏବଂ କଂଗ୍ରେସ ୭ଟି ଆସନ ପାଇବ ବୋଲି ସତପଥୀ କହିଛନ୍ତି।




## ପୁଣି ଜଣେ ଯୁବଚାଷୀଙ୍କ ଆତ୍ମହତ୍ୟା ଅଭିଯୋଗ

**ଲଡୁଗାଁ/କୋକସରା, ୨୬।୧୦ (ଡି.ଏନ.ଏ.):** ଶୁକ୍ରବାର କଳାହାଣ୍ଡି ଜିଲା କୋକସରା ବ୍ଲକରେ ଜଣେ ଯୁବଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମର ଗଣେଶ ସାହୁ (୨୨)। ଗଣେଶ ଚାଷ କରିଥିବା ୪ ଏକର ଜମିରେ ଉଜୁଡା ଫସଲ ଓ ଋଣଭାର ଚିନ୍ତାରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୁନାମାଲ ଗାଁର ଗଣେଶ ଓ ସାନଭାଇ ରୁଦ୍ରଙ୍କୁ ନେଇ ତାଙ୍କ ପରିବାର। ଗଣେଶ ନିଜ ପୈତୃକ ୪ ଏକର ଜମିରେ ଧାନଚାଷ କରିଥିଲେ। ଏଥିପାଇଁ ଲଡୁଗାଁ ଷ୍ଟେଟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଋଣ କରିଥିବା ପରିବାର ଲୋକେ କହିଛନ୍ତି । ବର୍ଷା ଅଭାବରୁ ଚାଷ ନଷ୍ଟ ହୋଇଯାଇଥିଲା । କିଛିଦିନ ପୂର୍ବରୁ ସେ ମୋଟର ଲଗାଇ ପାଣି ମଡାଇଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା । ସେଥିପାଇଁ ସେ ମାନସିକ ଭାବେ ଭାଙ୍ଗି ପଡିଥିଲେ। ସକାଳୁ ସେ ନିଜ ଚାଷଜମିକୁ ଯାଇଥିଲେ । ସେଠାରୁ ଫେରି ନିଜେ ଭଡା ନେଇଥିବା ଦୋକାନ ଭିତରେ ବେକର ଦଉଡି ବାନ୍ଧି ଆତ୍ମହତ୍ୟା କରିଥିଲେ ।



ଧରିତ୍ରୀ
DHARITRI
ଶନିବାର, ୨୭ ଅକ୍ଟୋବର, ୨୦୧୮

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ଭବ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆତ୍ମ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଖାସ ଦିଏ- ସେତିକି ବେଳେ।
-ଶ୍ରୀଅରବିନ୍ଦ



# ବରିଷ୍ଠତାକୁ ଉପେକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତ୍ରି ପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ସଞ୍ଜୀବ ରତନଙ୍କୁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ର ଅଧ୍ୟକ୍ଷ ଭାବେ ବଦଳି କରାଯିବା ଏବଂ ଲଳିତ କୁମାର ଗୁପ୍ତା ରାଜ୍ୟର ନୂତନ ମୁଖ୍ୟ ଶାସନ ସଚିବ ହେବା ଘଟଣା ବାବୁ ମହଲରେ ଅନେକ କଳ୍ପନାଜଳ୍ପନା ସୃଷ୍ଟି କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମାନିକ ସରକାରଙ୍କ ସମୟରେ ଗୁପ୍ତା ତାଙ୍କର ପ୍ରମୁଖ ସଚିବ ଥିଲେ। ମୁଖ୍ୟ ଶାସନ ସଚିବ ପଦକୁ ଉନ୍ନୀତ ହେବା ପୂର୍ବରୁ ସେ ଗ୍ରାମ ଉନ୍ନୟନ ଓ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ତେବେ ତାଙ୍କ ଉପରେ ଉପ୍ପୁରୁପତି ଭେଙ୍କଟେଶ୍ୱରଲୁ, ଗୋମାଥାମ୍ ଶ୍ରୀନିବାସ ଜି ଆୟାଙ୍ଗାର ଓ ସୁଶୀଲ କୁମାର ପ୍ରମୁଖ ଆଉ କେତେକ ଦାବିଦାର ଥିଲେ ମଧ୍ୟ ୧୯୮୭ ବ୍ୟାଚ୍ ଅଫିସର ଗୁପ୍ତାଙ୍କୁ ଏହି ପଦ ଲାଗି ମନୋନୀତ କରାଯାଇଥିଲା। ରଞ୍ଜନଙ୍କ ଉତ୍ତରାଧିକାରୀ ବାଛିବାରେ ସରକାର ପରମ୍ପରାକୁ ଭାଙ୍ଗିପାରନ୍ତି ବୋଲି ଯେଉଁ ଅନୁମାନ କରାଯାଉଥିଲା, ତାହା ଏବେ ସତ ପ୍ରମାଣିତ ହୋଇଛି। ଏଠାରେ ସ୍ମରଣଯୋଗ୍ୟ ଯେ, ଗତ ଜୁଲାଇ ମାସରେ ତ୍ରିପୁରା ସରକାର ପାରମ୍ପରିକ ବରିଷ୍ଠତା ନିୟମକୁ ଉଲ୍ଲଂଘନ କରି ଭାରତୀୟ ବନସେବା ଅଧିକାରୀ ଡ. ଅଲିନ୍ଦ ରସ୍ତୋଗୀଙ୍କୁ ରାଜ୍ୟ ବନବାହିନୀର ମୁଖ୍ୟ ପଦରେ ନିଯୁକ୍ତ କରିଥିଲେ। ଏହି ନିଯୁକ୍ତିରେ ତାଙ୍କଠାରୁ ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ଅଶୋକ କୁମାର ଓ ସୁରେନ୍ଦର କୁମାରଙ୍କ ବରିଷ୍ଠତାକୁ ଉପେକ୍ଷା କରାଯାଇଥିଲା।

### ନୂତନ ତଥ୍ୟ ମୁଖ୍ୟ

ନିକଟରେ ପ୍ରବୀଣ ଶ୍ରୀବାସ୍ତବଙ୍କୁ ଭାରତର ମୁଖ୍ୟ ପରିସଂଖ୍ୟାନବିତ୍ (ସିଏସ୍ଆଇ) ଭାବେ ନିଯୁକ୍ତି ଦିଆଯିବା ପରେ ଆଉ ଯେଉଁ ଗୋଟିକ ଅଣରାଜନୈତିକ ଅଥଚ ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି, ତାହା ହେଉଛି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ପଦ। ତଥାପି ସିଏ ଅନନ୍ତ ଇସ୍ତଫା ଦେବା ପରଠାରୁ ଉକ୍ତ ପଦଟି ଦୀର୍ଘ ଆଠମାସ କାଳ ଖାଲି ପଡ଼ିଥିଲା। ତାହା ପୂରଣ କରିବା ପାଇଁ ସରକାର ଗତ ଫେବୃୟାରୀ ମାସରେ ବିଜ୍ଞାପନ ଦେଇଥିଲେ। ପୂର୍ଣ୍ଣକାଳୀନ ପଦଟି ଖାଲି ଥିବାବେଳେ ପ୍ରଶାସନିକ ସଂସ୍କାର ଓ ଜନଅଭିଯୋଗ ଏବଂ ପେନ୍ସନ ଓ ପେନ୍ସନଭୋଗୀଙ୍କ କଲ୍ୟାଣ ବିଭାଗର ସଚିବ କେ.ଭି. ଏୟାପେନ୍ ସିଏସ୍ଆଇ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପଦଟି ପୂରଣ କରିବାରେ ଅହେତୁକ ବିଳମ୍ବ ଯୋଗୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲା। ବିଶ୍ୱସନୀୟ ଅର୍ଥନୈତିକ ତଥ୍ୟ ଏକାଠି କରିବା କେବେହେଲେ ସହଜ କାର୍ଯ୍ୟ ନୁହେଁ, ମୋଦି ସରକାର ଜଣେ ମୁଖ୍ୟ ପରିସଂଖ୍ୟାନବିତ୍‌ଙ୍କୁ ନିଯୁକ୍ତି ଦେବାରେ ବିଫଳ ହେବା ଯୋଗୁ ତାହା ଆହୁରି କଷ୍ଟକର ହୋଇପଡ଼ିଥିଲା। ସିଏସ୍ଆଇ ଭାବେ ଶ୍ରୀବାସ୍ତବଙ୍କୁ ଭାରତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରସ୍ତୁତ କରିବାକୁ ପଡ଼ିବ, ଯଥା ମୋଟ ଘରୋଇ ଉତ୍ପାଦ (ଜିଡିପି) ଓ ମୁଦ୍ରାସ୍ଫୀତି ଇତ୍ୟାଦିର ଆକଳନ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତା' ଛଡ଼ା ବହୁପ୍ରତୀକ୍ଷିତ ବାର୍ଷିକ ଓ ତ୍ରୈମାସିକ ନିଯୁକ୍ତି ସର୍ଭେ ମଧ୍ୟ ଏବେ ଯେକୌଣସି ସମୟରେ ପ୍ରକାଶ ପାଇପାରେ। ବିଶାଳ ଅର୍ଥନୈତିକ ତଥ୍ୟ ଛଡ଼ା ଆର୍ଥିକ ଜନଗଣନା, ଶିଳ୍ପଗୁଡ଼ିକର ବାର୍ଷିକ ସର୍ବେକ୍ଷଣ, ସ୍ୱାସ୍ଥ୍ୟ, କୃଷି ପରିବାର, ଭାରତୀୟମାନଙ୍କର ଆୟବ୍ୟୟ ଇତ୍ୟାଦି ଆକଳନ ପାଇଁ ସିଏସ୍ଆଇ ହେଉଛନ୍ତି ମୁଖ୍ୟ ଲୋକ।

### ସିବିଆଇରେ ବିବାଦ

ଦେଶର ପ୍ରମୁଖ ଗୋଇନ୍ଦା ସଂସ୍ଥାଗୁଡ଼ିକରେ ବରିଷ୍ଠତମ ଅଧିକାରୀମାନଙ୍କ ମଧ୍ୟରେ ଶତ୍ରୁତା ଯୋଗୁ ଏହି ସଂସ୍ଥାଗୁଡ଼ିକ ପ୍ରତି ଏବେ ଜନସାଧାରଣଙ୍କ ଆସ୍ଥା କମିବାରେ ଲାଗିଛି। ଏହା ସିବିଆଇରେ ଗୋଇନ୍ଦା ଅଧିକାରୀଙ୍କ ବିବାଦ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ମଧ୍ୟ ଅଡୁଆରେ ପକାଇଦେଇଛି। ଏପ୍ରିଲ ୨୦୧୯ ପର୍ଯ୍ୟନ୍ତ ଆଉ ଏକ ସମ୍ପ୍ରସାରଣ ପାଇବା ଲାଗି ଏକ ପ୍ରକାର ସ୍ଥିର ହୋଇସାରିଥିବା ବେଳେ ଇଡି ନିର୍ଦ୍ଦେଶକ କର୍ନାଲ ସିଂ ଉକ୍ତ ସମସ୍ୟାକୁ ନେଇ ଚିନ୍ତିତ ଥିବା ଜଣାପଡୁଛନ୍ତି। ଶେଷ ମୁହୂର୍ତ୍ତରେ ମୋଦି ସରକାରଙ୍କ ମନ ପରିବର୍ତ୍ତନ କିପରି ହେଲା ଜଣାନାହିଁ। କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ ମତରେ ଇଡିର ଯୁଗ୍ମ ନିର୍ଦ୍ଦେଶକ ରାଜେଶ୍ୱର ସିଂ ଷ୍ଟଡି ଲିଭ୍‌ରେ ଯିବା ଘଟଣା ପରିସ୍ଥିତିକୁ ଗୋଳମାଳିଆ କରିଦେଇପାରେ। ଯାହା ଜଣାଯାଏ, ସିଂ ଓ ସିବିଆଇ ମୁଖ୍ୟ ଆଲୋକ ବର୍ମା (ତାଙ୍କୁ ବାହାର କରିଦିଆଯାଇସାରିଛି) ସରକାର-ବିରୋଧୀ ଗୋଷ୍ଠୀ ଭାବେ ପରିଗଣିତ ହେଉଛନ୍ତି। ସରକାର ଓ ଗୋଇନ୍ଦା ସଂସ୍ଥା ମଧ୍ୟରେ ଏହି ବିବାଦ ଦ୍ୱାରା କାହାରି ଲାଭ ହେବ ନାହିଁ। ଖୁବ୍‌ଶୀଘ୍ର ଯେକୌଣସି ସମୟରେ ବିବାଦ ଥମିପାରେ ବୋଲି ଆଶା କରାଯାଉଛି।

Email: dilipcherian@gmail.com

### ଚିରନ୍ତନୀ

ମୂକର ମୁଖେ ଫୁଟାଇ ରବ　　ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର　　ଜଡ଼ର ଦେହେ ଜୀବନ ତୁମେ ସଞ୍ଚର।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku　ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | 1 | 5 | B | 4 | | | | | | | 0 | |
| | 0 | | 6 | | | | | | | | | D | | |
| 5 | A | E | | | 2 | D | 9 | | | | | | | |
| 4 | | | | D | | | | 2 | 7 | | 8 | | 1 | E |
| 7 | | | | | | | E | C | B | | | A | | |
| B | | | 3 | | 0 | | | | | | | E | | |
| | D | A | B | 2 | 6 | | | | | | | | | |
| 2 | | | | | A | 8 | | | | | | | 4 | |
| | | | | 9 | | | 3 | E | 0 | | 7 | | | |
| 9 | | 8 | | 1 | | 2 | | | | D | 3 | 6 | | |
| | | | 8 | 0 | E | | | | | | 1 | | 5 | D |
| | 9 | 3 | | | 1 | | | 8 | | | D | | E | 4 |
| | 1 | B | | | 9 | | | | | | 6 | 3 | 7 | |
| E | | 7 | | | | | | 5 | | | A | 2 | | 9 |
| 8 | 4 | | | 7 | | | | | 3 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 6 | 3 | A | 5 | 1 | 8 | E | 7 | 4 | D | 2 | B | 0 | C |
| 1 | 2 | 8 | C | 3 | 0 | 4 | 9 | 5 | A | B | 7 | D | 6 | E |
| 5 | 4 | D | 7 | 2 | 8 | 6 | B | 1 | 0 | E | C | A | 9 | 3 |
| B | 0 | 7 | E | 9 | D | A | 3 | C | 1 | 8 | 6 | 4 | 2 | 5 |
| A | C | E | 4 | B | 6 | 2 | D | 0 | 9 | 5 | 3 | 8 | 1 | 7 |
| 7 | 9 | 6 | B | 4 | C | D | 1 | 3 | 8 | A | E | 2 | 5 | 0 |
| D | 5 | A | 2 | 8 | 9 | E | C | 6 | 7 | 1 | 0 | 3 | B | 4 |
| 4 | 1 | B | 0 | E | 3 | 5 | 2 | A | D | 6 | 9 | 7 | C | 8 |
| 8 | E | C | 6 | D | 7 | B | 0 | 4 | 3 | 2 | 5 | 1 | A | 9 |
| 0 | 3 | 2 | 5 | 1 | A | 9 | 7 | 8 | C | 4 | B | 6 | E | D |
| 2 | 8 | 4 | 1 | 0 | B | 3 | 6 | 9 | 5 | C | D | E | 7 | A |
| 3 | B | 9 | 8 | 6 | 5 | 0 | A | D | E | 7 | 1 | C | 4 | 2 |
| E | D | 0 | 9 | C | 2 | 7 | 4 | B | 6 | 3 | A | 5 | 8 | 1 |
| 6 | 7 | 1 | 3 | A | 4 | C | 5 | E | 2 | 9 | 8 | 0 | D | B |
| C | A | 5 | D | 7 | E | 1 | 8 | 2 | B | 0 | 4 | 9 | 3 | 6 |

ଗତକାଲିର ଉତ୍ତର

# ଏଣିକି ଏ ଘର ବଦଳିଯିବ



ମନ-ମାନଚିତ୍ର

ଡ. ନରହରି ବେହେରା

ଏ ମିତି ଏକ ଅଘଟଣଟିଏ ଘଟିଛି ଆନ୍ଧ୍ରପ୍ରଦେଶରେ। ୬୨ ବର୍ଷୀୟ ସୁଧାକର ପାମୁଲୁ ନାମକ ଜଣେ ଅବସରପ୍ରାପ୍ତ ଜିଲା ବିଚାରପତି ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଉଚ୍ଚଶିକ୍ଷିତ ଝିଅପୁଅ ବାଙ୍ଗାଲୋରରେ ଚାକିରି କରି ରହୁଥିବାରୁ ଦେଖାଶୁଣା କରିବା ପାଇଁ ବୃଦ୍ଧା ପତ୍ନୀଙ୍କ ଛଡ଼ା ତାଙ୍କ ପାଖରେ କେହି ନ ଥିଲେ। ଅସହାୟତା ଏବଂ ଯନ୍ତ୍ରଣାର ଦାଉ ସହି ନ ପାରି ସୁଧାକର ଏକ ଆତ୍ମହତ୍ୟାର ବିବରଣୀ ଲେଖି ରେଳ ଆଗକୁ ଡେଇଁ ମୃତ୍ୟୁ ପଥକୁ ବାଛିନେଲେ। ଦୁଃଖ ଏଇଠି ଶେଷ ହେଲାନାହିଁ। ସ୍ୱାମୀଙ୍କର ମୃତ୍ୟୁ ଖବର ଶୁଣି ସେଠିକି ଦୌଡ଼ି ଯାଇଥିଲେ ତାଙ୍କର ୫୬ ବର୍ଷୀୟା ପତ୍ନୀ ବରଲକ୍ଷ୍ମୀ। ଦୀର୍ଘ ଦିନଧରି ଝିଅପୁଅଙ୍କଠାରୁ ଦୂରରେ ଥାଇ ସେ ଯେଉଁ ସ୍ୱାମୀଙ୍କ ସାହାରା ନେଇ ଚାଲୁଥିଲେ, ସେ ଆରପାରିକୁ ଚାଲିଗଲେ। ସେ ଆଉ କାହାର ସାହାରା ନେଇ ବଞ୍ଚିବେ? ତେଣୁ ସେ ଏ ଘଟଣାଟାକୁ ସହି ନ ପାରି ସେହିଠାରେ ହିଁ ରେଳ ଆଗକୁ ଡେଇଁପଡ଼ି ଆତ୍ମହତ୍ୟା କଲେ। ଏ ଘଟଣାଟି ଘଟିଥିଲା ତିରୁପତିଠାରୁ ମାତ୍ର ଦଶ କି.ମି. ଦୂର ରେଣିଗୁଣ୍ଟା ରେଳଧାରଣା ନିକଟରେ।

ସୁଧାକର ପାମୁଲ ଜଣେ ଜିଲା ବିଚାରପତି। ଅନେକ ମାମଲାର ବିଚାରକରି ସେ ଦୋଷୀ ନିର୍ଦ୍ଦୋଷଙ୍କୁ ବାଛିଛନ୍ତି, ଦଣ୍ଡବିଧାନ କରିଛନ୍ତି, ମାତ୍ର ନିଜ ଜୀବନ କ୍ଷେତ୍ରରେ ସେ ବିଚାର କରିପାରିଲେ ନାହିଁ। ପିଲାମାନଙ୍କୁ ସେ ଏତେ ଶିକ୍ଷିତ କରିଦେଲେ ଯେ ଶେଷ କାଳରେ ତାଙ୍କ ପାଖରେ କିଛି ଦିନ ରହି ଆଖି ବୁଜିବାକୁ ସୁଯୋଗ ଟିକକ ପାଇଲେ ନାହିଁ। ପୁଅ-ବୋହୂ, ଝିଅ-ଜ୍ୱାଇଁ କେହି ବି ତାଙ୍କୁ ଆଦରି ନେଲେ ନାହିଁ। ସୁଧାକରଙ୍କ ପରି ଅନେକ ଲୋକ ଏପରି କିଡ୍‌ନୀ ରୋଗ ଭୋଗୁଛନ୍ତି। ମାତ୍ର ସମସ୍ତେ ଆତ୍ମହତ୍ୟା କରୁନାହାନ୍ତି। ସୁଧାକର ତ ଜଣେ ବିଚାରଶୀଳ ଅଭିଜ୍ଞ ମଣିଷ। ଆତ୍ମହତ୍ୟା ପରି ଏକ ଚରମ ପଥ ନିର୍ଣ୍ଣୟ କରିବା ପୂର୍ବରୁ ସେ ଅନେକ ଥର ନିଶ୍ଚୟ ଭାବିଥିବେ। ତଥାପି ସେ ଏପରି ପଦକ୍ଷେପ ନେଲେ! ମଣିଷ କେବଳ ଅନ୍ୟର ସ୍ନେହପ୍ରେମ ଏବଂ ଆଶ୍ୱାସନା ପାଇବା ଆଶାରେ ପିଢ଼ି ପରେ ପିଢ଼ି ସମାଜରେ ବାସ କରି ଆସିଛି। ସଂସାରୀ ମଣିଷ ପାଇଁ ଏ ଆଶା ତ ଆହୁରି ତୀବ୍ର। ସଂସ୍କୃତରେ କୁହାଯାଇଛି- ''ସଂସାରତାପଦଗ୍ଧାନାଂ ତ୍ରୟୋ ବିଶ୍ରାନ୍ତିହେତବଃ। ଅପତ୍ୟଞ୍ଚ କଳତ୍ରଞ୍ଚ ସତାଂ ସଙ୍ଗତିରେବ ଚ।'' ଅର୍ଥାତ୍ ସଂସାରୀ ଲୋକ ଯେତେବେଳେ ଅସହାୟତା କିମ୍ବା ଦୁଃଖଯନ୍ତ୍ରଣାରେ ଘାରିହୁଏ ସେତେବେଳେ ସେ ନିଜ ସନ୍ତାନ, ପତ୍ନୀ କିମ୍ବା ସଜ୍ଜନଙ୍କ ଗହଣରେ ଶାନ୍ତି ଲାଭ କରିଥାଏ। ସୁଧାକର ବୃତ୍ତିରେ ଜଣେ ବିଚାରପତି ହେଲେ ମଧ୍ୟ କାଳର କରାଳ ଗତିରେ ସେ ଜଣେ କ୍ଳାନ୍ତ ମଣିଷ। ବାର୍ଦ୍ଧକ୍ୟ ଏବଂ ରୋଗ ତାଙ୍କୁ ଅତ୍ୟନ୍ତ ଅସହାୟ କରିଦେଇଥିଲା। ତେଣୁ ସେ ଏଇମାନଙ୍କଠାରୁ ଆହା ପଦଟିଏ ଶୁଣିବାକୁ ଆଶା କରିବା ଏକ ସ୍ୱାଭାବିକ କଥା। ତାଙ୍କ ପାଖରେ ପତ୍ନୀ ଥିଲେ ସତ, ମାତ୍ର ସେ ମଧ୍ୟ ବାର୍ଦ୍ଧକ୍ୟ ଯନ୍ତ୍ରଣାରେ ହନ୍ତସନ୍ତ ହେଉଥିଲେ। ଏହି ପରିଣତ ବୟସରେ ସମସ୍ତଙ୍କ ପରି ସୁଧାକର ନିଶ୍ଚୟ ଚାହୁଁଥିବେ ନିଜ ପୁଅବୋହୂ, ଝିଅଜ୍ୱାଇଁ ଏବଂ ନାତିନାତୁଣୀଙ୍କ ଗହଣରେ ହସଖୁସିରେ ଅବଶିଷ୍ଟ ଜୀବନ ବିତାଇ ଦେବାକୁ। ମାତ୍ର ତାହା ତା'ଙ୍କୁ ମିଳିନାହିଁ। ଜଣେ ବିଚାରପତି ଥିବାରୁ ସେ ବି ତା'ଙ୍କ ଉପରେ ଭାର ହେବାକୁ ଚାହିଁ ନ ଥିଲେ। କାରଣ ଆଜିକାଲି ଶିକ୍ଷିତ ବ୍ୟକ୍ତିମାନେ ନିଜ ସ୍ୱାଭିମାନ ଦ୍ୱାହିରେ ଝିଅପୁଅଙ୍କ ଉପରେ ଭାର ହେବାକୁ ଚାହାନ୍ତି ନାହିଁ। କିନ୍ତୁ ଉତ୍ତମ ସନ୍ତାନମାନେ ସେତିକି ଉପଲବ୍ଧି କରିବା କଥା। ମାତ୍ର ସୁଧାକର ସେତେ ଭାଗ୍ୟବାନ୍ ନ ଥିଲେ। ତେଣୁ ନିଜ ଦୁଃଖକୁ ନିଜ ଭିତରେ ଚାପିରଖି ସେ ଆତ୍ମହତ୍ୟା କରିଦେଲେ ସିନା ନିଜ ସନ୍ତାନଙ୍କ ପାଖରେ ସ୍ନେହ ପାଇବା ପାଇଁ ଅଳି କଲେନାହିଁ କି ସେମାନଙ୍କୁ ଦାୟୀ କରି ପଦୁଟିଏ ବି ଲେଖିଲେ ନାହିଁ।

ସୁଧାକର ପାମୁଲ ଏବଂ ତାଙ୍କ ପତ୍ନୀ ବରଲକ୍ଷ୍ମୀ ଆଧୁନିକ ସମାଜର ଏକ ଦୃଷ୍ଟାନ୍ତ ମାତ୍ର। ପରିଣତ ବୟସରେ ଅସହାୟ ହୋଇ ସାହାରା ଖୋଜୁଥିବା ଏହିପରି ବହୁ ଚିତ୍ର ଏବଂ ଚରିତ୍ର ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ମନେପଡୁଛି, ପିଲାଦିନେ ପଢ଼ିଥିବା କବିତାର ଗୋଟିଏ ପଦ- 'ଏଣିକି ଏ ଘର ବଦଳିଯିବ, ଝଟିମାଟି କାନ୍ଥ ଆଉ ନ ଥିବ।' ଆଜି ସେଇ ପଦଟିର ବାସ୍ତବତା ଅନୁଭବ ହେଉଛି। ଘରର ରୂପରେଖ ବଦଳିଯାଉଛି। ଗାଁଠାରୁ ସହର ଯାଏ ମାଟିଘର ବଦଳିଯାଉଛି। ସମସ୍ତେ ଚାହୁଁଛନ୍ତି ମଥା ଉପରେ ପକ୍କା ଛାତଟିଏ। ସରକାର ମଧ୍ୟ ଏଥିପାଇଁ ବ୍ୟସ୍ତ। ତେଣୁ ସେଦିନର ଘରର ରୂପରେଖ ଆଜି ବଦଳିଯାଇଛି, ତାହା ସହିତ ମଣିଷର ଚରିତ୍ର ମଧ୍ୟ ବଦଳିଯାଇଛି। ଜଣେ ବନ୍ଧୁ ମଜାରେ କହିଥିଲେ- ''ଜବ୍ ମକାନ୍ କଚ୍ଚା ଥା ତବ୍ ଲୋଗୋଁ କା ଦିଲ୍ ସଚ୍ଚା ଥା। ଜବ୍ ମକାନ୍ ହୋଗୟା ପକ୍କା ଲୋଗୋଁ କା ଦିଲ୍ ଖାଗୟା ଧୋକା।'' ବନ୍ଧୁଙ୍କର ଏ କଥାଟି ଲଘୁ ହୋଇପାରେ ମାତ୍ର ଏହାର ଅସଲ ତତ୍ତ୍ୱଟିକୁ ଅସ୍ୱୀକାର କରାଯାଇ ନ ପାରେ।

ପୂର୍ବରୁ ନୁଆଁଣିଆ ଚାଳଘରେ ଜେଜେମା, ମାଆ, ବାପା, କକା, ଖୁଡ଼ୀ ପ୍ରଭୃତିଙ୍କୁ ନେଇ ଯୌଥ ପରିବାରଟିଏ ଗଢ଼ି ଉଠିଥିଲା। ବର୍ତ୍ତମାନ ପରି ସେତେବେଳେ ଆର୍ଥିକ ସ୍ୱଚ୍ଛଳତା ନ ଥିଲା। ଅଭାବ ସତ୍ତ୍ୱେ ଭଲପାଇବାର ଭାବଟା ହଜି ନ ଥିଲା। କାହା ପାଦରେ କଣ୍ଟାଟିଏ ପଶିଗଲେ ଅନ୍ୟମାନଙ୍କ ଆଖିରେ ଲୁହ ରହୁ ନ ଥିଲା। କିନ୍ତୁ ଏବେ ଆଧୁନିକ ମଣିଷ ସ୍ୱତନ୍ତ୍ର ହେବାରେ ଲାଗିଛି। ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରି ଅଧିକ ଅର୍ଥ ଉପାର୍ଜନ ପାଇଁ ଯୋଗ୍ୟ କରିବା ଏବଂ ସୁନ୍ଦର କୋଠାଘରଟିଏ ନିର୍ମାଣ କରିବାର ସ୍ୱପ୍ନ ଅଧିକାଂଶ ଲୋକଙ୍କୁ ଘାରିଛି। ଗାଁ ସ୍କୁଲରେ ଇଂଲିଶ୍ ଢାଞ୍ଚାରେ ପାଠପଢ଼ା ହେଉନାହିଁ। ତେଣୁ ସହରରେ ପବ୍ଲିକ୍ ସ୍କୁଲରେ ପାଠ ପଢ଼ାଇବା ନିଶାରେ ଅନେକେ ଘର ଛାଡ଼ି ସହରରେ ବାସ କରୁଛନ୍ତି। ସମୟକ୍ରମେ ସୁନ୍ଦର କୋଠାଘର ନିର୍ମାଣ କରି ସେଠାରେ ରହି ଯାଉଛନ୍ତି। ସେମାନେ ଯେଉଁମାନଙ୍କୁ ଶିକ୍ଷିତ କରିବା ପାଇଁ ଏତେ କଷ୍ଟ କଲେ ଏବଂ ଗାଁ ଛାଡ଼ି ସହରୀ ହେଲେ ସେମାନେ ମଧ୍ୟ ଉଚ୍ଚଶିକ୍ଷିତ ହୋଇ ଅଧିକ ଅର୍ଥ ଉପାର୍ଜନ ପାଇଁ ଉଡ଼ିଯାଉଛନ୍ତି ଦୁବାଇ, ଲଣ୍ଡନ, ଆମେରିକା, ନ ହେଲେ ଦିଲ୍ଲୀ, ମୁମ୍ବାଇ କିମ୍ବା ବାଙ୍ଗାଲୋର। ଏଣେ ସହରରେ ଏଡ଼େ ସୁନ୍ଦର କୋଠାଘର ତୋଳି ବାର୍ଦ୍ଧକ୍ୟରେ ଉପନୀତ ହୋଇଥିବା ମାଆବାପାମାନେ ନା ଗାଁକୁ ଫେରିପାରୁଛନ୍ତି ନା ଦୂରରାଇଜକୁ ଉଡ଼ିଯାଇଥିବା ପିଲାମାନେ ତାଙ୍କୁ ପାଖକୁ ନେବାକୁ ଚାହୁଁଛନ୍ତି। ସେହି ନିର୍ଜୀବ ଚାରିକାନ୍ଥ ଭିତରେ ପଡ଼ି ପଡ଼ି ଅସହାୟତାରେ ଝରିପଡୁଛନ୍ତି ଠିକ୍ ଏହି ସୁଧାକର ପାମୁଲଙ୍କ ପରି। ଅଜାଗା ଘା' ନା ଦେଖି ହେଉଛି ନା ଦେଖାଇ ହେଉଛି। ଦେହର ଯନ୍ତ୍ରଣା ସହିତ ମନର ଯନ୍ତ୍ରଣା ଅସହ୍ୟ ହେଲେ ମୃତ୍ୟୁ ପାଲଟିଯାଉଛି ଶେଷପଥ।

ଏ କଥା ସତ, ଆଗକୁ ଚାଲିବା ଜୀବନର ଏକ ନିଷ୍ଠୁର ବାସ୍ତବତା। ଆମର ଜନ୍ମ ତ ଆଗକୁ ଚାଲିବା ପାଇଁ। ସ୍ଥିରତା ଏବଂ ଜଡ଼ତା ମୃତ୍ୟୁର ଅନ୍ୟନାମ। ଆଜି ଆମେ ଯାହା ହାସଲ କରିଛୁ ତାହା କେବଳ ମିଳିଛି ଆମର ଏହି ଚଳମାନ ଶକ୍ତିର ପ୍ରେରଣା ଯୋଗୁ। ଉପନିଷଦ ମଧ୍ୟ ଆମକୁ ପ୍ରେରଣା ଦେଇ କହନ୍ତି- ଚରୈବେତି ଚରୈବେତି- ଆଗକୁ ଚାଲ ଆଗକୁ ଚାଲ। ଯେଉଁ ପକ୍ଷୀ ଯେତେ ଦୂର ଉଡ଼ିପାରେ ସେ ସେତେ ଅଭିଜ୍ଞ ଏବଂ ଚତୁର ହୁଏ, ମାତ୍ର ସେ ଉଡୁ ଉଡୁ ଯଦି ନିଜ ବସାକୁ ଫେରିବା କଥା ଭୁଲିଯାଏ, ତା'ର ସମସ୍ତ ଚେଷ୍ଟା ବିଫଳ ହୋଇଯାଏ। ସେ ଦିଗ୍‌ଭ୍ରଷ୍ଟ ହୋଇଯାଏ। ଏ ଚତୁର ମଣିଷ ବଞ୍ଚିବା ନିଶାରେ ଏମିତି ଦୌଡୁଥାଉ, ଘରର ରୂପ ରଙ୍ଗ ବଦଳାଉ- କିଛି ଅସୁବିଧା ନାହିଁ। କିନ୍ତୁ ବାସ୍ତବରେ ଯେଉଁଦିନ ସେ ନିଜ ଗାଁ ମାଟି, ଆତ୍ମୀୟ ସ୍ୱଜନକୁ ନ ଭୁଲି ଭଲପାଇ ପାରିବ, ସନ୍ତାନମାନଙ୍କୁ ଗୋଟିଏ ଉପାର୍ଜନର ମେଶିନ୍ ନ କରି ଗୋଟିଏ ହୃଦୟ ଥିବା ମଣିଷଟିଏ କରି ଗଢ଼ିଶିଖିବ ସେହିଦିନ ହିଁ ବାସ୍ତବରେ ଏ ଘର ବଦଳିଯିବ। ସେ ଦିନ କେବେ ଆସିବ, ଘରବାହୁଡ଼ା ହେବେ ଆମ ଶିକ୍ଷିତ ଝିଅପୁଅମାନେ ଏବଂ ଏ ଗାଁ ମାଟି ହସିବ- ସେହି ଦିନକୁ ହିଁ ଅପେକ୍ଷା।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ,
ଭଦ୍ରକ, ମୋ-୭୯୭୮୯୦୩୫୦୯

# ରାସ୍ତାରେ ଟାୟାର ଜଳା



ଡ. ରମେଶ ଚନ୍ଦ୍ର ପରିଡ଼ା

ନା ନା ଆଳରେ ବନ୍ଦ, ରାସ୍ତାରୋକୋ ଆଦି କରିବା ଆଜିକାଲି ଏକ ନିତିଦିନିଆ ଘଟଣା ହୋଇଗଲାଣି। ରାଜନୈତିକ ଦଳଗୁଡ଼ିକଠାରୁ ଆରମ୍ଭ କରି କୃଷକ, ଶିକ୍ଷକ ବା ଛାତ୍ର ସଙ୍ଗଠନ ଯାଏ ଏହାକୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ବୋଲି କହୁଛନ୍ତି। ଆଇନର ରକ୍ଷକ ବୋଲାଉଥିବା ଆଇନଜୀବୀମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଲୋକମାନେ କୌଣସି କାରଣରୁ ବାଧ ହୋଇ ବାହାରକୁ ବାହାରିଥିଲେ ତାଙ୍କ ଗାଡ଼ିକୁ ଭାଙ୍ଗିବା ଓ ଜନସାଧାରଣଙ୍କ ସମ୍ପତ୍ତି ନଷ୍ଟ କରିବା ମାଧ୍ୟମରେ ସେମାନେ ତାଙ୍କର ତଥାକଥିତ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରୁଛନ୍ତି। ବିଚରା ସାଧାରଣ ମଣିଷ ଏଥିରେ ଚାପିହୋଇଯାଉଛି। ଖଟିଖିଆ ଲୋକଟି କାମକୁ ଯାଇପାରୁନି। ଦୋକାନୀଟି ଦୋକାନ ଖୋଲିପାରୁନି। ଏପରି କି ରୋଗୀଟିଏ ଡାକ୍ତରଖାନା ମଧ୍ୟ ଯାଇପାରୁନି। ଏହା କ'ଣ 'ଗଣତାନ୍ତ୍ରିକ ଅଧିକାର'!

ରାସ୍ତାରୋକୋ ବା ବନ୍ଦ ସମୟରେ ଆନ୍ଦୋଳନକାରୀ ରାସ୍ତାରେ ଟାୟାର ଜାଳିବା ଦେଖାଯାଏ। ତେବେ ମଣିଷର ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏହା କୁପ୍ରଭାବ ପଡ଼ିଥାଏ। ଟାୟାର ଜଳିଲା ବେଳେ ତହିଁରୁ କିଭଳି ଉକ୍ରଟ ମୋଟା କଳାଧୂଆଁ ବାହାରେ ତାହା ଆମେ ଦେଖିଛୁ। ଏହା ଅତ୍ୟନ୍ତ ବିଷାକ୍ତ ଏବଂ ସହରାଞ୍ଚଳରେ ଦୂଷିତ ହୋଇ ଚାଲିଥିବା ବାୟୁକୁ ଅଧିକ ଦୂଷିତ କରୁଛି। ଏହା ପ୍ରଦୂଷଣଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିରେ ସହାୟକ ହେଉଛି। ଉଲ୍ଲେଖନୀୟ ଯେ, ଆମ ଦେଶରେ ପ୍ରତିବର୍ଷ ବାୟୁ ପ୍ରଦୂଷଣ ହେତୁ ପ୍ରାୟ ୧ ଲକ୍ଷ ଲୋକ ପ୍ରାଣ ହରାଉଥିବା ବେଳେ ତତୋଽଧିକ ଲୋକ ରୋଗାକ୍ରାନ୍ତ ହେଉଛନ୍ତି।

ଆଜିକାଲି ପ୍ରାକୃତିକ ରବରର ଉତ୍ସ ସଂକୁଚିତ ହୋଇ ଚାଲିଥିବା ଦୃଷ୍ଟିରୁ ଏଥିରେ ଆଉ ଟାୟାର ତିଆରି ହେଉନାହିଁ। ତହିଁରେ ଉପଯୋଗ ହେଉଛି କୃତ୍ରିମ ରବର, ଅନ୍ୟାନ୍ୟ ରାସାୟନିକ ପଦାର୍ଥ ଏବଂ ଭାରି ଧାତୁ, ଯାହାକି ଦରକାର କରୁଛି ପ୍ରାୟ ୨୦୦ ପ୍ରକାର କଞ୍ଚାମାଲ। ସେଗୁଡିକ ମଧ୍ୟରେ ଅଛି ବୁଟାଡାଇନ, କାର୍ବନ, ସିଲିକା, ରେଜିନ ଓ ତେଲ, ଧାତବ ତାର ଓ ମାଳି, ରେୟନ, ପଲିଷ୍ଟର, ନାଇଲନ ଓ ଆରାମିଡ୍ ଭଳି ତନ୍ତୁ ତଥା ଆହୁରି ଅନେକ ରାସାୟନିକ ପଦାର୍ଥ। ଏ ପ୍ରତ୍ୟେକର ଧୂଆଁ ଅତ୍ୟନ୍ତ ବିଷାକ୍ତ ହୋଇଥିବାରୁ ତାହାର ଦହନ ପାଇଁ କଟକଣା ରହିଛି।

ଟାୟାର ଧୂଆଁରେ ଥାଏ ପ୍ରଚୁର ପରିମାଣରେ ବାୟୁରେ ଭାସମାନ କଣିକା, କାର୍ବନ ମନୋକ୍ସାଇଡ, ଗନ୍ଧକ ଓ ଯବକ୍ଷାରଜାନର ଅକ୍ସାଇଡସମୂହ, ହାଇଡ୍ରୋଜେନ କ୍ଲୋରାଇଡ ଏବଂ ଡାଇଅକ୍ସିନ, ଫ୍ୟୁରାନ୍ସ, ବେଞ୍ଜିନ, ପଲିକ୍ଲୋରିନେଟେଡ୍ ବାଇଫିନଲ୍ସ ତଥା ଅନ୍ୟାନ୍ୟ ପଲିନିଉକ୍ଲିୟର ଏରୋମେଟିକ ଯୌଗିକ। ବାୟୁରେ ଭାସମାନ ପଦାର୍ଥରେ ଥାଏ ଅଙ୍ଗାର ଏବଂ ଆର୍ସେନିକ, କାଡ୍‌ମିୟମ, ନିକେଲ, ଦସ୍ତା, ପାରଦ, କ୍ରୋମିୟମ ତଥା ଭାନାଡିୟମ ଭଳି ବିଷାକ୍ତ ଧାତୁ। ସେଗୁଡିକ ଚର୍ମ, ନାସା, ଗଳା ଓ ଚକ୍ଷୁରେ ଜ୍ୱଳନ, କାଶ, ଶ୍ୱାସକ୍ରିୟାଜନିତ ରୋଗ, ଛାତିରେ ଯନ୍ତ୍ରଣା, ଅଣନିଃଶ୍ୱାସୀ ଲାଗିବା, ଫୁସ୍‌ଫୁସ୍‌ର କାର୍ଯ୍ୟକଳାପରେ ବାଧା, ହୃତ୍‌ସ୍ପନ୍ଦନରେ ଅନିୟମିତତା, ଶ୍ୱାସରୋଗ, ହୃଦ୍‌ଘାତ, କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାରେ ଚାପ ଏବଂ କର୍କଟ ରୋଗର କାରଣ ହୋଇପାରନ୍ତି। ଏହି କଣିକାଗୁଡିକ ଯେତେ ସାନ, ତାହାର ପ୍ରଭାବ ସେତେ ଅଧିକ। ସେହିପରି କାର୍ବନ ମନୋକ୍ସାଇଡ ରକ୍ତର ଅମ୍ଳଜାନବାହୀ ଶକ୍ତି ହ୍ରାସ କରେ। ଫଳରେ ହୃତ୍‌ପିଣ୍ଡ, ମସ୍ତିଷ୍କ ଆଦି ଅଙ୍ଗରେ ତାହା ଯଥେଷ୍ଟ ପରିମାଣରେ ପହଞ୍ଚିପାରେ ନାହିଁ। ପୁନଶ୍ଚ ଏହା ମୁଣ୍ଡ ବୁଲାଇବା, ମାନସିକ ଭାରସାମ୍ୟ ହରାଇବା, ଚେତାଶୂନ୍ୟ ହେବା ଏବଂ ଅକାଳ ମୃତ୍ୟୁର ମଧ୍ୟ କାରଣ ହୋଇପାରେ। ଗନ୍ଧକର ଅକ୍ସାଇଡ୍‌ଗୁଡିକ ଶ୍ୱାସକ୍ରିୟା ପାଇଁ ଅତ୍ୟନ୍ତ କ୍ଷତିକାରକ। ଯବକ୍ଷାରଜାନର ଅକ୍ସାଇଡ୍‌ଗୁଡିକ ମଧ୍ୟ ଶ୍ୱାସଜନିତ ରୋଗର କାରଣ ହୋଇପାରନ୍ତି। ଏ ଉଭୟ ଶ୍ରେଣୀର ଅକ୍ସାଇଡ ଅମ୍ଳ ବୃଷ୍ଟି ଏବଂ ଜଳ ପ୍ରଦୂଷଣ ଘଟାଇଥାଆନ୍ତି।

ଟାୟାର ଧୂଆଁରେ ଥିବା ସବୁଠାରୁ ବିପଜ୍ଜନକ ତଥା କର୍କଟରୋଗକାରୀ ତତ୍ତ୍ୱ ହେଲା ବେଞ୍ଜିନ, ୧ ୨-ବ୍ୟୁଟାଡାଇନ ଏବଂ ବେଞ୍ଜ୍-୬ ପାଇରିନ। ଅନ୍ୟପକ୍ଷରେ ଏହାର ଜିନୀୟ ଧ୍ରୁବୀକରଣ ସାମର୍ଥ୍ୟ ସାଧାରଣ କାଠ ଧୂଆଁର ୧୬ ଗୁଣ ଏବଂ ଉନ୍ନତମାନର କୋଇଲା ବ୍ୟବହୃତ ବ୍ୟବସ୍ଥାର ନିର୍ଗମନ ତୁଳନାରେ ୧୩୦୦ ଗୁଣ ଅଧିକ। ତେଣୁ ତାହା କେବଳ ବର୍ତ୍ତମାନର ଆଘ୍ରାଣକାରୀଙ୍କ ପାଇଁ ଯେ କ୍ଷତିକାରକ ତା' ନୁହେଁ, ସେମାନଙ୍କ ପରବର୍ତ୍ତୀ ପିଢ଼ିର ସନ୍ତାନସନ୍ତତିଙ୍କଠାରେ ଜିନୀୟ ପରିବର୍ତ୍ତନ ଆଣି ନାନାଦି ଜିନୀୟରୋଗ ସୃଷ୍ଟି କରିବାକୁ ମଧ ସମର୍ଥ। ପୁନଶ୍ଚ ଟାୟାର ଜାଳିବା ଦ୍ୱାରା କେବଳ ବାୟୁ ପ୍ରଦୂଷଣ ଘଟେ ନାହିଁ, ତହିଁରୁ ନିର୍ଗତ ବିପଜ୍ଜନକ ପଦାର୍ଥଗୁଡିକ ଭୂମି ତଥା ଭୂତଳ ଜଳକୁ ମଧ ପ୍ରଦୂଷିତ କରନ୍ତି।

ଏସବୁ ଦୃଷ୍ଟିରୁ ବିଚାର କଲେ କାରଣ ଯାହା ହେଉନା କାହିଁକି, ରାସ୍ତାରେ ଟାୟାର ଜାଳିବା ନରବଳିଠାରୁ ଅଧିକ ଅମାନବୀୟ ତଥା ଆସୁରିକ କାର୍ଯ୍ୟ। କାରଣ କୌଣସି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନୁହେଁ, ଏହା କରାଯାଇଥାଏ ସବୁ ଜାଣିଶୁଣି ଏବଂ ବୁଝିଶୁଝି। ପୁନଶ୍ଚ ନରବଳିରେ ମାତ୍ର ଜଣେ ଲୋକକୁ ହତ୍ୟା କରାଗଲାବେଳେ ଏଥିରେ ନିହିତ ରହିଛି କେବଳ ବର୍ତ୍ତମାନ ପିଢିର ନୁହେଁ, ଆଗାମୀ ବହୁ ପିଢିର ଅଗଣିତ ଲୋକଙ୍କର ଅକାଳ ବ୍ୟାଧି, ଅକର୍ମଣ୍ୟତା ଏବଂ ମୃତ୍ୟୁର କାରଣ। କିନ୍ତୁ ବଡ଼ ବିସ୍ମୟର କଥା ଯେ, ସରକାର ତଥା ଏହାର ଆଇନ ପ୍ରବର୍ତ୍ତନକାରୀ କଳ, ସଚେତନ ନାଗରିକ କିମ୍ବା ମାନବିକଅଧିକାରସଙ୍ଗଠନକେହିଏଭଳିଅପକର୍ମର ଉଚିତ ପ୍ରତିରୋଧ କରିବାକୁ ଆଗେଇ ଆସୁନାହାନ୍ତି। ଏପରିସ୍ଥଳେ ସମାଜସେବୀ ଓ ବୁଦ୍ଧିଜୀବୀମାନେ ରାସ୍ତାରୋକୋ ଓ ରାସ୍ତାରେ ଜାଳିବାକୁ ଏକ ଜନବିରୋଧୀ କାର୍ଯ୍ୟ ରୂପେ ଘୋଷଣା କରିବାକୁ ସରକାରଙ୍କ ଉପରେ ଚାପ ପକାଇବା ଦରକାର।

ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

## ଏଇ ଭାରତରେ

ଅ ଙ୍ଗଦାନ ମହତ୍ ଦାନ। ଏହି ଦାନଦ୍ୱାରା ଜଣଙ୍କ ଜୀବନରକ୍ଷା କରାଯାଇପାରେ। ଏକଥା କେହି ବୁଝୁ ବା ନ ବୁଝୁ ଏହାକୁ ଭଲଭାବେ ବୁଝିପାରିଛନ୍ତି ଚଣ୍ଡିଗଡ଼ ବାସିନ୍ଦା ଯଶବିନ୍ଦର କୌର। ତାଙ୍କ ମୃତ ସ୍ୱାମୀଙ୍କ ଅଙ୍ଗଦାନ କରି ସେ ଆଉଜଣଙ୍କୁ ନୂଆ ଜୀବନ ଦେଇପାରିଛନ୍ତି। ପରମଜିତ୍ ସିଂ (୪୫) ହେଉଛନ୍ତି ମୋହାଲି ଅନ୍ତର୍ଗତ ଜାଟୋଟ ଗାଁର ବାସିନ୍ଦା। ସେ ରାସ୍ତା ଅତିକ୍ରମ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍କଟଜନକ ଅବସ୍ଥାରେ ପିଜିଆଇଏମ୍ଇଆର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ୧୦ ଦିନ ଜୀବନ ସହ ଯୁଝିବା ପରେ ପରମଜିତ୍ ଅକ୍ଟୋବର ୨୨ରେ ପ୍ରାଣ ହରାଇଲେ। ସ୍ୱାମୀ ବଞ୍ଚିବା ସମ୍ଭାବନା କ୍ଷୀଣ ଜାଣିବା ପରେ ସ୍ତ୍ରୀ ଯଶବିନ୍ଦର ତାଙ୍କ ଅଙ୍ଗଦାନ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ ବୋଲି କିଡ୍‌ନୀ ପ୍ରତିରୋପଣ ବିଭାଗର ମୁଖ୍ୟ ଡାକ୍ତର ଆଶିଷ ଶର୍ମା ପ୍ରକାଶ କରିଛନ୍ତି। ତଦନୁଯାୟୀ ସମ୍ପୃକ୍ତ ଡାକ୍ତର ଅସ୍ତ୍ରୋପଚାର ଦ୍ୱାରା ପରମଜିତ୍‌ଙ୍କ କିଡ୍‌ନୀ ଦୁଇଟି କାଢ଼ିଥିଲେ। କିଡ୍‌ନୀ ଅଚଳ ହୋଇପଡିଥିବା ଏବଂ ଦୀର୍ଘ ଦିନରୁ କିଡ୍‌ନୀ ପ୍ରତିରୋପଣ ପାଇଁ ଅପେକ୍ଷାରେ ଥିବା ଦୁଇ ରୋଗୀଙ୍କଠାରେ ଏହା ପ୍ରତିରୋପଣ କରାଯାଇଥିଲା। ନୂଆ ଜୀବନ ପାଇଥିବାରୁ ସେମାନଙ୍କ ମୁହଁରେ ହସ ଫୁଟିପାରିଛି। ପରମଜିତ୍‌ଙ୍କ କିଡ୍‌ନୀ ଦ୍ୱାରା ଦୁଇଜଣ ରୋଗୀ ଉପକୃତ ହୋଇପାରିଥିବାରୁ ଯଶବିନ୍ଦର ଖୁସି ହୋଇଛନ୍ତି। ଯଶବିନ୍ଦରଙ୍କ ମହତ୍‌ପଣିଆକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ବାସ୍ତବରେ ତାଙ୍କ ମହାନ୍ ଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅକ୍ଟୋବର ୧୯୯୩

- କାନାଡାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଜିନ୍ କ୍ରିଟେନଙ୍କ ନେତୃତ୍ୱାଧୀନ ଲିବରାଲ ପାର୍ଟି ସଂଖ୍ୟାଧିକ ଆସନରେ ବିଜୟୀ ହୋଇ ଶାସନକ୍ଷମତା ହାସଲ କରିବା ପାଇଁ ସକ୍ଷମ ହୋଇଥିବା ବେଳେ କ୍ଷମତାରେ ଦୀର୍ଘ ୯ବର୍ଷ ଧରି ରହିଥିବା କଞ୍ଜରଭେଟିଭ ଦଳ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି।
- ଲାଗୋସରୁ ଆବୁଜା ଅଭିମୁଖେ ଯାତ୍ରା କରୁଥିବା ନାଇଜେରିଆର ଏକ ଯାତ୍ରୀବାହୀ ବିମାନକୁ ୪ଜଣ ସଶସ୍ତ୍ର ବ୍ୟକ୍ତି ଅପହରଣ କରିନେଇ ନାଇଜେରିଆର ମଧ୍ୟବର୍ତ୍ତିକାଳୀନ ସରକାରର ଇସ୍ତଫା ଦାବି କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ନାମଲେଖାରେ ଜାଲିଆତି

ମହାଶୟ,

କିଛିଦିନ ତଳେ ଏସ୍‌ସିଏସ କଲେଜର +୩ ଓ ସ୍ନାତକୋତ୍ତର ବିଭାଗରେ କେତେକ ପିଲା ଜାଲିଆତି କରି ଦିବ୍ୟାଙ୍ଗ କୋଟାରେ ନାମ ଲେଖାଇବା ଖବର ପ୍ରକାଶ ପାଇଥିଲା। ଏପରି ଜାଲିଆତିରେ ଏକ ବଡ ଧରଣର ର୍ୟାକେଟ ଥିବା କେତେକ ଛାତ୍ର ସଂଗଠନ ଅଭିଯୋଗ କରିବାରୁ ହୋଇଥିବା ଯାଞ୍ଚ କେବଳ ଏକ ନମୁନା ବୋଲି କୁହାଯାଇପାରେ। ଦୁର୍ନୀତିର ଚେର କେତେ ଭିତରେ ତାହା ଭିଜିଲାନ୍ସ ଦ୍ୱାରା ତଦନ୍ତ ହେଲେ ପଦାକୁ ଆସିବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଧାଡ଼ି ଦର୍ଶନ ଓ ପ୍ରାୟୋଜିତ ଗଣ୍ଡଗୋଳ

ଜଗନ୍ନାଥ ମହାପ୍ରଭୁଙ୍କ ରତ୍ନଭଣ୍ଡାରର ଚାବି ହଜିବା ଘଟଣା, ହୁଣ୍ଡିରୁ ବାହାରିଥିବା ୪ କିଲୋ ସୁନାର ହିସାବ ନ ମିଳିବା, ତାଙ୍କ ଜମିକୁ ଜବରଦଖଲ କରିବା ଘଟଣା ଲୋକଙ୍କ ମନରେ ଦୁଃଖ ଦେଇଛି। ନବକଳେବର ବେଳେ ବ୍ରହ୍ମ ବିଭ୍ରାଟ, ମହାପ୍ରଭୁଙ୍କୁ ଭୋକିଲା ରଖାଯିବା ଆଦି ଘଟଣା ଭକ୍ତମାନଙ୍କୁ ବ୍ୟତିବ୍ୟସ୍ତ କରଛି। ଏବେ ଧାଡ଼ି ଦର୍ଶନକୁ ନେଇ ଗଣ୍ଡଗୋଳ ହେଲା। ଯାହା ଅନୁମିତ ହୁଏ ଏହି ବ୍ୟବସ୍ଥା ଦ୍ୱାରା ଯେଉଁମାନଙ୍କ ସ୍ୱାର୍ଥରେ ବାଧା ପଡ଼ିଛି, ସେହିମାନେ ହିଁ ଗଣ୍ଡଗୋଳ କରିଛନ୍ତି ବା କରାଇଛନ୍ତି। ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଓଡ଼ିଆ ଢଗଢମାଳି

ଧରିତ୍ରୀ ଏକମାତ୍ର ପତ୍ରିକା, ଯେ କି ଓଡ଼ିଆମାନଙ୍କ ମୁଖରୁ ହଜି ଯାଉଥିବା ଶିକ୍ଷଣୀୟ ଢଗଢମାଳି ଧାରାବାହିକ ଭାବରେ ପ୍ରକାଶ କରି ଏକ ନୂତନ ପରମ୍ପରା ସୃଷ୍ଟି କରିଚାଲିଛି। ସକାଳେ ଧରିତ୍ରୀ ପଢିବା ବେଳେ ମୁଁ ପ୍ରଥମେ ଢଗଢମାଳି ପଢ଼ିଥାଏ। ଏଥିରୁ ନୂଆ ନୂଆ କଥା ଶିଖିଥାଏ। ଆଜିଯାଏ ଯେତେ ଢଗଢମାଳି ଧରିତ୍ରୀ ପୃଷ୍ଠାରେ ବାହାରିଲାଣି ମୋର ଧାରଣା ହେଉଛି ଓଡ଼ିଆ ଢଗଢମାଳିର ଶେଷ ନାହିଁ। ଓଡ଼ିଆ ଭାଷାର ଢଗଢମାଳି ଗାଉଁଲି ସ୍ତ୍ରୀଲୋକମାନଙ୍କ ମୁଖରେ ବେଶି ଶୁଣିବାକୁ ମିଳିଥାଏ। ଯେପରି- 'କଂସା ମୁହଁରେ ଜଉ, ଫାଟିଗଲା ମନ ଯୋଡ଼ି କି ହୋଇବ, ଯେତେ କଅଁଳେଇ କହୁ।' ଅର୍ଥାତ୍ ଥରେ ଅପ୍ରୀତି ହେଲେ ଆଉଥରେ ମନ ମିଳାଇ ଚଳିବା ସହଜ ହୋଇ ନ ଥାଏ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



'ହାଉସ୍‌ଫୁଲ-୪' ଫିଲ୍ମ ସେଟ୍‌ରେ ଜଣେ ୨୬ ବର୍ଷୀୟା ଜୁନିୟର ଆର୍ଟିଷ୍ଟଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାଟି ଗୁରୁବାର ରାତିରେ ଅନ୍ଧେରିରେ ଥିବା ଚିତ୍ରକୂଟ ଷ୍ଟୁଡିଓରେ ଘଟିଛି। ୨ଜଣ ବ୍ୟକ୍ତି ସୁଟିଂ ସେଟ୍‌କୁ ଆସି ମହିଳା କଳାକାରଙ୍କ ପୁରୁଷ ବନ୍ଧୁ ଜଣଙ୍କୁ ମାରପିଟ୍ କରିଥିଲେ। ସେ ଯେତେବେଳେ ତାଙ୍କର ବନ୍ଧୁଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ ତାଙ୍କୁ ଆକ୍ରମଣକାରୀମାନେ ଅସଦାଚରଣ କରିଥିଲେ।

## ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ

# ବାଘ ମାୟାରେ ବାୟା

**ଭୁବନେଶ୍ୱର (ବ୍ୟୁରୋ)/ ବନ୍ତଲା/ଅନୁଗୋଳ ଅଫିସ, ୨୬।୧୦**

ରାଜ୍ୟରେ ବାଘବଂଶ ବୃଦ୍ଧି କରିବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତିକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଅନ୍ୟ ଜଙ୍ଗଲରେ ରହୁଥିବା ବାଘଙ୍କ ଖାଦ୍ୟ ଓ ଚଳଣିକୁ ନ ପରଖି ତରବରିଆ ଭାବେ ବ୍ୟାଘ୍ର ପ୍ରକଳ୍ପର ପରିକଳ୍ପନା ରାଜ୍ୟ ବନ୍ୟପ୍ରାଣୀ ବିଭାଗ ତଣ୍ଟିରେ କଣ୍ଟା ହୋଇ ଲାଗିଛି। ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ଅଣାଯାଇଥିବା ବାଘୁଣୀ ସୁନ୍ଦରୀର ଖାଦ୍ୟ ଶୃଙ୍ଖଳକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ବ୍ୟାଘ୍ର ପ୍ରକଳ୍ପ ନିକଟରେ ରହୁଥିବା ଗ୍ରାମବାସୀ ଅତିମାତ୍ରାରେ ଭୟଭୀତ ହୋଇପଡିଛନ୍ତି । ବାଘୁଣୀ ଦୁଇଜଣ ବ୍ୟକ୍ତିଙ୍କୁ ମାରିଥିବା ଅଭିଯୋଗରେ ସ୍ଥାନୀୟ ଲୋକେ ହିଂସାକାଣ୍ଡ ଘଟାଇବା ସହ ସାତକୋଶିଆରୁ ସୁନ୍ଦରୀକୁ ହଟାଇବାକୁ ଜିଦ୍ ଧରିଛନ୍ତି। ପ୍ରକଳ୍ପ ଓ ଲୋକଙ୍କ ସୁରକ୍ଷା ଚକ୍ରବ୍ୟୂହରେ ଫସିଯାଇଛି ବନ ବିଭାଗ। ଲୋକମାନଙ୍କ କ୍ରୋଧକୁ ଦବାଇ ଦେବା ପାଇଁ ବାଘୁଣୀ ସୁନ୍ଦରୀକୁ ଟ୍ରାଙ୍କୁଲାଇଜର ମାଧ୍ୟମରେ ଆୟତ୍ତ କରିବାକୁ ଗତ କିଛିଦିନ ହେବ ବନ ବିଭାଗର ୩ଟି ଟିମ୍ ଆଣ୍ଟୁଗଣ୍ଠି ଛିଣ୍ଡାଇ ସାରିଲେଣି। ହେଲେ ବାଘୁଣୀ ଧରା ଦେଉନାହିଁ। ବାନ୍ଧବଗଡ଼ରୁ ଟ୍ରାଙ୍କୁଲାଇଜର ଏକ୍ସପର୍ଟମାନଙ୍କୁ ଆଣି କାବୁ କରିବାକୁ କସରତ ଚାଲିଛି। ତେବେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଓ ସୁନ୍ଦରୀର ସୁରକ୍ଷାକୁ ନେଇ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି। ଦୁଇଥର ଟ୍ରାଙ୍କୁଲାଇଜ ହେବା ଦ୍ୱାରା ବାଘୁଣୀର ଜୀବନ ବିପଦପୂର୍ଣ୍ଣ ହେବା ଆଶଙ୍କା ରହିଛି । ପ୍ରକଳ୍ପ ପରିକଳ୍ପନା ପୂର୍ବରୁ ପରିବେଶ, ଖାଦ୍ୟପେୟ ଓ ବାସସ୍ଥାନଗୁଡିକୁ ଭଲ ଭାବେ ଯାଞ୍ଚ ନ କରି ତରବରିଆ ଭାବେ ବାଘ ଛାଡିବାକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି। ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପକୁ ନେଇ ବାହାଦୁରି ଦେଖାଉଥିବା ବେଳେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ବିସ୍ମୟ ପ୍ରକାଶ କରିଛନ୍ତି।

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ, ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନଟିସିଏ) ଏବଂ ଡେରାଡୁନସ୍ଥିତ ୱାଇଲ୍‌ଡଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ) ଦ୍ୱାରା କରାଯାଇଥିବା ସର୍ଭେ ତଥ୍ୟ କହୁଛି ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘମାନଙ୍କ ସକାଶେ ପର୍ଯ୍ୟାପ୍ତ ଖାଦ୍ୟ ରହିଛି। ୯୬୩.୮୭ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ପ୍ରକଳ୍ପ ଅଞ୍ଚଳରେ ଶମ୍ବର, ହରିଣ, କୁଟୁରା, ବାର୍ହା, ଗୟଳ, ମାଙ୍କଡ଼, ଗୁରାଣ୍ଡି ଆଦି ବିଭିନ୍ନ ପ୍ରଜାତିର ୨୪ ହଜାର ୯୬ ତୃଣଭୋଜି ପ୍ରାଣୀ ଅଛନ୍ତି। ବାଘ ଖାଇ ପିଇ ସୁସ୍ଥସବଳ ରହିବା ପାଇଁ କୌଣସି ସମସ୍ୟା ନାହିଁ।

ସାତକୋଶିଆ ଗଣ୍ଡ ଓ ବାଇଶିପାଲି ଅଭୟାରଣ୍ୟକୁ ନେଇ ଏହି ବ୍ୟାଘ୍ର ପ୍ରକଳ୍ପ ଗଠିତ। ଏହାକୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଓ



ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଜରିଆରେ ସୁରକ୍ଷା ଦିଆଯାଉଛି। ଏହାର ପରିସୀମା ୫୩୦.୦୧ ବର୍ଗ କିଲୋମିଟର। ଏଠାରେ ମୋଟ ୬ଟି ବାଘ ଛଡ଼ାଯିବାକୁ ଥିବା ବେଳେ ୨ଟି ଛଡ଼ାଯାଇଛି। ଆଗାମୀ ଦିନରେ ଏନ୍‌କ୍ଲୋଜରରେ ଥିବା ବାନ୍ଧବଗଡ଼ର ବାଘୁଣୀ ସହ ଆଉ ୨ଟି ବାଘ ଆଣି ଛାଡ଼ିବାକୁ ବନ ବିଭାଗ ଯୋଜନା କରିଛି। ସୁରକ୍ଷା କାରଣରୁ ସାତକୋଶିଆ ମଧ୍ୟରେ ଥିବା ୧୦୪ ଗ୍ରାମକୁ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ବାଦ୍ ଦିଆଯାଇଥିବା ବେଳେ ଅନୁଗୋଳ, କଟକ, ଢେଙ୍କାନାଳ ଓ ବୌଦ୍ଧ ଜିଲାର ୧୦ ସଂରକ୍ଷିତ ଜଙ୍ଗଲର ୩୫୯.୭୯ ବର୍ଗ କିଲୋମିଟରକୁ ଏଥିରେ ସାମିଲ କରାଯାଇଛି।

୫୩୦.୦୧ ବର୍ଗ କି.ମି.ର ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୧୩୨୫୦.୨୫ ତୃଣଭୋଜି ଥିବାବେଳେ ୪୩୩.୮୬ ବର୍ଗକି.ମି. ବିଶିଷ୍ଟ ମହାନଦୀ


ସୁରେଶ ସାହୁ


କୃଷ୍ଣ ପଧାନ


ଦୋରା ପଧାନ


କାଶୀ ନାୟକ

ବନ୍ୟପ୍ରାଣୀ ବନଖଣ୍ଡରେ ୧୦୮୪୬.୫ ପ୍ରାଣୀ ବିଚରଣ କରୁଛନ୍ତି। ଏଥିସହ ବାଘ ସୁରକ୍ଷିତ ଭାବେ ରହିବା ପାଇଁ ଘଞ୍ଚ ଜଙ୍ଗଲ ମଧ୍ୟ ରହିଛି। ଏହି ରିପୋର୍ଟ ଆଧାରରେ ଭାରତ ସରକାର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘବଂଶ ବୃଦ୍ଧି ପାଇଁ ପଦକ୍ଷେପ ନେଇଥିବା ବନ୍ୟପ୍ରାଣୀ ଡିଭିଜନ ସଫେଇ ଦେଇଛି।

ଅନ୍ୟପକ୍ଷରେ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ. କେ. ସିଂ କହିଛନ୍ତି ପୂର୍ବରୁ ସାତକୋଶିଆ ବାଘମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥଳୀ ଥିଲା। ପରବର୍ତ୍ତୀ ସମୟରେ ଜଙ୍ଗଲ ଭିତରକୁ ଜନବସତି ମାଡି ଆସିବା ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇଲା। ଏଥିଯୋଗୁ ବାଘଙ୍କ ଖାଦ୍ୟାଭାବ ଦେଖାଦେଲା। ଫଳରେ ବାଘଙ୍କ ସଂଖ୍ୟା ଅତିମାତ୍ରାରେ କମିଗଲା। ମାନବୀୟ ବ୍ୟବହାର ଅଞ୍ଚଳ ବୃଦ୍ଧି ପାଉଥିବାରୁ ବାଘଙ୍କ ପାଇଁ ସେଠାରେ ଉପଯୁକ୍ତ ଖାଦ୍ୟାଭାବ ରହିଛି। ଏହି ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ଏସବୁ ଦେଖିବା ଆବଶ୍ୟକ ଥିଲା ବୋଲି ସେ କହିଛନ୍ତି।

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ସାତକୋଶିଆରେ ବହୁ ସଂଖ୍ୟାରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହିଛନ୍ତି। ଖାଦ୍ୟ ପାଇଁ ସମସ୍ୟା ନାହିଁ। ବାଘୁଣୀକୁ ଅନ୍ୟ ବାଘୁଣୀମାନେ ଘଉଡାଇବାରୁ ସେ ଜନବସତି ଆଡକୁ ଚାଲି ଆସୁଛି। ଏନଟିସିଏ ଏବଂ ଡବ୍ଲ୍ୟୁଆଇଆଇ ସର୍ଭେ ପରେ ଏହି ପ୍ରକଳ୍ପ ଭାରତ ସରକାର ଆରମ୍ଭ କରିଛନ୍ତି। ଟ୍ରାଙ୍କୁଲାଇଜ ପରେ ବାଘୁଣୀକୁ ଅବଜରଭେଶନରେ ରଖାଯିବ ବୋଲି ସେ କହିଛନ୍ତି।

ପିସିସିଏଫ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ କହିଛନ୍ତି ଯେ ସବୁ କଥା ଅନୁଧ୍ୟାନ କରାଯାଇ ପ୍ରକଳ୍ପ ଆରମ୍ଭ ହୋଇଛି। କୌଣସି ଅସୁବିଧା ହୋଇ ନାହିଁ।

ଅନୁଗୋଳ ବନମଣ୍ଡଳ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ପଣ୍ଡା କହିଛନ୍ତି ଅନୁଗୋଳରେ ବାଘୁଣୀ ମଣିଷ ମାରିବା ଘଟଣା ତଥ୍ୟ ଏବେ ପଦାକୁ ଆସିଛି। ବାଘୁଣୀ ୭୦ ଦିନରୁ ଊର୍ଦ୍ଧ୍ୱ ଜଙ୍ଗଲରେ ବିତାଇଥିବାବେଳେ ମାତ୍ର ୫ଟି ଶିକାର କରିଛି। ଏଥିମଧ୍ୟରେ ତିନୋଟି ହରିଣ ଥିବାବେଳେ ଦୁଇଟି ବାରହା ଶିକାର କରିଥିବା ସେ କହିଛନ୍ତି।

ତେବେ ବାନ୍ଧବଗଡ଼ରେ ଶାନ୍ତ ଥିବା ବାଘୁଣୀ ସାତକୋଶିଆରେ କାହିଁକି ଉଗ୍ରରୂପ ନେଲା ତା'ର ଉତ୍ତର ଏବେ ପର୍ଯ୍ୟନ୍ତ ବନ ବିଭାଗ ଖୋଜି ପାଉନାହିଁ। ବାଘୁଣୀ ବାନ୍ଧବଗଡ଼ରୁ ଆସିବା ପୂର୍ବରୁ କି ପରେ ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଟାଇଁସି ଅଞ୍ଚଳର ହେମନ୍ତ ପ୍ରଧାନ କହିଛନ୍ତି। ବାଘୁଣୀ ସାତକୋଶିଆରେ ଦୁଇ ଥର ଆକ୍ରମଣ କରିବା ପରେ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଯାଇଛି। ସନ୍ଧ୍ୟା ହେଲେ ତାଟିକବାଟ ପଡୁଥିବାବେଳେ ଗୃହପାଳିତ ପ୍ରାଣୀଙ୍କ ପାଇଁ ଗାଁ ଦାଣ୍ଡରେ ଲୋକମାନେ ନିଆଁ ଜଳାଉଛନ୍ତି। ବାଘୁଣୀ ଭୟରେ ସ୍କୁଲରେ ଉପସ୍ଥାନ ଶୂନ୍ ରହୁଛି। ପିଲାଙ୍କୁ ବାଘୁଣୀ ମୁହଁକୁ ଜାଣିଶୁଣି ଠେଲି ଦେଇ ପାରିବୁ ନାହିଁ ବୋଲି ସେ କହିଛନ୍ତି।

ସ୍ଥାନୀୟ ବାସିନ୍ଦା କୃଷ୍ଣ ପଧାନ କୁହନ୍ତି ବାଘ ଭୟରେ ଘରେ ନିଆଁ ଜାଳି ରହୁଛୁ। ବାଘ ଗାଁ ମଝିରେ ଯାଇ ବଳଦ ଖାଇଲା। ରାତି ସାରା ନିଆଁ ଜାଳି ଜଗୁଛୁ। ବିଦ୍ୟୁତ କାଟ ଯୋଗୁ ଭୟ ବାତାବରଣ ମଧ୍ୟରେ ରହୁଛୁ। ବାହାରକୁ ଶୌଚ ପାଇଁ ଯିବା କିମ୍ବା ନାଳକୁ ଗାଧୋଇ ଯିବାକୁ ଭୟ ଲାଗୁଛି ବୋଲି ସେ କହିଥିଲେ।

ଦୋରା ପଧାନ, କାଶୀ ନାଏକ, ବିକ୍ରମ ପଧାନ କୁହନ୍ତି ବାଘୁଣୀ ଭୟରେ କନ୍ଦମୂଳ, ବାଦାମ, କୋଳଥ, ବିରି ଆଦି ଫସଲ ନଷ୍ଟ ହୋଇଗଲାଣି। ଭୟରେ ଜଗିବାକୁ ଯାଇ ପାରୁନାହୁଁ।

ବାଘୁଣୀ ଆକ୍ରମଣରେ ମୃତକଙ୍କ ପୁଅ ସୁରେଶ ସାହୁ କୁହନ୍ତି ବାପାଙ୍କର କାମରେ ବ୍ୟସ୍ତ ରହୁଛୁ। ଘର ଠାରୁ ୫ ଶହ ମିଟର ଦୂରରେ ଥିବା ବିଲକୁ ବାପା ଚାଷ କରିବା ପାଇଁ ଯାଇଥିଲେ। ଆଗରୁ ନିର୍ଭୟରେ ଲୋକେ ବୁଲାବୁଲି କରୁଥିଲେ। କିନ୍ତୁ ବର୍ତ୍ତମାନ ସନ୍ଧ୍ୟା ହେଲେ ଭୟରେ ଗାଁ ବାହାରକୁ ଯାଉନାହାନ୍ତି।

ଗୋକୁଳା ବେହେରା କୁହନ୍ତି ବାଘୁଣୀ ଭୟରେ ରୋଷେଇ, ଚାଷବାସ କରି ହେଉ ନାହିଁ। ଆମେ ମୂଲିଆ ଲୋକ, ମୂଲ କରିବା ବନ୍ଦ ହୋଇଯାଉଛି। ଶୌଚ କିମ୍ବା ଗାଧୋଇବା ପାଇଁ ଯାଇ ପାରୁନାହୁଁ।


ସୁନ୍ଦରୀ ଭୟରେ ଅଭୟାରଣ୍ୟ ମଧ୍ୟରେ ଥିବା ଏକ ସ୍କୁଲ ଶୁକ୍ରବାର ବନ୍ଦ ରହିଛି।


**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C/71, Sector-7, CDA, Cuttack - 753014
FORM NO. ITCP-1

**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R.P. No. 077/2018/CTC**
**(Arising out of OA No. 334 of 2011)**
**Next Date: 12.11.2018**

**AXIS Bank Ltd.**, Cuttack Branch, At: Badambadi, P.O.: Arunodaya Market, Madhupatna, Dist.: Cuttack, PIN-753009 **...Certificate Holder Bank**
**Vs.**
**M/s. Jagannatha Financial Services Ltd & another ...Certificate Debtors**
**To,**
1. **M/s. Jagannatha Financial Services Ltd.**, At: A-58, Saheed Nagar, P.O.: Saheed Nagar, Bhubaneswar, Dist.: Khurda.
2. **Shri Sundaran Kathiresan,** S/o- Late P.R.M. Sundaran, At: A-58, Saheed Nagar, P.O.: Saheed Nagar, Bhubaneswar, Dist.: Khurda.

Take notice that Certificate arising out of **OA No. 334 of 2011** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 6,44,91,863.00 (Rupees Six Crore Forty Four Lac Ninety One Thousand Eight Hundred Sixty Three Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | :Rs. | 6,44,91,863.00 |
| 2. Cost allowed (+) | :Rs. | 1,50,000.00 |
| 3. Interest @12.50% p.a with quarterly rests from 30.09.2011 to 31.07.2018 | :Rs. | 8,52,15,207.23 |
| **Total** | **:Rs.** | **14,98,57,070.23** |

(**Rupees Fourteen Crore Ninety Eight Lac Fifty Seven Thousand Seventy and Paise Twenty Three Only**) with Interest @12.50% p.a. with quarterly rests on the amount due from 01.08.2018 till realization of the entire Dues.

2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on 12.11.2018 and report the details of payment made by you.

Given under my hand & seal at Cuttack on this **05th day of October, 2018.**

**Sd/- (S.R. Parida)**
**Recovery Officer**



## ପୂର୍ବ ତଟ ରେଳପଥ

**ସାଙ୍କେତିକ ନିଯୁକ୍ତି ସୂଚନା**

**2018-19 ବର୍ଷ ନିମନ୍ତେ ସ୍କାଉଟ୍ ଏବଂ ଗାଇଡ୍ କୋଟାରେ ନିଯୁକ୍ତି**

**ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ. ECoR/Pers/S&G/2018-19**

**ଜାରି ହେବା ତାରିଖ :** ତା.27.10.2018ରିଖ, **ବନ୍ଦ ହେବା ତାରିଖ :** ତା.26.11.2018ରିଖ, **ବନ୍ଦ ହେବା ସମୟ :** 1800 ଘଟିକା

1. ପୂର୍ବ ତଟ ରେଳପଥରେ 2018-19 ବର୍ଷ ନିମନ୍ତେ ସ୍କାଉଟ୍ ଏବଂ ଗାଇଡ୍ କୋଟାରେ ନିଯୁକ୍ତି ନିମନ୍ତେ ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଭାରତୀୟ ନାଗରିକମାନଙ୍କ ଠାରୁ ମୁଖ୍ୟାଳୟ ନିମନ୍ତେ ଗ୍ରେଡ୍ ପେ ଟ.1900/-(ଲେଭେଲ-2)ରେ 02(ଦୁଇ) ଗୋଟି ଖାଲି ପଦ ଏବଂ ତିନୋଟି ମଣ୍ଡଳ (ଖୋର୍ଦ୍ଧା ରୋଡ୍, ୱାଲ୍ଟିୟର ଏବଂ ସମ୍ବଲପୁର) ପ୍ରତ୍ୟେକ ନିମନ୍ତେ ଗ୍ରେଡ୍ ପେ ଟ.1800/- (ଲେଭେଲ-1)ରେ 02(ଦୁଇ) ଗୋଟି ଖାଲି ପଦ ପୂରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।
2. **ସ୍କାଉଟିଙ୍ଗ୍ / ଗାଇଡିଙ୍ଗ୍ ଯୋଗ୍ୟତା** : ନିମ୍ନଲିଖିତ ଯୋଗ୍ୟତାଧାରୀ ପ୍ରାର୍ଥୀମାନେ ଗ୍ରେଡ୍ ପେ ଟ.1900/- ସହିତ ଲେଭେଲ-2ରେ ଏବଂ ଗ୍ରେଡ୍ ପେ ଟ.1800/- ସହିତ ଲେଭେଲ-1ରେ ସ୍କାଉଟ୍ ଏବଂ ଗାଇଡ୍ ପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ କରିପାରିବେ ।
(କ) ଯେକୌଣସି ସେକ୍ସନରେ ରାଷ୍ଟ୍ରପତି ସ୍କାଉଟ୍ / ଗାଇଡ୍ / ରେଞ୍ଜର / ରୋଭର **କିମ୍ବା** ହିମାଳୟାନ୍ ଉଡ୍ ବ୍ୟାଚ୍ (HWB) ଧାରୀ ହୋଇଥିବା ଆବଶ୍ୟକ ।
(ଖ) ବିଗତ 5 ବର୍ଷ ପାଇଁ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ସଂଗଠନରେ ଜଣେ ସକ୍ରିୟ ସଦସ୍ୟ ଥିବେ । 'ସକ୍ରିୟତା ଜନୀତ ପ୍ରମାଣପତ୍ର' ସଂପୂର୍ଣ୍ଣ ଅଧିସୂଚନାର **ଅନୁଲଗ୍ନକ-III** ଅନୁଯାୟୀ ହୋଇଥିବା ଆବଶ୍ୟକ ଏବଂ
(ଗ) ରାଷ୍ଟ୍ରୀୟ ସ୍ତରରେ **କିମ୍ବା** ସର୍ବ ଭାରତୀୟ ରେଳବାଇ ସ୍ତରରେ ଅତି କମ୍‌ରେ ଦୁଇ ଗୋଟି କାର୍ଯ୍ୟକ୍ରମ **ଏବଂ** ରାଜ୍ୟ ସ୍ତରରେ ଦୁଇ ଗୋଟି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଆବଶ୍ୟକ ।
3. **ଗ୍ରେଡ୍ ପେ ଟ.1,900/- (ଲେଭେଲ-2) ରେ ଥିବା ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା** : 12th (+2 ସ୍ତର) କିମ୍ବା ଏହାର ଅନୁରୂପ ପରୀକ୍ଷାରେ ସର୍ବମୋଟ୍ 50%ରୁ କମ୍ ରଖିନଥିବେ (NTPC ବର୍ଗ ନିମନ୍ତେ ସର୍ବମୋଟ୍ 50% ଅଙ୍କ ଆବଶ୍ୟକ ହେବା ସ୍ଥଳେ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି / ପୂର୍ବ ସୈନିକ ଏବଂ ସ୍ନାତକ / ସ୍ନାତକୋତ୍ତର ଭଳି ଅଧିକତର ଶିକ୍ଷାଧାରୀ ପ୍ରାର୍ଥୀମାନଙ୍କ ନିମନ୍ତେ 50% ପ୍ରାପ୍ତ କରିବାର କୌଣସି ଆବଶ୍ୟକତା ନାହିଁ), (**କିମ୍ବା**) ମାନ୍ୟତା ପ୍ରାପ୍ତ ବୋର୍ଡରୁ ମାଟ୍ରିକ୍ ପାସ୍ କିମ୍ବା ଅନୁରୂପ ତଥା ଏଥିସହିତ ITI ପ୍ରମାଣପତ୍ରଧାରୀ ପ୍ରାର୍ଥୀମାନେ ମଧ୍ୟ ଟେକ୍‌ନିକାଲ ବର୍ଗରେ ନିଯୁକ୍ତି ନିମନ୍ତେ ଦରଖାସ୍ତ କରିପାରିବେ ।
4. **ଗ୍ରେଡ୍ ପେ ଟ.1,800/- (ଲେଭେଲ-1) ରେ ଥିବା ପଦବୀ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା** : ଏକ ମାନ୍ୟତାପ୍ରାପ୍ତ ବୋର୍ଡରୁ 10th ଷ୍ଟାଣ୍ଡାର୍ଡ କିମ୍ବା ITI କିମ୍ବା ଏହାର ଅନୁରୂପ ପରୀକ୍ଷାରେ ଉତ୍ତୀର୍ଣ୍ଣ କିମ୍ବା NCVT ଦ୍ୱାରା ସ୍ୱୀକୃତ ନାସନାଲ ଅପ୍ରେଣ୍ଟିସ୍‌ସିପ୍ ସାର୍ଟିଫିକେଟ(NAC), କିମ୍ବା 10th ଉତ୍ତୀର୍ଣ୍ଣ ସହିତ ITI ।
5. **ଗ୍ରେଡ୍ ପେ ଟ.1,900/- (ଲେଭେଲ-2)ରେ ଥିବା ପଦବୀ ନିମନ୍ତେ ବୟସ ସୀମା** : ତା.01.01.2019ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 30 ବର୍ଷ UR (ଅସଂରକ୍ଷିତ ବର୍ଗ) ନିମନ୍ତେ, 33 ବର୍ଷ OBC (ଅନ୍ୟ ପଛୁଆ ବର୍ଗ) ନିମନ୍ତେ ଏବଂ 35 ବର୍ଷ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି (SC/ST) ବର୍ଗ ନିମନ୍ତେ ।
6. **ଗ୍ରେଡ୍ ପେ ଟ.1,800/- (ଲେଭେଲ-1) ଥିବା ପଦବୀ ନିମନ୍ତେ ବୟସ ସୀମା** : ତା.01.01.2019 ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 33 ବର୍ଷ UR (ଅସଂରକ୍ଷିତ ବର୍ଗ) ନିମନ୍ତେ, 36 ବର୍ଷ OBC (ଅନ୍ୟ ପଛୁଆ ବର୍ଗ) ନିମନ୍ତେ କିମ୍ବା 38 ବର୍ଷ ଅନୁସୂଚିତ ଜାତି / ଅନୁସୂଚିତ ଜନଜାତି (SC/ST) ବର୍ଗ ନିମନ୍ତେ ।

ଅନ୍ୟ ସଂପୂର୍ଣ୍ଣ ବିବରଣୀ ତଥା ଦରଖାସ୍ତ ଫର୍ମ ନିମନ୍ତେ ଦୟାକରି ତା.27.10.2018 ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍ କିମ୍ବା ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ : www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

PR - 368/J/18-19 | ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ



ଧରିତ୍ରୀ DHARITRI
Quiz No. 13
**Puja Quiz- 2018**
Main Sponsor: TVS
Co-Sponsors: CENTRAL, Nikon
☑ Tick mark the box which is correct
୧. କେରଳର ଇଦୁକି ଡ୍ୟାମ୍ କେଉଁ ନଦୀ ଉପରେ ନିର୍ମାଣ କରାଯାଇଛି ?
କ. ପାମ୍ବା ☐ ଖ. ପେରିୟାର ☐ ଗ. ଗୋଦାବରୀ ☐ ଘ. କେଉଁଟି ନୁହେଁ ☐
୨. ୧୨୦୬ ମସିହାରେ କିଏ ଦାସ ପ୍ରଥାକୁ ପ୍ରଚଳନ କରିଥିଲେ ?
କ. ଇଲତୁତ୍‌ମିସ୍ ☐ ଖ. ରେଜିଆ ସୁଲତାନ ☐ ଗ. କୁତବୁଦ୍ଦିନ୍ ଆଇବାକ୍ ☐ ଘ. କେଉଁଟି ନୁହେଁ ☐
୩. କ୍ଷେତ୍ରଫଳ ଅନୁଯାୟୀ କେଉଁ ମହାଦେଶ ସବୁଠାରୁ ଛୋଟ ?
କ. ଦକ୍ଷିଣ ଆମେରିକା ☐ ଖ. ଏସିଆ ☐ ଗ. ଅଷ୍ଟ୍ରେଲିଆ ☐ ଘ. କେଉଁଟି ନୁହେଁ ☐
୪. ନିମ୍ନ ମଧ୍ୟରୁ ସବୁଠାରୁ ଉତ୍କୃଷ୍ଟ ବିଦ୍ୟୁତ୍ ସୁପରିବାହୀ କେଉଁଟି ?
କ. ଡିଷ୍ଟିଲ ଜଳ ☐ ଖ. ସାଲାଇନ୍ ଜଳ ☐ ଗ. ସାଧାରଣ ଜଳ ☐ ଘ. କେଉଁଟି ନୁହେଁ ☐
୫. ହଳଦୀଘାଟ ଯୁଦ୍ଧ କେବେ ହୋଇଥିଲା ?
କ. ୧୫୭୬ ☐ ଖ. ୧୫୭୭ ☐ ଗ. ୧୫୭୯ ☐ ଘ. କେଉଁଟି ନୁହେଁ ☐

Participant's Name:..........
Address:..........
Education ..........
Mobile.......... Age:..........
E-mail:..........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

**Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,**
**Consolation Prizes : Gift Vouchers from CENTRAL, Digital Cameras from NIKON**
**Cut this coupon and send it to the following address:**
**DHARITRI Puja Quiz No. 13**
**B-15, Industrial Estate, Rasulgarh, Bhubaneswar-10**





## ସୁନ୍ଦରୀ ପାଇଁ ଜଙ୍ଗଲରେ ମଇଁଷି ଥୋପ

# ପହଞ୍ଚିଲେ ମଧ୍ୟପ୍ରଦେଶ ଟ୍ରାଙ୍କୁଲାଇଜିଂ ଟିମ୍

ବନ୍ତଲା/ ଅନୁଗୋଳ ଅଫିସ ୨୬।୧୦

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ଖେଳାଉଥିବା ବାଘୁଣୀ ସୁନ୍ଦରୀକୁ ଧରିବାକୁ ବନ ବିଭାଗ ନୂଆ ପଦକ୍ଷେପ ନେଇଛି। ପୂର୍ବରୁ ଯନ୍ତା ବସାଯାଇ ଛେଳି ବନ୍ଧା ଯାଉଥିବା ବେଳେ ଶୁକ୍ରବାର ଛେଳି ପରିବର୍ତ୍ତେ ବିଭାଗ ମଇଁଷି ଥୋପ ଦେଇଛି। ସେହିପରି ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବାକୁ ମଧ୍ୟପ୍ରଦେଶର ବାନ୍ଧବଗଡ଼ ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପରୁ ଦୁଇ ବିଶେଷଜ୍ଞ ଡ.ସନ୍ଦିପ ଅଗ୍ରୱାଲା ଓ ଅଖିଳେଶ ମିଶ୍ର ଅନୁଗୋଳରେ ପହଞ୍ଚିଛନ୍ତି। ଶନିବାର ସମ୍ପୃକ୍ତ ଦୁଇ ବିଶେଷଜ୍ଞ ଟ୍ରାଙ୍କୁଲାଇଜ ପାଇଁ ଜଙ୍ଗଲକୁ ଯିବେ ବୋଲି ବନ ବିଭାଗ ସୂଚନା ଦେଇଛି। ବନ ବିଭାଗର କହିବା ଅନୁଯାୟୀ, ସୁନ୍ଦରୀ କେତେବେଳେ ବୁଦା ମୂଳେ ଲୁଚି ଯାଉଛି ତ ଆଉ କେତେବେଳେ ପାହାଡ଼ ଉପରକୁ ଚଢ଼ିଯାଉଛି। ଏପରି କି ଟ୍ରାଙ୍କୁଲାଇଜିଂ ଟିମ୍ ଆଖ ପାଖରେ ଘୂରି ବୁଲୁଥିଲେ ବି ହାବୁଡ଼ରେ ପଡୁନି। ମଧ୍ୟାହ୍ନରେ ଗୋଟିଏ ଟିମ୍ ବାଘମୁଣ୍ଡ ନେଚର କ୍ୟାମ୍ପରେ ବିଶ୍ରାମ ନେଇ ସନ୍ଧ୍ୟାରେ ଜଙ୍ଗଲକୁ ଯାଇଛି। ଡବ୍ଲ୍ୟୁଆଇଆଇ ଟିମ୍ କୋଠଭୂଇଁ ପଞ୍ଚାୟତ କୁମୁରୀ ବାଘମୁଣ୍ଡା ଗାଁ ନିକଟ, ଟାଇଁସି କମ୍ପାର୍ଟମେଣ୍ଟ ନଂ.୨, କୁଟୁଣ୍ଡା ଭୁଗୁରା ଠାରେ ମଇଁଷି ବାନ୍ଧି ଜଗି ରହିଛି। ଏଥିସହିତ ସୁନାବେଡ଼ାରୁ ଏକ ଉନ୍ନତମାନର ଯନ୍ତା ଅଣାଯାଇଛି। ଉକ୍ତ ଯନ୍ତାରେ ପୂର୍ବରୁ ୨ଟି କଲରାପତରିଆ ବାଘ ଧରାଯାଇଥିଲା। ରାତିରେ ଯନ୍ତାକୁ ବାଘମୁଣ୍ଡାକୁ ନିଆଯାଇଛି। ପୁରୁଣାକୋଟ ଥାନା ଅଧିକାରୀଙ୍କ ସହ ପୋଲିସ କର୍ମଚାରୀ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।






ଆମେ ଖେଳ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ
-ଅକ୍ଷୟ କୁମାର, ବଲିଉଡ୍ ଅଭିନେତା।

# ମହାକାଶକୁ ମାନବ ପଠାଇବ 'ଇସ୍ରୋ'



**ଗୋରଖପୁର:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପ୍ରଥମ ଥର ପାଇଁ ୨୦୨୨ ସୁଦ୍ଧା ମହାକାଶକୁ ମାନବ ପଠାଇବ। ଏହାର ଅଭିଳଷିତ ପ୍ରକଳ୍ପ 'ଚନ୍ଦ୍ରଯାନ-୨' ୨୦୧୯ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ବୋଲି ସେ ପ୍ରକାଶ କରିଛନ୍ତି। ଡିଡିୟୁ ଗୋରଖପୁର ୟୁନିଭର୍ସିଟିର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଇସ୍ରୋ ଚେୟାରମ୍ୟାନ୍ କେ. ଶିବନ୍ ଏହା ପ୍ରକାଶ କରିଛନ୍ତି। ସେ କହିଲେ, ୨୦୨୧ ଶେଷ କିମ୍ବା ୨୦୨୨ ପ୍ରାରମ୍ଭରେ ମହାକାଶକୁ ମାନବ ପଠାଇବା ଲାଗି ସମୟସୀମା ଧାର୍ଯ୍ୟ ହୋଇଛି। ଆସନ୍ତା ବର୍ଷ ଜାନୁୟାରୀ କିମ୍ବା ଫେବୃୟାରୀ ସୁଦ୍ଧା ଚନ୍ଦ୍ରଯାନ ୨ ଚନ୍ଦ୍ରକୁ ପଠାଯିବ। ଏହାର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯଦ୍ଦ୍ୱାରା ଏହା ଚନ୍ଦ୍ରପୃଷ୍ଠରେ ଅତି ସନ୍ତର୍ପଣରେ ଅବତରଣ କରିବ ଏବଂ ବ୍ୟାପକ ପର୍ଯ୍ୟବେକ୍ଷଣ ଜାରି ରଖିବ। ଇତିପୂର୍ବରୁ ଇସ୍ରୋର ବୈଜ୍ଞାନିକମାନେ ଆସନ୍ତା ୬ ମାସ ମଧ୍ୟରେ ୩ରୁ ୬ଟି ସାଟେଲାଇଟ୍ ଲଞ୍ଚ୍ କରିବେ। ଯୋଗାଯୋଗ, ନୌପରିବହନ ଏବଂ ମହାକାଶ ବିଜ୍ଞାନ ଆଦି କ୍ଷେତ୍ରରେ ଇସ୍ରୋ ରାଷ୍ଟ୍ରସେବାରେ ବ୍ରତୀ ରହିଛି ବୋଲି ସେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଡିଜିଟାଲ୍ ଇଣ୍ଡିଆ ମିଶନ୍ ଅଧୀନରେ ଇସ୍ରୋ ୪ଟି କମ୍ୟୁନିକେଶନ୍ ସାଟେଲାଇଟ୍ ଲଞ୍ଚ୍ କରିବ। ଏହାଦ୍ୱାରା ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳରେ ୧୦୦ଜିବିପିଏସ୍ ବିଶିଷ୍ଟ ଉଚ୍ଚକ୍ଷମତାସମ୍ପନ୍ନ ଡାଟା ଯୋଗାଇ ଦିଆଯାଇପାରିବ। ତନ୍ମଧ୍ୟରୁ ଚଳିତବର୍ଷ ଗୋଟିଏ ଲଞ୍ଚ୍ କରାଯାଇ ସାରିଥିବା ବେଳେ ଅନ୍ୟ ୩ଟି ନଭେମ୍ବର, ଡିସେମ୍ବର ଏବଂ ଆସନ୍ତା ବର୍ଷ ପ୍ରାରମ୍ଭରେ ଲଞ୍ଚ୍ କରାଯିବ ବୋଲି ଶିବନ୍ ପ୍ରକାଶ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦୁର୍ଜନ ସଙ୍ଗେ ସଙ୍ଗିତା
କାଷ୍ଠ ଘଣ୍ଟ ଲମ୍ବିତା ।**

ସୁପୁରୁଷ ବା ଉତ୍ତମ ସ୍ୱଭାବ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା ଜୀବନକୁ ଠିକ୍ ମାର୍ଗରେ ପରିଚାଳିତ କରାଇବାରେ ସହାୟକ ହୋଇଥାଏ। କୂଟକପଟ ଜାଣି ନ ଥିବା ଏପରି ବ୍ୟକ୍ତି ଭଲମନ୍ଦ ବିଷୟରେ ଅବଗତ କରାଇବା ସହ ସେମାନଙ୍କ ସୁପରାମର୍ଶ ଅନେକ ପ୍ରକାର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ-ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟ ଅର୍ଜିବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦିହରେ ମାରିଛି ବହୁତ ଛାପ
ଭିତରେ କରୁଛି ଅମାପ ପାପ ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତା ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ଠକାମିର ଶିକାର ହୋଇଯାଇଥାନ୍ତି। ଉପରକୁ ସାଧୁତାର ବେଶ୍ ଧାରଣ କରି ଭିତରେ ଭିତରେ ନାନା କୁକାର୍ଯ୍ୟ କରିବସୁଥିବା ଏପରି ଅନ୍ତକପଟୀ ବ୍ୟକ୍ତିଙ୍କର ମନ୍ଦ ଆଚରଣ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୧୭.୮ |
| ଚାନ୍ଦବାଲି | ୩୦.୮ | ୨୦.୪ |
| କଟକ | ୩୨.୫ | ୧୭.୬ |
| ପାରାଦ୍ୱୀପ | ୩୨.୦ | ୨୧.୨ |
| ଭୁବନେଶ୍ୱର | ୩୩.୪ | ୧୭.୧ |
| ଗୋପାଳପୁର | ୩୩.୫ | ୨୦.୧ |
| ପୁରୀ | ୩୨.୭ | ୨୨.୪ |
| ଅନୁଗୋଳ | ୩୨.୧ | ୧୫.୦ |
| ବାରିପଦା | ୨୯.୬ | ୧୭.୨ |
| ଝାରସୁଗୁଡ଼ା | ୩୩.୮ | ୧୫.୬ |
| କେନ୍ଦୁଝର | ୨୯.୮ | ୧୯.୮ |
| ସମ୍ବଲପୁର | ୩୪.୫ | ୨୧.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୩ | ୧୭.୪ |
| ତାଳଚେର | ୩୫.୧ | ୧୭.୩ |
| ଭବାନୀପାଟଣା | ୩୦.୪ | ୧୪.୦ |
| ବଲାଙ୍ଗୀର | ୩୨.୭ | ୧୬.୫ |
| କୋରାପୁଟ | ୩୦.୬ | ୧୩.୬ |
| ଫୁଲବାଣୀ | ୩୧.୫ | ୧୮.୨ |
| ଚିଲିକାଗଡ଼ | --- | ୧୫.୦ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୩.୦ | ୧୫.୦ |
| ଦାରିଙ୍ଗିବାଡ଼ି | ୨୮.୫ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସମଲିଙ୍ଗୀ ପେଙ୍ଗୁଇନ୍



**ସିଡ୍‌ନୀ:** ଦୁଇଟି ଅଣ୍ଡିରା ପେଙ୍ଗୁଇନ୍ ଏକତ୍ର ବାସ କରୁଥିବାରୁ ସେମାନଙ୍କୁ 'ସମଲିଙ୍ଗୀ ଦମ୍ପତି' ଆଖ୍ୟା ଦିଆଯାଇଛି। ଅଷ୍ଟ୍ରେଲିଆର ଏକ ଆକ୍ୱାରିୟମ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ଏପରି କି ସେମାନେ ଗୋଟିଏ ଅଣ୍ଡାକୁ ଉଷୁମ କରି ଛୁଆ ଫୁଟେଇପାରିଛନ୍ତି। ସ୍ୱେନ୍ ଏବଂ ମେଜିକ୍ ନାମକ ଦୁଇଟି ପେଙ୍ଗୁଇନ୍ ଅକ୍ଟୋବର ୧୯ରେ ଅଣ୍ଡାରୁ ଫୁଟି ବାହାରିଥିବା ଛୁଆର ବେଶ୍ ଯତ୍ନ ନେଉଛନ୍ତି। ଦୁଇ ପେଙ୍ଗୁଇନ୍ ଏକତ୍ର ଚାଲିବା ଏବଂ ପହଁରିବା ସମୟରେ ଆକ୍ୱାରିୟମ୍ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ସେମାନେ ନିଜର ସ୍ୱତନ୍ତ୍ର ସ୍ୱର ଏବଂ ସଙ୍ଗୀତ ଦ୍ୱାରା ପରସ୍ପରକୁ ଚିହ୍ନିପାରନ୍ତି।

## ଭଲ କାହାଣୀକୁ ଖୁବ୍ ପସନ୍ଦ କରେ




**ନୂଆଦିଲ୍ଲୀ:** ଦୀର୍ଘ ୧୦ବର୍ଷର ଅଭିନୟ ଜୀବନରେ ରାଧିକାଙ୍କ ନିଖୁଣ ପ୍ରଦର୍ଶନ ଦର୍ଶକଙ୍କୁ ଆକୃଷ୍ଟ କରିପାରିଛି। ସେ ସବୁବେଳେ ତାଙ୍କ କାର୍ଯ୍ୟରେ ଚମତ୍କାରିତା ଦେଖାଇବାକୁ ଚାହାନ୍ତି। କାରଣ ସେ ବୁଝନ୍ତି 'ଯେ କୌଣସି କାର୍ଯ୍ୟ କଷ୍ଟକର ହେଲେ ବି ତାକୁ ସ୍ୱାଗତ କରିବା ଆବଶ୍ୟକ। ପ୍ରତ୍ୟେକ ପ୍ରୋଜେକ୍ଟ ଚ୍ୟାଲେଞ୍ଜ ସୃଷ୍ଟିକାରୀ ହୋଇଥିଲେ ବି ସାହସର ସହିତ ଏହା କରିବା ଉଚିତ। କାରଣ ଗୁଣାତ୍ମକ କାର୍ଯ୍ୟ କରିବା ତାଙ୍କର ସବୁବେଳେ ଲକ୍ଷ୍ୟ ବୋଲି ସେ କହିଛନ୍ତି। 'ପାର୍ଚଡ' ଏବଂ 'ପ୍ୟାଡ୍‌ମ୍ୟାନ୍' ଭଳି ଅନେକ ସାମାଜିକ ସମସ୍ୟା-ଭିତ୍ତିକ ଫିଲ୍ମରେ ସେ ଅଭିନୟ କରିଛନ୍ତି। ଫିଲ୍ମ 'ପ୍ୟାଡ୍‌ମ୍ୟାନ୍' କେବଳ ସାମାଜିକ ବାର୍ତ୍ତା ବହନ କରେନାହିଁ, ଏହା ଭଲ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମରେ ମହିଳାଙ୍କ ମାସିକ ଧର୍ମକାଳୀନ ସ୍ୱାସ୍ଥ୍ୟସୁରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗ ଉପରେ ସେ ଯେଉଁ ମୁକ୍ତସ୍ୱର ଉଠାଇଛନ୍ତି ତାହା ବେଶ୍ ପ୍ରଣିଧାନଯୋଗ୍ୟ। ସେ କହନ୍ତି, ଏହା ଏପରି କାହାଣୀ ଯାହା ତାଙ୍କ ନିଜକୁ ମଧ୍ୟ ଆକର୍ଷଣ କରେ। ସେ ଭଲ କାହାଣୀ ଆଧାରିତ ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାନ୍ତି ବୋଲି ପ୍ରକାଶ କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଇତିହାସର ଆଇନାରେ — ଅକ୍ଟୋବର ୨୭ର ପ୍ରମୁଖ ଘଟଣା

୧୯୯୧ ଅକ୍ଟୋବର ୨୭ରେ ସୋଭିଏଟ୍ ୟୁନିୟନ ଠାରୁ ତୁର୍କମେନିସ୍ତାନ ସ୍ୱାଧୀନ ହୋଇଥିଲା। ତୁର୍କମେନିସ୍ତାନ ପୂର୍ବରୁ ତୁର୍କମେନିଆ ନାମରେ ପରିଚିତ ଥିଲା। ଏହାର ପାଖକୁ ଉତ୍ତର ପଶ୍ଚିମରେ କାଜାକସ୍ତାନ ଏବଂ ଉତ୍ତର ଦିଗରେ ରହିଛି ଆଫଗାନିସ୍ତାନ। ୧୮୮୧ରେ ରୁଷ ଏହାକୁ ଦଖଲ କରି ପରାଧୀନ ରଖିଥିଲା। ୧୯୨୫ରେ ତୁର୍କମେନିସ୍ତାନ ସୋଭିଏଟ୍ ସଂଘର ସଦସ୍ୟ ହୋଇଥିଲା।

୧୯୯୯ ଅକ୍ଟୋବର ୨୭ରେ ଅର୍ମେନିଆ ସଂସଦରେ ଗୁଳିକାଣ୍ଡ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଭାଜେନ୍ ସାର୍ଗସିୟାନ ଏବଂ ଅଧ୍ୟକ୍ଷ କାରେନ୍ ଡେମିର୍ଚାନ ଏବଂ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଭାଜେନ୍ ୧୯୯୧ରୁ ୧୯୯୨ ଏବଂ ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଥିଲେ।

## ଆଇଏମ୍‌ଡିର 'ସାଇକ୍ଲୋନ୍ ମ୍ୟାନ୍'

**ନୂଆଦିଲ୍ଲୀ:** ପ୍ରତିବର୍ଷ ଅକ୍ଟୋବର-ନଭେମ୍ବର ମାସରେ ଓଡିଶା ଓ ଆନ୍ଧ୍ରପ୍ରଦେଶର ଉପକୂଳ ବାସିନ୍ଦା ବାତ୍ୟାର ଭୟାବହତାକୁ ସାମ୍ନା କରିଆସୁଛନ୍ତି। ତେବେ ଏ ସମ୍ପର୍କିତ ସୂଚନା ଦେବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଥିବା ବ୍ୟକ୍ତିଜଣକ ହେଉଛନ୍ତି ଓଡିଶାର ଭଦ୍ରକ ବାସିନ୍ଦା ମୃତ୍ୟୁଞ୍ଜୟ ମହାପାତ୍ର। ସେ ଦୀର୍ଘ ୧୩ ବର୍ଷ ହେଲା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ଏଡିଜି ଭାବେ ସ୍ୱତନ୍ତ୍ର ଭାବରେ ଝଡବାତ୍ୟାର ପ୍ରାକ୍ ସୂଚନା ଦେବା ସହିତ ଏହାର ବ୍ୟାପକତାକୁ ଅନୁଧ୍ୟାନ କରି ଆସୁଛନ୍ତି। ତାଙ୍କୁ ଇଣ୍ଡିଆର 'ସାଇକ୍ଲୋନ୍ ମ୍ୟାନ୍' ଆଖ୍ୟା ଦିଆଯାଇଛି। ସେ ଚଳିତବର୍ଷର 'ତିତ୍‌ଲି ବାତ୍ୟା'ର ଭୟାବହତାକୁ ମଧ୍ୟ ଅନୁଭବ କରିଛନ୍ତି।

ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍‌କୁ ଏହାର ନିର୍ଭୁଲ ସୂଚନା ପ୍ରଦାନ ପାଇଁ ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ ପ୍ରଶଂସା କରାଯାଇଛି।

# CLASSIFIED DISPLAY

ALL EDITION-B/W (Every Day) — For Booking Contact: 0674-2580385, 7894447131, 7894447148, 9437038266, 7894447166

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ
ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

SMS JOB
Send SMS. Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Financial Services, Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 - 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ଗୁଜରାଟରେ ଶ୍ରମିକମାନଙ୍କ ଉପରେ ଆକ୍ରମଣ ହେଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ ରହିଥିଲେ। ଏହି ‘ନମକ୍ ହାରାମ୍’ କ୍ୟାପଟେନ୍ ଏଥିପାଇଁ ଲଜ୍ଜିତ ହେ
-ଜିଗ୍ନେଶ ମେୱାନୀ, ଦଳିତ ନେତା ତଥା ଗୁଜରାଟ ବିଧାୟକ

## ସଂକ୍ଷେପରେ

### ସିବିଆଇ ଜାଲରେ ଦାତି ମହାରାଜ



ନୂଆଦିଲ୍ଲୀ,୨୬।୧୦(ପି.ଟି.): ବଳାତ୍କାର ଓ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ ଭଳି ସଙ୍ଗିନ ମାମଲାରେ ଅଭିଯୁକ୍ତ ଥିବା ବିବାଦୀୟ ଧର୍ମଗୁରୁ ଦାତି ମହାରାଜଙ୍କ ଅଡୁଆ ବଢ଼ିଲା। ତାଙ୍କ ନାଁରେ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲା ରୁଜୁ କରିଥିବା ଶୁକ୍ରବାର ଜଣାପଡ଼ିଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ବ୍ୟଭିଚାରୀ ପ୍ରବାଚକଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ତଦନ୍ତ ଚଳାଇଛି। ଦାତି ମହାରାଜ ଓରଫ୍ ଦାତି ମଦନଲାଲଙ୍କ ବିରୋଧରେ ଜଣେ ମହିଳା ମୁହଁ ଖୋଲିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଦକ୍ଷିଣ ଦିଲ୍ଲୀର ଫତେପୁର ବେରି ଥାନାରେ ପୀଡ଼ିତା ଜଣକ ଦାତି, ତାଙ୍କ ତିନିଭାଇ ଏବଂ ଜଣେ ମହିଳାଙ୍କ ନାଁରେ ଏତଲା ଦାଏର କରିଥିଲେ। ଦିଲ୍ଲୀ ଓ ରାଜସ୍ଥାନସ୍ଥିତ ଆଶ୍ରମରେ ମହିଳା ଅନୁଗାମୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ଆସିବା ପରେ ଜୁନ୍ ୨୨ରେ ଦାତିଙ୍କୁ ପୋଲିସ ଜେରା କରିଥିଲା। କିନ୍ତୁ ସେ ନିଜକୁ ନିର୍ଦ୍ଦୋଷ ବୋଲି ସଫେଇ ଦେଇଥିଲେ। ସିବିଆଇରେ ରାତି ଅଧିଆ ଡ୍ରାମା ଘଟି ନିର୍ଦ୍ଦେଶକ ପଦରୁ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦରୁ ରାକେଶ ଅସ୍ଥାନାଙ୍କୁ ହଟାଇଦିଆଯିବା ପରେ ତଦନ୍ତ ସଂସ୍ଥା ପ୍ରଥମ କରି ଏହି ମାମଲା ରୁଜୁ କରିଛି।

### ୨ ଆତଙ୍କବାଦୀ ନିହତ, ଯବାନ ଶହୀଦ

ଶ୍ରୀନଗର,୨୬।୧୦(ପି.ଟି.): ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ସୋପୋର ଅଞ୍ଚଳରେ ଆତଙ୍କବାଦୀ ଦମନ ଅଭିଯାନରେ ସୁରକ୍ଷାବାହିନୀକୁ ସଫଳତା ମିଳିଛି। ଶୁକ୍ରବାର ଏଠାରେ ଏନ୍‌କାଉଣ୍ଟର ଘଟି ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ସମୟରେ ଜଣେ ସେନା ଯବାନ ମଧ ଶହୀଦ ହୋଇଛନ୍ତି। ଶ୍ରୀନଗରରେ ଅବସ୍ଥାପିତ ପ୍ରତିରକ୍ଷା ମୁଖପାତ୍ର କଲୋନେଲ ରାଜେଶ କାଲିଆ ସଦ୍ୟ ଦମନ ଅଭିଯାନ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସୋପୋରର ପାଜଲପୋରା ଗ୍ରାମରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଏନ୍‌କାଉଣ୍ଟର। ଉଭୟ ପଟୁ ଘମାଘୋଟ ଗୁଳି ବିନିମୟ ହେବା ପରେ ୨ ଆତଙ୍କବାଦୀ ଟଳିପଡ଼ିଥିଲେ। ନିହତ ଆତଙ୍କବାଦୀମାନେ କେଉଁ ସଙ୍ଗଠନର ସଦସ୍ୟ ଥିଲେ, ତାହା ଜଣାପଡ଼ି ନାହିଁ ବୋଲି କଲୋନେଲ୍ କାଲିଆ କହିଛନ୍ତି।

### ବାଣ କାରଖାନାରେ ବିସ୍ଫୋରଣ: ୮ ମୃତ

ବଦାଉଁ,୨୬।୧୦(ପି.ଟି.): ଉତ୍ତରପ୍ରଦେଶ (ୟୁପି)ର ବଦାଉଁ ଜିଲାରେ ଶୁକ୍ରବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଛି। ଏଥିଯୋଗୁ ୮ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସିଭିଲ୍ ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମରେ ଥିବା ଉକ୍ତ କାରଖାନାରେ ଅପରାହ୍ନ ୪ଟାରେ ଏହି ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ହସ୍ପିଟାଲରେ ଆଖି ବୁଜିଛନ୍ତି ବୋଲି ବଦାଉଁର ବରିଷ୍ଠ ଏସ୍‌ପି ଅଶୋକ କୁମାର କହିଛନ୍ତି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖରେ ଥିବା ଲୋକେ ଏବଂ ପଥଚାରୀ ମଧ୍ୟ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ପଥଚାରୀ ଅଛନ୍ତି। ଏହି ଘଟଣା ବିଷୟରେ ସୂଚନା ପାଇବା ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜିଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ନାଗେଶ୍ୱରଙ୍କ ପକ୍ଷଚ୍ଛେଦନ

ନୂଆଦିଲ୍ଲୀ,୨୬।୧୦(ପି.ଟି.)



■ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର, କଂଗ୍ରେସର ସ୍ୱାଗତ
■ସିଜରଙ୍କ ସ୍ତ୍ରୀ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଜରୁରୀ: ଜେଟ୍‌ଲୀ
■ଆଇନର ଶାସନ ଆଗରେ ଫେଲ୍ ମାରିଛି ମୋଦିଙ୍କ ଶାସନ: ସୁର୍ଜେୱାଲା

ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଏମ୍. ନାଗେଶ୍ୱର ରାଓଙ୍କୁ ଶୁକ୍ରବାର ଲାଗିଛି ସୁପ୍ରିମକୋର୍ଟ ଝଟକା। ନାଗେଶ୍ୱରଙ୍କ କୌଣସି ବଡ଼ଧରଣର କିମ୍ବା ନୀତିଗତ ନିଷ୍ପତ୍ତି ନେବା ଉପରେ ସର୍ବୋଚ୍ଚ ଅଦାଲତ ରୋକ ଲଗାଇଛନ୍ତି। ଅକ୍ଟୋବର ୨୩ରୁ ଅଦ୍ୟାବଧି ସେ ନେଇଥିବା ନିଷ୍ପତ୍ତିଗୁଡ଼ିକୁ ସୁପ୍ରିମକୋର୍ଟରେ ଉପସ୍ଥାପନ କରାଯିବ। ତଦନ୍ତ ଭାର ଅଦଳବଦଳ ଏବଂ ତଦନ୍ତକାରୀ ଅଧିକାରୀଙ୍କ ବଦଳି ସମ୍ପର୍କିତ ତାଙ୍କର ସବୁ ନିଷ୍ପତ୍ତି ବନ୍ଦ ଲଫାପାରେ ନଭେମ୍ବର ୧୨ରେ ଅଦାଲତରେ ଦାଖଲ କରାଯିବ। ସୁପ୍ରିମକୋର୍ଟ ସେଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି।

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ଅହମିକାର ଲଢ଼େଇ ଚରମ ସୀମାରେ ପହଞ୍ଚିବା ପରେ ବିବାଦ ଉଠିଥିଲା। କେନ୍ଦ୍ର ସରକାର ଉଭୟଙ୍କୁ କାର୍ଯ୍ୟରୁ ଅପସାରିତ କରି ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି। ଏହାସହ ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର ତଥା ଯୁଗ୍ମ ନିର୍ଦ୍ଦେଶକ ନାଗେଶ୍ୱରଙ୍କୁ ଗତ ୨୩ରେ ସିବିଆଇର ଅନ୍ତରୀଣ ମୁଖ୍ୟ ଭାବେ ଦାୟିତ୍ୱ ଦେଇଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତି ବିରୋଧରେ ବର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ମାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ମଧ୍ୟ ଏକାଧିକ ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ନାଗେଶ୍ୱର କେବଳ ସିବିଆଇକୁ କାର୍ଯ୍ୟକ୍ଷମ କରିବା ପାଇଁ ଜରୁରୀ ପଦକ୍ଷେପ ନେବେ। ସେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ତାଙ୍କର ପକ୍ଷଚ୍ଛେଦନ କରିଛନ୍ତି। ଏହାକୁ ଉଭୟ କେନ୍ଦ୍ର ସରକାର ଓ କଂଗ୍ରେସ ନିଜ ନିଜ ସପକ୍ଷରେ ରାୟ ଭାବେ ଅଭିହିତ କରି ସ୍ୱାଗତ କରିଛନ୍ତି।

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଉଚିତ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି। ଜେଟ୍‌ଲୀ କହିଛନ୍ତି, ନିକଟରେ ସିବିଆଇ କରିଡରର ଘଟଣାକ୍ରମ ତଦନ୍ତକାରୀ ସଂସ୍ଥାର ମର୍ଯ୍ୟାଦାହାନି କରିଛି। ଏହି ପରିପ୍ରେକ୍ଷୀରେ ସମୟବଦ୍ଧ ଭାବେ ତାଙ୍କ ବିରୋଧରେ ତଦନ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେବା ଅତ୍ୟନ୍ତ ସକାରାତ୍ମକ ପଦକ୍ଷେପ। ଦେଶର ହିତ ଲାଗି ସତ ସାମ୍ନାକୁ ଆଣିବା ପାଇଁ ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇର ସମସ୍ତ ବରିଷ୍ଠ ଅଧିକାରୀ, ବିଶେଷକରି ଦୁଇ ମୁଖିଆ ଆଲୋକ ବର୍ମା ଓ ରାକେଶ ଅସ୍ଥାନା ଜୁଲିଅସ୍ ସିଜରଙ୍କ ସ୍ତ୍ରୀଙ୍କ ସଦୃଶ। ସେମାନେ ସବୁବେଳେ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଜରୁରୀ। ଅନ୍ୟପକ୍ଷରେ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବିଫଳ ସରକାର ଉପରେ ଟିପ୍ପଣୀ ସଦୃଶ। ଆଜି ଆଇନର ଶାସନ ଆଗରେ ମୋଦିଙ୍କ ଶାସନ ଫେଲ୍ ମାରିଛି। ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କବ୍‌ଜା କରିବା ପାଇଁ ମୋଦି ସରକାରଙ୍କ ଉଦ୍ୟମ ବିଫଳ ହୋଇଛି। ୨୦୧୯ରେ ମୋଦିଙ୍କ ଖରାପ ସରକାରଙ୍କ ଅବଧି ଶେଷ ହେଉଛି ବୋଲି ଲୋକେ ତାଙ୍କୁ ଚେତାଇଦେବାକୁ ଯାଉଛନ୍ତି ବୋଲି ସୁର୍ଜେୱାଲା ସମାଲୋଚନା କରିଛନ୍ତି।

## ■ ସିବିଆଇ ଅଫିସ ଆଗରେ ବିକ୍ଷୋଭ: ରାହୁଲ ଗିରଫ
# ସତଠାରୁ ଲୁଚିପାରିବେନି ମୋଦି


ନୂଆଦିଲ୍ଲୀ,୨୬।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଟଙ୍କା ଲୁଟିଲେ। ସେ ଦୌଡ଼ି ସତଠାରୁ ପଳାୟନ କରିପାରିବେ। କିନ୍ତୁ ଲୁଚି ପାରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ପୁନଃ ଅବସ୍ଥାପିତ କରିବା ଦାବିରେ ଶୁକ୍ରବାର ସମସ୍ତ ରାଜ୍ୟରେ ଥିବା ତଦନ୍ତକାରୀ ସଂସ୍ଥାର ଅଫିସ ବାହାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇ ମୁଖ୍ୟାଳୟ ବାହାରେ ରାହୁଲ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।



ରାହୁଲ କହିଥିଲେ, ଆଲୋକ ରାଫେଲ ଚୁକ୍ତିର ତଦନ୍ତ କରୁଥିବାରୁ ଦୁର୍ନୀତି ଧରାପଡ଼ିଯିବା ଭୟରେ କେନ୍ଦ୍ର ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ‘ଚୌକିଦାର’ ମୋଦି ୩୦ ହଜାର କୋଟି ଟଙ୍କା ଅନିଲ ଅମ୍ବାନୀଙ୍କ ପକେଟରେ ଜମା କରିଛନ୍ତି। ସେ ଭାରତୀୟ ବାୟୁସେନା ଓ ଯୁବଗୋଷ୍ଠୀଙ୍କ ଟଙ୍କା ଚୋରି କରିଛନ୍ତି। ପ୍ରଧାନମନ୍ତ୍ରୀ ସତଠାରୁ ନିଜକୁ ଲୁଚାଇ ପାରିବେ ନାହିଁ ବୋଲି ରାହୁଲ ସମାଲୋଚନା କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏଥିରେ ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ, ସିପିଆଇ ନେତା ଡି. ରାଜା ଏବଂ ଟିଏମ୍‌ସିର ନଦିମୁଲ୍ ହକ୍ ମଧ୍ୟ ଯୋଗ ଦେଇଥିଲେ। ଭିଡ଼ ବଢ଼ିବାରେ ଲାଗିବାରୁ ପୋଲିସ ଏହା ଉପରେ କଡ଼ା ନଜର ରଖିଥିଲା। ପରେ ରାହୁଲଙ୍କୁ ପ୍ରତୀକାତ୍ମକ ଭାବେ ଗିରଫ କରି ଏକ ଟ୍ରକ୍‌ରେ ଲୋଧି କଲୋନି ଥାନାକୁ ନିଆଯାଇଥିଲା।

# ଟେକାମାଡ଼ରେ ଟଳିଲେ ଯବାନ



ଶ୍ରୀନଗର,୨୬।୧୦(ପି.ଟି.)

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଅପରେଶନ କରୁଥିବା ସୁରକ୍ଷାକର୍ମୀଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଟାର୍ଗେଟ କରୁଛନ୍ତି। ଟେକାମାଡ଼ କରି ସେମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି। ଅନନ୍ତନାଗ ଜିଲାରେ ଏଭଳି ସଦ୍ୟ ଏକ ଘଟଣା ଘଟିଛି। କଶ୍ମୀରୀ ଯୁବକଙ୍କ ଟେକାମାଡ଼ରେ ଶୁକ୍ରବାର ଏଠାରେ ସେନାର ଜଣେ ଯବାନ ପ୍ରାଣ ହରାଇଛନ୍ତି। ଶହୀଦ ଯବାନ ହେଉଛନ୍ତି ସିପାହି ରାଜେନ୍ଦ୍ର ସିଂ। ବର୍ଡର ରୋଡ୍‌ସ ଅର୍ଗାନାଇଜେଶନ (ବିଆର୍‌ଓ)କୁ ସୁରକ୍ଷା ଯୋଗାଉଥିବା ଏକ କ୍ୱିକ୍ ରିଆକ୍ସନ ଟିମ୍‌ରେ ସେ ସଦସ୍ୟ ଥିଲେ। ଗୁରୁବାର ସେ ନିଜ ଟିମ୍ ସହ ପାଟ୍ରୋଲିଂ କରୁଥିବାବେଳେ ଅନନ୍ତନାଗ ବାଇପାସ୍ ନିକଟରେ ସେମାନଙ୍କ ଉପରକୁ ସ୍ଥାନୀୟ ଯୁବକମାନେ ଆକ୍ରମଣ କରିଥିଲେ। ଯୁବକମାନେ ଟେକା ଫିଙ୍ଗିବାରୁ ତାହା ସିଂଙ୍କ ମୁଣ୍ଡରେ ବାଜି ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସେ ପ୍ରାଣ ହରାଇଛନ୍ତି। ଉତ୍ତରାଖଣ୍ଡର ବାଦେନା ଗ୍ରାମ ନିବାସୀ ସିଂ ୨୦୧୬ରେ ସେନାରେ ଯୋଗ ଦେଇଥିଲେ।

# ତୁଟିଲା ଭାଜପା-ଜେଡିୟୁ ଆସନ ବିବାଦ

ନୂଆଦିଲ୍ଲୀ,୨୬।୧୦(ପି.ଟି.)

## ସମାନ ସଂଖ୍ୟକ ଆସନରେ ଲଢ଼ିବେ ଦୁଇଦଳ



୨୦୧୯ ଲୋକ ସଭା ନିର୍ବାଚନ ପାଇଁ ଆସନ ବୁଝାମଣାକୁ କେନ୍ଦ୍ରକରି ବିହାରରେ ଭାଜପା ଏବଂ ଜେଡିୟୁ ମଧ୍ୟରେ ଲାଗିରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ଶୁକ୍ରବାର ଏକ ନୂଆ ମୋଡ଼ ନେଇଛି। ବିବାଦ ତୁଟାଇବା ଲାଗି ସମାଧାନର ବାଟ ବାହାର କରିଛି ଗୈରିକ ଦଳ। ଆଗାମୀ ନିର୍ବାଚନରେ ବିହାରରେ ଉଭୟ ଭାଜପା ଏବଂ ଜେଡିୟୁ ସମାନ ସଂଖ୍ୟକ ଆସନରେ ପ୍ରାର୍ଥୀ ଦେବେ। ଅନ୍ୟ ସହଯୋଗୀ ଦଳ ଏଲ୍‌ଜେପି ଏବଂ ଆର୍‌ଏଲଏସ୍‌ପିକୁ ମଧ୍ୟ ସେମାନଙ୍କ ପ୍ରଦର୍ଶନ ମୁତାବକ ଆସନ ମିଳିବ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଘୋଷଣା କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ସହ ମିଶି ଏକ ଖବରଦାତା ସମ୍ମିଳନୀରେ ଶାହ ଆସନ ବୁଝାମଣା ସମ୍ପର୍କରେ ସ୍ପଷ୍ଟମତ ରଖିଛନ୍ତି। ତେବେ କିଏ କେତେ ସଂଖ୍ୟକ ଆସନରେ ଲଢ଼ିବେ, ତାହା ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଘୋଷଣା ହେବ ବୋଲି ସେ କହିଛନ୍ତି। ରାମବିଳାସ ପାଶ୍ୱାନଙ୍କ ଦଳ ଏଲ୍‌ଜେପି ଏବଂ ଉପେନ୍ଦ୍ର କୁଶୱାହଙ୍କ ଆର୍‌ଏଲ୍‌ଏସ୍‌ପି ହେଉଛନ୍ତି ଶାସକ ଏନ୍‌ଡିଏର ଦୁଇ ପ୍ରମୁଖ ସହଯୋଗୀ। ଏହି ଦୁଇ ଦଳକୁ ମଧ୍ୟ ସନ୍ତୁଷ୍ଟ କରିବା ଭଳି ଆସନ ଦିଆଯିବ ବୋଲି ଭାଜପା ମୁଖ୍ୟ ସୂଚନା ଦେଇଛନ୍ତି।

# ନିଷିଦ୍ଧ ତାଲିକାରୁ ଜେୟୁଡି ବାଦ୍

ଇସ୍‌ଲାମାବାଦ,୨୬।୧୦(ପି.ଟି.)

## ହାଫିଜ୍ ସଇଦଙ୍କୁ ବଡ଼ ଧରଣର ଆଶ୍ୱସ୍ତି



ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦଙ୍କ ଜମାତ୍-ଉଦ୍-ଦାୱା (ଜେୟୁଡି) ଏବଂ ଫଲାହ-ଇ-ଇନ୍‌ସାନିୟତ୍ ଫାଉଣ୍ଡେଶନ (ଏଫ୍‌ଆଇଏଫ୍) ଆଉ ପାକିସ୍ତାନରେ ବେଆଇନ ସଙ୍ଗଠନ ଭାବେ ପରିଗଣିତ ହେବେ ନାହିଁ। ଜାତିସଂଘ ନିରାପତ୍ତା ପରିଷଦର ପ୍ରସ୍ତାବ ଅନୁଯାୟୀ ଏହି ସଙ୍ଗଠନ ବିରୋଧରେ ନିଷେଧାଦେଶ ଜାରି ଲାଗି ପାକିସ୍ତାନ ରାଷ୍ଟ୍ରପତି ଗୃହୀତ କରିଥିବା ଅଧ୍ୟାଦେଶ କାଟ୍ ଖାଇଯାଇଛି। ଇମ୍ରାନ୍ ଖାନ୍‌ଙ୍କ ନେତୃତ୍ୱାଧୀନ ପାକିସ୍ତାନର ନୂଆ ସରକାର ଅଧ୍ୟାଦେଶ ଅବଧି ବୃଦ୍ଧି ନ କରିବାରୁ ଏପରି ହୋଇଛି। ତେଣୁ ନିଷିଦ୍ଧ ତାଲିକାରେ ଜେୟୁଡି ଏବଂ ଏଫ୍‌ଆଇଏଫ୍ ରହିବ ନାହିଁ ବୋଲି ଇସ୍‌ଲାମାବାଦର ଏକ କୋର୍ଟ ସ୍ପଷ୍ଟ କରିଛନ୍ତି।

ତାଙ୍କ ନେତୃତ୍ୱାଧୀନ ସଙ୍ଗଠନଗୁଡ଼ିକ ବେଆଇନ ଘୋଷିତ କରିବା ଲାଗି ଅଧ୍ୟାଦେଶ ଆସିବା ପରେ ହାଫିଜ୍ ସଇଦ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇସ୍‌ଲାମାବାଦ ହାଇକୋର୍ଟରେ ସେ ଆବେଦନ କରିଥିଲେ। ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଉଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି ଯେ, ଅଧ୍ୟାଦେଶ ଅବଧି ଶେଷ ହୋଇସାରିଛି। ଏ ସମ୍ପର୍କରେ ଡେପୁଟି ଆଟର୍ନି ଜେନେରାଲ ରାଜା ଖଲିଦ ମେହମୁଦ ଖାନ୍ ମଧ୍ୟ ସ୍ପଷ୍ଟ କରିଛନ୍ତି।

ଆବେଦନରେ ସଇଦ ଦର୍ଶାଇଛନ୍ତି ଯେ, ୨୦୦୨ରେ ସେ ଗଠନ କରିଥିବା ଜେୟୁଡି ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସହ ସମସ୍ତ ସମ୍ପର୍କ କାଟିସାରିଛି। କିନ୍ତୁ ଏହାର ପୂର୍ବ ସମ୍ପର୍କ କଥାକୁ ଉଠାଇ ଭାରତ ଜେୟୁଡିକୁ ବାରମ୍ବାର ବଦନାମ କରୁଛି। ଭାରତର ଚାପରେ ତାଙ୍କୁ ୨୦୦୯ ଏବଂ ୨୦୧୭ରେ ଗିରଫ କରାଯାଇ ଅଟକ ରଖାଯାଇଥିଲା। ଜାତିସଂଘ ଏକ ପ୍ରସ୍ତାବ ଗୃହୀତ କରିବା ପରେ ପାକିସ୍ତାନ ସରକାର ମଧ୍ୟ ଜେୟୁଡି ଉପରେ ସନ୍ଦେହ ଦୃଷ୍ଟି ରଖିଛନ୍ତି ବୋଲି ସଇଦ କହିଛନ୍ତି। ତେବେ ଜେୟୁଡି ଏବଂ ଏଫ୍‌ଆଇଏଫ୍ ଉପରୁ କଟକଣା ହଟିବା ପରେ ସେ ଖୁସିବ୍ୟକ୍ତ କରିଛନ୍ତି।

# ମହିଳାଙ୍କ ଛୁରାମାଡ଼: ୧୪ ଶିଶୁ ଆହତ

ବେଜିଂ,୨୬।୧୦(ପି.ଟି.)

ଚାଇନାର ଦକ୍ଷିଣ-ପଶ୍ଚିମାଞ୍ଚଳରେ ଥିବା ଚୋଙ୍ଗ୍‌କିଙ୍ଗ୍ ସହରରେ ଏକ କିଣ୍ଡରଗାର୍ଟେନ୍‌ରେ ଜଣେ ସନ୍ଦିଗ୍ଧ ମହିଳା ଛୋଟ ପିଲାଙ୍କୁ ଛୁରାମାଡ଼ କରିଛନ୍ତି। ଏଥିରେ ୧୪ ଶିଶୁ ଆହତ ହୋଇଛନ୍ତି। ଏକ ପ୍ଲେ ସ୍କୁଲ ଭିତରକୁ ପଶି ମହିଳା ଜଣକ ଏହି ନୃଶଂସକାଣ୍ଡ ଭିଆଇଛନ୍ତି। ବ୍ୟାୟାମ ସାରି ଶ୍ରେଣୀକୁ ଫେରୁଥିବା ପିଲାଙ୍କୁ ସେ ଛୁରାଘାତ କରିଥିଲେ। ତାଙ୍କ ରକ୍ତମୁଖା ଅବତାର ଦେଖିବା ପରେ ଶିକ୍ଷକ ଓ ଗାର୍ଡ ତାଙ୍କୁ କାବୁ କରିଥିଲେ। ଆକ୍ରମଣକାରୀ ମହିଳାଙ୍କ ନାମ ଲିଉ (୩୯) ବୋଲି ପୋଲିସ କହିଛି। ତାଙ୍କୁ ଗିରଫ କରାଯାଇଛି। ତେବେ କେଉଁ ଉଦ୍ଦେଶ୍ୟରେ ସେ ଏଭଳି ଆକ୍ରମଣ ଘଟାଇଲେ, ତାହାର କାରଣ ଜଣାପଡ଼ି ନାହିଁ। ଆହତ ପିଲାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ରୁଷୀୟ ମହିଳାଙ୍କୁ ଗଣବଳାତ୍କାର

ମନାଲି,୨୬।୧୦

ହିମାଚଳ ପ୍ରଦେଶର ମନାଲିରେ ଜଣେ ରୁଷୀୟ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସପ୍ତାହେ ତଳେ ଗବେଷଣା ପାଇଁ ଆସିଥିବା ମହିଳା ଜଣକ ଗୁରୁବାର ରାତିରେ ହାଡିମ୍ବା ମନ୍ଦିରକୁ ଯାଉଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଗଣବଳାତ୍କାର କରିଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଟୁଇଟ୍‌କୁ ନେଇ ବିବାଦ: ଛୁଟିରେ ଗଲେ ପ୍ରତିରକ୍ଷା ମୁଖପାତ୍ର

ନୂଆଦିଲ୍ଲୀ,୨୬।୧୦(ପି.ଟି.)

ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ସ୍ୱର୍ଣ୍ଣଶ୍ରୀ ରାଓ ରାଜଶେଖରଙ୍କ ଏକ ଟୁଇଟ୍‌କୁ ନେଇ ବିବାଦ ସୃଷ୍ଟି ହେବା ପରେ ଶୁକ୍ରବାର ସେ ଛୁଟିରେ ଚାଲିଯାଇଛନ୍ତି। ସ୍ୱର୍ଣ୍ଣଶ୍ରୀ ପୂର୍ବରୁ ଏକ ଟୁଇଟ୍ କରିଥିଲେ। ଏଥିରେ ସେ ନୌସେନାର ପୂର୍ବତନ ମୁଖ୍ୟ ଅରୁଣ ପ୍ରକାଶଙ୍କୁ ସମାଲୋଚନା କରିଥିଲେ। ସେନା ଅଧିକାରୀମାନେ କିପରି ନିଜ ବିଶେଷାଧିକାରର ଅପବ୍ୟବହାର କରୁଛନ୍ତି ସେନେଇ ସ୍ୱର୍ଣ୍ଣଶ୍ରୀ ଏଥିରେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ପ୍ରତିରକ୍ଷା ଅଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ତାଙ୍କୁ ଛୁଟିରେ ଯିବା ପାଇଁ ପରାମର୍ଶ ଦିଆଯାଇଛି। ତାଙ୍କ ସ୍ଥାନରେ କଲୋନେଲ ଅମନ ଆନନ୍ଦଙ୍କୁ କାର୍ଯ୍ୟକାରୀ ମୁଖପାତ୍ର ଭାବେ ଅବସ୍ଥାପିତ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବିବାଦୀୟ ଟୁଇଟ୍‌କୁ ସ୍ୱର୍ଣ୍ଣଶ୍ରୀ ହଟାଇଦେଇଥିବା ଜଣାପଡ଼ିଛି।

# ଘନିଷ୍ଠ ହେଉଛନ୍ତି ଚାଇନା-ଜାପାନ

ବେଜିଂ,୨୬।୧୦(ପି.ଟି.)



■ବେଜିଂର ବିଆର୍‌ଆଇ ପ୍ରକଳ୍ପକୁ ଟୋକିଓର ସମର୍ଥନ
■ତିକ୍ତତାର ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ: ଜିନ୍‌ପିଙ୍ଗ୍
■ଟ୍ରମ୍ପଙ୍କ ଯୋଗୁ ସମ୍ଭବ ହୋଇଛି ଏହି ବନ୍ଧୁତା

ଏସିଆରେ ପରସ୍ପର ବିରୋଧୀ ଭାବେ ଜଣାଶୁଣା ଚାଇନା ଏବଂ ଜାପାନ। ଅହି ନକୁଳ ସମ୍ପର୍କ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ଏହି ଦୁଇରାଷ୍ଟ୍ର ଏବେ ଇତିହାସକୁ ବଦଳାଇଦେଇଛନ୍ତି। ଉଭୟ ପକ୍ଷ ବନ୍ଧୁତାର ହାତ ବଢ଼ାଇ ଆରମ୍ଭ କରିଛନ୍ତି ଏକ ନୂଆ ସମ୍ପର୍କ। ବାଣିଜ୍ୟ ସମେତ ବିଭିନ୍ନ ପ୍ରସଙ୍ଗରେ ସହଯୋଗର ହାତ ବଢ଼ାଇବାକୁ ଚାଇନା ଏବଂ ଜାପାନ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁ ଏହି ଅସମ୍ଭବ ସମ୍ଭବ ହୋଇପାରିଛି। ଟ୍ରମ୍ପ ପ୍ରଶାସନ ବାଣିଜ୍ୟିକ ଚାପ ପକାଇବା ଯୋଗୁ ଏହି ଦୁଇ ଶତ୍ରୁରାଷ୍ଟ୍ର ମଧ୍ୟରେ ବନ୍ଧୁତା ଗଢ଼ିଉଠିଥିବା କୁହାଯାଉଛି। ବେଜିଂର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ (ବିଆର୍‌ଇ) ପ୍ରକଳ୍ପକୁ ଟୋକିଓ ସମର୍ଥନ ଜଣାଇଛି।


ପୂର୍ବ ଚାଇନା ସାଗରରେ ଦ୍ୱୀପଗୁଡ଼ିକୁ ନେଇ ହେଉ ଅବା ଅନ୍ୟ ପ୍ରସଙ୍ଗରେ ଚାଇନା ଓ ଜାପାନ ମଧ୍ୟରେ ଚାଲେ କାଦୁଅଫିଙ୍ଗା। କିନ୍ତୁ ଇତିହାସ ପୃଷ୍ଠାକୁ ଲେଉଟାଇ ଏମାନେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ତିନିଦିନିଆ ଚାଇନା ଗସ୍ତରେ ଯିବା ପରେ ବନ୍ଧୁତାର ମୂଳଦୁଆ ପଡ଼ିଛି। ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କୁ ଶୁକ୍ରବାର ସାକ୍ଷାତ କରିବା ପରେ ସେ ସେହି ଦେଶର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିଛନ୍ତି। ଦୁଇଦେଶ ମଧ୍ୟରେ ତିକ୍ତତାର ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି ଉଭୟ ନେତା ମତବ୍ୟକ୍ତ କରିଛନ୍ତି। ବୈଠକ ପରେ ଜିନ୍‌ପିଙ୍ଗ୍ କହିଛନ୍ତି ଯେ, ଅନ୍ତର୍ଜାତୀୟ ସ୍ତରରେ ସ୍ଥିତି ବଦଳିଯାଇଛି। ଚାଇନା ଏବଂ ଜାପାନ ପରସ୍ପର ପ୍ରତି ନିର୍ଭରଶୀଳ ହେବାରେ ଲାଗିଲେଣି। ବହୁପାକ୍ଷିକ ପ୍ରସଙ୍ଗ ଉପରେ ମଧ୍ୟ ଚାଇନା ଚିନ୍ତାଶୀଳ ଅଛି। ବିଶ୍ୱ ଦ୍ରୁତଗତିରେ ବଦଳିବାକୁ ଲାଗିଥିବାବେଳେ ଚାଇନା-ଜାପାନ ସମ୍ପର୍କର ଗଭୀରତା ବୃଦ୍ଧିହେବାରେ ଲାଗିଛି ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ଆବେ ମଧ୍ୟ ଚାଇନା ରାଷ୍ଟ୍ରପତିଙ୍କ ସହ ସ୍ୱର ମିଳାଇଛନ୍ତି। ସେ କହିଛନ୍ତି, ଦୁଇଦେଶର ସମ୍ପର୍କକୁ ଏକ ଶିଖରକୁ ନେବା ତାଙ୍କ ଗସ୍ତର ମୂଳ ଲକ୍ଷ୍ୟ। ବାଣିଜ୍ୟିକ ସମ୍ପର୍କକୁ ଆଗେଇନେବା ସହ ବିଶ୍ୱରେ ଶାନ୍ତି ଓ ସ୍ଥିରତା ଆଣିବା ଲାଗି ମିଳିତ ଭାବେ ଚାଇନା ସହ କାର୍ଯ୍ୟ କରିବାକୁ ଚାହୁଁଥିବା ଆବେ କହିଛନ୍ତି। ୭ ବର୍ଷ ମଧ୍ୟରେ ପ୍ରଥମ କରି ଜାପାନର ଶାସନ ମୁଖ୍ୟ ଭାବେ ଆବେ ଚାଇନାରେ ପାଦ ଥାପିବା ଆଲୋଚ୍ୟର ବିଷୟ ପାଲଟିଛି।

ସେହିପରି ଚାଇନା ପ୍ରଧାନମନ୍ତ୍ରୀ ଲି କହିଛନ୍ତି ଯେ, ଦୁଇଦେଶ ପରସ୍ପରର ପରିସ୍ଥିତିକୁ ବୁଝିବା ନିହାତି ଜରୁରୀ। ବୁଝାମଣା ଭିତ୍ତିରେ ରଣନୀତି ପ୍ରସ୍ତୁତ କଲେ ଅସୁବିଧା ନାହିଁ। ଚଳିତବର୍ଷ ମେ’ରେ ଲି ଜାପାନ ଗସ୍ତ କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ବିବାଦର ପ୍ରାଚୀର ଭାଙ୍ଗିଯାଇଥିଲା। ବିଶେଷଜ୍ଞଙ୍କ ମତରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଚାଇନା ଉପରେ ଚାପ ପକାଇବା ସହ ବାଣିଜ୍ୟିକ କଟକଣା ଲଗାଇବା ପରେ ଟୋକିଓ ଏବଂ ବେଜିଂ ନିକଟତର ହୋଇଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ଅକ୍ଟୋବର, ୨୦୧୮



ଯେଉଁମାନେ ମହାମାନବ ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।
- କନ୍‌ଫୁସିୟସ୍



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- 'ଜଳବାୟୁ ପରିବର୍ତ୍ତନ ଓ ଶିଳ୍ପ' ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ହୋଟେଲ ନ୍ୟୁ ମାରିୟନ, ସକାଳ ୯ଟା ୩୦।
- ରାଜ୍ୟ ବଧିର ଚେସ୍ ଚାମ୍ପିୟନଶିପ୍, ପ୍ଲଟ୍ ନଂ. ୧୦୫/ଏ, ପଳାଶପଲ୍ଲୀ, ଏରୋଡ୍ରମ୍ ଏରିଆ, ପୂର୍ବାହ୍ନ ୧୦ଟା।
- ସୋସାଇଟି ଫର୍ ପ୍ଲାଣ୍ଟ୍ ପ୍ରୋଟେକ୍ସନ ଆଣ୍ଡ ଏନ୍‌ଭାଇରନମେଣ୍ଟ ପକ୍ଷରୁ ଜାତୀୟ ସମ୍ମିଳନୀ, ଏମ୍.ଏସ୍. ସ୍ୱାମୀନାଥନ୍ ହଲ୍, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଦି ସେଣ୍ଟର ଫର୍ ଆଡ୍‌ଭୋକାସୀ ଆଣ୍ଡ ରିସର୍ଚ୍ଚ ଭୁବନେଶ୍ୱର ପକ୍ଷରୁ ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ଗଣମାଧ୍ୟମ ସହ ମତ ବିନିମୟ କାର୍ଯ୍ୟକ୍ରମ, ହୋଟେଲ ପ୍ରେସିଡେନ୍ସି, ପୂର୍ବାହ୍ନ ୧୧ଟା।
- ମହିଳାଙ୍କ ପାଇଁ ତ୍ୱଚା, କେଶର ଯତ୍ନ ଏବଂ ପୋଷଣ ସମ୍ପର୍କିତ ସମ୍ମିଳନୀ, ପାଲ୍ ହାଇଟ୍ସ, ପୂର୍ବାହ୍ନ ୧୧ଟା ୩୦।
- ରାଇଜିଂ ଓଡ଼ିଶା-୨୦୧୮, ମେଫେୟାର୍ କନ୍‌ଭେନଶନ, ଜୟଦେବ ବିହାର, ଅପରାହ୍ନ ୪ଟା ୩୦।
- ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ୨୬ତମ ଗଜଲକ୍ଷ୍ମୀ ପୂଜା ଉତ୍ସବ, ୬୦, ଖାରବେଳ ନଗର, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନ, ଭୁବନେଶ୍ୱର କୃଷକ ସମାଜ, ସନ୍ଧ୍ୟା ୬ଟା।
- ଗଜଲକ୍ଷ୍ମୀ ପୂଜା କମିଟି, କପିଳପ୍ରସାଦ ପକ୍ଷରୁ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ନାଟକ 'ସ୍ୱାମୀର ସିନ୍ଦୂର ସତ ଲାଗୁନି' ପରିବେଷଣ, ସୁନ୍ଦରପଦା, ସନ୍ଧ୍ୟା ୬ଟା।
- ଭାରତୀୟ ବିପଣନ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ୱଦେଶୀ ମେଳା, କ୍ଲବ ଟାଉନ୍ ପଡ଼ିଆ, ପଟିଆ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା ଅବସରରେ ମର୍ଦନ ଡ୍ୟାନ୍ସ ପରିବେଷଣ, ୟୁନିଟ୍-୯, ଫ୍ରେଣ୍ଡ୍‌ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ସିଟିଜେନସ୍ ଫୋରମ୍‌ର ଏକାଦଶତମ ମାସିକ ଆଲୋଚନାଚକ୍ର, ଶ୍ରମିକ ଭବନ, ଖାରବେଳନଗର, ସନ୍ଧ୍ୟା ୬ଟା।
- ୨୬ତମ ନୃତ୍ୟାଞ୍ଜଳି ମହୋତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ପ୍ରଜ୍ଞା ଫାଉଣ୍ଡେଶନର ଆଧ୍ୟାତ୍ମିକ ସମାବେଶ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶହୀଦନଗରସ୍ଥିତ ପୂଜାମଣ୍ଡପ ନିକଟ, ସନ୍ଧ୍ୟା ୬ଟା ୩୦।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡ଼ିଶୀ ରାଗ ମହୋତ୍ସବ ଏବଂ ପୁରସ୍କାର ପ୍ରଦାନ ଉତ୍ସବ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସ୍ପିକ୍ ମାକେ ଓଡ଼ିଶା ଚାପ୍ଟର ପକ୍ଷରୁ ଓଭରନାଇଟ୍ କନସର୍ଟ 'ଯାମିନି-୨୦୧୮', ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ରାତି ୭ଟା।

### କଟକ

- ନଜ୍‌ମୀ ଏକାଡେମୀ କଟକର ଦ୍ୱାବିଂଶତମ ସାମ୍ବତ୍ସରିକ ଉତ୍ସବ ଓ ଉର୍ଦ୍ଦୁ କବି ସମ୍ମିଳନୀ, ୱାଇଡବ୍ଲ୍ୟୁସିଏ ହଲ୍, ମିଶନ ରୋଡ୍, ପୂର୍ବାହ୍ନ ୧୦ଟା ୩୦।
- କଟକ ଜିଲା ପରିଷଦ ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

### ଖୋର୍ଦ୍ଧା

- ନେହେରୁ ସେବା ସଂଘ ପ୍ରତିଷ୍ଠାତା ସନ୍ଥ ହରିହର ରାମଙ୍କ ୧୬ତମ ଶ୍ରଦ୍ଧାଞ୍ଜଳି ଦିବସ, ସଂଘ ଗୋବର୍ଦ୍ଧନ କ୍ୟାମ୍ପସ୍, ବାଣପୁର, ଅପରାହ୍ନ ୪ଟା।

### ବାଲିଅନ୍ତା

- ଗଜଲକ୍ଷ୍ମୀ ପୂଜା ଅବସରରେ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ, ବାଲିଅନ୍ତା ବଜାର ଛକ, ରାତି ୭ଟା।
- ଭଜନ ସମାରୋହ, ପାହାଳସ୍ଥିତ ଲକ୍ଷ୍ମୀପୂଜା ମଣ୍ଡପ, ରାତି ୭ଟା।

### ସାକ୍ଷୀଗୋପାଳ

- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସତ୍ୟବାଦୀ ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## 'ଜୀବନର ଚଲାପଥେ' ଚଳଚ୍ଚିତ୍ରକୁ ୟୁ ସାର୍ଟିଫିକେଟ


**କଟକ ଅଫିସ,୨୬।୧୦:** ଓଡ଼ିଆ ଚଳଚ୍ଚିତ୍ର ଜଗତର ଭେଟେରାନ କଳାକାର ସ୍ୱର୍ଗତା ଅନୀତା ଦାସଙ୍କ ଶେଷ ଅଭିନୀତ ଚଳଚ୍ଚିତ୍ର 'ଜୀବନର ଚଲାପଥେ'କୁ ମିଳିଛି ୟୁ ସାର୍ଟିଫିକେଟ୍ ଏହି ଫିଲ୍ମର ସେନ୍‌ସର ବକ୍ସିବଜାରସ୍ଥିତ ଚଳଚ୍ଚିତ୍ର ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେନ୍‌ସର୍ ବୋର୍ଡ ଅଧ୍ୟକ୍ଷ ଗୋପାଳକୃଷ୍ଣ ମହାପାତ୍ର ଚଳଚ୍ଚିତ୍ରର ପ୍ରଯୋଜକ ସୌମ୍ୟକାନ୍ତ ଖଣ୍ଡାଇ, ନିର୍ଦ୍ଦେଶକ ଦିଲୀପ ମହାନ୍ତିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଫିଲ୍ମର କାହାଣୀ, ସଂଳାପ, ଗୀତ ଏବଂ ସଙ୍ଗୀତ ନିର୍ଦ୍ଦେଶନା ସୌମ୍ୟକାନ୍ତ ଖଣ୍ଡାଇଙ୍କ ଦ୍ୱାରା ହୋଇଛି। ମୁଖ୍ୟ ଭୂମିକାରେ ରବି ମିଶ୍ର, ବାବୁ ପ୍ରଧାନ, ଟନିଆ, ଶ୍ରୀପଦ୍ମା, କ୍ରିଷ୍ଣା, ନବାଗତ ଦେବାଶିଷ ପ୍ରମୁଖ ରହିଛନ୍ତି।

### ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲ ଲୋକାର୍ପିତ

# ଡିଜିଟାଲ ରୂପରେ ଓଡ଼ିଆ ଭାଷା, ସାହିତ୍ୟର ବିଭବ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)






ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲର ଲୋକାର୍ପଣ ଅବସରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଂକ୍ରାନ୍ତ ବିଭବକୁ ଡିଜିଟାଲ ରୂପରେ ଉପଲବ୍ଧ କରାଇଛନ୍ତି ରାଜ୍ୟ ସରକାର। ଏ ସମ୍ପର୍କିତ ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂଆ ୱେବ୍‌ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଶୁକ୍ରବାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଭାଷା ସମୃଦ୍ଧ। ଏହା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇଛି। ମଧ୍ୟଯୁଗଠାରୁ ଆରମ୍ଭକରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ବହୁ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟିହୋଇଛି। ସେଗୁଡିକର ଡିଜିଟାଇଜେଶନ, ସଂରକ୍ଷଣ ଏବଂ ପ୍ରଚାର ପ୍ରସାରର ଦାୟିତ୍ୱ ଓଡ଼ିଆ ଭର୍ଚୁଆଲ ଏକାଡେମୀ ହାତରେ ଅର୍ପଣ କରାଯାଇଛି। ଉକ୍ତ ଏକାଡେମୀ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ସୁଯୋଗ ସୃଷ୍ଟି କରିବ। ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆ, ବିଶେଷକରି ଓଡ଼ିଶାର ଯୁବପିଢ଼ିମାନଙ୍କ ପାଇଁ ଏହା ବହୁତ ଉପଯୋଗୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୟୁନିଭର୍ସିଟି ଅଫ୍ ଶିକାଗୋ ଲାଇବ୍ରେରି, ସିଡାକ୍ ଏବଂ ସେଣ୍ଟର ଫର୍ ଇଣ୍ଟରନେଟ୍ ଆଣ୍ଡ ସୋସାଇଟି ସହ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିବା ପରେ ଡିଜିଟାଲ କ୍ଷେତ୍ରରେ ଓଡ଼ିଆ ଭାଷାକୁ ଏକ ନୂଆସ୍ତରକୁ ନିଆଯାଇପାରିବ। ଓଡ଼ିଆ ଭାଷା ସାହିତ୍ୟର ଡିଜିଟାଇଜେଶନ ସହ ଓଡ଼ିଆ ସଫ୍ଟୱେର୍ ପ୍ରସ୍ତୁତ କରାଯିବା ଫଳରେ ଇଣ୍ଟରନେଟ୍‌ରେ ଓଡ଼ିଆ ଭାଷା ଅଧିକ ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।


ପୂର୍ବରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଥିଲା ଓଡ଼ିଆ ଭର୍ଚୁଆଲ ଏକାଡେମୀ। ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ଏହାକୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନକୁ ଅଣାଯିବା ସହ ନୂଆ ରୂପ ଦିଆଯାଇଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୦ତମ ଜନ୍ମବାର୍ଷିକୀ ଅବସରରେ ଏଥିରେ ୧୭୦ କାଳଜୟୀ ଓଡ଼ିଆ ପୁସ୍ତକକୁ ୟୁନିକୋଡ୍ ଫର୍ମାଟରେ ଡିଜିଟାଇଜ୍ କରାଯାଇ ଇ-ବୁକ୍ ଆକାରରେ ସ୍ଥାନିତ କରାଯାଇଛି। କେବଳ ଏତିକି ନୁହେଁ, ଏଥିରେ ରହିଥିବା ଶ୍ରାବ୍ୟପୁସ୍ତକ ବିଭାଗରେ ଜଣେ ବହି ପଢିବା ସହ ଏହାକୁ ଶୁଣିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଜ୍ଞାନ ଓ ଇତିହାସ ସମ୍ବନ୍ଧୀୟ ରଚନା, ଲୋକ ସଂସ୍କୃତି, ଜନଜାତି ଭାଷା ଓ ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଅଭିଭାଷଣ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିକୁ ଡିଜିଟାଇଜେଶନ ରୂପରେ ନୂଆ ୱେବ୍‌ପୋର୍ଟାଲରେ ସ୍ଥାନିତ କରାଯାଇଛି। ସ୍କୁଲ୍ ଓ କଲେଜରେ କର୍ମଶାଳାର ଆୟୋଜନ କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଏନେଇ ସଚେତନ କରାଯିବ ବୋଲି ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କହିଛନ୍ତି। ଏହି ଅବସରରେ ୟୁନିଭର୍ସିଟି ଅଫ୍ ଶିକାଗୋର ଜେମ୍ସ ନାଇ, ସିଡାକ୍‌ର ବରିଷ୍ଠ ନିର୍ଦ୍ଦେଶକ ଭି.କେ. ଶର୍ମା ଏବଂ ସେଣ୍ଟର ଫର୍ ଇଣ୍ଟରନେଟ୍ ସୋସାଇଟିର ନିର୍ଦ୍ଦେଶକ ସୁମନ୍ଦ୍ରୋ ଚଟ୍ଟୋପାଧ୍ୟାୟଙ୍କ ସହ ଓଡ଼ିଆ ଭର୍ଚୁଆଲ ଏକାଡେମୀର ସମ୍ପାଦକ ସଂଗ୍ରାମ କେଶରୀ ମହାପାତ୍ର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଓଡ଼ିଆ ସାହିତ୍ୟର ଡିଜିଟାଇଜେଶନ ସହ ଓଡ଼ିଆ ସଫ୍ଟୱେର୍‌ର ବିକାଶ ଦିଗରେ ଏହି ସଂସ୍ଥାମାନେ କାର୍ଯ୍ୟ କରିବେ। ସେହିଭଳି ୟୁନିଭର୍ସିଟି ଅଫ୍ ଶିକାଗୋ ଲାଇବ୍ରେରିରେ ଥିବା କେତେକ ପ୍ରାଚୀନ ଓ ଦୁର୍ଲଭ ଓଡ଼ିଆ ବହିକୁ ଡିଜିଟାଇଜ୍ କରାଯାଇ ଭର୍ଚୁଆଲ ଏକାଡେମୀରେ ରଖାଯିବ ବୋଲି ଓଡ଼ିଆ ଭର୍ଚୁଆଲ ଏକାଡେମୀର ଅଧ୍ୟକ୍ଷ ତଥା ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ କହିଥିଲେ।

କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ପ୍ରଫେସର ଓଁକାରନାଥ ମହାନ୍ତି, ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଉପସ୍ଥିତ ଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ଏମ୍‌ପି ସତପଥୀ କହିଥିଲେ, ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଏକ ପ୍ରଗତିର ଚିହ୍ନ। ବିଳମ୍ବରେ ହେଲେ ବି ଏହା କାର୍ଯ୍ୟକାରୀ ହୋଇଥିବାରୁ ଏକ ବଡ଼ ସ୍ୱପ୍ନ ପୂରଣ ହୋଇଛି। ଆଗାମୀ ଶତାବ୍ଦୀଗୁଡ଼ିକରେ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏହା ପ୍ରେରଣା ହୋଇରହିବ। ସେମାନେ ଓଡ଼ିଶାର ସାହିତ୍ୟ, ସାହିତ୍ୟିକ, କଳା, ସଂସ୍କୃତି ବିଷୟରେ ଅନେକ କିଛି ଜାଣିପାରିବେ। ଏହା ନିଶ୍ଚିତଭାବେ ସମସ୍ତଙ୍କ ଦ୍ୱାରା ଆଦୃତ ହେବ ବୋଲି ସେ କହିଥିଲେ।

### ଶିରିଡ଼ି ସାଇଙ୍କ ମହାସମାଧିର ଶତାବ୍ଦୀ ସମାରୋହ

# ପ୍ରତ୍ୟେକ ମଣିଷ ଦିବ୍ୟ ଆତ୍ମାର ଆଧାର

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଚନ୍ଦ୍ରଭାନୁ ଶତପଥୀ 'ସାଇ ସତ୍‌ଚରିତ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

ପ୍ରେମ ହିଁ ଜୀବନର ସର୍ବୋଚ୍ଚ ଉପଲବ୍ଧି। ପରମାତ୍ମା ସହ ଯୋଡ଼ି ହେବାର ପ୍ରକ୍ରିୟା ଓ ମାଧ୍ୟମ ହିଁ ପ୍ରେମ। ପ୍ରେମଭାବ ସମଗ୍ର ପୃଥିବୀକୁ ମଧୁର ଓ ମନୋମୁଗ୍ଧକର କରି ରଖିଛି। ଶିରିଡ଼ି ସାଇବାବା ସତ୍ୟ, ପ୍ରେମ, କରୁଣା ଓ ମାନବିକତାର ପ୍ରତୀକ। ପ୍ରତ୍ୟେକ ଭାବଧାରା ତାଙ୍କଠାରେ ସମାହିତ। ତାଙ୍କର ଜୀବନ ଓ ଦର୍ଶନ ବାସ୍ତବରେ ମାନବିକତାର ନିଃଶ୍ୱାସ ପ୍ରଶ୍ୱାସ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶୁକ୍ରବାର ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍‌ସିଆଲ ସ୍କୁଲରେ ଆୟୋଜିତ ଶିରିଡ଼ି ସାଇବାବାଙ୍କ ମହାସମାଧିର ଶତାବ୍ଦୀ ସମାରୋହରେ ରାଜ୍ୟପାଳ ଯୋଗଦେଇ ଏହା କହିଛନ୍ତି। ପ୍ରତ୍ୟେକ ମଣିଷ ମଧ୍ୟରେ ଅନନ୍ତ ସମ୍ଭାବନା ଓ ସାମର୍ଥ୍ୟ ରହିଛି। ପ୍ରତ୍ୟେକ ମଣିଷ ଦିବ୍ୟ ଆତ୍ମାର ଆଧାର। ଏହି ଭାବବୋଧକୁ ଭିତ୍ତିକରି ନିଜ ଜୀବନ ଓ ଦୃଷ୍ଟିକୋଣକୁ ଗଠନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ଚନ୍ଦ୍ରଭାନୁ ଶତପଥୀ ସାଇବାବାଙ୍କୁ ଅସୀମତାର ପ୍ରତୀକ ଭାବରେ ବର୍ଣ୍ଣନା କରି ତାଙ୍କୁ ଏକ ମହାସାଗର ଏବଂ ସେଥିରେ ଅନେକ ତତ୍ତ୍ୱ ଓ ଦର୍ଶନର ଧାରା ପ୍ରବାହିତ ହୋଇଥିବା ପ୍ରକାଶ କରିଥିଲେ। ଶିରିଡ଼ି ସାଇବାବା ସବୁ ମତ ଓ ତତ୍ତ୍ୱକୁ ଆଧାର କରି ଯେଉଁ ଚିନ୍ତନର ପରିପ୍ରକାଶ କରିଥିଲେ ତା'ର ଚିର ପ୍ରାସଙ୍ଗିକତା ରହିଛି। ଶିରିଡ଼ି ସାଇବାବା ଏକ ଚିରନ୍ତନ ଭାବବୋଧର ଆଧାର ବୋଲି ଡ. ଶତପଥୀ ପ୍ରକାଶ କରିଛନ୍ତି। ବାଚସ୍ପତି ପ୍ରଦୀପ କୁମାର ଅମାତ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶିରିଡ଼ି ସାଇବାବାଙ୍କ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଶ୍ରୀଗୁରୁ ଭାଗବତର ଷଷ୍ଠଖଣ୍ଡ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାଇ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନର ଅଧ୍ୟକ୍ଷ ବିଜୟ କୁମାର ସାହୁ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ଶତପଥୀଙ୍କ ସଂଯୋଜନାରେ ଶ୍ରୀଗୁରୁ ଭାଗବତର ନୃତ୍ୟାଭିନୟ ପରିବେଷିତ ହୋଇଥିଲା।

ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ଶିରିଡ଼ି ସାଇ ବାବାଙ୍କର ବହୁ ସଂଖ୍ୟକ ଭକ୍ତ ଅଛନ୍ତି ବୋଲି କହିଥିଲେ। ସେ ଜାତି ଧର୍ମଠାରୁ ଊର୍ଦ୍ଧ୍ୱରେ ଥିଲେ। ସେ ସମସ୍ତ ମାନବ ଜାତିକୁ ଭଲପାଉଥିଲେ ଓ ସମ୍ମାନ ମଧ୍ୟ ଦେଉଥିଲେ। ଆଜି ଭଳି ଦିନରେ ସମସ୍ତ ଅନୈତିକ ଆଚରଣଠାରୁ ଦୂରରେ ରହି ସୁସ୍ଥ ସମାଜ ଗଠନ ପାଇଁ କାର୍ଯ୍ୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶପଥ ନେବାକୁ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୁରୁଜୀଙ୍କ ରଚିତ 'ସାଇ ସତ୍‌ଚରିତ'ର ଓଡ଼ିଆ ଅନୁବାଦ ଓ ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ବ୍ରେଲ୍ ଭାଷାରେ ମୁଦ୍ରିତ ପୁସ୍ତକ ଲୋକାର୍ପଣ କରିଥିଲେ।

## ସ୍ୱତନ୍ତ୍ର ଧାଡ଼ି ବନ୍ଦ ହେଲା

ପୁରୀ ଅଫିସ,୨୬।୧୦

ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ଏକ ସ୍ୱତନ୍ତ୍ର ଧାଡ଼ି କରିଥିଲା। ସିଂହଦ୍ୱାର ନିକଟରେ ହୋଇଥିବା ଏହି ସ୍ୱତନ୍ତ୍ର ଧାଡ଼ିରେ ଭିଆଇପି, ସେବାୟତ ଯାଉଥିଲେ। ଏଥିସହ ସ୍ଥାନୀୟ ଲୋକେ ମଧ୍ୟ ପରିଚୟପତ୍ର ଦେଖାଇ ଏହି ସ୍ୱତନ୍ତ୍ର ଧାଡ଼ିରେ ଯାଉଥିଲେ। ହେଲେ ଶୁକ୍ରବାର ରାତିରେ ଏହି ଧାଡ଼ିକୁ ବନ୍ଦ କରି ଦିଆଯାଇଛି। ପୂର୍ବପରି ଅରୁଣ ସ୍ତମ୍ଭ ନିକଟରେ ଯେଉଁ ବାଟ ଥିଲା ସେହି ବାଟ ଦେଇ ଭିଆଇପି, ସେବାୟତ ଓ ସ୍ଥାନୀୟ ଲୋକେ ଯିବେ ବୋଲି ଜଣାପଡ଼ିଛି। ଏହି ସ୍ୱତନ୍ତ୍ରଧାଡ଼ିରେ ଯାଉଥିବା ବେଳେ ପାଳିଆ ସେବାୟତମାନେ ଛୁଆଁ ହେଉଥିବାରୁ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି।

ଏହି ସ୍ୱତନ୍ତ୍ର ଧାଡ଼ିର ଲମ୍ବା ବ୍ୟାରିକେଡ ଦେଇ ଯିବା ବେଳେ ପାଳିଆ ସେବାୟତମାନେ ବହୁ ସମୟରେ ଛୁଆଁ ହେଉଥିଲେ। ଭକ୍ତମାନେ ପାଳିଆ ସେବାୟତଙ୍କୁ ଛୁଇଁବା ଦ୍ୱାରା ସେମାନେ ଘରକୁ ଯାଇ ପୁଣି ଗାଧୋଇ ନୀତିକୁ ଆସିବା ବେଳକୁ ଠାକୁରଙ୍କ ନୀତିକାନ୍ତିରେ ବିଳମ୍ବ ଘଟୁଥିଲା। ବାରମ୍ବାର ଏହି ଘଟଣା ଘଟିବା ଦ୍ୱାରା ସେବାୟତମାନେ ଶୁକ୍ରବାର ଗାରଦରେ ଜଣାଇଥିଲେ। ସୂଚନାଯୋଗ୍ୟ, ଏନେଇ ଧରିତ୍ରୀରେ ଶୁକ୍ରବାର ' ଛୁଆଁ ହେଉଛନ୍ତି ପାଳିଆ ସେବକ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା।

## ଟାଲିନ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହେବ 'ହେଲୋ ଆର୍ଶୀ'

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଜାତୀୟ ପୁରସ୍କାରପ୍ରାପ୍ତ ଓଡ଼ିଆ ଫିଚର ଫିଲ୍ମ 'ହେଲୋ ଆର୍ଶୀ' ଟାଲିନ୍ ବ୍ଲାକ୍ ନାଇଟ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶନ ହେବାକୁ ମନୋନୀତ ହୋଇଛି। ଆସନ୍ତା ନଭେମ୍ବର ୧୬ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଇଷ୍ଟୋନିଆର ଟାଲିନ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ଏହି ଫିଲ୍ମ ଫେଷ୍ଟିଭାଲରେ ୧୨ଟି ଫିଲ୍ମ ପ୍ରଦର୍ଶନ ହେବାକୁ ଥିବା ବେଳେ ଏଥିରେ 'ହେଲୋ ଆର୍ଶୀ' ସ୍ଥାନ ପାଇଛି। ମହୋତ୍ସବର 'ଫାଷ୍ଟ ଫିଚର ଫିଲ୍ମ କମ୍ପିଟିଶନ୍' କାଟାଗୋରିରେ ଏହା ପ୍ରଦର୍ଶନ ହେବ। ୟୁରୋପ ମହାଦେଶର ଏହି ଲୋକପ୍ରିୟ ଚଳଚ୍ଚିତ୍ର ମହୋତ୍ସବରେ ଚଳଚ୍ଚିତ୍ର ପ୍ରଦର୍ଶନ ସହ ଫିଲ୍ମ ସମ୍ପର୍କିତ ବିଭିନ୍ନ କର୍ମଶାଳା, ସମ୍ମିଳନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସମ୍ବିତ୍ ମହାନ୍ତିଙ୍କ ନିର୍ଦ୍ଦେଶିତ ୯୦ ମିନିଟ୍‌ର 'ହେଲୋ ଆର୍ଶୀ'ରେ ପ୍ରକୃତି ମିଶ୍ର ଓ ପାର୍ଥ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଫିଲ୍ମ ପ୍ରଯୋଜନା ଅଜୟ ରାଉତରାୟ କରିଥିବା ବେଳେ ଏହାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନସ୍ୱାଦର ହୋଇଛି।



## ହରିଶ୍ଚନ୍ଦ୍ର ସହାୟତା ଯୋଜନା

# ବାକି ପାଇଁ ହେବ ବାଟବଣା



- କାଠ ବାବଦକୁ ୫୦ ଲକ୍ଷ ବାକି
- ବକେୟା ଅର୍ଥ ପୈଠ କରିବାକୁ ଓଏଫ୍‌ଡିସି ଲେଖିଲା ଚିଠି

ପୁରୀ ଅଫିସ,୨୬।୧୦

ହରିଶ୍ଚନ୍ଦ୍ର ସହାୟତା ଯୋଜନା। ଶବ ସତ୍କାର ପାଇଁ ଆବଶ୍ୟକ ସେବା ଓ ସାମଗ୍ରୀରେ ସହାୟତ କରିବା ଲାଗି ସ୍ୱର୍ଗଦ୍ୱାର ଶ୍ମଶାନରେ କାର୍ଯ୍ୟକାରୀ ହେଉଛି ସରକାରଙ୍କ ଏହି ଯୋଜନା। ହେଲେ ବିବାଦ ଏହି ଯୋଜନାର ପିଛା ଛାଡୁନି। କେତେବେଳେ ଯୋଜନାରେ ଆର୍ଥିକ ଅନିୟମିତତାର ଅଭିଯୋଗ ଉଠୁଛି ତ ପୁଣି କେତେବେଳେ ବିନିଯୋଗ ପ୍ରମାଣପତ୍ରକୁ ନେଇ ବିବାଦ ଉପୁଜିଛି। ଏହି ଯୋଜନାକୁ ଚଳାଇବା ଲାଗି ପୌର ସଂସ୍ଥା ନିକଟରେ ପ୍ରାୟ ୨ ମାସ ହେବ ଟଙ୍କାଟିଏ ଅନୁଦାନ ନାହିଁ। କାଠଠାରୁ ପଥଶ୍ରାଦ୍ଧ ସାମଗ୍ରୀ ସବୁକିଛି ବାକିରେ ଆଣି ହିତାଧିକାରୀଙ୍କୁ ଯୋଗାଉଛି ପୌରସଂସ୍ଥା। ଏଭଳି ସ୍ଥିତିରେ କାଠ ଯୋଗାଉଥିବା ଓଡ଼ିଶା ବନ ଉନ୍ନୟନ ନିଗମ ବକେୟା ଅର୍ଥ ଦେବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି। ବାକିରେ ଚାଲିଥିବା ଏହି ଯୋଜନା କୌଣସି ମୁହୂର୍ତ୍ତରେ ବାଟବଣା ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସ୍ୱର୍ଗଦ୍ୱାର ଶ୍ମଶାନ ପ୍ରତିଟି ହିନ୍ଦୁଙ୍କର ଭାବାବେଗ ସହ ଜଡ଼ିତ। ମୃତ୍ୟୁ ପରେ ଏଠାରେ ସତ୍କାର କଲେ ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ପାଥେୟ କରି ଓଡ଼ିଶା ଏପରି କି ରାଜ୍ୟ ବାହାରୁ ମୃତଦେହ ସତ୍କାର ଲାଗି ସେମାନଙ୍କ ସମ୍ପର୍କୀୟ ଆଣି ଆସିଥାନ୍ତି। ରାଜ୍ୟ ସରକାରଙ୍କ ଏହି ଯୋଜନା ୨୦୧୩ ଅଗଷ୍ଟ ୧୫ରେ ପ୍ରଥମେ ସ୍ୱର୍ଗଦ୍ୱାରରେ ହିଁ ଶୁଭାରମ୍ଭ ହୋଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ସ୍ୱର୍ଗଦ୍ୱାରକୁ ମୃତଦେହ ସତ୍କାର ଲାଗି ଅଧିକ ସଂଖ୍ୟାରେ ଆସିଥିଲା। ପ୍ରଥମ ପର୍ଯ୍ୟାୟରେ ଧନୀ, ଗରିବ ସମସ୍ତେ ଏହି ଯୋଜନାର ଫାଇଦା ଉଠାଉଥିଲେ। ଗତ କିଛିମାସ ହେଲା ପୌରସଂସ୍ଥା ଏହାକୁ ନିୟନ୍ତ୍ରଣ କରିଛି। ହିତାଧିକାରୀଙ୍କଠାରୁ ଘୋଷଣାନାମା ରଖିବା ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ନିୟନ୍ତ୍ରଣ ହୋଇଛି। ବର୍ତ୍ତମାନ ଏହି ଯୋଜନାରେ ପ୍ରତ୍ୟହ ୭୦ରୁ ୮୦ ହିତାଧିକାରୀ ସୁବିଧା ପାଉଛନ୍ତି। ଏହି ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଦେଢ଼ କୁଇଣ୍ଟାଲ କାଠ, ପଥଶ୍ରାଦ୍ଧ ସାମଗ୍ରୀ ଆଦି ୨,୦୦୦ ଟଙ୍କା ମଧ୍ୟରେ ଯୋଗାଇ ଦିଆଯାଉଛି। ଶବ ସତ୍କାର ପାଇଁ ଆବଶ୍ୟକ ଝାଉଁ କାଠ ଓଡ଼ିଶା ବନ ଉନ୍ନୟନ ନିଗମ ଯୋଗାଇଥାଏ। ପଥଶ୍ରାଦ୍ଧ ସାମଗ୍ରୀ ପୌରସଂସ୍ଥା ହିତାଧିକାରୀଙ୍କୁ ଯୋଗାଇ ଥାଏ। ହେଲେ ପଥଶ୍ରାଦ୍ଧ ସାମଗ୍ରୀ ଏବଂ ଝାଉଁ କାଠ ଅର୍ଥ ପୈଠ ଲାଗି ପୌରସଂସ୍ଥା ପାଖରେ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେବ ଅନୁଦାନ ନାହିଁ। ତେଣୁ ବାକିରେ ଏସବୁ ଆଣି ହିତାଧିକାରୀଙ୍କୁ ଯୋଗାଉଛି ପୌରସଂସ୍ଥା। ବର୍ତ୍ତମାନ କାଠ ବାବଦକୁ ପୌରସଂସ୍ଥା ଓଡ଼ିଶା ବନ ଉନ୍ନୟନ ନିଗମକୁ ପ୍ରାୟ ୫୦ ଲକ୍ଷ ଟଙ୍କା ଦେବାକୁ ବାକି ରହିଛି। ସେହିପରି ପଥଶ୍ରାଦ୍ଧ ସାମଗ୍ରୀ ବାବଦକୁ ପ୍ରାୟ ୧୫ ଲକ୍ଷ ଟଙ୍କା ବାକି ରହିଥିବା ଜଣାପଡ଼ିଛି।

ବାକି ଅର୍ଥ ପାଇ ନ ଥିବାରୁ ଓଡ଼ିଶା ବନ ଉନ୍ନୟନ ନିଗମ ଇତିମଧ୍ୟରେ ଅର୍ଥ ପୈଠ କରିବାକୁ ପୌରସଂସ୍ଥାକୁ ଦୁଇଥର ଚିଠି ଲେଖି ସାରିଲାଣି। ବକେୟା ଅର୍ଥ ନ ଦେଲେ କାଠ ଯୋଗାଣ କରିବା ସମ୍ଭବପର ନୁହେଁ ବୋଲି ନିଗମ ଚିଠିରେ ଉଲ୍ଲେଖ କରିଛି। ଗତବର୍ଷ ବି ସମାନ ସ୍ଥିତି ଉପୁଜିଥିଲା। ପୌର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ଏହି ଯୋଜନାରେ ଅର୍ଥ ଯୋଗାଇଦେବାକୁ ଜିଲା ପ୍ରଶାସନକୁ ଗତ ସେପ୍ଟେମ୍ବରରେ ଚିଠି ଲେଖିଥିବା ଜଣାପଡ଼ିଛି। ତେବେ ଏ ଯାଏ ଅନୁଦାନ ମିଳି ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ଆସୁଥିବା ହିତାଧିକାରୀଙ୍କଠାରୁ ପୌରସଂସ୍ଥା ସ୍ୱର୍ଗଦ୍ୱାର ଉନ୍ନୟନ ଫି ବାବଦକୁ ୬୦ ଟଙ୍କା ଏବଂ ସ୍ୱର୍ଗଦ୍ୱାର ସଫେଇ ବାବଦକୁ ୧୧୦ ଟଙ୍କା କାଟି ରଖୁଛି। ଏହି ଅର୍ଥର ମଧ୍ୟ ଠିକ୍ ହିସାବ ମିଳୁ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ତରାଇ କୁହନ୍ତି, ଯୋଜନା ଠିକ୍ ଠାକ୍ ଚାଲିଛି। ପ୍ରଭାବିତ ହେବାର ଆଶଙ୍କା ନାହିଁ। ସରକାରଙ୍କଠାରୁ ଅନୁଦାନ ଆସିବା ପରେ ବକେୟା ପ୍ରଦାନ କରାଯିବ।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ଶୁକ୍ରବାର ଜଣେ ୯ବର୍ଷର ନାବାଳିକା ସ୍କୁଲ ଯିବା ପାଇଁ ଅପେକ୍ଷା କରିଥିବା ବେଳେ ଜଣେ ଯୁବକ ତାଙ୍କୁ ଉଠାଇ ନେଇ ବଳାତ୍କାର କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ରଘୁନାଥନଗରର ରମଜାନ ଖାନ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସକାଳ ପ୍ରାୟ ୯ଟାରେ ନାବାଳିକା ଘର ଆଗରେ ଛିଡ଼ା ହୋଇ ସ୍କୁଲ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ରମଜାନ ସେହି ବାଟ ଦେଇ ଯାଉଥିଲେ। ସେ ନାବାଳିକାଙ୍କୁ ଏକୁଟିଆ ଦେଖି ଘର ଆଗରୁ ଟେକି ନେଇଥିଲେ। କିଛି ଦୂରରେ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରି ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନାବାଳିକାଙ୍କୁ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ପୁରୀ ଅଫିସ, ୨୬।୧୦**

ସରକାରୀ ଡକ୍ୟୁମେଣ୍ଟାରି(ପ୍ରାମାଣିକ ଚଳଚ୍ଚିତ୍ର) ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୋଲିସ ବ୍ୟବହୃତ ହୋଇଥିବା ଡ୍ରୋନ ଓ ଏହାର ମେମୋରି କାର୍ଡ ଜବତ କରିଛି। ଡ୍ରୋନ ଉଡ଼ାଉଥିବା ୯ ଜଣଙ୍କୁ ପଚରା ଉଚରା ପରେ ପୋଲିସ କ୍ଷମାପତ୍ର ରଖି ଛାଡ଼ିଛି।

ଶୁକ୍ରବାର ଅପରାହ୍ଣ ପ୍ରାୟ ୫ଟା। ୮ ଯୁବକ ଏବଂ ଜଣେ ଯୁବତୀ ଏମାର ମଠ କୋଠା ଉପରେ ରହି ଡ୍ରୋନ ଉଡ଼ାଉଥିବା ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା ସିଂହଦ୍ୱାର ପୋଲିସ। ଡ୍ରୋନ ଏବଂ ଅନ୍ୟାନ୍ୟ ସରଞ୍ଜାମକୁ ଧରି ସମ୍ପୃକ୍ତ ଯୁବକ ଓ ଯୁବତୀଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା।

ସୂଚନା ଅନୁଯାୟୀ, ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ରାଜ୍ୟର ବୌଦ୍ଧ କୀର୍ତ୍ତିରାଜି, ସ୍ୱର୍ଣ୍ଣ ତ୍ରିଭୁଜ(ପୁରୀ-କୋଣାର୍କ-ଭୁବନେଶ୍ୱର) ସହ ଚିଲିକା ଉପରେ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ ଲାଗି ଓଡ଼ିଶା ପର୍ଯ୍ୟଟନ ବିଭାଗ କଲିକତାର ଲିଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଦାୟିତ୍ୱ ଦେଇଥିଲା। ଏହି ଚଳଚ୍ଚିତ୍ର ଲାଗି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ ଭାରତୀୟ ଏଏସ୍ଆଇ ଡିଜିଙ୍କୁ ଗତ ୧୧ ତାରିଖରେ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ୨୫ ତାରିଖରେ ଗଞ୍ଜାମ ଜିଲାର ବୌଦ୍ଧ କୀର୍ତ୍ତିରାଜି ଜଉଗଡ଼, ୨୬ରେ ଶ୍ରୀଜଗନ୍ନାଥ ମନ୍ଦିର, ଗୁଣ୍ଡିଚା ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ୨୭ରେ ଖଣ୍ଡଗିରି ଓ ଉଦୟଗିରି, ରାଜାରାଣୀ, ମୁକ୍ତେଶ୍ୱର, ପର୍ଶୁରାମେଶ୍ୱର ଓ ଲିଙ୍ଗରାଜ ମନ୍ଦିର ଏବଂ ୨୮ ତାରିଖରେ ଲଳିତଗିରି, ରତ୍ନଗିରି ଏବଂ ଉଦୟଗିରିରେ ଶୁଟିଂ ପାଇଁ ଅନୁମତି ଦେବାକୁ ଦର୍ଶାଯାଇଥିଲା। ଏଏସ୍ଆଇ ଡାଇରେକ୍ଟର ଜେନେରାଲ (ଡିଜି) ଗତ ୧୮ ତାରିଖରେ ଏ ନେଇ ଆବଶ୍ୟକ ନିୟମାବଳୀ ଅନୁଯାୟୀ ଅନୁମତି ଦେବାକୁ ଭୁବନେଶ୍ୱର ଏଏସ୍ଆଇ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ। ସେହି ଅନୁଯାୟୀ ଭୁବନେଶ୍ୱର ଏଏସ୍ଆଇ ପକ୍ଷରୁ ପୁରୀ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା। ଶୁକ୍ରବାର ଏହି ଚଳଚ୍ଚିତ୍ର ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାର ସଦସ୍ୟମାନେ କୋଣାର୍କ ଯିବାକୁ ବାହାରିଥିଲେ। କିନ୍ତୁ କୋଣାର୍କ ବନ୍ଦ ପାଳନ ଯୋଗୁ ସେମାନେ ସେଠାକୁ ନ ଯାଇ ଅପରାହ୍ଣରେ ପୁରୀରେ ପହଞ୍ଚିଥିଲେ। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟର ଜଣେ କର୍ମଚାରୀ ସେମାନଙ୍କୁ ନେଇ ଏମାର ମଠ ଉପରେ ଛାଡ଼ିଥିଲେ।


ପୋଲିସ ଏମାର ମଠ ଛାତ ଉପରୁ ଡ୍ରୋନ୍‌ଗୁଡ଼ିକୁ ଜବତ କରୁଛି।

- ଏମାର ମଠ କୋଠା ଉପରୁ ହେଉଥିଲା ଶୁଟିଂ
- ଡ୍ରୋନ ଜବତ, କ୍ଷମାପତ୍ର ଲେଖି ମୁକୁଳିଲେ ୯
- ପର୍ଯ୍ୟଟନ ବିଭାଗ ଡକ୍ୟୁମେଣ୍ଟାରି ପାଇଁ ହେଉଥିଲା ଶୁଟିଂ

ସଂସ୍ଥାର କର୍ମଚାରୀମାନେ ଡ୍ରୋନ୍ କାଢି ଉଡାଇବା କ୍ଷଣି ପୋଲିସ ଓ ଲୋକଙ୍କ ନଜରକୁ ଆସିଥିଲେ।

ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ଏକ ସମ୍ବେଦନଶୀଳ ଅଞ୍ଚଳ। ଏହା ମଧ୍ୟରେ ଫଟୋ ଉଠାଇବା, ଭିଡିଓ ଉତ୍ତୋଳନ କରିବା ସମ୍ପୂର୍ଣ୍ଣ ନିଷେଧ। ପର୍ଯ୍ୟଟନ ବିଭାଗ ଏବଂ ଏଏସ୍ଆଇ କିଭଳି ଏହାର ଶୁଟିଂ କରିବା ପାଇଁ ଅନୁମତି ଦେଲେ। ଯେଉଁ ଚିଠି କରାଯାଇଛି ସେଥିରେ ଡ୍ରୋନରେ ଶୁଟିଂ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଶ୍ରୀମନ୍ଦିର ଭଳି ସମ୍ବେଦନଶୀଳ ସ୍ଥାନରେ ସେମାନେ ଡ୍ରୋନ ଉଡାଇଲେ କିପରି? ଯଦିଓ ସରକାରୀ ଅନୁମିତ ଥିଲା ତେବେ ସମ୍ପୃକ୍ତ ଅଞ୍ଚଳରେ ଥିବା ସିଂହଦ୍ୱାର ଥାନାକୁ ଅବଗତ କରାଗଲା ନାହିଁ କାହିଁକି? ଏହି ଘଟଣା ପଛରେ ବହୁ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି। ସିଂହଦ୍ୱାର ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାଶ କୁହନ୍ତି, ପ୍ରକୃତରେ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡିଛି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

# ୨୩ରୁ ବାଲିଯାତ୍ରା: ପଲିଥିନ ନିଷିଦ୍ଧ

**କଟକ ଅଫିସ, ୨୬।୧୦**

ନଭେମ୍ବର ୨୩ରୁ ଆରମ୍ଭ ହେବ କଟକର ଐତିହାସିକ ବାଲିଯାତ୍ରା। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶୁକ୍ରବାର ଅପରାହ୍ଣରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବାଲିଯାତ୍ରାରେ ଆଇନଶୃଙ୍ଖଳା ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ପ୍ରଦର୍ଶନୀ ଆୟୋଜନ ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ସିଏମ୍‌ସି ପକ୍ଷରୁ ବାଲିଯାତ୍ରାରେ ପରିମଳ ବ୍ୟବସ୍ଥା ତଥା ଦୁଇଓଳି ନିୟମିତ ସଫେଇ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଜଣେ ବ୍ୟକ୍ତି ଷ୍ଟଲ ନେଇ କୌଣସି ପରିସ୍ଥିତିରେ ତାହାକୁ ଭଡ଼ାରେ ବ୍ୟବହାର କରିପାରିବେ ନାହିଁ। ପ୍ରତ୍ୟେକ ଷ୍ଟଲ୍‌ର ନାମ ଓଡ଼ିଆରେ ଲେଖାଯିବ ଏବଂ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ ବୋଲି ଜିଲାପାଳ ଅଗ୍ରୱାଲ କହିଛନ୍ତି। ଅଗ୍ନିକାଣ୍ଡଜନିତ ଦୁର୍ଘଟଣାକୁ ଏଡାଇବା ପାଇଁ ପ୍ରତ୍ୟେକ ଷ୍ଟଲ୍‌ରେ ଅଗ୍ନିଶମ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବାଲିଯାତ୍ରାରେ ତଳପଡ଼ିଆ ଓ ଉପର ପଡ଼ିଆରେ ଆବଶ୍ୟକ ସଂଖ୍ୟକ ସିସିଟିଭି କ୍ୟାମେରା ଲଗାଯିବ। ପୋଲିସ ପ୍ରଶାସନ, ଓରମାସ୍ ତରଫରୁ ଆବଶ୍ୟକ ୱାଚ୍ ଟାୱାର ବ୍ୟବସ୍ଥା ହେବ। ବାଲିଯାତ୍ରାରେ ପରିବାରଠାରୁ ଅଲଗା ହୋଇଯାଉଥିବା ପିଲାମାନଙ୍କୁ ସାମୟିକ ଭାବେ ଶିଶୁ ପ୍ରଯତ୍ନ ଅନୁଷ୍ଠାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଖାଯିବା ପାଇଁ ବ୍ୟବସ୍ଥା କରାଯିବ। ତଳପଡ଼ିଆ ମହାନଦୀକୂଳ ପଟକୁ ବାରିକେଡିଂ କରାଯିବା ଓ ବାଡ଼ାରେ ନଦୀରେ ପାଣି ମଧ୍ୟକୁ ନ ଯିବା ପାଇଁ ସତର୍କତାମୂଳକ ସୂଚନା ଫଳକ ଲଗାଯିବ। ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ସୁବିଧାରେ ଯାତ୍ରାସ୍ଥଳକୁ ଯିବା ପାଇଁ ପ୍ରଶସ୍ତ ରାସ୍ତା କରାଯିବ।

ଗଡ଼ଗଡ଼ିଆ ମନ୍ଦିର ପରିସରରେ ଷ୍ଟଲ ଯୋଗାଣ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ପୂର୍ବ ବର୍ଷଗୁଡ଼ିକରେ ଷ୍ଟଲ ପାଇଥିବା ବ୍ୟକ୍ତିମାନଙ୍କ ପାଇଁ ୫ରୁ ୧୮ ନଭେମ୍ବର ଏବଂ ନୂତନ ଆବେଦନକାରୀଙ୍କ ପାଇଁ ୧୯ରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ବାଲିଯାତ୍ରାରେ ଲାଇସେନ୍ସପ୍ରାପ୍ତ ଷ୍ଟଲଧାରୀ ଚୋରାରେ ବୁଲା ବିକାଳି ବା ଅନ୍ୟ କାହାରିକୁ ବିଦ୍ୟୁତ୍ ଯୋଗାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବୈଠକରେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ହରିଶ ଚନ୍ଦ୍ର ନାୟକ ଏବଂ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟମାନେ।

- ପ୍ରଶାସନର ପ୍ରସ୍ତୁତି
- ପରିମଳ ବ୍ୟବସ୍ଥାର ସୁପରିଚାଳନା, ନିରାପତ୍ତା ଉପରେ ଗୁରୁତ୍ୱ

### ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣା

# ବୈଜୟନ୍ତଙ୍କୁ ଡିଜିସିଏର କ୍ଲିନ୍‌ଚିଟ୍

**ପୁରୀ ଅଫିସ, ୨୬।୧୦**

ଚିଲିକାରେ ହେଲିକପ୍ଟର ଉଡ଼ାଣ ଘଟଣାରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) କ୍ଲିନ୍‌ଚିଟ୍ ଦେଇଛି। ଡିଜିସିଏ ଦର୍ଶାଇଛି ଯେ, ହେଲିକପ୍ଟର ଉଡ଼ାଣ ବେଳେ ଡିଜିସିଏର କୌଣସି ନିୟମାବଳୀର ଉଲ୍ଲଂଘନ ହୋଇନାହିଁ। ସେପ୍ଟେମ୍ବର ୧୫ରେ ଇଣ୍ଟାର ରବିନ୍‌ସନ୍ ଆର୍-୪୪ ହେଲିକପ୍ଟର ଭୁବନେଶ୍ୱର ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି ରାଜହଂସ, ପୁରୀ, କୋଣାର୍କ ଦେଇ ଶେଷରେ କେନ୍ଦ୍ରାପଡା ଜିଲାର ଗରଦପୁରରେ ଅବତରଣ କରିଥିଲା। ଅନ୍ୟ କୌଣସି ସ୍ଥାନରେ ଅବତରଣ କରିନାହିଁ। ସେହିଦିନ ରାଜହଂସରେ ଅନ୍ୟ କୌଣସି ହେଲିକପ୍ଟର ମଧ୍ୟ ଉଡ଼ାଣ କରିନାହିଁ। ଉଡ଼ାଣ ଲାଗି ଧାର୍ଯ୍ୟ ସମୟରେ କୌଣସି ବ୍ୟତିକ୍ରମ ଘଟିନାହିଁ। ତଥ୍ୟ ଓ ପ୍ରମାଣରୁ ଯାହା ଜଣାପଡିଛି ଚିଲିକାରେ ଉକ୍ତ ହେଲିକପ୍ଟର ବିପଦପୂର୍ଣ୍ଣ ଭାବେ ଉଡ଼ାଣ କରିନାହିଁ ବୋଲି ଡିଜିସିଏ କର୍ତ୍ତୃପକ୍ଷ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଗଣମାଧ୍ୟମକୁ କହିଛନ୍ତି ଯେ, ଡିଜିସିଏ ରିପୋର୍ଟ ପାଇଛୁ। ତାହାକୁ ଅନୁଧ୍ୟାନ କରାଯାଉଛି। ଏ ସଂକ୍ରାନ୍ତରେ ଅଧିକ କିଛି କହିବାକୁ ଏସ୍‌ପି ମନାକରି ଦେଇଛନ୍ତି।

ସୂଚନାଯୋଗ୍ୟ, ଚିଲିକାର ଅରଖକୁଦା ତଥା ନୂଆ ମୁହାଣ ଇଲାକାରେ ସେପ୍ଟେମ୍ବର ୧୫ରେ ସି ପ୍ଲେନ ଉଡିଥିବା ଚର୍ଚ୍ଚା ହୋଇଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଏସିଏଫ ବିନୋଦ ଆଚାର୍ଯ୍ୟ ଅରଖକୁଦା ଥାନାରେ ଏ ସଂକ୍ରାନ୍ତରେ ଏତଲା ଦେଇଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ସେପ୍ଟେମ୍ବର ୧୭ରେ ଅରଖକୁଦା ସାମୁଦ୍ରିକ ଥାନାରେ କେସ ନଂ. ୧୬/୧୮ ରୁଜୁ ହୋଇଥିଲା। ତଦନ୍ତରୁ ଇଣ୍ଟାର ହେଲିକପ୍ଟର ରବିନ୍‌ସନ୍ ଆର୍-୪୪ ଉଡିଥିବା ଜଣାପଡିଥିଲା। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଉକ୍ତ ହେଲିକପ୍ଟର ଉଡ଼ାଣ କରିଥିବା ବେଳେ ଅଭିଜିତ ଆୟର ମିତ୍ର ଏବଂ ଆରତୀ ଟିକୋ ଯାତ୍ରୀ ରହିଥିଲେ। ପ୍ରାଥମିକ ତଦନ୍ତକୁ ଭିତ୍ତିକରି ପୁରୀ ପୋଲିସ ସେପ୍ଟେମ୍ବର ୧୭ ରାତିରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଥିବା ଇଣ୍ଟାର ହେଙ୍ଗରକୁ ସିଲ୍ କରିଥିଲା। ଉକ୍ତ ହେଙ୍ଗର ବର୍ତ୍ତମାନ ସିଲ୍ ହୋଇ ରହିଥିବା ବେଳେ ସେଥିରେ ୩ଟି ହେଲିକପ୍ଟର ରହିଛି। ପୂର୍ବତନ ଏମ୍‌ପି ପଣ୍ଡା ଏବଂ ୨ସହଯାତ୍ରୀଙ୍କୁ ସେପ୍ଟେମ୍ବର ୧୯ରେ ପୁରୀ ସଦର ଥାନାରେ ହାଜର ହେବାକୁ ନୋଟିସ ଜାରି ହୋଇଥିଲା। ବୈଜୟନ୍ତ ହାଜର ହୋଇ ନ ଥିଲେ। ଇଣ୍ଟାର ବିମାନ ଚଳାଚଳ ବିଭାଗର ମ୍ୟାନେଜର ହିମାଂଶୁ ମହାପାତ୍ର ପୋଲିସ ନିକଟରେ ହାଜର ହୋଇ ପକ୍ଷ ରଖିଥିଲେ। ସେପ୍ଟେମ୍ବର ୨୪ ମଧ୍ୟାହ୍ନ ୧୨ଟା ବେଳେ ହାଜର ହେବାକୁ ବୈଜୟନ୍ତ ଓ ତାଙ୍କ ଦୁଇ ସହଯାତ୍ରୀଙ୍କୁ ପୋଲିସ ପୁଣି ନୋଟିସ ଜାରି କରିଥିଲା।

ଅନ୍ୟପକ୍ଷରେ ପୁରୀ ପୋଲିସ ଡିଜିସିଏ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଚିଠି ଲେଖିଥିଲା। ଡିଜିସିଏ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସେପ୍ଟେମ୍ବର ୨୪ରେ ହାଜର ପାଇଁ ବୈଜୟନ୍ତଙ୍କୁ ନୋଟିସ ଜାରି କରିଥିଲେ। ବୈଜୟନ୍ତ ଡିଜିସିଏରେ ହାଜର ହୋଇ ପକ୍ଷ ରଖିଥିଲେ। ଡିଜିସିଏରେ ଶୁଣାଣି ରହିଥିବାରୁ ବୈଜୟନ୍ତ ୨୪ରେ ପୁରୀ ପୋଲିସ ନିକଟରେ ହାଜର ନ ହୋଇ ୧ ମାସ ସମୟ ମାଗିଥିଲେ।

ପୋଲିସ ରୁଜୁ କରିଥିବା ମାମଲାର ଭବିଷ୍ୟତ କ'ଣ ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି। ସିଲ୍ ହୋଇଥିବା ହେଙ୍ଗର ପୋଲିସ ଖୋଲୁଛି ନା ବୈଜୟନ୍ତଙ୍କ ବିରୋଧରେ ଆଉ କି ପଦକ୍ଷେପ ନେଉଛି ତାହାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି।

### ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

**ଭୁବନେଶ୍ୱର,୨୬।୧୦(ବ୍ୟୁରୋ):** ବୈଜୟନ୍ତଙ୍କୁ ଡିଜିସିଏର କ୍ଲିନ୍‌ଚିଟ୍ ପରେ ରାଜ୍ୟ ସରକାରଙ୍କୁ ଭାଜପା ଓ କଂଗ୍ରେସ ସମାଲୋଚନା କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଆମେ ଭାବୁଛୁ ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଅଛି। ଅଯଥା କାହାକୁ ହଇରାଣ କରିବା ଉଚିତ୍ ନୁହେଁ। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ରାଜନୈତିକ ପ୍ରତିଶୋଧ ନେବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଟାନ୍ତର ନାହିଁ। ଏଭଳି ରାଜନୈତିକ ପ୍ରତିହିଂସା କେବେ କେହି ନେଇ ନ ଥିଲେ। ସରକାରଙ୍କ ଅସଲ ମୁଖା ଖୋଲିଯାଇଛି। ରାଜ୍ୟ ସରକାରଙ୍କ ଆଚରଣର ପ୍ରତିକାର କରିବା ଦରକାର ବୋଲି ପୃଥ୍ୱୀରାଜ କହିଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଆରମ୍ଭରୁ ସ୍ପଷ୍ଟ ଭାବେ କୁହାଯାଇଛି, ଆଇନ ତା ବାଟରେ ଯିବ। ଯଦି କିଛି ନିୟମ ଉଲ୍ଲଂଘନ ହୋଇଥିବ, ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଯଦି ଆଇନର ଉଲ୍ଲଂଘନ ହୋଇ ନ ଥିବ, ତେବେ କିଛି ଅସୁବିଧା ନାହିଁ ବୋଲି ପ୍ରତାପ କହିଛନ୍ତି।





@ ମାନସ


@ ଅସିତ୍


@ ସମ୍ରିତ୍


@ ସୌମ୍ୟରଞ୍ଜନ


@ ସୌମ୍ୟ


@ ବିଶାଳ


@ ଅମିତ୍


@ ଶୁଭପ୍ରିୟ



ଯେଉଁମାନଙ୍କ ମନଟି ଛୋଟ ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଓଡ଼ିଆ ସାହିତ୍ୟରେ ଗୋଦାବରୀଶ ମିଶ୍ରଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ):** ଗୋଦାବରୀଶ ସାହିତ୍ୟ ସଂସଦର ୬୧ତମ ବାର୍ଷିକ ଉତ୍ସବ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୨ତମ ଜୟନ୍ତୀ ଅବସରରେ ଏକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଦାବରୀଶ ସାହିତ୍ୟ ସଂସଦର ସଭାପତି ବିନୋଦ ବିହାରୀ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋଦାବରୀଶ ମିଶ୍ରଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଅନୁଷ୍ଠାନର ସମ୍ପାଦକ ରାମଚନ୍ଦ୍ର ମେକାପ, ଉପସଭାପତି ବୈକୁଣ୍ଠନାଥ ପତି ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟଙ୍କୁ 'ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ସୁବାସ ଚନ୍ଦ୍ର ମହାପାତ୍ର, ଗାୟତ୍ରୀ ତ୍ରିପାଠୀ, ରଜନୀକାନ୍ତ ପଟ୍ଟନାୟକ, ଡ. ରାମଚନ୍ଦ୍ର ମହାନ୍ତି, ବିଦେଶୀ ଭଞ୍ଜ, ରବି ମହାପାତ୍ର, ପ୍ରତିମା ଦାସ, ବଂଶୀଧର ସେଠୀ ଏବଂ କିର୍ତ୍ତୀମୟୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମୀନାକ୍ଷୀ ସିଂଙ୍କ ଗଳ୍ପ ସଂକଳନ 'ଅସ୍ତରାଗର ଆଭା' ଉନ୍ମୋଚିତ ହୋଇଥିଲା। ବୈକୁଣ୍ଠନାଥ ପତିଙ୍କ ସଭାପତିତ୍ୱରେ ବହୁ କବି ଏବଂ କବୟିତ୍ରୀ କବିତା ପାଠ କରିଥିଲେ।

### ୧ରୁ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

**ପୁରୁଣା ଭୁବନେଶ୍ୱର, ୨୬। ୧୦(ଡି.ଏନ.ଏ.):** ଆସନ୍ତା ନଭେମ୍ବର ୧ ରୁ ତ୍ରୟୋଦଶ ତମ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ଓ ଜ୍ଞାନଯଜ୍ଞ ଆରମ୍ଭ ହେବାକୁ ଯାଉଛି। ଏଥିରେ ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ କୃତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ପ୍ରବକ୍ତା ପଣିତ ବାଉରିବନ୍ଧୁ ପାତ୍ର, ପଣ୍ଡିତ ନାରାୟଣ ଦାସ, ପଣ୍ଡିତ ମହନ୍ତ ଗୋବିନ୍ଦ ଦାସ ମହାରାଜା, ପଣ୍ଡିତ ଗୋପାଳ ରାଜଗୁରୁ ପ୍ରମୁଖ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମକୁ ଜୟ ଶ୍ରୀରାମ ଆଧାତ୍ମିକ ଚେତନା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ପୂର୍ବାହ୍ନରେ ପରିଷଦ କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ ଜଗନ୍ନାଥ ପରିଡ଼ା, ରବିନାରାୟଣ ସାମନ୍ତରାୟ, ଫକୀର କାହାଳିଆ, ସନାତନ ବେହେରା, ଦୁଃଖିଶ୍ୟାମ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପାତ୍ର, ରମେଶ ବେହେରା, ଲୋଚନ ସାହୁ, ବୁଦ୍ଧଦେବ ବେହେରା, ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ଆର୍‌ଏମ୍‌ଆର୍‌ସିରେ ମିଥ୍ୟା ବିଲ୍ ଦେଇ ୧.୩ କୋଟି ଠକେଇ

# ୩ ବ୍ୟବସାୟୀ, ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକ ଗିରଫ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି)ରେ ମିଥ୍ୟା ବିଲ୍ ଦେଇ ୧ କୋଟି ୩୦ ଲକ୍ଷ ଟଙ୍କା ଠକେଇ କରିବା ଘଟଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ୩ ବ୍ୟବସାୟୀ ଓ ଜଣେ ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀମାନେ ହେଲେ ବିଶାଖାପାଟଣାର ଟି. ପାଣ୍ଡୁ ରଙ୍ଗା ରାଓ, ଭଦ୍ରକ ଭଣ୍ଡାରିପୋଖରୀର ଅଚ୍ୟୁତାନନ୍ଦ ଦାଶ, ଗଞ୍ଜାମ ଭଞ୍ଜନଗରର ରଞ୍ଜିତ କୁମାର ଷଡ଼ଙ୍ଗୀ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକ ମୁମ୍ବାଇ ଭନ୍ଦୁପ ଅଞ୍ଚଳର ବିନୋଦ କୁମାର ସିଂ। ସେମାନଙ୍କ ବିରୋଧରେ ଇଓଡବ୍ଲ୍ୟୁ ଦଫା ୪୦୯, ୪୨୦, ୪୬୭, ୪୬୮, ୪୭୧, ୪୭୭(ଏ), ୧୨୦(ବି)ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ଝାରପଡା ଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଆରଏମ୍‌ଆରସିକୁ ଗାଡ଼ି ଭଡ଼ାରେ ଯୋଗାଇବା ସହିତ ବିଭିନ୍ନ ଅଫିସ ଉପକରଣ ଯୋଗାଇଥାନ୍ତି। ପରେ ଆର୍‌ଏମ୍‌ଆର୍‌ସି ଅଫିସ ଷ୍ଟେନୋ ଦିଲୀପ କୁମାର ମହାନ୍ତିଙ୍କୁ ହାତ କରି ଯେତିକି ବିଲ୍ ହେଉଥିଲା ତା'ଠାରୁ ଅଧିକ ଟଙ୍କା ବିଲ୍‌ରେ ପକାଉଥିଲେ। ଏ ବାବଦରେ ସେମାନେ ଦିଲୀପଙ୍କୁ ପର୍ସେଣ୍ଟେଜ ଦେଉଥିଲେ। ଏଭଳି ଉପାୟରେ ସେମାନେ ୧ କୋଟି ୩୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଅଭିଯୁକ୍ତ ଟି. ପାଣ୍ଡୁ ରଙ୍ଗା ରାଓ ଜାଲିଆତି କରି ତାଙ୍କ ସଂସ୍ଥା ନାମରେ ୩ଲକ୍ଷ ଟଙ୍କା ନେଇଥିବାବେଳେ ଅଚ୍ୟୁତାନନ୍ଦ ତାଙ୍କ ସଂସ୍ଥା ନିରୁପମା ଟ୍ରାଭେଲ୍ସ ନାମରେ ଅଧିକ ୧୩ ଲକ୍ଷ ୨୩ ହଜାର ୧୩୦ ଟଙ୍କା ନେଇଥିଲେ। ସେହିଭଳି ରଞ୍ଜିତ କୁମାର ଷଡ଼ଙ୍ଗୀ ତାଙ୍କ ସଂସ୍ଥା ସ୍ନେହ୍ନ ନାମରେ ଅଧିକ ୨ ଲକ୍ଷ ୬୦ ହଜାର, ବିନୋଦ କୁମାର ସିଂ ବିନ୍ଦୁ ଡାଇଗ୍ନୋଷ୍ଟିକ ନାମରେ ୮ଲକ୍ଷ ୨୫ ହଜାର ଟଙ୍କା ନେଇଛନ୍ତି। ସେମାନଙ୍କ ଜାଲ୍ ବିଲ୍ କରିବାରେ ଦିଲୀପ ସହଯୋଗ କରିଲେ। ଆରଏମ୍‌ଆରସିର ପ୍ରଶାସନିକ ଅଧିକାରୀ ଅଡିଟ୍ କରିବା ସମୟରେ ଜାଲିଆତି ଧରାପଡ଼ିଥିଲା। ଏ ନେଇ ୨୦୧୬ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରାଯାଇଥିଲା। ପ୍ରଥମେ ୨୦୧୬ ମାର୍ଚ୍ଚ ୨୮ରେ ଜାଲିଆତିରେ ସହଯୋଗ କରିଥିବା ଷ୍ଟେନୋ ଦିଲୀପଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ୪ ଅଭିଯୁକ୍ତ ଫେରାର ଥିଲେ। ସେମାନଙ୍କୁ ଗୁରୁବାର ରାତିରେ ଇଓଡବ୍ଲ୍ୟୁ ଅଧିକାରୀମାନେ ଭୁବନେଶ୍ୱରରୁ ଗିରଫ କରିଥିଲେ।




ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ବାର୍ଷିକ ମହୋତ୍ସବରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

■ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ସଙ୍ଗୀତ ମହୋତ୍ସବ

# ମନମୋହିଲା ଓଡ଼ିଶୀ ବୃନ୍ଦ ଗାୟନ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ୬ଷ୍ଠ ବାର୍ଷିକ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏକାଡେମୀର ବରିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୌଡ଼ି ରାଗରେ ପରିବେଷିତ ଓଡ଼ିଶୀ ବୃନ୍ଦ ଗାୟନ ଶ୍ରୋତାଙ୍କ ମନ ମୋହିଥିଲା। ସଙ୍ଗୀତା ପଣ୍ଡାଙ୍କ ପରିଚାଳନାରେ ପ୍ରସ୍ତୁତ ଏହି ସଙ୍ଗୀତ ଶାସ୍ତ୍ର ଆଧାରିତ ଥିଲା। ଏଥିରେ ମର୍ଦ୍ଦଳରେ ଗୁରୁ ନିରଞ୍ଜନ ସାହୁ ସହାୟତା କରିଥିଲେ। ପରେ ପରେ ଓଡ଼ିଶୀ ସଙ୍ଗୀତର ଖ୍ୟାତନାମା ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ଦ୍ୱାରା ଏକକ ମର୍ଦ୍ଦଳ ବାଦନ ପ୍ରସ୍ତୁତ ହୋଇଥିଲା। ସନ୍ଧ୍ୟାର ଶେଷ ପ୍ରସ୍ତୁତି ଥିଲା ଓଡ଼ିଶୀ ନୃତ୍ୟଶିଳ୍ପୀ ରାମଲୀ ଇବ୍ରାହିମ୍ ଓ ଶିଷ୍ୟା ଗୀତିକା ଶ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଲକ୍ଷ୍ମୀନାରାୟଣ ବନ୍ଦନା ଓ ରସମଞ୍ଜରୀ ପଲ୍ଲବୀ। ଏହି ୨ଟି ପ୍ରସ୍ତୁତିରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସ୍ୱର ସଂଯୋଜନା କରିଥିବା ବେଳେ ବାଦ୍ୟରେ ଗୁରୁ ବନମାଳୀ ମହାରଣା ସଂଯୋଜନା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ମଧ୍ୟ ଏକାଡେମୀ ପକ୍ଷରୁ ଏକ ସଙ୍ଗୀତ ସିଡୀ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି କମଳକାନ୍ତ ମିଶ୍ର ଯୋଗଦେଇ କହିଥିଲେ, ଆଗାମୀ ପିଢ଼ିର ସଙ୍ଗୀତଜ୍ଞ ଓ ଗବେଷକଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଏକ ଅବଦାନ। ଯାହା ଓଡ଼ିଶୀ ସଙ୍ଗୀତର କେବଳ ଶାସ୍ତ୍ରୀୟତା ଦିଗକୁ ଯେ ଅଧିକ ଋଦ୍ଧିମନ୍ତ କରିବ ତାହା ନୁହେଁ, ବରଂ ଏଥିରେ ସ୍ଥାନ ପାଇଥିବା ଓଡ଼ିଶୀ ସଙ୍ଗୀତର ମୌଳିକ ଶାସ୍ତ୍ର ଭିତ୍ତିକ ଓ ପାରମ୍ପରିକ ରାଗରାଗିଣୀଗୁଡ଼ିକର ରୂପରେଖ ଅତି ସହଜରେ ସମସ୍ତଙ୍କ ପାଖରେ ପହଞ୍ଚିପାରିବ। ସମ୍ମାନିତ ଅତିଥିଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଯୋଗଦେଇଥିଲେ। ବରିଷ୍ଠ କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ, ବରିଷ୍ଠ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ସାମାଜିକ କର୍ମୀ ତୃପ୍ତିରାୟ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ କେନ୍ଦ୍ରୀୟ ସଚିବ



କେନ୍ଦ୍ରୀୟ ସଚିବ ଓ ଅନ୍ୟ ଅଧିକାରୀମାନେ ଶହୀଦନଗର ସ୍ମାର୍ଟପାର୍କକୁ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର, ୨୬।୧୦ (ବ୍ୟୁରୋ)**

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦୁର୍ଗା ଶଙ୍କର ମିଶ୍ର ଏବଂ ଅତିରିକ୍ତ ସଚିବ ତଥା ଅମୃତ ମିଶନ ନିର୍ଦ୍ଦେଶକ ଶିବ ଦାଶ ମେନା ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍)ର ପରିଚାଳନା ନିର୍ଦ୍ଦେଶକ କ୍ରିଷନ କୁମାର, ବିଏସ୍‌ସିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍. ଭିନିଲ୍ କ୍ରିଷ୍ଣା, ବିଏମ୍‌ସି ଅତିରିକ୍ତ କମିଶନର ଶୁଭମ୍ ସକ୍‌ସେନା ଏବଂ ରାଜ୍ୟ ଅମୃତ ମିଶନ ନିର୍ଦ୍ଦେଶକ ପି. କେ. ଝା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ସଚିବ ଶହୀଦନଗର ସ୍ମାର୍ଟପାର୍କକୁ ଯାଇ ବୁଲି ଦେଖିଥିଲେ। ପାର୍କରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ଥିବା ପାନୀୟଜଳ ବ୍ୟବସ୍ଥା, ପିଲାଙ୍କ ଖେଳନା ଉପକରଣ, ଓପନ୍ ଜିମ୍ ସେଣ୍ଟର ଏବଂ ଇ-ଟଏଲେଟ୍‌କୁ ବୁଲି ଦେଖିଥିଲେ। ସେହିପରି ସ୍ମାର୍ଟ ଜନପଥକୁ ଯାଇ କାର୍ଯ୍ୟ ଦେଖିଥିଲେ। ପରେ ସଚିବଦ୍ୱୟ ଖାରବେଳନଗରରେ ଥିବା ସୋସିଆଲ ଇକ୍ୟୁଇଟି ସେଣ୍ଟର(ଏସ୍‌ଇସି)ରେ ଗୃହହୀନଙ୍କ ପାଇଁ ନିର୍ମାଣ ହୋଇଥିବା କୋଠା ଏବଂ ଭୁବନେଶ୍ୱର ଅପରେଟିଂ ସେଣ୍ଟର ପରିଦର୍ଶନ କରିବା ସହିତ ସ୍ମାର୍ଟସିଟି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଅଧିକାରୀ ଏସ୍. ଲକ୍ଷ୍ମୀପତି ସଚିବଙ୍କୁ ପିପିପି ମୋଡ୍‌ରେ କିପରି ଆଇଆଇଟି ଭୁବନେଶ୍ୱର ଏବଂ ନାଇଜରକୁ ପାନୀୟ ଜଳ ଯୋଗାଣ କରାଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ।

## ଇଲିଆନା ଚିତାରିସ୍ତିଙ୍କୁ 'ସୁରେଶ ସୃଜନ ସମ୍ମାନ'

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ଓଡ଼ିଶାରେ ଲୋକସଂସ୍କୃତି ଓ ପରମ୍ପରାର ବିସ୍ତୃତ ଇତିହାସ ସ୍ୱୀକାର୍ଯ୍ୟ। ଲୋକ ଉପାଦାନଗୁଡ଼ିକର ଯଥାର୍ଥ ଅନୁଶୀଳନ ଓ ଆକଳନ ସହିତ ସେଗୁଡ଼ିକର ସଂରକ୍ଷଣ ଜରୁରୀ। ଆମ ରାଜ୍ୟରେ ଲୋକ ସଂସ୍କୃତି ଗବେଷଣାର ବ୍ୟାପକ ଅବସର ରହିଛି ବୋଲି ବିଶିଷ୍ଟ ସଂସ୍କୃତି ଗବେଷକ ଡ. ମନ୍ମଥ କୁମାର ଶତପଥୀ କହିଛନ୍ତି। ଶୁକ୍ରବାର ରାଜ୍ୟ ଅଭିଲେଖାଗାରଠାରେ ସୁରେଶ ବଳବନ୍ତରାୟ ସ୍ମାରକ ବକ୍ତୃତା ପ୍ରଦାନ କରି ଡ. ଶତପଥୀ 'ଓଡ଼ିଶାରେ ଲୋକ ସଂସ୍କୃତି ପରମ୍ପରା' ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ଲେଖକ, ଗବେଷକ, ନାଟ୍ୟକର୍ମୀ ତଥା ଲୋକ ସଂସ୍କୃତି ବିଶେଷଜ୍ଞ ସ୍ୱର୍ଗୀୟ ସୁରେଶ ବଳବନ୍ତରାୟଙ୍କ ୬୪ତମ ଜୟନ୍ତୀ ଅବସରରେ ସୁରେଶ ବଳବନ୍ତରାୟ ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଓ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନ ପକ୍ଷରୁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ତଥା ସଂସ୍କୃତି ଗବେଷକ ପଦ୍ମଶ୍ରୀ ଡ. ଇଲିଆନା ଚିତାରିସ୍ତିଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ବଳବନ୍ତରାୟଙ୍କ ରଚିତ ଗୀତିନାଟ୍ୟ 'ଯୁଗକୁ ଯୁଗ ଏହି ମତେ' ଉନ୍ମୋଚିତ ହୋଇଥିଲା। ଫାଉଣ୍ଡେଶନର ଉପସଭାପତି ଡ. ହରେକୃଷ୍ଣ ପାତ୍ର ସ୍ୱାଗତ ଭାଷଣ ଓ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ, ଗବେଷକ ଡ. ଶାନ୍ତନୁ ରଥ ଅତିଥି ପରିଚୟ ଦେଇଥିଲେ। ଭାଷାବିତ୍ ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ଫାଉଣ୍ଡେଶନର ସମ୍ପାଦିକା ଅଧ୍ୟାପିକା ଅନ୍ୟା ଅନୁରୂପା ଧନ୍ୟବାଦ ଅର୍ପଣ କରିଥିଲେ।

## ବାରଙ୍ଗରେ ଜମୁଛି ଗଜଲକ୍ଷ୍ମୀ ପୂଜା

**ବାରଙ୍ଗ,୨୬।୧୦(ଡି.ଏନ୍.ଏ.)**

ଗଜଲକ୍ଷ୍ମୀ ପୂଜାକୁ ନେଇ ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ରଘୁନାଥପୁର, ଗଣ୍ଡରପୁର, କଲ୍ୟାଣପୁର, କଳାରାହାଙ୍ଗ, ବରିମୁଣ୍ଡ, ଦାଢ଼ା, ଚନ୍ଦକା, ଅନ୍ଧାରୁଆ, ମେଣ୍ଢାଶାଳ ଆଦି ପଞ୍ଚାୟତରେ ଧୁମ୍‌ଧାମରେ ଚାଲିଛି ମା'ଙ୍କ ପୂଜା। ଦାରୁଠେଙ୍ଗ ଗ୍ରାମରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭାପାଉଥିବା ବେଳେ ବ୍ରାହ୍ମଣୀଗାଁ ଓ ରାମଚଣ୍ଡୀ ଗ୍ରାମରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

# ନଭେମ୍ବର ପହିଲାରୁ କାୟାକଳ୍ପ ମୂଲ୍ୟାୟନ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

■ ସରକାରୀ ଡାକ୍ତରଖାନାରେ ପରିଚ୍ଛନ୍ନତା, ସଂକ୍ରମଣ ନିୟନ୍ତ୍ରଣ ଲାଗି ଦିଆଯିବ ପୁରସ୍କାର

■ ୭୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଲେ ଯୋଗ୍ୟ ବିବେଚିତ ହେବେ

ସରକାରୀ ଡାକ୍ତରଖାନାଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଏବଂ ସଂକ୍ରମଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା କାୟାକଳ୍ପ ପୁରସ୍କାର ଲାଗି ଆସନ୍ତା ନଭେମ୍ବର ପହିଲାରୁ ମୂଲ୍ୟାୟନ ଆରମ୍ଭ ହେବ। ନଭେମ୍ବର ୨୫ ପର୍ଯ୍ୟନ୍ତ ଡାକ୍ତରଖାନାଗୁଡ଼ିକରେ ମୂଲ୍ୟାୟନ ଚାଲିବ। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅଧିକାରୀଙ୍କ ଉପସ୍ଥିତିରେ ବାହ୍ୟ ସମୀକ୍ଷକମାନଙ୍କୁ ନେଇ ଶୁକ୍ରବାର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଏହି ସୂଚନା ଦିଆଯାଇଛି।

ବୈଠକରେ କୁହାଯାଇଛି ଯେ, ମୂଲ୍ୟାୟନ ସମୟରେ ଯେଉଁ ସରକାରୀ ଡାକ୍ତରଖାନା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ୭୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖିବେ ସେହି ଡାକ୍ତରଖାନାଗୁଡ଼ିକ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ। ୨୦୧୫ରୁ ଦିଆଯାଉଥିବା ଏହି ପୁରସ୍କାର ଲାଗି ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୫୦ ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୨୦ ଲକ୍ଷ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୩ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିପରି ଉପଖଣ୍ଡ, ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନରେ ରହିଲେ ୧୦ ଲକ୍ଷ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। କାୟାକଳ୍ପ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରାଥମିକ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଡାକ୍ତରଖାନାଗୁଡ଼ିକୁ ବାହ୍ୟ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଯାଏ। ପରେ ରାଜ୍ୟସ୍ତରୀୟ କ୍ୱାଲିଟି ଆସ୍ୟୁରାନ୍ସ ସମୀକ୍ଷା ବୈଠକରେ ଚୟନ କରାଯାଇଥାଏ।

■ ୭ମ ବେତନ କମିଶନ ଲାଗୁ ଦାବି

# ୧ରୁ କଳାବ୍ୟାଜ୍ ପିନ୍ଧିବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟରେ ଥିବା ୟୁଜିସିପ୍ରାପ୍ତ ଅଧ୍ୟାପକଙ୍କୁ ରାଜ୍ୟ ସରକାର ୭ମ ବେତନ ହାରରେ ଦରମା ପ୍ରଦାନ କରୁନାହାନ୍ତି। ଏହାକୁ ବିରୋଧ କରିଛି ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ମହାସଂଘ। ରାଜ୍ୟ ସରକାରଙ୍କ ଏଭଳି ଅବହେଳା ପ୍ରତିବାଦରେ ଅଧ୍ୟାପକମାନେ ଆସନ୍ତା ନଭେମ୍ବର ୧ରୁ ୯ ତାରିଖ ଯାଏ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ ବୋଲି ମହାସଂଘର ଆବାହକ ସର୍ବ ନାରାୟଣ ମିଶ୍ର ଏବଂ ସନ୍ତୋଷ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ମହାସଂଘ ପକ୍ଷରୁ ପୂର୍ବରୁ ଦାବି ପୂରଣ ନେଇ ଅନେକ ଥର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକମାନେ ୭ମ ବେତନ ହାରରେ ଦରମା ପାଉଥିବାବେଳେ ଓଡ଼ିଶାରେ ଅଧ୍ୟାପକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଆସନ୍ତା ୯ ତାରିଖ ଭିତରେ ସରକାର ଦାବି ପୂରଣ ନ କଲେ ଅଧ୍ୟାପକମାନେ ୧୨ରୁ ୧୭ ତାରିଖ ଯାଏ ପ୍ରତିଦିନ ମଧ୍ୟାନ୍ତରରେ ୧ ଘଣ୍ଟା ପାଇଁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ। ନଭେମ୍ବର ୧୯ରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବିପିୟୁଟି, ରେଭେନ୍‌ଶା, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଓୟୁଏଟିର ଅଧ୍ୟାପକମାନେ ଏକତ୍ରିତ ହୋଇ ଓୟୁଏଟି ପରିସରରୁ ପଦଯାତ୍ରାରେ ବାହାରି ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବେ। ଏହା ସତ୍ତ୍ୱେ ଯଦି ସରକାର ନ ଶୁଣନ୍ତି, ତେବେ ମହାସଂଘ ପକ୍ଷରୁ ଆସନ୍ତା ନଭେମ୍ବର ୨୬ରେ ରାମମନ୍ଦିରରୁ ମହମବତି ଶୋଭାଯାତ୍ରା କରାଯାଇ ଲୋୟର ପିଏମ୍‌ଜିରେ ପ୍ରତିବାଦ କରାଯିବ ବୋଲି ତ୍ରିପାଠୀ ଚେତାବନୀ ଦେଇଛନ୍ତି।

## ରକ୍ତଦାନ ଶିବିର

**ପୁରୁଣା ଭୁବନେଶ୍ୱର, ୨୬। ୧୦( ଡି.ଏନ.ଏ.)**

ସ୍ଥାନୀୟ କେଦାରଗୌରୀ ବିହାରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କଲୋନୀ ବାସିନ୍ଦା ଏବଂ ବରିଷ୍ଠ ନାଗରିକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କେଦାରଗୌରୀ ବିହାର ପରିଷଦରେ ଆୟୋଜିତ ଶିବିରକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ସ୍ଥାନୀୟ କର୍ପୋରେଟର ପୁଷ୍ପା ଦାସ ଏବଂ କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଜୁ ଯୁବବାହିନୀର ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଫଟୋରେ ଖବର




ଭୁବନେଶ୍ୱର ରେଲୱେ ଷ୍ଟେଶନଠାରେ ଏଚ୍‌ସିଜି କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ଶୁକ୍ରବାର ଆୟୋଜିତ ସ୍ତନ କର୍କଟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ମହିଳାଙ୍କୁ ସଚେତନ କରାଯାଉଛି।



ରସୁଲଗଡ଼ ଶିଳ୍ପାଞ୍ଚଳରେ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ଆୟୋଜିତ ଭଜନ ସମାରୋହ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।



ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ମନ୍ଦାରିଆପାଟଣା ଗ୍ରାମରେ ଶୁକ୍ରବାର ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଶିଶୁ ବିଚିତ୍ରାନନ୍ଦ ଜେନା ପ୍ରବଚନ ପ୍ରଦାନ କରୁଛନ୍ତି।



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
-କାର୍ଲାଇଲ୍



## ସଂକ୍ଷେପରେ

### ୩ ହବିଷିଆଳି ମେଡିକାଲରେ ଭର୍ତ୍ତି

**ପୁରୀ ଅଫିସ,୨୬।୧୦:** କାର୍ତ୍ତିକ ବ୍ରତର ଦ୍ୱିତୀୟ ଦିନରେ ଶୁକ୍ରବାର ୩ ହବିଷିଆଳି ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ନୟାଗଡ଼ ଜିଲାର ବ୍ରାହ୍ମଣୀ ପ୍ରଧାନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ନିମ୍ନ ରକ୍ତଚାପ ଥିବା ହସ୍ପିଟାଲ ସୂତ୍ରର ଜଣାପଡିଛି। ସେହିପରି ବଗଲା ଧର୍ମଶାଳାରେ ରହୁଥିବା ବ୍ରହ୍ମପୁରର ପଦ୍ମାବତୀ ରାଉତ ଏବଂ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟସ୍ଥ ଏକ ଲଜ୍‌ରେ ରହୁଥିବା ବ୍ରହ୍ମପୁରର କୃଷ୍ଣଲତା କର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କୃଷ୍ଣଲତାଙ୍କୁ ଜ୍ୱର ହୋଇଥିବା ବେଳେ ବ୍ରାହ୍ମଣୀଙ୍କ ରକ୍ତଚାପ ଥିବା ଜଣାପଡିଛି।

### ୨୩ କର୍ମଚାରୀ ସଂଗଠନର ସମାବେଶ

**ଭୁବନେଶ୍ୱର, ୨୬।୧୦(ବ୍ୟୁରୋ):** ବିଭିନ୍ନ ଦାବି ନେଇ ରାଜ୍ୟର ୨୩ଟି କର୍ମଚାରୀ ସଂଗଠନର ଏକ ମିଳିତ ସମାବେଶ ଶୁକ୍ରବାର କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ନେତା ଗଙ୍ଗାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଠିକାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସ୍ଥାୟୀକରଣ, ସର୍ଭିସ୍ ପ୍ରୋଭାଇଡର ନିଯୁକ୍ତି ବିଲୋପ, ଏଏନ୍‌ଏମ୍ କର୍ମଚାରୀ, ରାଜସ୍ୱ ଅମଲା କର୍ମଚାରୀ, ଲାଇବ୍ରେରି ଓ ଲାବରେଟୋରି କର୍ମଚାରୀ, ବହୁମୁଖୀ ମହିଳା କର୍ମଚାରୀ, ଗ୍ରୁପ୍ 'ଡି' କର୍ମଚାରୀଙ୍କ ଗ୍ରେଡ୍ ପେ' ସଂଶୋଧନ, ଅବସର ବୟସ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଭୁବନେଶ୍ୱରର ବିଧାୟକମାନେ ଏଥିରେ ହସ୍ତକ୍ଷେପ କରିବାକୁ ସଂଗଠନଗୁଡ଼ିକ ପକ୍ଷରୁ ଦାବି କରାଯାଇଛି। ଉପରୋକ୍ତ ସମସ୍ୟା ସଂକ୍ରାନ୍ତରେ ଏକ ୯ ଜଣିଆ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ସର୍ବଭାରତୀୟ ନେତା ଅଜୟ ନାୟକ ଚେୟାରମ୍ୟାନ ଥିବାବେଳେ ଗଙ୍ଗାଧର ସ୍ୱାଇଁ, ଆଶିଷ ନନ୍ଦ, ଜୁନେଶ ଦିଗାଲ୍, କମ୍ବୁପାଣି ଜେନା, ଅଶୋକ ଚୌଧୁରୀ, ଅବଦୁଲ୍, ଗିରୀଶ ନନ୍ଦ, ସୁଧାଂଶୁ ଶେଖର ପତି ପ୍ରମୁଖ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

ଡିସେମ୍ବର ସୁଦ୍ଧା ସବୁ ପଞ୍ଚାୟତକୁ ଇଣ୍ଟରନେଟ ସେବା

### ପ୍ରତ୍ୟେକ ଗ୍ରାମରେ ୱାଇଫାଇ ହଟ୍‌ସ୍ପଟ୍

**କଟକ ଅଫିସ, ୨୬।୧୦:** କଟକ ଜିଲାର ୨୯୦ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ସେବା ଯୋଗାଇ ଦିଆଯାଇଛି। ଅବଶିଷ୍ଟ ପଞ୍ଚାୟତଗୁଡ଼ିକୁ ଡିସେମ୍ବର ୩୧ ସୁଦ୍ଧା ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ। ସପ୍ତମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକରେ ଟେଲିକମ୍ ବିଭାଗ ଡିଜିଏମ୍ ଏହି କଥା କହିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସବୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଇଣ୍ଟରନେଟ ସେବା ଯୋଗାଇଦେବା ଉପରେ ଏମ୍‌ପି ମହତାବ ଗୁରୁତ୍ୱ ଆରୋପ କରିଥିଲେ। ଟେଲିକମ୍ ଡିଜିଏମ୍ ବୈଠକରେ ଉପସ୍ଥିତ ରହି କହିଥିଲେ ଯେ, ୭ଟି ଟେଲିଫୋନ ଏକ୍ସଚେଞ୍ଜ ମାଧମରେ ଏଫ୍‌ଟିଏଚ୍(ଫାଇବର ଟୁ ହୋମ୍) ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଯୋଗାଇଦେବା ପାଇଁ ୭୦୦ ସଂଯୋଗ କଟକ ସହରରେ ଦିଆଯାଇଛି। ଜିଲାର ପ୍ରତ୍ୟେକ ଗ୍ରାମକୁ ୱାଇଫାଇ ହଟ୍‌ସ୍ପଟ୍ କରିବା ପାଇଁ ଟେଲିକମ୍ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବୈଠକରୁ ଜଣାପଡିଛି। ସେହିପରି ଜିଲାରେ ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କଗୁଡିକରେ ଅଧିକାଂଶ ସମୟରେ କୋର ବ୍ୟାଙ୍କିଙ୍ଗ ସେବା ବାଧାପ୍ରାପ୍ତ ହେଉଛି। ତେଣୁ ଇଣ୍ଟରନେଟ ସେବାର ମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀ ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ନେବାକୁ ଏମ୍‌ପି ମହତାବ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ଜିଲାରେ ୧୮୪ ସ୍କୁଲରେ ସ୍ମାର୍ଟ କ୍ଲାସ ପାଇଁ ଇଣ୍ଟରନେଟ ସେବା ଯୋଗାଇଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

# ନଭେମ୍ବର ୧୭ରେ ରାଧାପାଦ ଦର୍ଶନ

■ଚପିଗଲା ନକଲି ପାସ୍‌ର ତଦନ୍ତ
■ତୁରନ୍ତ ସମନ୍ୱୟ ବୈଠକ ଡାକିବାକୁ ଚିଠି

ପୁରୀ ଅଫିସ, ୨୬।୧୦

ଆସନ୍ତା ନଭେମ୍ବର ୧୭ ତାରିଖ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ଗୋପୀନାଥ ଦେବଙ୍କ ପୀଠରେ ହେବ ରାଧାପାଦ ଦର୍ଶନ। ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ରାଧାରାଣୀ। ବର୍ଷକୁ ଥରେ ମା'ଙ୍କ ପାଦ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ହେଲେ ଗତବର୍ଷ ନକଲି ପାସ୍‌କୁ ନେଇ ଦର୍ଶନରେ ହୋଇଥିବା ବିଶୃଙ୍ଖଳାକୁ ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି ଭକ୍ତ। ରାଜନେତାଙ୍କ ସମ୍ପୃକ୍ତି ଥିବାରୁ ନକଲି ପାସ୍‌ର ତଦନ୍ତକୁ ଚାପି ଦିଆଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ତୁରନ୍ତ ସମନ୍ୱୟ ବୈଠକ ଡାକିବା ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଦେବୋତ୍ତର କମିଶନ ଚିଠି କରିଛନ୍ତି। ଦୁଇଟି ବୈଠକ ଡାକିବାକୁ ଦେବୋତ୍ତର କମିଶନ ଚିଠିରେ ଉଲ୍ଲେଖ କରିଥିବା ବେଳେ ତାରିଖ ସ୍ଥିର କରି ତାଙ୍କୁ ଡାକିବା ପାଇଁ କହିଛନ୍ତି। ବିଗତବର୍ଷ ଅବ୍ୟବସ୍ଥା ପାଇଁ ଦାୟୀ କିଏ, କେଉଁ ପରିସ୍ଥିତିରେ ବିଶୃଙ୍ଖଳା ହେଲା ଏସବୁ ବିଷୟ ବୈଠକରେ ଆଲୋଚନା କରାଯାଇ ଚଳିତବର୍ଷ ଲାଗି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେବ ବୋଲି ଜଣାପଡିଛି।

ଗତବର୍ଷ ରାଧାପାଦ ଦର୍ଶନ ବେଳେ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଠେଲାପେଲାରେ ୪ ଜଣ ଆହତ ହୋଇଥିଲେ। ନକଲି ପାସ୍ ଛପାଯାଇ ବିକ୍ରି କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଏଥିଯୋଗୁ ଭକ୍ତମାନେ ଖରାରେ ୭ରୁ ୮ ଘଣ୍ଟା ଧରି ଅପେକ୍ଷା କରିଥିଲେ। ବହୁ ସଂଖ୍ୟାରେ ଭକ୍ତ ଦର୍ଶନ ନ ପାଇ ଫେରିଥିଲେ।

ଏହି ଘଟଣାକୁ ନେଇ କଳାହାଣ୍ଡି ମୁଖିଗୁଡ଼ାର ନିଗମ ପ୍ରସାଦ ରଣା ଦେବୋତ୍ତର କମିଶନରଙ୍କୁ ଅଭିଯୋଗ କରିଥିଲେ। ମନ୍ଦିରର କେତେଜଣ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀ ସେବାୟତଙ୍କ ସହ ମିଶି ପଛପଟେ ଦର୍ଶନ କରୁଥିଲେ। ଆଉ କେତେଜଣ ସେବାୟତ ୩୦୦ରୁ ୪୦୦ ଟଙ୍କାରେ ପାସ୍ ବିକ୍ରି କରୁଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାର ଦେବୋତ୍ତର କମିଶନର ନିଜେ ତଦନ୍ତ କରିବା ଲାଗି ନିଗମ ସାକ୍ଷାତ୍ କରି ଅନୁରୋଧ କରିଥିଲେ। କିନ୍ତୁ ଏହାର ତଦନ୍ତ ଏ ପର୍ଯ୍ୟନ୍ତ ହୋଇନାହିଁ। ଅନ୍ୟପକ୍ଷରେ ପୁରୀ ଏସ୍‌ପି ଏହାର ତଦନ୍ତ ପାଇଁ ତତ୍କାଳୀନ ପିପିଲି ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ତଦନ୍ତ ମଧ୍ୟ ଶୀତଳଭଣ୍ଡାରରେ ରହିଛି। ଆଗକୁ ଆସୁଛି ରାଧାପାଦ ଦର୍ଶନ। ହାତରେ ଆଉ ୨୧ ଦିନ ସମୟ ଥିବା ବେଳେ ଏ ପର୍ଯ୍ୟନ୍ତ ସମନ୍ୱୟ ବୈଠକ ବସିନାହିଁ କିମ୍ବା ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କୌଣସି ଯୋଜନା ହୋଇନାହିଁ। ଗତବର୍ଷ ଯେଉଁ ପାସ୍‌କୁ ନେଇ ବିଶୃଙ୍ଖଳା ହେଲା ଏ ବର୍ଷ ପାସ୍ ବ୍ୟବସ୍ଥାକୁ କେଉଁଭଳି ନିୟନ୍ତ୍ରଣ କରାଯିବ ସେ ନେଇ କୌଣସି ପଦକ୍ଷେପ ଆରମ୍ଭ ହୋଇନାହିଁ।

ଏ ସମ୍ପର୍କରେ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସମନ୍ୱୟ ବୈଠକ ପାଇଁ ତାରିଖ ଧାର୍ଯ୍ୟ କରିବାକୁ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଚିଠି ଲେଖିଛି। ଗତବର୍ଷ ବିଶୃଙ୍ଖଳାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି ବୈଠକରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଭିଆଇପି ଦର୍ଶନକୁ ନେଇ ରାଧାପାଦ ଦର୍ଶନ ସମୟରେ ଅନେକଥର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ତତ୍କାଳୀନ ଦେବୋତ୍ତର କମିଶନ ଏହାର ତଦନ୍ତ କରି ପାସ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। କିନ୍ତୁ ଗତବର୍ଷ ଭିଆଇପି ଟିକେଟ ହୋଇ ନ ଥିଲେ ହେଁ ନକଲି ପାସ୍ ଛପାଯାଇ ବିକ୍ରି କରାଯାଇଥିବା ଏବଂ ସେବାୟତଙ୍କୁ ଦିଆଯାଇଥିବା ପାସ୍‌ର ଦୁରୁପଯୋଗ ହୋଇଥିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

■ପ୍ରାଥମିକ ବିଦ୍ୟାଳୟ ବନ୍ଦ ପ୍ରତିବାଦ

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

ବାଲିପାଟଣା,୨୬।୧୦(ଡି.ଏନ୍.ଏ.)

ପ୍ରଧାନପାଟଣା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇଥିବା ପ୍ରତିବାଦରେ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ବାଲିପାଟଣା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଇଓ ମହେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଥାଉ କି, ସରକାରୀ ନିୟମାନୁସାରେ ୧୦ଜଣରୁ କମ ପିଲା ଥିଲେ ସେହି ବିଦ୍ୟାଳୟକୁ ନିକଟ ବିଦ୍ୟାଳୟ ସହିତ ମିଶାଇ ଦିଆଯିବ। ଏହି ସ୍କୁଲର ଦୂରତା ୧୦୦ ମିଟରରୁ କମ ହୋଇଥିବା ଦରକାର। ସେହି ଆଧାରରେ ପ୍ରଧାନପାଟଣା ପ୍ରାଥମିକ ବିଦ୍ୟାଳୟକୁ ଦିୱାନପାଟଣା ବିଦ୍ୟାଳୟରେ ମିଶାଇ ଦିଆଯାଇଛି। ଗ୍ରାମବାସୀଙ୍କ ଦାବି ମୁତାବକ, ଏହି ଗ୍ରାମର ପିଲାମାନେ ମୁଖ୍ୟ ରାସ୍ତା ଦେଇ ଦିୱାନପାଟଣା ଯିବା ସମ୍ଭବ ନୁହେଁ। ଏହି ବିଦ୍ୟାଳୟରେ ୨୫ଜଣ ପିଲା ଅଛନ୍ତି। ତୁରନ୍ତ ବିଦ୍ୟାଳୟ ଖୋଲାଯାଉ। ଏ ସମ୍ପର୍କରେ ଲିଖିତ ଅଭିଯୋଗ ଫର୍ଦ୍ଦ ପ୍ରକଳ୍ପ ଅଧିକାରୀ ଅମିତା ପଟ୍ଟନାୟକ ଓ ବିଇଓ ସାହୁଙ୍କୁ ଦେଇଛନ୍ତି।

■ ରାଜଧାନୀକୁ ହାଇକୋର୍ଟ ସ୍ଥାନାନ୍ତର ଦାବି

# ଭୁବନେଶ୍ୱର ବାର୍ ଆସୋସିଏଶନର ଆନ୍ଦୋଳନ





ଆନ୍ଦୋଳନରତ ଓକିଲମାନେ।

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)

ଦେଶରେ ପ୍ରତ୍ୟେକ ରାଜଧାନୀରେ ହାଇକୋର୍ଟ କିମ୍ବା ବେଞ୍ଚ ଥିବା ବେଳେ ଏକମାତ୍ର ରାଜ୍ୟ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ହାଇକୋର୍ଟ କିମ୍ବା ଏହାର ବେଞ୍ଚ ନାହିଁ। ତେଣୁ ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର କରିବା ପାଇଁ ଭୁବନେଶ୍ୱର ବାର୍ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇଛି। ଏନେଇ ଶୁକ୍ରବାର ଭୁବନେଶ୍ୱର ବାର୍ ଆସୋସିଏଶନର ସଭାପତି ଦୁର୍ଗାମାଧବ ମିଶ୍ରଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଭୁବନେଶ୍ୱର କୋର୍ଟ ଆଗରେ ଆନ୍ଦୋଳନ କରିଥିଲେ। ଏ ସମ୍ପର୍କରେ ଦୁର୍ଗାମାଧବ କହିଛନ୍ତି, ଓରିଶା ନାମ ବଦଳାଇ ଓଡ଼ିଶା ନାମକରଣ କରାଗଲା। ସେହିଭଳି ଓଡ଼ିଶା ହାଇକୋର୍ଟ ନାମ ପରିବର୍ତ୍ତନ ନ ହୋଇ ଓରିଶା ହାଇକୋର୍ଟ ରହିଛି। ତେଣୁ ଏହାକୁ ବଦଳାଇ ଓଡ଼ିଶା ହାଇକୋର୍ଟ ନାମକରଣ କରିବା ପାଇଁ ଏକ ଆମେଣ୍ଡମେଣ୍ଟ କରିବାକୁ ସେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ପୂର୍ବରୁ ଦୁଇ ଜଣ ପୂର୍ବତନ ମୁଖ୍ୟ ବିଚାରପତି ଭିନ୍ନ ଭିନ୍ନ ସମୟରେ ହାଇକୋର୍ଟ ଭୁବନେଶ୍ୱରକୁ ସ୍ଥାନାନ୍ତର ପାଇଁ ରାଜ୍ୟପାଳଙ୍କ ନିକଟରେ ପ୍ରସ୍ତାବ ଦେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉନାହିଁ। ୧୯୯୧ ମସିହାରେ ତତ୍କାଳୀନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଏବଂ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିଧାନସଭାରେ ରାଜଧାନୀ ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନିଆଯାଇଥିବା ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଭୁବନେଶ୍ୱରରେ ପର୍ଯ୍ୟାପ୍ତ ପରିମାଣର ସ୍ଥାନ ଥିବାରୁ ୨ଶହ ଏକର ଜମିରେ ଏହା ପ୍ରତିଷ୍ଠା ପାଇଁ ଚିନ୍ତା କରାଯାଇଥିଲା ବୋଲି ଦୁର୍ଗାମାଧବ କହିଛନ୍ତି।

ଏହି ବିକ୍ଷୋଭରେ ସମ୍ପାଦକ ଅଞ୍ଜନ କୁମାର ସାମନ୍ତରାୟ, ଉପସଭାପତି ଅଶୋକ ବେହେରା, ଯୁଗ୍ମ ସମ୍ପାଦକ ଅତୁଲ୍ୟ ଆଚାର୍ଯ୍ୟ, ଦୀପ୍ତି ପ୍ରସାଦ ନନ୍ଦ, ଶୁଭେନ୍ଦ୍ର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୂଷାନଈ ଖନନ ପୂର୍ବରୁ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଜଳିଗଲା ଲକ୍ଷାଧିକ ଟଙ୍କାର ପାଇପ୍

ପୁରୀ ଅଫିସ, ୨୬।୧୦

ମୂଷାନଈର ପଙ୍କୋଦ୍ଧାର ଏବଂ ଖନନ ଲାଗି ସେପ୍ଟେମ୍ବର ୪ରୁ ଡ୍ରେଜର ମେଶିନ ପହଞ୍ଚିଛି। ମେଶିନ ଆସିବାର ଦେଢ ମାସ ବିତିଥିଲେ ହେଁ ଏ ପର୍ଯ୍ୟନ୍ତ ଖନନ ଆରମ୍ଭ ହୋଇନାହିଁ। ଆସନ୍ତା ସପ୍ତାହରୁ ଖନନ ପାଇଁ ଡ୍ରେନେଜ ବିଭାଗ ଯୋଜନା କରୁଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଅଠରନଳା ନିକଟସ୍ଥ ହୁଲୁହୁଲିଆ ପୋଲ ନିକଟରେ ପଙ୍କୋଦ୍ଧାର ଲାଗି ରଖାଯାଇଥିବା ପାଇପ୍‌ରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ୧ଫୁଟ ଗୋଲେଇ ୨୦ଫୁଟ ଲମ୍ବର ପ୍ରାୟ ୧ଶହ ପାଇପ ଜଳି ଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମୂଷାନଈ ଖନନ ପୂର୍ବରୁ ଏହି ଘଟଣା ପଙ୍କୋଦ୍ଧାର କାର୍ଯ୍ୟକୁ ଅନିଶ୍ଚିତତାକୁ ମଧ୍ୟ ଠେଲି ଦେଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଦାଦାବଟି ଲାଗି ନିଆଁ ଲଗାଯାଇଥିବା ଚର୍ଚ୍ଚା ହେଉଛି।

# ବାହାବେଦିରୁ କନ୍ୟାଙ୍କୁ ଉଠାଇନେଲା ପୋଲିସ

ବ୍ରହ୍ମଗିରି, ୨୬।୧୦(ଡି.ଏନ୍.ଏ.)

ଶିଶୁପାଳ ହୋଇ ଫେରିଲେ ବର

ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ଶୁକ୍ରବାର ବିବାହ ବେଦୀରୁ ପୋଲିସ କନ୍ୟାଙ୍କୁ ଉଠାଇ ନେବାରୁ ବିବାହ ପାଇଁ ଆସିଥିବା ବରକୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଛି। ଶୁକ୍ରବାର ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ଏକ ବିବାହ ଆୟୋଜିତ ହୋଇଥିଲା। ଏଥିରେ ବର ପକ୍ଷର ବହୁ ବନ୍ଧୁବାନ୍ଧବ ଉପସ୍ଥିତ ରହି ଭୋଜି ଭାତର ଆସର ଜମି ଆସୁଥାଏ। ବିବାହ ପାଇଁ ବେଦୀ ମଧ୍ୟ ପ୍ରସ୍ତୁତ ସରିଥାଏ। ଏପଟେ ବର କନ୍ୟା ବେଦୀକୁ ଯିବାକୁ ପ୍ରସ୍ତୁତ ହେଉଥାନ୍ତି। ଏହି ସମୟରେ ହଠାତ୍ ସେଠାରେ ବ୍ରହ୍ମଗିରି ପୋଲିସ ଗାଡ଼ି ପହଞ୍ଚିଥିଲା। କେହି କିଛି ଜାଣିବା ପୂର୍ବରୁ ପୋଲିସ କନ୍ୟାଙ୍କୁ ବେଦୀରୁ ଉଠାଇ ଆଣିଥିଲା। ପରେ ଘଟଣା ସମ୍ପର୍କରେ ବୁଝିବାରୁ ଜଣା ପଡ଼ିଲା ଯେ, ଅଳ୍ପ ଦିନ ତଳେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାତପଡା ଫାଣ୍ଡି ଅଞ୍ଚଳରୁ ଏକ ଯୁବତୀ ନିଖୋଜ ଥିଲେ। ଏନେଇ ଯୁବତୀଙ୍କ ମା' ଶୁକ୍ରବାର ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବ୍ରହ୍ମଗିରି ପୋଲିସ ଅଲାରନାଥ ମନ୍ଦିରରେ ଯୁବତୀଙ୍କର ବିବାହ ହେଉଥିବା ଜାଣି ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ପରେ ଉଭୟଙ୍କୁ ଥାନାରେ ବସାଇ ଘଟଣା ସମ୍ପର୍କରେ ପଚରା ଉଚରା କରିବାରୁ ବର ଅନ୍ୟଜାତିର ବୋଲି ଜଣାପଡ଼ିବାରୁ କନ୍ୟା ଜଣଙ୍କ ନିଜ ପରିବାର ସହ ଘରକୁ ଚାଲି ଯିବାରୁ ବିଚରା ବରକୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଥିଲା।

# ଶବ ବାହକ ଗାଡ଼ି ଓଲଟି ୮ ଆହତ

ପୁରୀ ଅଫିସ,୨୬।୧୦



ଗାଡି ଦୁର୍ଘଟଣାରେ ଆହତ ପରିବାର।

ପୁରୀ ସଦର ଥାନା ଅଧୀନ ମାଳତିପାଟପୁର ଛକରେ ଏକ ଶବ ବାହକ ଗାଡ଼ି ଓଲଟି ପଡ଼ିବାରୁ ଏଥିରେ ଥିବା ୮ଜଣ ଆହତ ହୋଇଛନ୍ତି। ଗାଡ଼ିଟି ଜଗତ୍‌ସିଂହପୁର ଜିଲା ଏରସମାରୁ ମୃତଦେହ ସତ୍କାର ପାଇଁ ସ୍ୱର୍ଗଦ୍ୱାରକୁ ଆସୁଥିଲା। ଆହତମାନେ ହେଲେ ପାରାଦୀପର ପ୍ରିୟାଂଶୁ କୁମାର ଦାଶ, ଏରସମାର ସୁଜାତା କରଣ, ଆନନ୍ଦ କରଣ, ମଣ୍ଟୁ କରଣ, ଅନନ୍ତ କରଣ, ବିଜୟ କରଣ, ତୁଳସୀ କରଣ ଓ ମୋଦିନି ପାଉଣିଆ।

ଏରସମାର ଗୋଟିଏ ପରିବାର ଓ ସମ୍ପର୍କୀୟ ମୃତ ବରେନ କରଣଙ୍କ ଶବଦାହ ଲାଗି ଉକ୍ତ ଗାଡ଼ିରେ ପୁରୀ ଆସୁଥିଲେ। ଶୁକ୍ରବାର ଅପରାହ୍ନ ୨ଟା ସମୟରେ ମାଳତିପାଟପୁର ଛକ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ବାମପାର୍ଶ୍ୱ ରାସ୍ତାକଡକୁ ଓଲଟି ପଡିଥିଲା। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଆହତମାନେ ପ୍ରାଥମିକ ଚିକିତ୍ସା ପରେ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରିଥିଲେ। ସଦର ପୋଲିସ ଘଟଣାସ୍ଥଳରୁ ଗାଡିକୁ ଜବତ କରିଛି।

କୋଣାର୍କରେ ବଙ୍ଗୀୟ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ମହିଳା ମୋର୍ଚ୍ଚାର ୧୨ଘଣ୍ଟିଆ ବନ୍ଦ



ଧାରଣାରେ ବସିଥିବା ଭାଜପା ମହିଳା ମୋର୍ଚ୍ଚାର କର୍ମୀମାନେ।

କୋଣାର୍କ, ୨୬।୧୦(ଡି.ଏନ୍.ଏ.)

ଗତ ୧୭ତାରିଖରେ କୋଣାର୍କ ମାର୍କେଟ ବିଲ୍ଡିଂର ଏକ କୋଠରିରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ବଙ୍ଗୀୟ ଯୁବତୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ୧୨ଘଣ୍ଟିଆ କୋଣାର୍କ ବନ୍ଦ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ମହିଳା ମୋର୍ଚ୍ଚା ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲା। ବନ୍ଦ ଯୋଗୁ କୋଣାର୍କକୁ ସଂଯୋଗ କରୁଥିବା ଭୁବନେଶ୍ୱର-ପୁରୀ ଓ ପୁରୀ-କାକଟପୁର ରାସ୍ତାର ମାଧିପୁର ଛକ, ହେଲିପ୍ୟାଡ ସମ୍ମୁଖସ୍ଥ ରାସ୍ତା ଓ ରାଉଳପାଟଣା ଛକରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହା ସହ ଦୋକନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ରହିଥିଲା।

ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, କାକଟପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, କୋଣାର୍କ ମଣ୍ଡଳ ସଭାପତି ସୁରେନ ପାଲ, ସୌଦାମିନୀ ମହାପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ବନ୍ଦ ସମ୍ପର୍କରେ ଜାଣି ନ ଥିବା ବାହାର ରାଜ୍ୟର ଯାତ୍ରୀବାହୀ ବସ୍, ମାଲବାହୀ ଟ୍ରକ ସମେତ ଛୋଟବଡ ଯାନବାହନ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। ଏହି ସମୟରେ ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ବନ୍ଦ ରହିଥିବାରୁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରିଥିଲେ। ଏ ସମ୍ପର୍କରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ପରିଡ଼ାଙ୍କୁ ପଚାରିବାରେ କୋଣାର୍କ ପୋଲିସର ମନମୁଖି ନୀତିକୁ ବରଦାସ୍ତ କରାଯାଇପାରିବ ନାହିଁ। ପୋଲିସ ଯଦି ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଓ କୋଣାର୍କକୁ ସମ୍ପୂର୍ଣ୍ଣ ରୂପେ ଦେହବ୍ୟବସାୟ ମୁକ୍ତ ନ କରେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କହିଥିଲେ।

## ସାଉଥ୍ ଚ୍ୟାନେଲରେ ଘାଇ

କଟକ ସଦର,୨୬।୧୦(ଡି.ଏନ୍.ଏ.)

ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ତାଳଦଣ୍ଡା ଏକ ନମ୍ବର କେନାଲର ସାଉଥ୍ ଚ୍ୟାନେଲରେ ଦାମୋଦରପୁର ନିକଟରେ ଶୁକ୍ରବାର ୨୦ଫୁଟ ଲମ୍ବର ଏକ ଘାଇ ସୃଷ୍ଟି ହୋଇଛି। ଚ୍ୟାନେଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧସିଯିବାରୁ ଘାଇ ସୃଷ୍ଟି ସହ ୪୦ଫୁଟ ଗଭୀର ଗର୍ତ୍ତ ହୋଇ ପାଣି ଶୁକ ପାଇକା ନଦୀକୁ ପ୍ରବାହିତ ହେଉଛି। ଖବରପାଇ ଜଳସେଚନ ବିଭାଗର ଯନ୍ତ୍ରୀମାନେ ଘଟଣାସ୍ଥଳରେ ପହଞ୍ଚି ଜଳ ପ୍ରବାହ ଚ୍ୟାନେଲକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି।

# କଳାପାହାଡ଼ଠୁ ବଳିଗଲା ପୁରୀ ହିଂସା: ଦାମୋଦର

ପୁରୀ ଅଫିସ,୨୬।୧୦

ଶ୍ରୀମନ୍ଦିରକୁ ଧ୍ୱଂସ ଲାଗି ୩ଥର ପ୍ରୟାସ ସତ୍ତ୍ୱେ କଳାପାହାଡ଼ ବିଫଳ ହୋଇଥିଲା। କଳାପାହାଡ଼ର ଆକ୍ରମଣ ଠାରୁ ବଳିଗଲା ପୁରୀ ହିଂସା। କୋଟି କୋଟି ଓଡ଼ିଆଙ୍କ ସ୍ପନ୍ଦନ ଶ୍ରୀଜଗନ୍ନାଥ ମନ୍ଦିର ଭିତରକୁ ପୋଲିସ ଚପଲ ପିନ୍ଧି ପ୍ରବେଶ କରିଥିଲା। ଏହା ଶ୍ରୀମନ୍ଦିରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଶ୍ରୀମନ୍ଦିରକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ବିଜୁ ବାବୁ ଶ୍ରୀଜଗନ୍ନାଥ ସଂସ୍କୃତିର ଉପଲବ୍ଧ କରିଥିଲେ। ଶ୍ରୀମନ୍ଦିର ପରିଚାଳନାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଶ୍ରୀମନ୍ଦିରର ବିକାଶ ପ୍ରତି ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ରହିଛି ବୋଲି ଶୁକ୍ରବାର କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଚାଲିଥିବା ୫୧ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ କହିଛନ୍ତି

ଶ୍ରୀମନ୍ଦିର ସୁରକ୍ଷାରେ ସରକାର ବିଫଳ





ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଉଦ୍‌ବୋଧନ ଦେଉଛନ୍ତି।

ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ।

ସେ କହିଲେ, ବିଜୁବାବୁ ଥିଲେ ଦରଦୀ ହୃଦୟର ବନ୍ଧୁ। ଓଡ଼ିଆ ଜାତିର ଗୌରବ ଲାଗି ସର୍ବଦା ଚିନ୍ତିତ ଥିଲେ। ସେ ଦୁର୍ନୀତି ଠାରୁ ବହୁ ଦୂରରେ ଥିଲେ। ତାଙ୍କ ପୁଅ ନବୀନ ପଟ୍ଟନାୟକ ଏହାର ଓଲଟା। ୧୮ବର୍ଷର ଶାସନ କାଳରେ ନବୀନ ସରକାର ଦୁର୍ନୀତିରେ ବୁଡି ରହିଛି। ରାଜସ୍ୱ ଆଦାୟ ଆଳରେ ୪କୋଟି ଓଡ଼ିଆଙ୍କ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି। ଗ୍ରାମାଞ୍ଚଳରେ ମଦର ବନ୍ୟା ଭାସୁଛି। ପରୋକ୍ଷରେ ରାଜ୍ୟ ସରକାର ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଚିଲିକାରେ ବୈଜୟନ୍ତଙ୍କ ହେଲିକପ୍ଟର ଉଡିବା ପ୍ରସଙ୍ଗରେ କହିଲେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟ ଚିଲିକା ଉପରେ ଉଡିଛନ୍ତି। ଯଦି ବୈଜୟନ୍ତ ଦୋଷୀ, ତେବେ ମୁଖ୍ୟମନ୍ତ୍ରୀ କାହିଁକି ଦୋଷୀ ନ ହେବେ ବୋଲି ସେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ବିଜୁବାବୁଙ୍କ ନୀତି, ଆଦର୍ଶରେ ଦଳ ଚାଲିଛି। ଓଡ଼ିଶାର ପ୍ରଗତି ଭାରତ ବର୍ଷରେ ସ୍ୱୀକୃତି ପାଇଛି। ଜଗନ୍ନାଥଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭକ୍ତି ଓ ବିଶ୍ୱାସ ରହିଛି। ଶ୍ରୀମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଦାମବାବୁ ଦଳରୁ ବହିଷ୍କୃତ ହେବା ପରେ ବିଳି ବିଳାଉଛନ୍ତି।

## ସଂକ୍ଷେପରେ

### ପୋଲିସର ସ୍ୱତନ୍ତ୍ର ଅପରେଶନ: ୩୬୦୩ ଗିରଫ

#### ୧୧ ବନ୍ଧୁକ, ୧ କୋଟି ୧୩ ଲକ୍ଷ ଟଙ୍କା ଜବତ

**କଟକ ଅଫିସ,୨୬।୧୦:** ପୂଜା ପୂର୍ବରୁ ଅପରାଧ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅପରେଶନ ଶେଷ ହୋଇଛି। ୧୦ଦିନିଆ ଏହି ଅପରେଶନରେ ୩୬୦୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୧ଟି ବନ୍ଧୁକ ଏବଂ ୧କୋଟି ୧୩ ଲକ୍ଷ ୫୯ ହଜାର ୧୨୮ ଟଙ୍କା ଜବତ କରାଯାଇଛି। ଓଡ଼ିଶା ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଅପରେଶନରେ ଆଇପିସି ଦଫା ୧୧୦ ଅନୁଯାୟୀ ୮୬୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୨୨୯ ଜଣଙ୍କୁ ଅଟକ ରଖାଯାଇଛି। ସେହିପରି ଜାମିନ୍‌ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ୧୩୨୬ ଏବଂ ଆଇପିସି ଦଫା ୫୧୦ ଅନୁଯାୟୀ ୮୨୫ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ମଦ କାରବାର ଉପରେ ଚଢ଼ାଉ କରାଯାଇ ୨୨ ହଜାର ୧୮୫ଲିଟର ଦେଶୀ ଓ ଆସ୍କା ଫୋଟି, ୧୦୦୬ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୫୫୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୧୫ଲକ୍ଷ ୨୯ ହଜାର ୧୮୩ ଟଙ୍କା ଜବତ କରାଯାଇଛି। ୧୧ଟି ନାର୍କୋଟିସ୍ ମାମଲା ରୁଜୁ କରାଯାଇଥିବା ବେଳେ ମୋଟ ୮କୁଇଣ୍ଟାଲ ୨୬ କେଜି ଗଞ୍ଜେଇ ସହ ୮ ଲକ୍ଷ ଏକ ହଜାର ଟଙ୍କା ଜବତ କରାଯାଇଛି। ଟ୍ରାଫିକ୍ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୮୩ ଲକ୍ଷ ୩୮ ହଜାର ୯୧୫ଟଙ୍କା ଜବତ କରାଯାଇଥିବାବେଳେ ୭୯୦ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ଆରଟିଓଙ୍କୁ ପଠାଯାଇଛି। ଆପରାଧିକ ଷଡଯନ୍ତ୍ର କରୁଥିବା ଅଭିଯୋଗରେ ୨୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ୧୧ବନ୍ଧୁକ ସହ ନଗଦ ୬ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି। ବଳପୂର୍ବକ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ୧୮ ଜଣଙ୍କୁ ଗିରଫ କରାଯାଇଛି।

### ପୁରୀ ହିଂସା, ଆଉ ଜଣେ ଗିରଫ



**ପୁରୀ ଅଫିସ,୨୬।୧୦:** ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଟାଉନ ଥାନା ପୋଲିସ ଶୁକ୍ରବାର ହାତୀଶାଳର ଚନ୍ଦନ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଟାଉନ ଥାନା ଭଙ୍ଗାରୁଜା ଘଟଣାରେ ରୁଜୁ ହୋଇଥିବା କେସ୍ ନଂ. ୧୭୩/୧୮ରେ ପୋଲିସ ତାଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସିଂହଦ୍ୱାର ଥାନା ପୋଲିସ ଏହି ହିଂସା ଘଟଣାରେ ଜଣକୁ ଅଟକ ରଖିଥିବା ଜଣାପଡିଛି। ପୁରୀ ହିଂସା ଘଟଣାରେ ପୂର୍ବରୁ ୯୬ ଜଣ ଗିରଫ ହୋଇଥିଲେ।

# ଶ୍ରୀମନ୍ଦିର ଗର୍ଭଗୃହରେ ମୂଷା ଉତ୍ପାତ

ପୁରୀ ଅଫିସ,୨୬।୧୦

- କାଟି ପକାଉଛନ୍ତି ଶ୍ରୀଅଙ୍ଗ ବସ୍ତ୍ର, ଫୁଲହାର
- ବାଧକ ସାଜୁଛି ପରମ୍ପରା, ଯନ୍ତାରେ ପଡିଲେ ୩ ମୂଷା
- ବ୍ରହ୍ମପୁରରୁ ସ୍ୱତନ୍ତ୍ର ଭାବେ ତିଆରି ହୋଇ ଆସିଛି ଯନ୍ତା



ଶ୍ରୀମନ୍ଦିର ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି ମୂଷା। ଗର୍ଭଗୃହରେ ଦିନକୁ ଦିନ ମୂଷାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଶ୍ରୀଅଙ୍ଗ ବସ୍ତ୍ର, ଫୁଲହାର ଇତ୍ୟାଦି କାଟି ପକାଉଛନ୍ତି। ଏହାକୁ ନେଇ ବିବ୍ରତ ହୋଇପଡ଼ିଲେଣି ସେବକ ଓ ପ୍ରଶାସନ। ମୂଷାଙ୍କୁ ନିପାତ କରିବାରେ ବାଧକ ସାଜୁଛି ପରମ୍ପରା। କେବଳ ଯନ୍ତାକୁ ସାହାରା କରୁଥିଲେ ବି ଏଥିରେ ସଫଳତା ମିଳୁନି। ଦୀର୍ଘଦିନ ହେବ ଯନ୍ତା ବସାଯାଉଥିଲେ ମଧ୍ୟ ଏଥିରେ ମୂଷା ପଡୁ ନ ଥିଲେ। ଶୁକ୍ରବାର କିନ୍ତୁ ୩ଟି ବଡ଼ ମୂଷା ଯନ୍ତାରେ ପଡିଥିବା ଜଣାପଡିଛି।

ଶ୍ରୀମନ୍ଦିରରେ ମୂଷାଙ୍କ ଉତ୍ପାତ ସମ୍ପର୍କରେ ନୀତି ପ୍ରଶାସକ ପ୍ରଦୀପ ଦାଶ କହିଛନ୍ତି, ଏହି ସମସ୍ୟା ଏବେକାର ନୁହେଁ। ରଥଯାତ୍ରା ପୂର୍ବରୁ ଏହା ଆମେ ଜାଣିଥିଲୁ। ମୂଷାଙ୍କ ଉପଦ୍ରବ ନେଇ ଗତ ୪/୫ ମାସ ହେଲା ବ୍ୟସ୍ତ ହୋଇପଡିଛୁ। ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ସମୟରେ ମୂଷା କିପରି ଗର୍ଭଗୃହ ଭିତରକୁ ନ ଆସିବେ ସେଥିପାଇଁ ବ୍ୟବସ୍ଥା କରିଥିଲୁ। କଳାହାଟ ଦ୍ୱାର, ଗର୍ଭଗୃହରୁ ପାଣି ନିଷ୍କାସନ ପାଇଁ ଥିବା ଜଳା ଏବଂ ରତ୍ନସିଂହାସନ ଉପରୁ ମୂଷା ଗର୍ଭଗୃହକୁ ଆସୁଥିବା ଅନୁମାନ କରି ଏହି ୩ଟି ବାଟକୁ ଅବରୋଧ କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା କରାଯାଇଛି।

ଇଞ୍ଜିନିୟରଙ୍କ ସହ ଆଲୋଚନା କରାଯାଇ ରତ୍ନସିଂହାସନ ଉପରେ ଜାଲି ଦିଆଯାଇଥିଲା। ସେହିପରି ପାଣି ନିଷ୍କାସନ ପାଇଁ ଥିବା ଜଳା ଲାଗି ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ସଫା ସମୟରେ ଜଳା ମୁହଁରେ ଲଗାଯାଇଥିବା ଜାଲି ଖୋଲି ପାଣି ନିଷ୍କାସନ କରାଯାଉଥିଲା। ସଫା ପରେ ପୁଣି ସେଠାରେ ଜାଲି ଦିଆଯାଉଥିଲା। ବିଶେଷକରି ରାତିରେ ବଡ଼ସିଂହାର ଭୋଗ ପରେ ପାଣି ପଡି ସଫା ପରେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଲାଗି ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ସେବକଙ୍କୁ ଅନୁରୋଧ ମଧ୍ୟ କରାଯାଇଥିଲା। ଏହାସତ୍ତ୍ୱେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥିବା ଫୁଲ ଆଦିକୁ ମୂଷା ଖାଉଥିବା ପ୍ରତିଦିନ ମଙ୍ଗଳ ଆଳତି ସମୟରେ ଦେଖିବାକୁ ମିଳୁଛି। ଏମିତି କି ବିଭିନ୍ନ ଜିନିଷ କାଟି ପକାଉଛନ୍ତି। ଏଥିପାଇଁ ପଞ୍ଚ ମହାନାୟକ, ଭିତରଚ୍ଛ, ତଲୁଚ୍ଛ ପ୍ରମୁଖଙ୍କୁ ନେଇ ଏକାଧିକ ଥର ଆଲୋଚନା ହୋଇଛି। କିନ୍ତୁ କିଛି ସମାଧାନ ହୋଇପାରୁ ନାହିଁ। କାରଣ ସେଠାରେ କୌଣସି ରାସାୟନିକ ଦ୍ରବ୍ୟ କିମ୍ବା ବିଷ ଦେଇ ହେବନାହିଁ। ଯନ୍ତା ଦ୍ୱାରା ମୂଷାଙ୍କୁ ଧରିବା ହେଉଛି ଏହାର ଗୋଟିଏ ମାତ୍ର ବାଟ। ଏହା ରେକର୍ଡ ଅଫ୍ ରାଇଟ୍ସରେ ମଧ୍ୟ ଉଲ୍ଲେଖ ରହିଛି। ଶୁକ୍ରବାର ଯନ୍ତାରେ ୩ଟି ବଡ଼ (ହାତିକିଆ) ମୂଷା ପଡିଛନ୍ତି। ଏହି ମୂଷାଙ୍କୁ ନେଇ ଦୂରରେ ଛାଡି ଦିଆଯାଇଛି। ଏହି ମୂଷାଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଭାବେ ଅର୍ଡର ଦିଆଯାଇ ବ୍ରହ୍ମପୁରରୁ ଏହି ଯନ୍ତା ଆସିଛି। ଗୋଟିଏ ଯନ୍ତା ତିଆରି କରିବାକୁ ପ୍ରାୟ ୧୨୦୦ ଟଙ୍କା ଖର୍ଚ୍ଚ ହୋଇଛି। ଗତ ୧୦ ଦିନ ହେବ ଏହି ଯନ୍ତା ବସୁଥିଲେ ମଧ୍ୟ କେବେ କେମିତି ଛୋଟ ମୂଷା ପଡୁଥିଲେ। ଯଦି ମହାପ୍ରଭୁଙ୍କ ଇଚ୍ଛା ଥାଏ ତେବେ ତାଙ୍କର ଏହି କ୍ଷୁଦ୍ର ଶତ୍ରୁଙ୍କୁ ସେ ଧରାଇବେ। ଯଦି ମୂଷା ସମ୍ପୂର୍ଣ୍ଣ ଭାବେ ନ ଯାଆନ୍ତି ତେବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷିତ ରହିପାରିବ ନାହିଁ। ସମୟ ବିଶେଷରେ କିଛି କିଛି ଜାଗାରେ ମୂଷା ଯେତେବେଳେ କାଟି ଦେଉଛନ୍ତି ସେ ସବୁକୁ ପାଗପାଟି ଦେଇ ବନ୍ଧା ଯାଉଛି। ଏସବୁ ନଜରରେ ଆସିବା ପରେ ଆମେ ମାନସିକ ସ୍ତରରେ ବିବ୍ରତ ହୋଇପଡିଛୁ। କେମିତି ମୂଷାଙ୍କୁ ତଡ଼ିହେବ ସେ ନେଇ ଦୀର୍ଘଦିନ ହେବ ଯୋଜନା ଚାଲିଆସିଛି। ହେଲେ ଏଥିରେ ବାଧକ ସାଜୁଛି ପରମ୍ପରା। କେବଳ ଯନ୍ତା ମାଧ୍ୟମରେ ଯାହା କିଛି କରନ୍ତୁ ବୋଲି ବୈଠକରେ ସମସ୍ତେ କହୁଛନ୍ତି। ତେଣୁ ଆହୁରି ୨/୩ଟି ଯନ୍ତା ତିଆରି କରାଯିବ ବୋଲି ନୀତି ପ୍ରଶାସକ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ସିଂହାରୀ ସେବାୟତ ଗଣେଶ ସିଂହାରୀ କହିଛନ୍ତି ଶ୍ରୀମନ୍ଦିରରେ ବଡ଼ ବଡ଼ ମୂଷା ଭର୍ତ୍ତି ହୋଇଛନ୍ତି। ଏହି ଶ୍ରୀଅଙ୍ଗ, ମହାପ୍ରଭୁଙ୍କ ବସ୍ତ୍ର, ଫୁଲହାର ପ୍ରଭୃତି କାଟି ପକାଉଛନ୍ତି। ପ୍ରଶାସନ ମୂଷାଙ୍କୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

# ଲାଞ୍ଚ ନେଇ ଧରାପଡ଼ିଲେ ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ

କଣାସ, ୨୬।୧୦(ଡି.ଏନ୍.ଏ.)



ଦିଲୀପ କୁମାର ବେହେରା

ଡେଲାଙ୍ଗ ଥାନା ଅଧୀନ ହାଟ ଡେଲାଙ୍ଗ ଫାଣ୍ଡି ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ଦିଲୀପ କୁମାର ବେହେରା ଶୁକ୍ରବାର ସନ୍ଧ୍ୟାରେ ୪ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଡେଲାଙ୍ଗ କୋଠବାଡ଼ ପଞ୍ଚାୟତ ଅନ୍ତର୍ଗତ ଅମାଳଙ୍ଗ ଗ୍ରାମର ସଞ୍ଜୟ ବେହେରାଙ୍କ ସ୍ତ୍ରୀ ଝୁନା ବେହେରାଙ୍କର ପଡ଼ୋଶୀ ଓଷା ବେହେରା ନାମ୍ନୀ ମହିଳାଙ୍କ ସହ ମଇଳା ପାଣି ପକାଇବାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା। ପରେ ଏ ସଂକ୍ରାନ୍ତରେ ଡେଲାଙ୍ଗ ଥାନାଧିକାରୀ ଅସୀତ୍ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଗତ ୨୦ତାରିଖରେ ପୃଥକ୍ ପୃଥକ୍ ଭାବେ ୨୫୬/୧୮ ଓ ୨୫୭/୧୮ରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ତେବେ ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଦିଲୀପ କୁମାର ବେହେରା ସଞ୍ଜୟ ବେହେରାଙ୍କୁ ୫ହଜାର ଟଙ୍କା ଦେଲେ ଏହି ମାମଲାରୁ ତାଙ୍କୁ ମୁକୁଳାଇଦେବେ ବୋଲି କହିଥିଲେ। ଏ ନେଇ ସଞ୍ଜୟ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିବାରୁ ଡିଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ପରାମର୍ଶରେ ଫାଣ୍ଡି ଅଧିକାରୀଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯୋଜନା ମୁତାବକ ଶୁକ୍ରବାର ରାତି ସାଢ଼େ ୮ଟା ସମୟରେ ହାଟ ଡେଲାଙ୍ଗ ଫାଣ୍ଡି ପରିସରରେ ଫାଣ୍ଡି ଅଧିକାରୀ ବେହେରା ସଞ୍ଜୟଙ୍କ ଠାରୁ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭିଜିଲାନ୍ସ ଟିମ୍ ଅଚାନକ ଚଢ଼ାଉ କରି ତାଙ୍କୁ ଗିରଫ କରି ଭୁବନେଶ୍ୱର କାର୍ଯ୍ୟାଳୟକୁ ନେଇଥିବା ଜଣାପଡ଼ିଛି। ଖବର ପାଇ ଡେଲାଙ୍ଗ ଥାନାଧିକାରୀ ଅସୀତ୍ ରଞ୍ଜନ ମହାନ୍ତି ଫାଣ୍ଡିରେ ପହଞ୍ଚିଥିବା ବେଳେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଗିରଫ ଫାଣ୍ଡି ଅଧିକାରୀ ବେହେରାଙ୍କ ସ୍ତ୍ରୀ ଭାଗ୍ୟବତୀ ମଲ୍ଲିକ କଟକ ମଙ୍ଗଳାବାଗ ଥାନାରେ କନଷ୍ଟେବଳ ଭାବେ କାର୍ଯ୍ୟକରୁଥିବା ଜଣାପଡ଼ିଛି। ଗିରଫ ଫାଣ୍ଡି ଅଧିକାରୀ ବେହେରାଙ୍କ କଟକସ୍ଥିତ ବାସଭବନରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭିଜିଲାନ୍ସ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ସୁଶୀଲ ଏକ୍କା ସୂଚନା ଦେଇଛନ୍ତି। ଡିଏସ୍‌ପି ଅକ୍ଷୟ ମିଶ୍ର, ମନୋରଞ୍ଜନ ପାଇକରାୟ, ଜ୍ୟୋତ୍ସ୍ନା ବେହେରା, ସରିତା ତ୍ରିପାଠୀ, ଇନ୍ସପେକ୍ଟର ଏକ୍କା ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ଜୟଦ୍ରଥଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର

ଭୁବନେଶ୍ୱର,୨୬।୧୦(ବ୍ୟୁରୋ)




ଓଡ଼ିଆ କବି ଜୟଦ୍ରଥ ସୁନା କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ଯୁବ ପୁରସ୍କାର ୨୦୧୮'ରେ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ମଣିପୁର ଇମ୍ଫାଲର ଟ୍ରାଇବାଲ ରିସର୍ଚ୍ଚ କନଫରେନ୍ସ ହଲରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ଜୟଦ୍ରଥ ତାଙ୍କ ରଚିତ ପ୍ରଥମ କବିତା ସଙ୍କଳନ 'ଶୋଷ' ପାଇଁ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଏକାଡେମୀ ପକ୍ଷରୁ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି। କଳାହାଣ୍ଡି ଜିଲାରେ ଜନ୍ମଗ୍ରହଣ କରିଥିବା ଏହି ଯୁବ ସାହିତ୍ୟିକ ଆଗାମୀ ଦିନରେ ଓଡ଼ିଆ ସାହିତ୍ୟକୁ ଆଉ ପାଦେ ଆଗକୁ ନେବାକୁ ଲକ୍ଷ୍ୟ ରଖିଛନ୍ତି।

ଏହି ଅବସରରେ ସମଗ୍ର ଦେଶରୁ ୨୨ଜଣ ଯୁବ ସାହିତ୍ୟିକଙ୍କୁ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଛି। ଜଣାଶୁଣା ଇଂଲିଶ ସାହିତ୍ୟିକ ଏପ୍ଥର ଡାଭିଡ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଓଡ଼ିଶାରୁ ଗାୟତ୍ରୀବାଳା ପଣ୍ଡା, କ୍ଷେତ୍ରବାସୀ ନାୟକ, ନରେନ୍ଦ୍ର କୁମାର ଭୋଇ, ସୁଜିତ୍ କୁମାର ପଣ୍ଡା, ଦେବାଶିଷ ମିଶ୍ର ଓ ସୂର୍ଯ୍ୟସ୍ନାତ ତ୍ରିପାଠୀ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପୁରସ୍କାର ପାଇଛନ୍ତି।

# ପୋଲିସ ନଜରରେ ବିକ୍ଷୋଭକାରୀଙ୍କ ନେତା

କଟକ ଅଫିସ,୨୬।୧୦

**କ୍ଷୟକ୍ଷତି ହେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ**

ବିକ୍ଷୋଭ ସମୟରେ ସରକାରୀ, ବେସରକାରୀ ସମ୍ପତ୍ତି ନଷ୍ଟ ହେଲେ ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ଦାୟୀ ରହିବେ। ସେମାନଙ୍କଠାରୁ କ୍ଷତିଭରଣା କରାଯିବ। ସୁପ୍ରିମ୍‌କୋର୍ଟ ଦେଇଥିବା ଏଭଳି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବ ବୋଲି ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଶର୍ମାଙ୍କ କହିବାନୁଯାୟୀ ବିକ୍ଷୋଭ ସମୟରେ ନିର୍ଦ୍ଦିଷ୍ଟ କେତେଜଣ ଲୋକ ହିଂସା କରିବାକୁ ଉସୁକାଇଥାନ୍ତି। ସେମାନଙ୍କ ନେତୃତ୍ୱରେ ହିଂସା ବ୍ୟାପି କ୍ଷୟକ୍ଷତି ହୋଇଥାଏ। ତେଣୁ ସେହି ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିଂସାକାଣ୍ଡର ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ପ୍ରମାଣ ପାଇବା ପାଇଁ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ସଂଗ୍ରହ କରାଯିବାକୁ କୁହାଯାଇଛି। ଏହାସହ କ୍ଷୟକ୍ଷତିକୁ ନେଇ ମାମଲା କରାଯାଇ ରିପୋର୍ଟ କ୍ରାଇମବ୍ରାଞ୍ଚକୁ ପଠାଯିବ। ଏହାପରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କ୍ଷତି ଆଦାୟ ପାଇଁ ହାଇକୋର୍ଟରେ ନ୍ୟାୟିକ ପ୍ରକ୍ରିୟା କରାଯିବ ବୋଲି ଶର୍ମା କହିଛନ୍ତି। ବିକ୍ଷୋଭ ଜନିତ କେବଳ ସମ୍ପତ୍ତି ନଷ୍ଟ ପାଇଁ ନୁହେଁ, ଲୋକମାନେ ମୃତାହତ ହେଲେ ସେ ବାବଦ କ୍ଷତିପୂରଣ ମଧ୍ୟ ବିକ୍ଷୋଭକାରୀଙ୍କଠାରୁ ଆଦାୟ କରାଯିବା ବ୍ୟବସ୍ଥା ରହିଛି ବୋଲି ଶର୍ମା କହିଛନ୍ତି।

### କୋଣାର୍କ ପୋଲିସ ରିମାଣ୍ଡରେ ଅଭିଜିତ

# ଭିଡିଓ ଉତ୍ତୋଳନକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଆରମ୍ଭ

କୋଣାର୍କ/ନିମାପଡା(ଡି.ଏନ୍.ଏ.),୨୬।୧୦



ସୂର୍ଯ୍ୟମନ୍ଦିର, ଶ୍ରୀମନ୍ଦିର ଏବଂ ଓଡ଼ିଶା ସମ୍ପର୍କରେ କଟୁ ମନ୍ତବ୍ୟ ଦେଇଥିବା ସାମ୍ବାଦିକ ଅଭିଜିତ୍ ଆୟାର ମିତ୍ରଙ୍କୁ ରିମାଣ୍ଡରେ ନେଇଛି କୋଣାର୍କ ପୋଲିସ। ଗୁରୁବାର କୋଣାର୍କ କୋର୍ଟ ଅଭିଜିତଙ୍କ ଜାମିନ ନାମଞ୍ଜୁର କରିବା ସହ ତାଙ୍କୁ ୨ଦିନ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ଦେଇଥିଲେ। ପୋଲିସ ଶୁକ୍ରବାର ତାଙ୍କୁ ରିମାଣ୍ଡରେ ନେବା ପରେ ପଚରାଉଚରା କରିଛି। ଅଭିଜିତ୍ କୋଣାର୍କ ମନ୍ଦିର ନିକଟରେ ପ୍ରସ୍ତୁତ କରିଥିବା ଭିଡିଓଟିକୁ କିଏ ଉତ୍ତୋଳନ କରିଛନ୍ତି ସେ ନେଇ ପୋଲିସ ତାଙ୍କୁ ପଚରାଉଚରା କରିଛି। କେହି ତାଙ୍କୁ ଏପରି ଭିଡିଓ କରିବାକୁ ବାଧ୍ୟ କରିଥିଲେ କି ସେ ନିଜ ଇଚ୍ଛାରେ ଭିଡିଓ କରିଥିଲେ ସେ ବିଷୟରେ ମଧ୍ୟ ପଚରାଉଚରା କରାଯାଇଛି। ତେବେ ଅଭିଜିତ୍ ଏଭଳି କାର୍ଯ୍ୟ କରି ଭୁଲ କରିଛନ୍ତି ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ଜଣାପଡିଛି। ଅଭିଜିତଙ୍କ ସାଙ୍ଗରେ ଆଉ କେଉଁମାନେ କୋଣାର୍କ ଆସିଥିଲେ, ଏପରି ମନ୍ତବ୍ୟ ଦେବା ପଛରେ କି ଉଦ୍ଦେଶ୍ୟ ଥିଲା ସେସବୁ ବିଷୟରେ ପଚରାଉଚରା କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

ଅଭିଜିତଙ୍କୁ ଗୁରୁବାର ସନ୍ଧ୍ୟାରେ କୋଣାର୍କ ପୋଲିସ ଝାରପଡା ଜେଲରୁ ରିମାଣ୍ଡରେ ଆଣି କୋଣାର୍କ କୋର୍ଟର ବିଚାରପତିଙ୍କ ବାସଭବନରେ ହାଜର କରାଇଥିଲା। ସେଠାରେ ତାଙ୍କ ଓକିଲ ନିଖିଲ ମେହେର ଜାମିନ ପାଇଁ ଆବେଦନ କରିଥିଲେ। ବିଚାରପତି ତାଙ୍କ ଜାମିନକୁ ନାମଞ୍ଜୁର କରିବା ସହ ନିମାପଡା ଜେଲକୁ ପଠାଇଦେଇଥିଲେ। ସେଠାରେ ଅଭିଜିତଙ୍କୁ ୧ନଂ ସେଲରେ ରଖାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ୨୬ତାରିଖ ସନ୍ଧ୍ୟାରେ କୋଣାର୍କ ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଚଳାଇଛି। ୨୮ତାରିଖ ଅପରାହ୍ନ ୨ଟା ସୁଦ୍ଧା ତାଙ୍କୁ କୋର୍ଟରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ରହିଛି। ତେବେ ଅଭିଜିତ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ନିମାପଡ଼ା ଜେଲ୍‌ରେ ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

ଭୁବନେଶ୍ୱର ତାରିଖ 2 AUG 2018

**No.RDM-LAB-BOUDH-0036-2018 28527 /R&DM-**

**No.XXXI-69:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା-ସିଙ୍ଗାଣିବେଡା, ଥାନା-ପୁରୁଣାକଟକ ନଂ.୬୭, ତହସିଲ-ହରଭଙ୍ଗା, ଜିଲ୍ଲା-ବୌଦ୍ଧରେ ନିମ୍ନ ତଫସିଲ ମତେ ପ୍ରାୟ ୧୪.୫୫୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗୀର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା- ୩୩୭୦୩ ତା-୧୨।୧୦।୨୦୧୭ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ବୌଦ୍ଧ।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବୌଦ୍ଧ | ହରଭଙ୍ଗା | ସିଙ୍ଗାଣିବେଡା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏ.୧୯.୦୦୦ | ଏ.୧୪.୫୫୦ | ଏଥିସହ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୬୮୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

**ଜମିର ତାଲିକା**

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ

ଗ୍ରାମ: ସୁଙ୍ଗାଣିବେଡ଼ା, ତହସିଲ: ହରଭଙ୍ଗା, ଥାନା: ପୁରୁଣା କଟକ (ନଂ-୬୭), ଜିଲ୍ଲା: ବୌଦ୍ଧ

ଏ.ବ୍ୟକ୍ତିଗତ ଜମି

| କ୍ରମିକ ନଂ | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ | ପ୍ଲଟ୍ ନଂ | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତ ନାମ |
| ୧ | ୩ | ୧୮୮ | ୦.୭୬୦ | ୦.୩୮୦ | ଶାରଦ-୧ | ଚକ୍ରପାଣି ମଲିକ, ପି: ପରିକ୍ଷିତ ମଲିକ, ବା: ସୁଙ୍ଗାଣିବେଡ଼ା |
| ୨ | | ୨୦୨ | ୦.୬୧୦ | ୦.୧୮୦ | ଶାରଦ-୧ | |
| ୩ | ୪ | ୨୧୩ | ୦.୪୬୦ | ୦.୪୬୦ | ଶାରଦ-୧ | ଚକ୍ରପାଣି ମଲିକ, ନୀଳମଣି ମଲିକ, ପି: ପରିକ୍ଷିତ ମଲିକ, ବା: ସୁଙ୍ଗାଣିବେଡ଼ା |
| ୪ | ୬ | ୧୮୭ | ୦.୪୮୦ | ୦.୭୭୦ | ଶାରଦ-୧ | ନୀଳମଣି ମଲିକ, ପି: ପରିକ୍ଷିତ ମଲିକ, ବା: ସୁଙ୍ଗାଣିବେଡ଼ା |
| ୫ | | ୨୦୧ | ୦.୬୨୦ | ୦.୨୦୦ | ଶାରଦ-୧ | |
| ୬ | ୯ | ୨୧୭ | ୦.୩୮୦ | ୦.୦୨୦ | ଶାରଦ-୨ | ଭଗବାନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଡ଼ା |
| ୭ | | ୨୧୮ | ୦.୩୨୦ | ୦.୦୧୦ | ଶାରଦ-୨ | |
| ୮ | | ୨୨୦ | ୦.୩୮୦ | ୦.୨୮୦ | ଆଟ | |
| ୯ | | ୨୯୨ | ୦.୭୦୦ | ୦.୨୦୦ | ଆଟ | |
| ୧୦ | | ୨୯୩ | ୦.୩୩୦ | ୦.୩୩୦ | ଆଟ | |
| ୧୧ | ୧୨ | ୧୮୦ | ୦.୩୮୦ | ୦.୧୭୦ | ଶାରଦ-୧ | ରାମେଶ୍ୱର ମଲିକ, ସପ୍ତେଶ୍ୱର ମଲିକ, ଭୁବନେଶ୍ୱର ମଲିକ, ପି: ସଦାଶିବ ମଲିକ, ବା: ସୁଙ୍ଗାଣିବେଡ଼ା |
| ୧୨ | | ୧୮୩ | ୦.୬୮୦ | ୦.୪୫୦ | ଶାରଦ-୧ | |
| ୧୩ | | ୨୧୧ | ୦.୩୨୦ | ୦.୩୨୦ | ଆଟ | |
| ୧୪ | ୧୩ | ୧୯୩ | ୦.୩୪୦ | ୦.୧୯୦ | ଶାରଦ-୧ | ସୀତାରାମ ମଲିକ, ପି: ଇନ୍ଦ୍ର ମଲିକ, ବା: ସୁଙ୍ଗାଣିବେଡ଼ା |
| ୧୫ | ୧୪ | ୧୯୨ | ୦.୪୮୦ | ୦.୨୭୦ | ଶାରଦ-୧ | ଶ୍ରୀନିବାସ ମଲିକ, ପି: ଇନ୍ଦ୍ର ମଲିକ, ବା: ସୁଙ୍ଗାଣିବେଡ଼ା |
| ୧୬ | ୧୫ | ୨୧୧/୩୧୦ | ୦.୩୨୦ | ୦.୩୨୦ | ଆଟ | ଶ୍ରୀନିବାସ ମଲିକ, ସୀତାରାମ ମଲିକ, ପି: ଇନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଡ଼ା |
| ୧୭ | ୧୭ | ୨୧୦ | ୦.୨୭୦ | ୦.୨୭୦ | ଆଟ | ସୁରେଶନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଡ଼ା |
| ୧୮ | | ୨୧୪ | ୦.୩୬୦ | ୦.୩୬୦ | ଶାରଦ-୨ | |
| ୧୯ | | ୨୧୫ | ୦.୦୭୦ | ୦.୦୭୦ | ଶାରଦ-୨ | |
| ୨୦ | | ୨୧୬ | ୦.୧୦୦ | ୦.୦୬୦ | ଶାରଦ-୨ | |
| ୨୧ | | ୨୯୧ | ୦.୯୮୦ | ୦.୨୬୦ | ଆଟ | |
| ୨୨ | | ୨୯୪ | ୦.୬୪୦ | ୦.୨୮୦ | ଆଟ | |
| ୨୩ | ୧୮ | ୨୯୨/୩୧୧ | ୦.୪୪୦ | ୦.୪୪୦ | ଆଟ | ସୁରେସନ ମଲିକ, ଭଗବାନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଡ଼ା |
| ୨୪ | ୧୮/୩୧ | ୨୦୬/୩୩୫ | ୦.୦୪୦ | ୦.୦୪୦ | ଘରବାରି | ବିଶ୍ୱାମିତ୍ର ମଲିକ, ପି: ଶଙ୍କରାଜିତ ମଲିକ, ଗୁରୁବାରୀ ମଲିକ, ସ୍ୱା: ବିଶ୍ୱାମିତ୍ର ମଲିକ, ବା: ସୁଙ୍ଗାଣିବେଡ଼ା |
| ୨୫ | ୧୮/୩୨ | ୨୦୬/୩୩୬ | ୦.୦୪୦ | ୦.୦୪୦ | ଘରବାରି | ସତ୍ୟନାରାୟଣ ମଲିକ, ପି: ଶଙ୍କରାଜିତ ମଲ୍ଲିକ, ସତ୍ୟଭାମା ମଲିକ, ସ୍ୱା: ସତ୍ୟନାରାୟଣ ମଲିକ, ବା: ସୁଙ୍ଗାଣିବେଡ଼ା |
| ୨୬ | ୧୮/୩୩ | ୨୦୬/୩୩୭ | ୦.୦୪୦ | ୦.୦୪୦ | ଘରବାରି | ଅଚ୍ୟୁତାନନ୍ଦ ମଲିକ, ପି: ଶଙ୍କରାଜିତ ମଲିକ, ନର୍ମଦା ମଲିକ, ସ୍ୱା: ଅଚ୍ୟୁତାନନ୍ଦ ମଲିକ, ବା: ସୁଙ୍ଗାଣିବେଡ଼ା |
| ୨୭ | ୧୮/୫୨ | ୨୦୪/୩୬୩ | ୦.୧୭୦ | ୦.୧୭୦ | ଶାରଦ-୨ | ଅଚ୍ୟୁତାନନ୍ଦ ମଲିକ, ପି: ଶଙ୍କରାଜିତ ମଲିକ, ନର୍ମଦା ମଲିକ, ସ୍ୱା: ଅଚ୍ୟୁତାନନ୍ଦ ମଲିକ, ବା: ସୁଙ୍ଗାଣିବେଡ଼ା |
| ୨୮ | | ୨୦୬/୩୫ | ୦.୪୬୦ | ୦.୪୬୦ | ଆଟ | |
| ୨୯ | | ୨୦୬/୩୫ | ୦.୦୫୦ | ୦.୦୫୦ | ଆଟ | |
| ୩୦ | | ୨୦୬/୩୫ | ୦.୩୬୦ | ୦.୩୬୦ | ଆଟ | |
| ୩୧ | ୧୮/୫୨ | ୨୦୬/୩୬ | ୦.୩୦୦ | ୦.୩୦୦ | ଆଟ | ଅଚ୍ୟୁତାନନ୍ଦ ମଲିକ, ପି: ଶଙ୍କରାଜିତ ମଲିକ, ନର୍ମଦା ମଲିକ, ସ୍ୱା: ଅଚ୍ୟୁତାନନ୍ଦ ମଲିକ, ବା: ସୁଙ୍ଗାଣିବେଡ଼ା |
| ୩୨ | | ୨୦୭/୩୬ | ୦.୨୮୦ | ୦.୨୮୦ | ଶାରଦ-୧ | |
| ୩୩ | | ୨୦୮/୩୬ | ୦.୨୧୦ | ୦.୨୧୦ | ଶାରଦ-୧ | |
| ୩୪ | | ୨୧୨ | ୦.୧୧୦ | ୦.୧୧୦ | ଶାରଦ-୨ | |
| ୩୫ | ୧୮/୩୫ | ୨୦୪ | ୦.୩୫୦ | ୦.୩୫୦ | ଶାରଦ-୨ | ବିଶ୍ୱାମିତ୍ର ମଲିକ, ପି: ଶଙ୍କରାଜିତ ମଲିକ, ଗୁରୁବାରୀ ମଲିକ, ସ୍ୱା: ବିଶ୍ୱାମିତ୍ର ମଲିକ, ବା: ସୁଙ୍ଗାଣିବେଡ଼ା |
| ୩୬ | | ୨୦୬/୩୬ | ୦.୪୫୦ | ୦.୪୫୦ | ଆଟ | |
| ୩୭ | | ୨୦୬/୩୬ | ୦.୩୬୦ | ୦.୩୬୦ | ଆଟ | |
| ୩୮ | | ୨୦୬/୩୬ | ୦.୨୫୦ | ୦.୨୫୦ | ଆଟ | |
| ୩୯ | | ୨୦୭ | ୦.୩୧୦ | ୦.୩୧୦ | ଶାରଦ-୧ | |
| ୪୦ | | ୨୦୮ | ୦.୩୧୦ | ୦.୩୧୦ | ଶାରଦ-୧ | |
| ୪୧ | ୧୮/୫୪ | ୨୦୬/୩୬ | ୧.୨୫୦ | ୧.୨୫୦ | ଆଟ | ସତ୍ୟନାରାୟଣ ମଲିକ, ପି: ଶଙ୍କରାଜିତ ମଲ୍ଲିକ, ସତ୍ୟଭାମା ମଲିକ, ସ୍ୱା: ସତ୍ୟନାରାୟଣ ମଲିକ, ବା: ସୁଙ୍ଗାଣିବେଡ଼ା |
| ୪୨ | | ୨୦୬/୩୬ | ୦.୫୫୦ | ୦.୫୫୦ | ଆଟ | |
| ୪୩ | | ୨୦୮/୩୬୭ | ୦.୩୦୦ | ୦.୩୦୦ | ଶାରଦ-୧ | |
| ୪୪ | ୧୮/୬୧ | ୨୦୫ | ୦.୧୦୦ | ୦.୧୦୦ | ଘରବାରି | ସତ୍ୟନାରାୟଣ ମଲିକ, ପି: ଶଙ୍କରାଜିତ ମଲ୍ଲିକ, ସତ୍ୟଭାମା ମଲିକ, ସ୍ୱା: ସତ୍ୟନାରାୟଣ ମଲିକ, ବା: ସୁଙ୍ଗାଣିବେଡ଼ା |
| ୪୫ | | ୨୦୬ | ୦.୦୩୦ | ୦.୦୩୦ | ଆଟ | |
| ୪୬ | | ୨୦୯ | ୦.୨୬୦ | ୦.୨୬୦ | ଶାରଦ-୧ | |
| | | ମୋଟ | ୧୯.୦୦୦ | ୧୨.୮୭୦ | | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | | | |
| ୧ | ୯ | ୨୨୦ | ୦.୩୮୦ | ୦.୧୦୦ | ଆଟ | ଭଗବାନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଡ଼ା |
| ୨ | | ୨୯୨ | ୦.୭୦୦ | ୦.୫୦୦ | ଆଟ | |
| ୩ | ୧୭ | ୨୯୧ | ୦.୯୮୦ | ୦.୭୨୦ | ଆଟ | ସୁରେସନ ମଲିକ, ପି: ଚନ୍ଦ୍ରମଣି ମଲିକ, ବା: ସୁଙ୍ଗାଣିବେଡ଼ା |
| ୪ | | ୨୯୪ | ୦.୬୪୦ | ୦.୩୬୦ | ଆଟ | |
| | | | ମୋଟ | ୧.୬୮୦ | | |
| ଏକର.ଡେସିମାଲ | | | | | | |
| ବ୍ୟକ୍ତିଗତ ଜମି | | | | ୧୨.୮୭୦ | | |
| ବ୍ୟକ୍ତିଗତ ଜମିର ଗୋଚର ବଦଳି | | | | ୧.୬୮୦ | | |
| | | ମୋଟ | ୧୯.୦୦୦ | ୧୪.୫୫୦ | | |

24001/14/0312/1819

ପ୍ରଥମ ପୃଷ୍ଠାରୁ...

## ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ...

ଫେଷ୍ଟିଭାଲରେ ବର୍ତ୍ତମାନ ସୁଦ୍ଧା ପୂର୍ବତନ ସ୍ପ୍ରିଣ୍ଟର ଜାମାଇକା ଜନ୍ମିତ କାନାଡ଼ା ଆଥଲେଟ୍ ବେନ୍ ଜନସନ, ଅଷ୍ଟ୍ରେଲିଆର ପୂର୍ବତନ ସନ୍ତରଣକାରୀ ଷ୍ଟିଫାନି ରାଇସ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଜେଫ୍ ଥମ୍ପସନ, ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା, ଅଲିମ୍ପିକ୍ସ ମେଡାଲିଷ୍ଟ ରେସ୍‌ଲର ଯୋଗେଶ୍ୱର ଦତ୍ତ, ପୂର୍ବତନ କ୍ରିକେଟର ମହମ୍ମଦ କୈଫ, ଜିମ୍ନାଷ୍ଟ ଦୀପା କର୍ମକାର, ମହିଳା ରେସଲର ଭିନେଶ ଫୋଗତ, ପୂର୍ବତନ ପାକିସ୍ତାନ କ୍ରିକେଟ ଅଧିନାୟକ ୱାସିମ ଆକ୍ରମ, ଟିମ୍ ଇଣ୍ଡିଆର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେ, ପୂର୍ବତନ ଭାରତୀୟ ହକି ଅଧିନାୟକ ଧନରାଜ ପିଲ୍ଲେ, ଦିଲୀପ ତିର୍କୀ, ପୂର୍ବତନ ଭାରତୀୟ କ୍ରିକେଟର ଆକାଶ ଚୋପ୍ରା, ବ୍ରାଜିଲିଆନ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତଥା ଲେଖକ ଆଣ୍ଡ୍ର୍ୟୁ ଡୋୱିନ, ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## ରିଭ୍ୟୁ ପିଟିଶନ...

୨୦୧୩ ସେପ୍ଟେମ୍ବର ୧୯ରେ ୬୫ଟି ସହରାଞ୍ଚଳରେ ଭୋଟ ଗ୍ରହଣ କରାଯାଇ ଥିବା ବେଳେ ୨୦ଟି ସହରାଞ୍ଚଳରେ ୨୦୧୩ ନଭେମ୍ବର ୨୨ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ଫୁଲବାଣୀ ମ୍ୟୁନିସିପାଲିଟି ଏବଂ ଜି.ଉଦୟଗିରି ଏନ୍‌ଏସିରେ ୨୦୧୩ ଡିସେମ୍ବର ୨ରେ ଭୋଟଗ୍ରହଣ କରାଯାଇଥିଲା। ୨୦୧୩ରେ ନିର୍ବାଚନ ହୋଇ ୫ବର୍ଷ ପୂରଣ କରୁଥିବା ୯୩ଟି ସହରାଞ୍ଚଳର ନିର୍ବାଚନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିଲେ।
ନିର୍ଦ୍ଧାରିତ ସମୟରେ ନିର୍ବାଚନ ଶେଷ ହୋଇ ନ ଥିବାରୁ ଓଡିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ର ସେକ୍ସନ-୪୦୧ର ସବ୍ ସେକ୍ସନ ୫(ଏ) ଅନୁଯାୟୀ ରାଜ୍ୟ ସରକାର ଜିଲାପାଳ, ଏଡିଏମ, ଉପଜିଲାପାଳ, ପିଡି ଡିଆରଡିଏ, ଏପିଡି ଡିଆରଡିଏଙ୍କୁ ମ୍ୟୁନିସିପାଲିଟି/ଏନଏସିରେ ପ୍ରଶାସକ ଭାବେ ନିଯୁକ୍ତି ଦେଇଛନ୍ତି।

ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌର ସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ହରଡଘଣାରେ ପଡି ଯାଇଛନ୍ତି। ରାଜ୍ୟର ୫୫ଟି ପୌର ସଂସ୍ଥାରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଉପରେ ରହିଛି। ପ୍ରଚଳିତ ନିୟମ ଅନୁଯାୟୀ ଓବିସି( ପଛୁଆ ବର୍ଗ)ଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଛଡା ମହିଳାଙ୍କ ପାଇଁ ୫୦ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟାକୁ ଦେଖି ସ୍ଥାନ ସଂରକ୍ଷଣ କରାଯାଇଛି। ଏହି ଆଧାରରେ କେତେକ ପୌର ସଂସ୍ଥାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ରହିଛି।

## ୨ ସପ୍ତାହରେ ...

ଏପରି କି ତଦନ୍ତକାରୀ ଅଧିକାରୀଙ୍କ ବଦଳି କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ। ଏହି ଅବଧି ମଧ୍ୟରେ ନାଗେଶ୍ୱର ଯାହା ନିଷ୍ପତ୍ତି ନେଇଥିବେ ବନ୍ଦ ଲଫାପା ମଧ୍ୟରେ ତା'ର ସବିଶେଷ ବିବରଣୀ ଅଦାଲତରେ ଦାଖଲ କରାଯିବ। ନଭେମ୍ବର ୧୨ରେ ପରବର୍ତ୍ତୀ ଶୁଣାଣି ବେଳେ ଅଦାଲତ ଏନେଇ ଉପଯୁକ୍ତ ରାୟ ଦେବେ ବୋଲି ଜଷ୍ଟିସ୍ ସଞ୍ଜୟ କ୍ରିଷନ୍ କୌଲ୍ ଏବଂ ଜଷ୍ଟିସ୍ ଏମ୍. କେ. ଯୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏହାସହ ଆଲୋକ ବର୍ମାଙ୍କ ଆବେଦନ ଉପରେ ଖଣ୍ଡପୀଠ କେନ୍ଦ୍ର ସରକାର ଓ ସିଭିସିଙ୍କୁ ଜବାବ ତଲବ କରିଛନ୍ତି। ଏନ୍‌ଜିଓ କମନ୍ କଜ୍ ପକ୍ଷରୁ ଦାଏର ଏକ ପୃଥକ୍ ଆବେଦନର ଶୁଣାଣି କରି ଖଣ୍ଡପୀଠ କେନ୍ଦ୍ର, ସିଭିସି, ଅସ୍ଥାନା, ବର୍ମା ଓ ରାଓଙ୍କୁ ୧୨ ତାରିଖ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏଲ୍‌ପିଜି ବ୍ୟବସ୍ଥାରେ ଘରୋଇ ସଂସ୍ଥାକୁ ଅନୁକମ୍ପା

# ରାଜସ୍ୱ ହରାଉଛି ବନ୍ଦର

ପାରାଦୀପ,୨୬।୧୦(ସ୍ୱ.ପ୍ର.)

ଦେଶରେ ୧୯୯୧ରୁ ଏଲପିଜି ଅର୍ଥାତ୍ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ବ୍ୟବସ୍ଥା ଚାଲିଛି। ଏହି ବ୍ୟବସ୍ଥାରେ ସରକାର ପୁଞ୍ଜିପତିଙ୍କୁ ସୁହାଇବା ଭଳି ସମସ୍ତ ସୁବିଧା କରିଛନ୍ତି। ଫଳରେ ପ୍ରତ୍ୟେକ ସରକାରୀ ସଂସ୍ଥାରେ ନୂତନ ନିଯୁକ୍ତି ବ୍ୟବସ୍ଥା ଆଉ ନାହିଁ କହିଲେ ଚଳେ। ସେହି ସ୍ଥାନରେ ଠିକା ଶ୍ରମିକ ସ୍ୱଳ୍ପ ମୂଲ୍ୟରେ କାମ କରୁଛନ୍ତି। ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ ଏବେ ପାରାଦୀପ ବନ୍ଦରରେ ଦେଖିବାକୁ ମିଳିଛି। ଏକ ନିର୍ଦ୍ଦିଷ୍ଟ କମ୍ପାନୀ ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ (ପିଆଇସିଟି)କୁ ସରକାର ୩୦ ବର୍ଷ ପାଇଁ ଏକ ବର୍ଥ ଦେଇଛନ୍ତି। ଉକ୍ତ ବର୍ଥରେ ଲାଗୁଥିବା ଜାହାଜର ପଣ୍ୟ କାରବାର ମୂଲ୍ୟରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି। କୁଜଙ୍ଗ ଅଞ୍ଚଳର କ୍ରାନ୍ତିସେନା ନାମକ ଏକ ସଂଗଠନ ଏ ପ୍ରସଙ୍ଗରେ ତଦନ୍ତ କରିବା ପାଇଁ ସିଭିସି (ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ)ଙ୍କ ଉଦ୍ଦେଶ୍ୟରେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇଛି। ଏଥିରେ ଦର୍ଶାଯାଇଛି ଯେ ପାରାଦୀପ ବନ୍ଦରରେ ଜାହାଜରେ ପଣ୍ୟ କାରବାର ପାଇଁ ଏବେ ମେଟ୍ରିକ ଟନ୍ ପିଛା ୧୮୨.୮୧ ଟଙ୍କା ଦେବାକୁ ପଡୁଛି। ସେଥିରୁ ହାରଫେଜ ଚାର୍ଜ ୫୨.୭୬ ଟଙ୍କା, ବର୍ଥ ଚାର୍ଜ ୨୯.୫୦, ସୋର୍ ଇନ୍‌ସେନ୍‌ଟିଭ ୧.୩୦, ରେଲୱେ ହଲ୍ସ ୪୨.୯୬, ରେଲୱେ ଟର୍ମିନାଲ ୨୭.୨୯, ରେଲୱେ ସାଇଡିଂ ଚାର୍ଜ ୪.୦୦, ବର୍ଥ ହାୟର ଚାର୍ଜ ୨୫.୦୦ ଟଙ୍କା ରହିଛି। ଏ କ୍ଷେତ୍ରରେ ପିଆଇସିଟି କମ୍ପାନୀର ସମୁଦାୟ ମୂଲ୍ୟ ରହିଛି ୬୯.୨୪ ଟଙ୍କା। ଏହି ବ୍ୟବସ୍ଥାରେ ପ୍ରତି ମେଟ୍ରିକ ଟନ୍‌ରେ ୧୧୩.୫୬ ଟଙ୍କା ପ୍ରଭେଦ ରହିଛି। ଅନ୍ୟ ଏକ ପ୍ରସଙ୍ଗ ହେଲା ମେକାନାଇଜ୍ ଇକ୍ୟୁ ବର୍ଥରେ ରପ୍ତାନୀ ଥର୍ମାଲ କୋଲ ପାଇଁ ରିହାତି ମୂଳକ ବ୍ୟବସ୍ଥାରେ ଜେ.ଭି/ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ସାଉଥ୍ ୱେଷ୍ଟ ପୋର୍ଟ ଲିମିଟେଡ୍ କାମ କରୁଛି। ପାରାଦୀପ ଇଷ୍ଟ କ୍ୱେ କୋଲ ଟର୍ମିନାଲ ବର୍ଥ ପାଇଁ ୪ଜଣ ବିଡ଼ର ଥିଲେ। ଉକ୍ତ ବର୍ଥର ରାଜସ୍ୱ ୩୧.୭୦ ହିସାବରେ ପ୍ରକଳ୍ପ ମୂଲ୍ୟ ପ୍ରାୟ ୧୪୧୨.୭୬ କୋଟି ଟଙ୍କା ଦର୍ଶାଯାଇଛି। ସେହିପରି କୋଲ ବର୍ଥ ପାଇଁ କଳିଙ୍ଗ ଇଣ୍ଟରନ୍ୟାଶନାଲ କୋଲ ଟର୍ମିନାଲର ୭ ବିଡର ଥାଇ ୩୬.୫୩ ହିସାବରେ ପ୍ରକଳ୍ପ ମୂଲ୍ୟ ପ୍ରାୟ ୩୮୫.୩୧ କୋଟି ଟଙ୍କା ରହିଛି। କିନ୍ତୁ ପିଆଇସିଟି କ୍ଷେତ୍ରରେ ଜଣେ ମାତ୍ର ବିଡର ଥାଇ ସ୍ୱତନ୍ତ୍ର ଭାବେ ମାତ୍ର ୧୧.୪୪ ହିସାବରେ ୩୫୬.୫୪ କୋଟି ଟଙ୍କା ରହିଛି।

---

### ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର

**ଇସ୍ତାହାର**

**ପତ୍ର ସଂଖ୍ୟା: ୩୪୬୮** **ତାରିଖ: ୨୫।୧୦।୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର ସରକାରୀ ଗାଡ଼ି ମହିନ୍ଦ୍ରା ଜିପ୍ ନମ୍ବର ଓ.ଆର୍.-୦୩-୧୬୩୦ ବ୍ୟବହାର ଅନୁପଯୋଗୀ ଘୋଷଣା କରାଯାଇଅଛି, ତାହାର ବିକ୍ରୟ ପାଇଁ ଏକ ଇସ୍ତାହାର ଜନସାଧାରଣଙ୍କଠାରୁ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ଏକ ସାଦା କାଗଜରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ।

ଆବେଦନ ପତ୍ର ଆସନ୍ତା ତାରିଖ- ୦୯।୧୧।୨୦୧୮ ପୂର୍ବରୁ ପହଞ୍ଚିବା ଆବଶ୍ୟକ, ଯାହାର ସବିଶେଷ ବିବରଣୀ www.subarnapur.nic ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି।

**ସ୍ୱା./- ତହସିଲଦାର, ବୀରମହାରାଜପୁର**

---

### TENDER CANCELLATION NOTICE

**File No. E&A-04/17-18** **Date: 22.10.2018**

No.: CAD-955: This is to inform all concerned that Tender Notice No. 1282/E&A-04/17-18 Dtd.10.04.2018 published in Pioneer and Dharitri on Dtd.14.04.2018 and Corrigendum No. 1594 Dtd.28.04.2018 published in Pioneer and Dharitri on Dt.29.04.2018 for selection of consultants for Construction of proposed Commercial-cum-Office Complex for Odisha State Co-operative Marketing Federation Ltd. (MARKFED - ODISHA) at different locations is hereby cancelled due to administrative reasons.

**Sd./- Managing Director**
**MARKFED-ODISHA**

39017/11/0021/1819

---

### ADVERTISEMENT

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

**TENDER CALL NOTICE**

**No: 08** **DATE: 25.10.2018**

Sealed proposals as per the prescribed RFP document are invited from interested eligible bidders (Packers & Movers) "For Shifting of Medical Equipments, Instruments, Furnitures and Office Accessories from Existing DHH, Bargarh to New DHH at Tukurla, Bargarh". The eligibility criteria, the detail requirement for the said work and the formats for submission of proposals are set forth in the RFP document which can be downloaded from the website www.bargarh.nic.in.

Interested bidders fulfilling the eligibility criteria may submit their proposals in a sealed envelope superscribing "RFP Proposal from Packers & Movers" with RFP cost, EMD & documents as set forth in the RFP document. The RFP Proposal complete in all respect should reach the Office of CDM & PHO, Bargarh by Speed Post/ Registered Post / Courier on or before 13th November 2018 (till 4 P.M.). The technical proposal shall be opened on 17th November 2018, 3 P.M. and the financial proposal will be opened the same day at 4 P.M. in CDMO Conference Hall, Bargarh.

The undersigned reserves the right to reject any or all the proposals without assigning any reason thereof.

**Sd./-**
**Chief District Medical & Public Health Officer**
**-cum-District Mission Director, NHM, Bargarh**

---

### OFFICE OF THE EXECUTIVE ENGINEER, RWS&S DIVISION

**VILL.- AMBAGUDA, P.O.: J.S.CO., RAYAGADA - 765002**

No.916-O:- **Phone No.: 8280408061**

**e-mail ID: eerwss_rgd@nic.in, eerwssrgd@gmail.com**

**No.: 3689** **Dated: 22.10.2018**

**Corrigendum Notice to Quotation Call Notice No.3682 Dt. 04.10.2018**

1. In description of works Column Mid Steel may be read as **Mild Steel**.
2. In Sl. No. 8 of Terms & Conditions Iron removal plants may be read as **Pressure filter**.
3. In Sl. No. 14, AEE, RWS&S Sub-Division, Chandikhol may be read as AEE, RWS&S Sub-Division, **Ramanaguda**.
4. Sl. No. 15 may be read as "The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is **06.11.2018 upto 1.00 P.M.** and the quotation will be opened on **06.11.2018 at 4.00 P.M.** in the presence of the tenderer or their authorized representatives".

All other terms and conditions remain unaltered.

**Sd./- Executive Engineer**
**RWS&S Division, Rayagada**

25007/11/0015/1819

---

### GOVERNMENT OF ODISHA
**"e" Procurement Notice** No.: 744-B

**OFFICE OF THE EXECUTIVE ENGINEER, RAYAGADA (R&B) DIVISION NO. - I**

**Bid Identification No.: RC (RANDB) RGD 19/2018-19 (Online Tender)**
**E-mail ID: eepwd765001@gmail.com**
**File No.- E-II-C8-28/2018 No. 4200 Dated: 10.10.2018**

| | | | |
|---|---|---|---|
| 1. | No. of the Works | : | 02 Two Nos. of Road Work (Single Cover System) |
| | | : | (01) One No. of Road Work (Double Cover System) |
| 2. | Estimated Cost | : | Rs.20,18,652/- to Rs.33,71,962/- (Excl. GST) (For Single Cover System) |
| | | : | Rs.96,93,492/- (Excl. GST) (For Double Cover System) |
| 3. | Cost of Document | : | Rs.6,000/- (For Single Cover System) |
| | | : | Rs.10,000/- (For Double Cover System) |
| 4. | Bid Security | : | Rs.20,200/- and Rs.33,800/- Respectively (For Single Cover System) |
| | | : | Rs.97,000/- (For Double Cover System) |
| 5. | Class of Contractor | : | 'C' and 'B' (For Single Cover System) |
| | | : | 'B' and 'A' (For Double Cover System) |
| 6. | Period of Completion | : | 2 (Two) Calendar Months (For Single Cover System) |
| | | : | 3 (Three) Calendar Months (For Double Cover System) |
| 7. | Date & time of availability of bid document in the website | : | 11.00 Hrs. of Dated 29.10.2018 to 17.00 Hrs. of Dated 16.11.2018 for Online bidding. |
| 8. | Last date/time for receipt of bids in the Portal | : | Upto 17.00 Hrs. of Dated 16.11.2018 |
| 9. | Bids received **"Online"** shall be **opened at 11.00 hours on dated 17.11.2018** in the Office of the **Executive Engineer, Rayagada (R&B) Division No. - I**. | | |
| 10. | The opening of price bid of the Double Cover will be announced later. | | |
| 11. | Further details can be seen from the e-Procurement portal: **"www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only. | | |

**Sd./- (Pradipta Mohan Mishra)**
**Executive Engineer**
**Rayagada (R&B) Division No. - I**

34040/11/0034/1819

---

### GOVERNMENT OF ODISHA
### DEPARTMENT OF WATER RESOURCES

No.674-A

OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR

**'e' Procurement Notice No. SECIC-05 / 2018-19**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | Bid documents available online for bidding To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC, Bhubaneswar | SECIC/ NID-02 of 2018-19 | Service Road to Kushabhadra Right Embankment from RD.36.00 Km to 41.00 Km. | 219.90 | 220000/- (On-line) | 10000/- (On-line) | "B" Class & "A" Class | 31.10.2018 at 11.00 A.M. | 16.11.2018 up to 5.00 P.M | 17.11.2018 at 11.00 A.M. | 11 (Eleven) Calendar Months |
| | | Improvement to Service Road on right bank of Kakatpur Distributary from RD.1.50 Km to 9.70 Km (Betenda Bridge to UCO Bank, Kakatpur). | 341.82 | 342000/- (On-line) | 10000/- (On-line) | " A " Class & "Special" Class | 31.10.2018 at 11.00 A.M. | 16.11.2018 up to 5.00 P.M | 17.11.2018 at 11.00 A.M. | 11 (Eleven) Calendar Months |
| | | Improvement to Service Road on Left Bank of Kundhei Distributary from RD.16.20 Km to 21.50 Km (Srikoili to Nuapatna). | 248.44 | 248500/- (On-line) | 10000/- (On-line) | "B" Class & "A" Class | 31.10.2018 at 11.00 A.M. | 16.11.2018 up to 5.00 P.M | 17.11.2018 at 11.00 A.M. | 11 (Eleven) Calendar Months |

e-mail ID:- secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

32160/11/0010/1819

**Superintending Engineer, Central Irrigation Circle**

---

### GOVERNMENT OF ODISHA
No.: 673-A

**e-Procurement Notice Online Tender**
**(e-Mail ID: midbhanjanagar@gmail.com)**
**BID Identification No. EEMIDBNJ-05-2018-19**

| | | |
|---|---|---|
| Name of Work | : | Civil Construction Works |
| No. of Work | : | 15 Nos. |
| Estimated Cost | : | Varies from Rs.8.90 lakh to Rs.49.90 lakh |
| Period of Completion | : | Varies from 04 (Four) Calendar Months to 06 (Six) Calendar Months |
| Date & Time of availability of Bid Documents in the Portal | : | From 31.10.2018 to 09.11.2018 upto 17.00 Hours. |
| Original Bid documents to be dropped in the Box I.D. No. 05/2018-19 from 12.11.2018 to 14.11.2018 upto 17.00 Hours. | | |
| Date for Opening of Bid | : | 15.11.2018 at 11.00 A.M. |
| Lottery Date if required | : | 19.11.2018 |
| Name & Addres of the OIT | : | Executive Engineer, M.I. Division, Bhanjanagar |

Further details & Corrigendum if any can be seen from the website: **www.tendersodisha.gov.in**.

**Executive Engineer**
**M.I. Division, Bhanjanagar**

32287/11/0002/1819

---

### OFFICE OF THE COLLECTOR & DISTRICT MAGISTRATE, KANDHAMAL
**(SPORTS SECTION)**

**Tender Call Notice No.: 495** **Date: 24.10.2018**

**SHORT TENDER CALL NOTICE**

Sealed tenders are invited by Registered Post/Speed Post/Courier Service from intends and well established Firms/Agencies/Dealers/Manufactures for Supply of Dress Materials, Shoes Materials in respect of Sports Hostel, Phulbani (District Sports Office, Kandhamal) having valid GST Certificate, Dealership Certificate, VAT Clearance Certificate, PAN Card required Test Certificate in conformity with Detailed Tender Call Notice. The General Bid Sheet/Terms & Conditions for supply of Sports Goods along with last date of receipt and opening of tender will be available with District Sports Office, Kandhamal from 25.10.2018 to 14.11.2018 during office hours from 11.00 A.M. to 4.00 P.M. on all working days on payment of Rs.500/- (Rupees five hundred) only in shape of Cash which is non-refundable and can be downloaded from website, NIC, Collectorate, Kandhamal, Phulbani **(www.kandhamal.nic.in)**.
The authority reserves the right to accept or reject any or all the tenders without assigning any reason thereof.

**Sd./- District Sports Officer, Kandhamal**

---

### ODISHA TOURISM DEVELOPMENT CORPORATION LIMITED
**(A Government of Odisha Undertaking)**
**Panthanivas (Old Block), Lewis Road, Bhubaneswar - 751014**

**Tender Call Notice No.- BP-I/15/2018-19 Dtd. 26.10.2018**
**for Organization of Different Festival - 2018-19**

**No.: 6937** **Dt. 26.10.2018**

No.- CAD-956: Odisha Tourism Development Corporation Limited on behalf of Department of Tourism, Govt. of Odisha going to organize **Konark Festival - 2018 & International Sand Art Festival - 2018**. Offers are invited from reputed firms/agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format separately for both the events. Details can be downloaded from our website **www.panthanivas.com**. The bid should reach the office of the undersigned upto 01.00 P.M. of 05.11.2018 & will be opened on the same day at 3.30 P.M.

**Sd./- Executive Engineer**
**Building Project Division - I,**
**OTDC Ltd.**

37002/11/0056/1819

---

### GOVERNMENT OF ODISHA
### WORKS DEPARTMENT
**OFFICE OF THE EXECUTIVE ENGINEER, BALLIGUDA (R&B) DIVISION, BALLIGUDA**

TELEPHONE & fax : 06846-243242
E-mail- eepwd_balliguda@yahoo.com

**Bid Identification No. E.E. BLG-08/ 2018-19**
**Dated:- 23.10.2018**

No.757-B

| Sl. | | |
|---|---|---|
| 1 | Name of the Work | Construction of Building Work as per DTCN available in the website www.tendersodisha.gov.in |
| 2 | Estimated Cost | Rs. 47.70 lakh |
| 3 | No. of Works | 1(One) only |
| 4 | Period & time of completion | 08 (Eight) Calendar Months |
| 5 | Date & time of availability of the bid document in the portal | 29.10.2018 to 13.11.2018 (up to 4.00 PM) for Online Bidding |
| 6 | Last date/Time for receipt of bids in the portal | Up to 5.00 PM of 13.11.2018 |
| 7 | Date & Time of bid opening | 11.30 hours on Dated. 15.11.2018 |
| 8 | Name & Address of the officer inviting Bid | Executive Engineer, Balliguda R&B Division, Balliguda, Dist: Kandhamal, Pin-762103 |

Others can be seen from Detailed Notice inviting Tenders, available in website. www.tendersodisha.gov.in.
Corrigendum if any, shall only be published in the above website.

**Executive Engineer**
**Balliguda (R&B) Division**

34038/11/0003/1819

---

### OFFICE OF THE JAGATSINGHPUR MUNICIPALITY, JAGATSINGHPUR

**Phone: 06724-220073, Fax: 06724-220073**
**E-mail ID: jspurm.hud@gmail.com**

**No.: 5529** **Dt.25.10.2018**

**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Tender Reference No. : JSPUR-05/2018-2019
2. Tender ID No. : 2018_ORULB_50335
3. Name of the Work : Civil Construction works as mentioned in website
4. No. of Works : 27
5. Estimated Cost : Rs.89000.00 to Rs.890000.00
6. Period of Completion : 60 Days
7. Date & Time of Bidding : 29.10.2018 at 10 A.M.
8. Last date & time for receipt of bids in the portal : 12.11.2018 at 5 P.M.
9. Last date of receipt of Technical Bid : 13.11.2018 at 5 P.M.
10. Bids received online shall be opened on : 14.11.2018 at 11 A.M.
11. Name and address of the Officer Inviting Bid : Executive Officer, Jagatsinghpur Municipality

Further details can be seen from the procurement portal i.e. **https://www.tendersorissa.gov.in**.

**Sd./- Executive Officer**
**Jagatsinghpur Municipality**

---

### GOVERNMENT OF ODISHA
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, ANANDAPUR**

Tel No. (06731)220314, e-Mail ID mianandapur@yahoo.co.in

No.660-A

**"e" Procurement Notice**
**Identification No-12 MID (ANP/2018-19)**

The Executive Engineer, M.I.Division, Anandapur on behalf of Governor of Odisha invites percentage rate bids in double cover system through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of the works | : | Civil Construction works |
| 2. | Total No. of works | : | 02 nos. |
| 3. | Estimated Cost | : | Varies from 54.35 Lakhs to 80.00 Lakhs (Detail list of work Annexed) |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date & time of Availability of on-line Bid Document in the Portal | : | 30.10.2018 at 10.00 AM to 08.11.2018 upto 5.00 PM. |
| 7. | Last date/Time for online receipt of Bid in the Portal | : | 08.11.2018 upto 5.00 PM. |
| 8. | Date/Time of Opening of Tender | : | 09.11.2018 at 11.00 AM. Onwards at Office of the Technical Bid. E.E.M.I.Divn., Anandapur |
| 9. | Date/Time of Opening Financial Bid- | : | 15.11.2018 at 11.00 AM |
| 10. | Name & Address of the Officer Inviting the Bid | : | Executive Engineer, M.I. Division, Anandapur |
| 11. | Mode of Payment of Bid Cost & Bid Security | : | Online |
| 12. | Further details can be seen from the "e" Procurement Portal https://tendersorissa.gov.in | | |

**Sd/-22.10.2018, Executive Engineer,**
**M.I. Division, Anandapur**

32108/11/0015/1819

---

### GOVT. OF ODISHA
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, BALANGIR**

At/PO- Balangir, Dist : Balangir
Phone No : 06652-232982, Email : mid_balangir@yahoo.co.in

No.664-A

No. 1783 Date : 22.10.2018

**e-Procurement Notice**
**Identification No : online/03/BGR MID/2018-19**

Bid documents consisting of works, estimated cost, cost of bid documents, time of completion, class of contractor, terms and conditions of contract and other necessary documents can be seen in e-procurement portal https://tendersodisha.gov.in

| | | | |
|---|---|---|---|
| 1. | Name of the Work | : | Civil construction works |
| 2. | No. of Works | : | 08 (Eight) Nos |
| 3. | Estimated Cost | : | Varies Approximately from Rs. 21.90 lakhs to Rs. 96.18 lakhs |
| 4. | Period of completion | : | 04 (Four) calendar months |
| 5. | Date and time of availability of bid documents in the portal | : | From 05.11.2018 (10.00 AM) to 15.11.2018 (5.00 PM) |
| 6. | Last date / time for receipt of bids in the portal | : | 15.11.2018 (5.00 PM) |
| 7. | Date of opening of Bid | : | On dated 16.11.2018 at 10.00 AM onwards in the Office of the Executive Engineer, Minor Irrigation Division, Balangir. |
| 8. | Date of receipt of Bid Cost and Bid Security : | : | 05.11.2018 (10.00 AM) to 15.11.2018 (5.00 PM) |
| 9. | Date of Lottery (if cases arise) for the works on dated 28.11.2018 at 11.00 AM onwards in the Office of the Executive Engineer, Minor Irrigation Division, Balangir. | | |
| 10. | Mode of Payment of Bid Cost & Bid Security : Online | | |
| 11. | Name of the the Officer inviting Tender | : | Executive Engineer, Minor Irrigation Division, Balangir |

Further details can be seen from the e-procurement portal https://tendersodisha.gov.in

**Sd./- Executive Engineer**
**Minor Irrigation Division, Balangir**

32063/11/0002/1819

---

### OFFICE OF THE MUNICIPAL COUNCIL : RAIRANGPUR

Phone No. : 06794-222054,
Email ID : rairangpurn.hud@ori.nic.in/ rrpurnac@gmail.com

**'e' PROCUREMENT NOTICE**

**Tender Call Notice No. : 3172/23.10.2018**
**Bid Identification No : T6RRP2018-19**

Bid documents consisting of Speciation the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

| | | | |
|---|---|---|---|
| 1. | Nature of the works | : | Civil Works 4 (Four) nos. |
| 2. | No. of Works | : | Bid Identification No. T6RRP2018-19 |
| 3. | Date & Time availability of the Bid documents in Portal | : | From 10.00 hours of 26.10.2018 to 17.00 hours of 08.11.2018 |
| 4. | Last Date / Time receipt of Bids in E Tender Portal | : | 08.11.2018 / 17.00 hours |
| 5. | Seek Clarification end Date | : | 05.11.2018/ 17.00 hours |
| 6. | Tender Paper Cost, EMD, GST, PAN ETC, As per DTCN in office tender BOX | : | 09.11.2018 / 17.00 hours |
| 7. | Bids received online shall be opened on | : | 12.11.2018/11.00 hours (If any problem arises for Opening of bid the bid will be opened on next working day) |
| 8. | If all the tender work will be not completed within fixed period mention in the tender schedule the work agreement and work order automatically cancelled. | | |
| 9. | The Authority reserves the right to reject any or all tenders without assigning any reason thereof. | | |
| 10. | Further the details can be seen from the procurement portal: www.tendersorissa.gov.in | | |

**Sd./- Executive Officer**
**Rairangpur Municipality**

# ହୋଟେଲ ମ୍ୟାନେଜମେଣ୍ଟରେ କ୍ୟାରିୟର



### ହୋଟେଲ ମ୍ୟାନେଜମେଣ୍ଟ ସମ୍ପର୍କିତ କୋର୍ସ

ହୋଟେଲ ମ୍ୟାନେଜମେଣ୍ଟରେ ଅନେକ ପ୍ରକାର କୋର୍ସ ଏଥିପାଇଁ ଉପଲବ୍ଧ, ଯାହାକି ଦ୍ୱାଦଶ ଏବଂ ସ୍ନାତକ ପରେ କରାଯାଇପାରେ। ଏହି କୋର୍ସର ଅବଧି ୬ ମାସରୁ ଆରମ୍ଭ ହୋଇ ୩ ବର୍ଷ ପର୍ଯ୍ୟନ୍ତ ରହିଛି। ଆମ ଦେଶରେ ଅନେକ ପ୍ରକାର କୋର୍ସରେ ପାଠ ପଢ଼ାଯାଏ। ସେଗୁଡ଼ିକ ହେଲା ବ୍ୟାଚେଲର ଅଫ୍ ବିଜନେସ ଆଡମିନିଷ୍ଟ୍ରେଶନ(ବିବିଏ), ବ୍ୟାଚେଲର ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ବିଏଚ୍ଏମ୍), ବ୍ୟାଚେଲର ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି (ବିଏଚ୍ଏମ୍ସିଟି), ମାଷ୍ଟର ଅଫ୍ ବିଜନେସ ଆଡମିନିଷ୍ଟ୍ରେଶନ ହସ୍ପିଟାଲିଟି (ଏମ୍ବିଏଏଚ୍)

### କ୍ୟାରିୟର ସମ୍ଭାବନା

ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରିବା ପରେ ଛାତ୍ରୀଛାତ୍ରଙ୍କୁ ଚାକିରି ଲାଗି ବହୁ ବିକଳ୍ପ ମିଳିଯାଏ। ଏଭଳି ଅନେକ ଫିଲ୍ଡ ରହିଛି ଯେଉଁଠି ଜଣେ ଛାତ୍ରୀଛାତ୍ର ହୋଟେଲ ମ୍ୟାନେଜମେଣ୍ଟ କୋର୍ସ ପରେ ନିଜର କ୍ୟାରିୟର ଆରମ୍ଭ କରିପାରିବେ। ସେଗୁଡ଼ିକ ହେଲା ରିଜର୍ଭେଶନ ମ୍ୟାନେଜର, ରେଷ୍ଟୁରାଣ୍ଟ ମ୍ୟାନେଜର, ଫ୍ରଣ୍ଟ ଅଫିସ ରିସେପସନିଷ୍ଟ, ସେଲ୍ସ ଆଣ୍ଡ ମାର୍କେଟିଂ ଏକଜିକ୍ୟୁଟିଭ, ଡିପାର୍ଟମେଣ୍ଟ ମ୍ୟାନେଜର, ଫ୍ରଣ୍ଟ ଅଫିସ ମ୍ୟାନେଜର, ଫୁଡ୍ ଆଣ୍ଡ ବ୍ରେଭରେଜ ମ୍ୟାନେଜର,ହାଉସକିପିଂ ମ୍ୟାନେଜର, ଫ୍ରଣ୍ଟ ଅଫିସ ଏକଜିକ୍ୟୁଟିଭ, ଆସିଷ୍ଟାଣ୍ଟ ମ୍ୟାନେଜର, ହାଉସକିପିଂ ସୁପରଭାଇଜର,ସେଲ୍ସମ୍ୟାନେଜର,ସେଲ୍ସ ମ୍ୟାନେଜର–ବ୍ୟାଙ୍କ୍ୱେଟ, ସସ୍ ସେଫ୍।

### ଚାକିରି ସୁଯୋଗ

ହୋଟେଲ, ରେସ୍ତୋଁରା/ଫାଷ୍ଟ ଫୁଡ୍ ଜଏଣ୍ଟ, କ୍ଲବ ମ୍ୟାନେଜମେଣ୍ଟ/ରିକ୍ରିଏଶନ ଆଣ୍ଡ ହେଲ୍ଥ କେୟାର ମ୍ୟାନେଜମେଣ୍ଟ, କ୍ରୁଜ୍ ଶିପ୍ ହୋଟେଲ, ହସ୍ପିଟାଲ ଆଡମିନିଷ୍ଟ୍ରେଶନ ଆଣ୍ଡ କ୍ୟାଟରିଂ, ଇନଷ୍ଟିଚ୍ୟୁଶନାଲ ଆଣ୍ଡ ଇଣ୍ଡଷ୍ଟ୍ରିଆଲ କ୍ୟାଟରିଂ, ଏୟାରଲାଇନ କ୍ୟାଟରିଂ ଆଣ୍ଡ କ୍ୟାବିନ ସର୍ଭିସେସ୍ ଆଦି କ୍ଷେତ୍ରରେ ଚାକିରି ସୁଯୋଗ ରହିଛି।

### ବେତନ

ହୋଟେଲ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଜଣେ ଟ୍ରେନିଙ୍କ ବେତନ ୧୮ହଜାର ଟଙ୍କାରୁ ୨୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ। ଏହି ବେତନ ପଦ, କାମ ଏବଂ ଅଭିଜ୍ଞତା ଆଧାରରେ ବଢ଼ିଥାଏ।

### ରୋଜଗାର ସମ୍ଭାବନା

ଦେଶରେ ହୋଟେଲ ଇଣ୍ଡଷ୍ଟ୍ରି ଦ୍ରୁତଗତିରେ ବଢ଼ିଚାଲିଛି। ବଡ଼ ଏବଂ ନାମୀଦାମୀ ହୋଟେଲଗୁଡ଼ିକ ମେଟ୍ରୋ ସିଟିରୁ ଆଗକୁ ବଢ଼ି ଏବେ ରାଜ୍ୟର ରାଜଧାନୀରେ ନିଜର ଶାଖାସବୁ ଖୋଲିବା ଆରମ୍ଭ କଲେଣି। ସେତିକି ନୁହେଁ ସେମାନେ ଏବେ ଧୀରେ ଧୀରେ ଛୋଟ ସହରମୁହାଁ ହେଲେଣି। ଏହାବ୍ୟତୀତ ଇଣ୍ଟରନ୍ୟାଶନାଲ ଫୁଡ୍ ଚେନ୍ସ ବଡ଼ ସହର ପରେ ଏବେ ଦେଶର ଛୋଟ ସହର ଆଡକୁ ଆକର୍ଷିତ ହେଲେଣି। ପର୍ଯ୍ୟଟକଙ୍କ ସଂଖ୍ୟା ଅହେତୁକ ବଢ଼ିବା ତଥା ବଡ଼ ଓ ଛୋଟ ସହର ମଧ୍ୟରେ ଦୂରତା କମିବା ଯୋଗୁ ଏବେ ହୋଟେଲ ଶିଳ୍ପର ପରିସୀମା ବଢ଼ିଚାଲିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ ଅନ୍ତର୍ଜାତୀୟ ମାନଦଣ୍ଡ ପାଳନ କରୁଥିବା ହୋଟେଲରେ ଦକ୍ଷ ଲୋକଙ୍କ ଚାହିଦା ଅଧିକ ରହିଛି। କିନ୍ତୁ ଏ କ୍ଷେତ୍ରରେ ଅଭାବ ଜାରି ରହିଛି।



### ଶୀର୍ଷ ୧୦ ହୋଟେଲ ମ୍ୟାନେଜମେଣ୍ଟ କଲେଜ

**ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କରିବା ଲାଗି ଭାରତରେ ଅନେକ କଲେଜ ରହିଛି। ସେଠାରେ ହୋଟେଲ ମ୍ୟାନେଜମେଣ୍ଟ ସମ୍ପର୍କିତ ଅନେକ କୋର୍ସ କରିବାର ସୁବିଧା ରହିଛି। ସେଠାରୁ ଉତ୍ତୀର୍ଣ୍ଣ ହେବା ପରେ ନିଶ୍ଚିତ ଚାକିରି ସୁଯୋଗ ରହିଛି। ସେଗୁଡ଼ିକ ହେଲା...**

- ❖ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ ନ୍ୟୁଟ୍ରିଶନ (ଆଇଏଚ୍ଏମ୍), ମୁମ୍ବାଇ
- ❖ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ ନ୍ୟୁଟ୍ରିଶନ (ଆଇଏଚ୍ଏମ୍), ପୁସା, ନୂଆଦିଲ୍ଲୀ
- ❖ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, (ଆଇଏଚ୍ଏମ୍), ବେଙ୍ଗାଲୁରୁ
- ❖ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ଆଇଏଚ୍ଏମ୍, କୋଲକାତା
- ❖ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ,ଆଇଆଇଏଚ୍ଏମ୍, କୋଲକାତା
- ❖ ଲବଲୀ ପ୍ରଫେଶନାଲ ୟୁନିଭର୍ସିଟି, ଜଳନ୍ଧର
- ❖ ଆଲାଏନ୍ସ ୟୁନିଭର୍ସିଟି, ବେଙ୍ଗାଲୁରୁ
- ❖ ଏପିଜେ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି (ଏଆଇଏଚ୍), ମୁମ୍ବାଇ
- ❖ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ (ଆଇଏଚ୍ଏମ୍ସି), ଉଦୟପୁର
- ❖ ସୁଭାଷ ବୋଷ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ବିଆଇଏଚ୍ଏମ୍),କୋଲକାତା

ପରିଶେଷରେ କହିବାକୁ ଗଲେ ଏହି ଉଦ୍ୟୋଗରେ ପ୍ରବେଶ କଲେ ଜଣେ ବ୍ୟକ୍ତି କ୍ୟାରିୟର ସହ ଆର୍ଥିକ ସ୍ୱଚ୍ଛଳତା ହାସଲ କରିପାରିବ। ଏଥିସହିତ ସମାଜରେ ତାଙ୍କର ସମ୍ମାନ ମଧ୍ୟ ବେଶ୍ ବୃଦ୍ଧି ପାଇବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

କ୍ୟାରିୟର ଦୃଷ୍ଟିରୁ ଦେଖିଲେ ହୋଟେଲ ମ୍ୟାନେଜମେଣ୍ଟ ଏକ ଚମତ୍କାର ଫିଲ୍ଡ। ଏହି କୋର୍ସ ଶେଷ ପରେ ଜଣେ ବ୍ୟକ୍ତି ଏହି ଉଦ୍ୟୋଗ ସହିତ ନିଜକୁ ଯୋଡିପାରିବ। ହୋଟେଲ ମ୍ୟାନେଜମେଣ୍ଟ କୋର୍ସ କେବଳ ସେଫ୍ ହେବା ପାଇଁ ଉଦ୍ଦିଷ୍ଟ ବୋଲି ଏକ ଧାରଣା ରହିଆସିଛି। କିନ୍ତୁ ସମୟ ବଦଳିଛି, ଯୁଗ ବଦଳିଛି। ଆଜି ସେଫ୍ଙ୍କୁ ସମ୍ମାନ ସହ ପ୍ରଚୁର ଅର୍ଥ ମଧ୍ୟ ମିଳୁଛି। ହୋଟେଲ ମ୍ୟାନେଜମେଣ୍ଟ ଏଭଳି ଆହୁରି ଅନେକ କ୍ୟାରିୟରକୁ ଜନ୍ମ ଦେଇଛି। ହୋଟେଲ ଉଦ୍ୟୋଗର କାର୍ଯ୍ୟକଳାପ ଆଜି ବଢ଼ିଯାଇଛି। ଏଥିରେ ମ୍ୟାନେଜମେଣ୍ଟ, ପ୍ରଶାସନ, ହାଉସକିପିଂ, ମାର୍କେଟିଂ, ମେଣ୍ଟେନାନ୍ସ ଭଳି ଅନେକ ବିଭାଗ ରହିଛି, ଯେଉଁଥିରେ ପେସାଦାରଙ୍କ ଅନେକ ଚାହିଦା ରହିଛି। ଏହି କ୍ଷେତ୍ରଟି ଗ୍ଲାମର୍ସ ସହିତ କାମ କରିବାରେ ଶାନ୍ତି ଆଣିଥାଏ।

ହୋଟେଲ ମ୍ୟାନେଜମେଣ୍ଟରେ କ୍ୟାରିୟର କରିବାକୁ ଚାହୁଁଥିଲେ ଏଥିପାଇଁ ମୁଖ୍ୟ ଆବଶ୍ୟକ ଆକର୍ଷଣୀୟ ବ୍ୟକ୍ତିତ୍ୱ। ଏଥିସହିତ ଆପଣଙ୍କର କମ୍ୟୁନିକେଶନ ସ୍କିଲ ରହିବା ଜରୁରୀ। ଏହାଛଡା ବନ୍ଧୁଙ୍କ ଭଳି ବ୍ୟବହାର, ସର୍ବଦା ସହାୟତା ପାଇଁ ତତ୍ପର ରହିବା, ତ୍ୱରିତ୍ ଭାବନା କ୍ଷମତା ତଥା ପ୍ରଶାସନିକ ଦକ୍ଷତା, ସମସ୍ତଙ୍କୁ ସାଥିରେ ନେଇ ଚାଲିବା, ଚାପଗ୍ରସ୍ତ ରହିଥିଲେ ମଧ୍ୟ ସର୍ବଦା ହସହସ ମୁହଁରେ ରହିବାର ଅଭ୍ୟାସ, ସଚ୍ଚୋଟ ତଥା ପରିଶ୍ରମୀ ହୋଇଥିଲେ ଜଣେ ବ୍ୟକ୍ତି ସହଜରେ ହୋଟେଲ ମ୍ୟାନେଜମେଣ୍ଟରେ ସଫଳ ହୋଇପାରିବ।


ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**MNC VACANCY 21 IN CUTTACK**
Quali.- 10th To Graduation.
Age below 30 years
MONTHLY SALARY Rs.7500/- To Rs.17000/-
9937042198, 9937172198

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

**PART / FULL TIME**
ଘରକାମ/ ରୋଷେଇ/ ପେସେଣ୍ଟ କେୟାର/ ପିଲା ଯତ୍ନ/ (ମହିଳା ଓ ପୁରୁଷ ଆବଶ୍ୟକ)। ରହିବା ଖାଇବା ସୁବିଧା ଅଛି। **ବୟସ:** (18-50). **ଦରମା:** 6,000ରୁ 10,000 ଟଙ୍କା।
MOB: 9040063635, 9090909111

**DALA AUTO DRIVER REQUIRED**
A Reputed Food Processing Unit at Mancheswar, Bhubaneswar needs experienced Driver for their three wheeler Dala Auto. Interested candidates may
CONTACT: 9438182103

**WANTED CAR DRIVER**
for office at Cuttack, Jagatpur.
CONTACT: 9437496020, 7381075901

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319634873

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately Mob: 8763257042

**ଏଚ୍‌ଡିପି ପାଇଁ ଆବଶ୍ୟକ**
ଗ୍ରାମୀଣ ବ୍ଲକ୍ ସୁପରଭାଇଜର ଜିଲ୍ଲା ସ୍ତରରେ ଆବେଦନ ଆମନ୍ତ୍ରିତ, 325 ମହିଳା 220 ପୁରୁଷ, ଯୋଗ୍ୟତା ଦ୍ୱାଦଶ ଉତ୍ତୀର୍ଣ୍ଣ, ବେତନ - 29700/- ଫଣ୍ଡ + ବୋନସ। ନିଜର ଆଧାରକାର୍ଡ ଓ ଦ୍ୱାଦଶ ମାର୍କଶିଟ୍, ବାୟୋଡାଟା ପଠାନ୍ତୁ।
WhatsApp No-09598301277

**WALK-IN-INTERVIEW**
Urgently required Accountant cum Ware house in-charge, Auto CAD Designer, DTP Operator, Office Assistance, Sales Man & Driver for a reputed trading organization. Salary negotioable.
Interested persons are called for an interview at:
AP Enterprises, Rath Road (Opp. Gurukulam School), Old Town, BBSR
Contact: +91 9337179757 / +91 7008010120

**REQUIRED**
A CA firm requires articles, B.Com, CA (Inter) with experience.
Please mail your resume to
mohapatra.sangram@rediffmail.com

**Urgently Required**
**RECEPTIONIST (1 No)**
Qual. 10th / +2, Salary : 10,000/- PM
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ
(ଖାଇବା ଓ ରହିବା ସୁବିଧା ଅଛି। ଦରମା - 8,000/-)
Contact : 6370668486
KHANDAGIRI SQUARE BHUBANESWAR (Age : 18-30 Yrs)

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

A Division of Timber & Furniture unit required 4 Nos. Manager at BBSR.
Mob: 7381203300

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 8598856282

**PRINCIPAL & TEACHERS REQUIRED FOR STERLING PUBLIC SCHOOL**
(Affiliated to CBSE, English Medium, Sr. Secondary-10+2)
Siswa Bazar / Nichlaul, Maharajganj, UP-273163
Website : www.sterlingeducation.in
Principal, PGT (English, Physics, Chemistry, Maths, Biology & Physical Education) TGT (English, S.St., Maths, Science) & Primary Teachers (All subjects)
Attractive Salary + Free Accommodation
*Candidates must be fulent in English. Preference will be given to candidates with relevant experience. Please send CV at*
chandrashekharonline@gmail.com
Call : 07457984810 / 08948911222

**Dr Lal PathLabs**
One of India's oldest and leading diagnostic chain with its state of-the-art diagnostic facilities requires:
**PATHOLOGIST**
(Part Time)
For Puri, Odisha
Candidate should be an MBBS + MD / DNB (Pathology) With 0-5 years of relevant work experience in a laboratory.
Attractive Remuneration offered.
Interested candidates can contact Rashish Bhat (Asst. Manager HR) on 8826639509 or can share CV's on - rashish.bhat@lalpathlabs.com

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲ୍ଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

ଚେନ୍ନାଇରେ ଚାକିରି + ରହିବା ସୁବିଧା। ହିନ୍ଦୀ କହିପାରୁଥିବେ। ବେତନ: ୧୩୦୦୦ - ୧୭୦୦୦। ରୋଷେୟା / ହାଉସ୍‌କିପିଂ ବଏ / କାର୍ ଡ୍ରାଇଭର / ମାଲିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ
9884761210

See **CAREER APPOINTMENT** on every **Wednesday & Saturday**

नालको NALCO
National Aluminium Company Limited (A Government of India Enterprise)
Smelter Plant, Nalco Nagar, Angul - 759 145, Odisha, India
CIN : L27203OR1981GOI000920
A NAVRATNA COMPANY
**WALK-IN-INTERVIEW**
A walk-in-interview for engagement of one Homeopathy Doctor on retainership shall be held on 28.11.2018. For details, please visit 'careers' selection in www.nalcoindia.com.
Advt. No.14180201 | AGM (IE), Recruitment

**CAPITAL FORD**
Requires professionals for its dealership across Odisha, opportunity exists for the following positions:-
- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **SALES MANAGER:** Graudate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/ MBA having 3-5 yrs. exp. in automobile finance or auto loan finance.
- **FLOOR MANAGER:** Degree or Diploma in automobile/ Mechanical haing 3 to 5 years experience in 2/3/4 wheeler dealership workshop.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **USED CAR CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Balasore, Koraput, Jaypore, Bhawanipatna, Baragarh & Keonjhar.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile/ Accidental having 2 to 3 years experience in 2/3/4 wheeler dealership bodyshop.
- **QUALITY INSPECTOR:** ITI/DIPLOMA in automobile having at least 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any graduate or MBA having at least 1 year experience in automobile or any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or, MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

Mail to: admin@capitalford.net & siddharth9909@gmail.com
Contact: Evalin, 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

**JOB VACANCIES**
An upcoming four wheeler dealership needs professional in **Bhubaneswar** & **Sambalpur** location opportunity exists for the following positions:-
- **GM:** Must be graduate /MBA having 10 to 12 years experience in managing sales, operation of any 4 wheelers passenger car dealership.
- **SR. SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **BODYSHOP MANAGER:** Degree or Diploma in automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **ADMIN. MANAGER:** Relevant work experience in construction & Govt. liaisoning having 5-10 years experience in any automobile sector.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE HEAD:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **EDP EXECUTIVE:** Fresher/Graduates (BCA, B.Sc. {IT} having at least 1 year of experience in IT support, hard work & net work in any automobile of 2/3/4 wheeler dealership.
- **SALES CONSULTANTS:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES EXECUTIVE:** Graduate having at least 1 year exp. in automobile for Jeypore, Balasore, Bhadrak, Angul & Berhampur.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 2/3/4 wheeler dealership.
- **CO-TECH:** Must be a technical manager or technical head in any 2/3/4 wheeler automobile dealership.
- **WARRANTY EXECUTIVE:** Diploma in Automobile/Mechanical having 1-2 yrs of relevant experience in any automobile sector handling warranty related claims.
- **PARTS EXECUTIVE:** Graduate having 2 to 3 yrs experience in automobile sector of any 2/3/4 wheeler dealership.
- **TECHNICIANS:** ITI/ DIPLOMA in automobile having at least 1 year experience in any 2/3/4 wheeler dealership/ Garage.
- **TELE CALLER:** Any graduate or MBA having at least 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any graduate or MBA having at least 1 year experience in automobile of any 2/3/4 wheeler dealership with relevant billing experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **PAINTER:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler painting section.

Contact: 7606002084 / 0674-6668822
edp.bhubaneswar@renault-india.com & siddharth9909@gmail.com

TRAHON Livelihood Mission Pvt. Ltd.
**URGENTLY REQUIRED**
A Leading Company Requires Experienced & Qualified Candidates
1. **District Manager: 10 Posts (Salary 20,000 to 45,000)** MBA, 3-5 Years Administration Exp., Good at English, Hindi & Local Language.
2. **District Supervisor: 10 Posts (Salary 15,000 to 20,000)** Graduate, 1-2 Years Experience, Good at English, Hindi & Local Language.
3. **IT Technician: 10 Posts (Salary 15,000 to 20,000)** BCA / BCS IT / MCA / MCS / BE-IT, 1-2 Yrs. Exp., in Hardware & Networking.
4. **Calling Executive: 300 Posts(Salary 8,000 to 12,000)** Graduate, 1-2 Yrs. Experience, Good at English & Local Language.

Job Locations: Job Location At All Districts in Odisha.
Drop Your CV at hr.trahonodisha@gmail.com
www.trahon.com 9607922216

An upcoming saloon requires the following personnel's at **Bhubaneswar**
1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or has been working as a manager heading any company.
4. **COUNSELLOR:** 1-2 yrs. experience of customer counselling from any industry or, from customer care background.
5. **BEAUTICIAN:** 1-3 yrs. experience in any beauty parlor or has under gone beauty course.
6. **DIETICIAN:** 2-3 yrs. experience in diet counselling or a nutritionist or from home science background fresher's can apply.
7. **HAIR DRESSER:** 2-3 yrs. experience in any beauty parlour.
8. **THERAPIST:** 2-3 yrs. experience in any wellness centre.

Salary is best in industry. Interested candidates may email their updated CV with latest PP size photograph.
Contact No: 9040093804/0674-6668822
Email id: siddharth9909@gmail.com, chitra89@gmail.com, info@newleaf.org.in


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ୮ ଦିନରେ ପେଟ୍ରୋଲ ୨ଟଙ୍କା, ଡିଜେଲ ୯୬ ପଇସା ହ୍ରାସ

**ନୂଆଦିଲ୍ଲୀ,୨୬-୧୦:** ଗତ ୮ଦିନ ହେଲା ଦେଶରେ ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ହ୍ରାସ ପାଇଚାଲିଛି। ପେଟ୍ରୋଲ ଦର ଲିଟର ପିଛା ୨ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୧ ଟଙ୍କା ହ୍ରାସ ପାଇଛି। ଆଗାମୀ ଦିନରେ ଦର ହ୍ରାସ ପାଇବା ଜାରି ରହିବ ବୋଲି ତୈଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ହ୍ରାସ ପାଉଥିବାରୁ ଏହା ସହିତ ତାଳ ଦେଇ ଗତ ୮ ଦିନ ମଧ୍ୟରେ ପେଟ୍ରୋଲ ଦର ଲିଟର ପିଛା ୧.୯୮ ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୯୬ ପଇସା ହ୍ରାସ ପାଇସାରିଲାଣି। ଶୁକ୍ରବାର ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୮୦.୮୫ଟଙ୍କା ଏବଂ ଡିଜେଲ ଦର ଲିଟର ପିଛା ୭୪.୭୩ ଟଙ୍କା ରହିଛି। ଦିଲ୍ଲୀରେ ଚଳିତ ମାସ ୪ରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା କ୍ରମଶଃ ୮୪ ଟଙ୍କା ଏବଂ ୭୫.୪୫ଟଙ୍କାରେ ପହଞ୍ଚି ସର୍ବୋଚ୍ଚ ସ୍ତରରେ ରେକର୍ଡ କରିଥିଲା।

### ମୋବାଇଲ ୱାଲେଟ ବନ୍ଦ କରିବ ଏସ୍‌ବିଆଇ

**ନୂଆଦିଲ୍ଲୀ,୨୬-୧୦:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏହାର ମୋବାଇଲ ୱାଲେଟ 'ଏସ୍‌ବିଆଇ ବଡି'କୁ ବନ୍ଦ କରିବ। ଗ୍ରାହକଙ୍କୁ ଏ ସମ୍ପର୍କରେ ଜଣାଇବା ଆରମ୍ଭ ହୋଇଛି। ଏଥିରେ କୁହାଯାଇଛି ଯେ, କୌଣସି ଜମା ନ ଥିବା ଆକାଉଣ୍ଟ(ନିଲ୍ ଆକାଉଣ୍ଟ)କୁ ବନ୍ଦ କରାଯାଉଛି। ତେବେ ଜମା ଥିବା ଆକାଉଣ୍ଟକୁ କିପରି ଓ କେବେ ସୁଦ୍ଧା ବନ୍ଦ କରାଯିବ ସେ ସମ୍ପର୍କରେ କିଛି କୁହାଯାଇନି। ତେବେ ଏସ୍‌ବିଆଇ ୱେବସାଇଟ ଅନୁଯାୟୀ ନଭେମ୍ବର ୩୦ରୁ ଏସ୍‌ବିଆଇ ବଡିକୁ ବନ୍ଦ କରିଦିଆଯିବ। ଉଲ୍ଲେଖଥାଉ କି, ୨୦୧୫ ଅଗଷ୍ଟରେ ୧୩ଟି ଭାଷାରେ ଏସ୍‌ବିଆଇର ମୋବାଇଲ ୱାଲେଟକୁ ଲଞ୍ଚ କରାଯାଇଥିଲା।

### ଅଡୁଆରେ ଅନିଲ ଅମ୍ବାନୀ
### ଏନ୍‌ସିଏଲ୍‌ଟିରେ ପହଞ୍ଚିଲେ ୨୪ ଋଣଦାତା

**ନୂଆଦିଲ୍ଲୀ,୨୬-୧୦:** ରିଲାଏନ୍ସ କମ୍ୟୁନିକେଶନ୍ସର ମାଲିକ ଅନିଲ ଅମ୍ବାନୀଙ୍କ ଅଡୁଆ ବଢ଼ିଯାଇଛି। ଏରିକ୍‌ସନକୁ ୫୫୦ କୋଟି ଟଙ୍କା ଋଣ ପରିଶୋଧ ପାଇଁ ଅମ୍ବାନୀଙ୍କ କମ୍ପାନୀକୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ସମୟ ମିଳିଛି। ଅନ୍ୟପକ୍ଷରେ ରିଲାଏନ୍ସ କମ୍ୟୁନିକେଶନ୍ସ ଏବଂ ରିଲାଏନ୍ସ ଟେଲିକମ୍‌ରୁ ବକେୟା ଋଣ ଅସୁଲ ଲାଗି ୨୪ ଋଣଦାତା ମୁମ୍ବାଇସ୍ଥିତ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆବେଦନକାରୀ ୨୪ ଋଣଦାତାଙ୍କ ମଧ୍ୟରୁ ୧୧କମ୍ପାନୀ ସହ ଅମ୍ବାନୀଙ୍କ ବିବାଦ ରଫାଦଫା ହୋଇସାରିଛି।



> ବିତ୍ତ ପ୍ରତିଷ୍ଠାନଗୁଡିକର ଆସେଟ କ୍ୱାଲିଟି ତଥା ଲିକ୍ୟୁଡିଟି ସମସ୍ୟାର ସମାଧାନ ଲାଗି ସରକାର ଶୀଘ୍ର ପଦକ୍ଷେପ ସମ୍ପର୍କରେ ଘୋଷଣା କରିବେ।
> – ରାଜୀବ କୁମାର, ଆର୍ଥିକ ସେବା ସଚିବ



> ବିନା କୌଣସି ଟାରିଫ ବୃଦ୍ଧି ଦ୍ୱାରା ଦେଶରେ ୨୦୨୧ ବେଳକୁ ୫ଜି ଡିଭାଇସ୍ ଆଣିବା ଦିଗରେ କାର୍ଯ୍ୟ କରୁଛୁ।
> – ମାଥ୍ୟୁ ଓମେନ, ସଭାପତି, ରିଲାଏନ୍ସ ଜିଓ

### ମାଲ୍ୟାଙ୍କଠାରୁ ଋଣ ଅସୁଲ
# ବାଟ ଓଗାଳିଲା ଆଇଟି ବିଭାଗ

**ନୂଆଦିଲ୍ଲୀ,୨୬-୧୦**

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କଠାରୁ ଋଣ ଅସୁଲ ପାଇଁ ବ୍ୟାଙ୍କଗୁଡିକ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ଆୟକର ବିଭାଗ ଲୋକଙ୍କୁ ତାଙ୍କ କମ୍ପାନୀର ଶେୟାର ନ କିଣିବାକୁ ଚେତାବନୀ ଦେଇ ଏଥିରେ ବାଟ ଓଗାଳିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଡେବ୍ଟ ରିକଭରି ଟ୍ରିବ୍ୟୁନାଲ-୨(ଡିଆର୍‌ଟି) ମାଲ୍ୟାଙ୍କ କମ୍ପାନୀ ୟୁନାଇଟେଡ ରେସିଂ ଆଣ୍ଡ୍ ବ୍ଲଡଷ୍ଟକ୍ ବ୍ରିଡ୍ସ ଲିଃ(ୟୁଆର୍‌ବିବିଏଲ)ରେ ଥିବା ତାଙ୍କର ୪୧ ଲକ୍ଷ ୫୨ ହଜାର ୨୭୧ଟି ଶେୟାରକୁ ନିଲାମ କରିବା ଲାଗି ସେପ୍ଟେମ୍ବର ୨୯ରେ ବିଜ୍ଞପ୍ତି ଜାରି କରିଥିଲେ। ଚଳିତ ମାସ ୩୦ରେ ଏହି ଶେୟାରକୁ ଇ-ଅକ୍ସନ ଜରିଆରେ ବିକ୍ରି କରାଯିବ। ତେବେ ଆୟକର ବିଭାଗ(ଆଇଟି) ଗୁରୁବାର ଏକ ବିଜ୍ଞପ୍ତି ଜାରି କରି ଏହାକୁ ବିରୋଧ କରି ପରିସ୍ଥିତିକୁ ଗୋଳିଆ କରିଛି। ଏଥିରେ ଲୋକଙ୍କୁ ଚେତାବନୀ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟାଙ୍କ ଶେୟାର କିଣିବା ବିପଦପୂର୍ଣ୍ଣ। ଲୋକେ ନିଜ ଦାୟିତ୍ୱରେ ଏଭଳି ଶେୟାର କିଣିବା ଉଚିତ। ଉଲ୍ଲେଖଥାଉ କି, ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମ ପକ୍ଷରୁ ୬୨୦୩ କୋଟି ଟଙ୍କା ବକେୟା ଋଣ ଆଦାୟ ଲାଗି ମାଲ୍ୟାଙ୍କ କମ୍ପାନୀ କିଙ୍ଗଫିଶର ଏୟାରଲାଇନ୍ସ ବିରୋଧରେ ମାମଲା ଦାଏର କରାଯାଇଥିଲା। ଜୁନ୍ ୨୦୧୩ରୁ ଏହି ଋଣ ବକେୟା ରହିଥିବାରୁ ସେହି ସମୟଠାରୁ ଆରମ୍ଭ କରି ବାର୍ଷିକ ୧୧.୫୦ ପ୍ରତିଶତ ହାରରେ ସୁଧ ସହ ଋଣ ଅର୍ଥ ଆଦାୟ ପାଇଁ ୨୦୧୭ ଫେବୃୟାରୀ ୨୧ରେ ଟ୍ରିବ୍ୟୁନାଲ ପକ୍ଷରୁ ସାର୍ଟିଫିକେଟ ଜାରି କରାଯାଇଥିଲା। ଏହାକୁ ଭିତ୍ତିକରି ମାଲ୍ୟାଙ୍କ ୟୁଆର୍‌ବିବିଏଲ୍‌ର ଶେୟାର ବିକ୍ରି ଲାଗି ଟ୍ରିବ୍ୟୁନାଲ ବିଜ୍ଞପ୍ତି ଜାରି କରିଥିଲେ। ୨୪.୫୨ କୋଟି ଟଙ୍କାର ସଂରକ୍ଷିତ ମୂଲ୍ୟରେ ମାଲ୍ୟାଙ୍କ ସମସ୍ତ ଶେୟାରକୁ ଏକାଥରକେ ବିକ୍ରି କରାଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଅର୍ଥ ଶେୟାର ପିଛା ୫୯.୦୭ ଟଙ୍କାରେ ମାଲ୍ୟାଙ୍କ ୪୧.୫୨ ଲକ୍ଷ ଶେୟାରକୁ ବିକ୍ରି କରାଯିବ। ଅନ୍‌ଲାଇନ(ଇ-ଅକ୍ସନ) ଜରିଆରେ ଉକ୍ତ ଶେୟାର ବିକ୍ରି କରାଯାଇ ନ ପାରିଲେ ଅକ୍ଟୋବର ୩୧ରେ ମ୍ୟୁଚୁଆଲ ଅକ୍ସନ ହେବ ବୋଲି ଡିଆର୍‌ଟି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଆୟକର ବିଭାଗ ପକ୍ଷରୁ ଆଉ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ବକେୟା ଟିକସ ଆଦାୟ ହୋଇ ନ ଥିବାରୁ ବିଭାଗ ପକ୍ଷରୁ ପୂର୍ବରୁ ଶେୟାର କିଣାବିକା ଉପରେ ଚେତାବନୀ ଦିଆଯାଇଛି। ଏଭଳି ସ୍ଥିତିରେ ମାଲ୍ୟାଙ୍କ କୌଣସି ଶେୟାର ବିକ୍ରି ଅଥବା ହସ୍ତାନ୍ତର ଯଥୋଚିତ ନୁହେଁ। କାରଣ ଏହି ଶେୟାର ଆୟକର ବିଭାଗ ନିକଟରେ ରହିଛି।

#### ୩୦ରେ ହେବ ପଳାତକ ଘୋଷଣା ରାୟ



**ମୁମ୍ବାଇ,୨୬-୧୦:** ସ୍ଥାନୀୟ ପିଏମ୍‌ଏଲଏ ଅଦାଲତ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରିବା ନେଇ ଆସନ୍ତା ୩୦ରେ ରାୟ ଶୁଣାଇବେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଏ ସଂକ୍ରାନ୍ତରେ ଆବେଦନ କରାଯାଇଥିବା ବେଳେ ମାଲ୍ୟାଙ୍କ ପକ୍ଷରୁ ଏହା ଉପରେ ରହିତାଦେଶ ଜାରି କରିବାକୁ ଆବେଦନ କରାଯାଇଥିଲା। ଶୁକ୍ରବାର ଉଭୟ ପକ୍ଷରୁ ଗରମାଗରମ ଯୁକ୍ତି ଶୁଣିବା ପରେ ଅଦାଲତ ରାୟ ଘୋଷଣାକୁ ସ୍ଥଗିତ ରଖିଛନ୍ତି।

- ୟୁଆର୍‌ବିବିଏଲ୍‌ରେ ମାଲ୍ୟାଙ୍କ ୪୧.୫୨ ଲକ୍ଷ ଶେୟାର ରହିଛି
- ଶେୟାର ବିକ୍ରି ଲାଗି ସେପ୍ଟେମ୍ବର ୨୯ରେ ଡିଆର୍‌ଟି ବିଜ୍ଞପ୍ତି ଜାରି କରିଥିଲେ
- ଅକ୍ଟୋବର ୩୦ରେ ଇ-ନିଲାମୀ ହେବ
- ଶେୟାର ନ କିଣିବାକୁ ଆଇଟି ବିଭାଗର ଚେତାବନୀ

## ହୋଣ୍ଡା କାର୍‌ସର ନୂଆ ସିଆର୍-ଭି ବଜାରରେ



**ଭୁବନେଶ୍ୱର,୨୬-୧୦**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ପଞ୍ଚମ ପିଢିର ନୂଆ ସି-ଆର୍‌ଭି ବଜାର ପ୍ରବେଶ କରିଛି। ସ୍ଥାନୀୟ ସେଣ୍ଟ୍ରାଲ ହୋଣ୍ଡା ଶୋ'ରୁମରେ ଏହାର ଉନ୍ମୋଚନ ହୋଇଥିଲା। ଶୋ'ରୁମର ଏମ୍‌ଡି ବିଶାଲ ଧାୱନ, ଡାଇରେକ୍ଟର ସିନୁ ଧାୱନ, ହୋଣ୍ଡା କାର୍‌ସର ଆଞ୍ଚଳିକ ପ୍ରବନ୍ଧକ ଲୋକେଶ ଗୁପ୍ତା ଏବଂ ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ସତ୍ୟ ନାରାୟଣ ପାଣିଗ୍ରାହୀ ଏହି ମଡେଲକୁ ବଜାର ପ୍ରବେଶ କରାଇଥିଲେ। କମ୍ପାନୀ ନୂଆ କରି ଏହି ମଡେଲର ଡିଜେଲ ଭାରିଆଣ୍ଟ ଆଣିଛି। ପ୍ରିମିୟମ ଏସ୍‌ୟୁଭି ବର୍ଗରେ ଉପସ୍ଥିତିକୁ ଦୃଢୀକରଣ ଦିଗରେ ଏହା ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ମଡେଲରେ ଗ୍ରାହକମାନେ ଅତୁଳନୀୟ ଡ୍ରାଇଭିଂ ଅଭିଜ୍ଞତା ଲାଭ କରିପାରିବେ। ଏଥିରେ ଅତ୍ୟାଧୁନିକ ସିଫ୍ଟ-ବାଏ-ୱେୟାର ୯ ଏଟି ରହିଛି।

ଏହା ଉଭୟ ଡିଜେଲ ତଥା ପେଟ୍ରୋଲରେ ସର୍ବୋତ୍ତମ ଫୁଏଲ ଇକୋନୋମି ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି ଏହା ପ୍ରକାଶ କରିଛି। ମଡେଲଟି ୫ ଷ୍ଟାର ଏସିଆନ୍ ଏନ୍‌କ୍ୟାପ୍ ସେଫଟି ରେଟିଂ ଲାଭ କରିଛି। ଏଥିରେ ଫାଷ୍ଟ ଇନ୍ ସେଗମେଣ୍ଟ ଫିଚର ଭାବେ ଲେନ୍ ୱାଚ୍ କ୍ୟାମେରା, ରିମୋଟ ଇଞ୍ଜିନ ଷ୍ଟାର୍ଟର, ଡ୍ରାଇଭର ଆଟେନଶନ ମନିଟର, ଏଜାଇଲ୍ ହ୍ୟାଣ୍ଡଲିଂ ଆସିଷ୍ଟ, ଫୁଲ ସାଇଜ ଟିଏଫ୍‌ଟି ମିଟର ରହିଛି। ଏହା ବାଦ୍ ଗ୍ରାହକମାନେ ଡାଇନାମିକ ଏବଂ ଆଗ୍ରେସିଭ୍ ଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ତଥା ଆରାମଦାୟକ ଇଣ୍ଟେରିୟର, ଅତ୍ୟାଧୁନିକ ନୂତନ ପାୱାରଟ୍ରେନ ସହ ନିରାପତ୍ତା ଫିଚର ଲାଭ କରିପାରିବେ। ଏହା ତିନୋଟି ଭାରିଆଣ୍ଟରେ ବଜାରକୁ ଆସିଛି। ଗୋଲଡେନ୍ ବ୍ରାଉନ ମେଟାଲିକ, ରେଡିଆଣ୍ଟ ରେଡ୍ ମେଟାଲିକ୍, ଲୁନାର ସିଲ୍‌ଭର ମେଟାଲିକ୍, ମଡର୍ନ ଷ୍ଟିଲ ମେଟାଲିକ୍ ଏବଂ ହ୍ୱାଇଟ ଅର୍କିଡ ପର୍ଲ ଭଳି ରଙ୍ଗରେ ଏହା ବଜାରକୁ ଆସୁଛି। ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୨୮.୧୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ପ୍ରିମିୟମ ଏସ୍‌ୟୁଭି ସେଗମେଣ୍ଟରେ ଏହା ଏକ ଗେମ୍ ଚେଞ୍ଜର ହେବ ବୋଲି କମ୍ପାନୀର ସଭାପତି ତଥା ସିଇଓ ଗାକୁ ନାକାନିସି କହିଛନ୍ତି।

#### ମଡେଲର ବୈଶିଷ୍ଟ୍ୟ

ଫାଷ୍ଟ ଇନ୍ ସେଗମେଣ୍ଟ ଫିଚର ଭାବେ ଲେନ୍ ୱାଚ୍ କ୍ୟାମେରା, ରିମୋଟ ଇଞ୍ଜିନ ଷ୍ଟାର୍ଟର, ଡ୍ରାଇଭର ଆଟେନଶନ ମନିଟର, ଏଜାଇଲ୍ ହ୍ୟାଣ୍ଡଲିଂ ଆସିଷ୍ଟ, ଫୁଲ ସାଇଜ ଟିଏଫ୍‌ଟି ମିଟର ଇତ୍ୟାଦି

## ଦମ୍‌ରୋ ଫର୍ନିଚର ପକ୍ଷରୁ ନୂଆ ଶୋ'ରୁମ

**ଭୁବନେଶ୍ୱର,୨୬-୧୦**



ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଦମ୍‌ରୋ ପକ୍ଷରୁ ଭୁବନେଶ୍ୱରର ବାପୁଜୀନଗର ଜନପଥଠାରେ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହା ଓଡିଶାରେ କମ୍ପାନୀର ପ୍ରଥମ ଶୋ'ରୁମ। ନୂଆ ଶୋ'ରୁମକୁ ଦମ୍‌ରୋ ବ୍ରାଣ୍ଡର ପୂର୍ବ ତଥା ଉତ୍ତରାଞ୍ଚଳ ସେଲ୍‌ସ ଜେନେରାଲ ମ୍ୟାନେଜର ସୁମନ ବାଇରି, ଷ୍ଟୋରର ସ୍ୱତ୍ୱାଧିକାରୀ ଉମେଶ ଚନ୍ଦ୍ର ବେହେରା ଉନ୍ମୋଚନ କରିଥିଲେ। ଦମ୍‌ରୋ ଦକ୍ଷିଣ ଏସିଆର ସର୍ବବୃହତ୍ ମାନୁଫାକଚରର ହୋଇଥିବା ବେଳେ ବିସ୍ତୃତ ରେଞ୍ଜର ଅତ୍ୟାଧୁନିକ ତଥା ପାରମ୍ପରିକ ଫର୍ନିଚର ଯୋଗାଣ କରୁଥିବା କମ୍ପାନୀ ସୂଚନା ଦେଇଛି। ୧୯୮୬ରେ ସ୍ଥାପନ ହୋଇଥିବା କମ୍ପାନୀ ବର୍ତ୍ତମାନ ଘରୋଇ ବଜାରରେ ଏହାର ସ୍ଥିତିକୁ ଦୃଢୀକରଣ କରିବା ସହ ଦକ୍ଷିଣ ଏବଂ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଭଲ ପ୍ରଦର୍ଶନ କରୁଥିବା ପ୍ରକାଶ କରିଛି। ନୂଆ ଶୋ'ରୁମରେ ଗ୍ରାହକମାନେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଫର୍ନିଚର ସୁଲଭ ମୂଲ୍ୟରେ ଲାଭ କରିବାକୁ ସକ୍ଷମ ହେବେ। ଶୋ'ରୁମ ଉନ୍ନତ କଷ୍ଟମର ସର୍ଭିସ ସହ ଫାଇନାନ୍ସ ସୁବିଧା ପ୍ରଦାନ କରୁଥିବା କହିଛି। ଏହି ଅବସରରେ ଗ୍ରାହକଙ୍କୁ ଇନାଗୁରାଲ ଅଫର ମଧ୍ୟ ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ପ୍ରକାଶ।

## ଏସାର ଷ୍ଟିଲ୍‌କୁ କିଣିବ ଆର୍ସେଲର ମିତ୍ତଲ

**ନୂଆଦିଲ୍ଲୀ,୨୬-୧୦**

ବିଶ୍ୱର ସର୍ବବୃହତ୍ ଷ୍ଟିଲ ନିର୍ମାତା ଆର୍ସେଲର ମିତ୍ତଲ ଋଣଗ୍ରସ୍ତ ଏସାର ଷ୍ଟିଲ୍‌କୁ କିଣିବ। ଏଥିପାଇଁ କମ୍ପାନୀ ପକ୍ଷରୁ ଦିଆଯାଇଥିବା ୪୨ ହଜାର କୋଟି ଟଙ୍କାର ପ୍ରସ୍ତାବ ସମ୍ପର୍କିତ ବିଡ୍‌କୁ ଗ୍ରହଣ କରିନିଆଯାଇଛି। ଏହି ଅଧିଗ୍ରହଣ ମାଧ୍ୟମରେ ଭାରତରେ ପାଦ ରଖିବାକୁ ଆର୍ସେଲର ମିତ୍ତଲ ମାଲିକ ଲକ୍ଷ୍ମୀବିଳାସ ମିତ୍ତଲଙ୍କ ବହୁ ଦିନର ଆଶା ଏବେ ପୂରଣ ହେବାକୁ ଯାଉଛି। କମିଟି ଅଫ୍ କ୍ରେଡିଟର(ସିଓସି) ଗୁରୁବାର ମିତ୍ତଲକୁ ଏକମାତ୍ର ବିଡର ଭାବେ ମାନି ନେଇଥିଲା। ତେବେ ଶେଷ ମୁହୂର୍ତ୍ତରେ ଏସାର ଷ୍ଟିଲ ପ୍ରମୋଟରଙ୍କ ପକ୍ଷରୁ ୫୪,୩୮୯ କୋଟି ଟଙ୍କାର ଏକ ସମାଧାନ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ସିଓସି ଗ୍ରହଣ କରିନି। ଆର୍ସେଲର ମିତ୍ତଲଙ୍କ ପକ୍ଷରୁ ଶୁକ୍ରବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, କମ୍ପାନୀ ଏସାର ଷ୍ଟିଲ୍‌ର ବକେୟା ଋଣ ବାବଦରେ ତୁରନ୍ତ ୪୨ ହଜାର କୋଟି ଟଙ୍କା ଦେବ।

# ଅନୁଗୋଳ ଜେଏସ୍‌ପିଏଲ୍ ଉତ୍ପାଦନ କ୍ଷମତା ବଢ଼ିବ

**ଭୁବନେଶ୍ୱର,୨୬-୧୦**



ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ୍) ଏହାର ଉତ୍ପାଦନ କ୍ଷମତା ବଢାଇବ। ୨୦୩୦ ସୁଦ୍ଧା କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୬ ନିୟୁତ ଟନ୍‌ରୁ ବୃଦ୍ଧି କରି ବାର୍ଷିକ ୨୦ ନିୟୁତ ମେଟ୍ରିକ ଟନ୍ କରିବାକୁ ଲକ୍ଷ୍ୟ ରଖିଛି। ୧୨ ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ହାସଲ ଲାଗି ଯୋଜନା ଧାର୍ଯ୍ୟ ହୋଇଛି। ଏଥି ଲାଗି କମ୍ପାନୀ ଅତିରିକ୍ତ ୫୦,୦୦୦ କୋଟି ଟଙ୍କା ନିବେଶ ନେଇ ଯୋଜନା ରଖିଛି। ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଶୁକ୍ରବାର ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରଶାଦ ପାଢୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି। ଏନେଇ ଜିନ୍ଦଲ ରାଜ୍ୟ ଇସ୍ପାତ ଏବଂ ଖଣି ସଚିବ ଆର୍.କେ. ଶର୍ମା ଏବଂ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ଭେଟିଥିଲେ। ଯୋଜନାକୁ ରୂପରେଖ ପ୍ରଦାନ ଲାଗି କମ୍ପାନୀ ଆଭ୍ୟନ୍ତରୀଣ ସୋର୍ସରୁ ନିବେଶ ଯୋଜନା କରିଛି। ସେହିଭଳି ଷ୍ଟ୍ରାଟେଜିକ୍ ଇନଭେଷ୍ଟରଙ୍କଠାରୁ ଇକ୍ୱିଟି ସେୟାର ଭାବେ ନିବେଶ ନେଇ ଲକ୍ଷ୍ୟ ରଖାଯାଇଛି।

ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ୨୦୨୧ଠାରୁ ନୂଆ ପଦକ୍ଷେପ ମାନ ଗ୍ରହଣ କରାଯିବ ବୋଲି ଜିନ୍ଦଲ ସୂଚନା ଦେଇଛନ୍ତି। ୨୦୩୦-୩୧ ବେଳକୁ ଦେଶରେ ମୋଟ୍ ବାର୍ଷିକ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି କରି ୩୦୦ ନିୟୁତ ମେଟ୍ରିକ୍ ଟନ୍ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏକ୍ଷେତ୍ରରେ ଯୋଗଦାନ ପୂର୍ବକ କମ୍ପାନୀ ପଦକ୍ଷେପ ନେଉଥିବା ସେ କହିଛନ୍ତି। ଏଥିଲାଗି ଅନୁଗୋଳ ପ୍ଲାଣ୍ଟକୁ ପ୍ରସ୍ତୁତ କରାଯାଉଛି। ଏ ନେଇ ରୋଡ୍ ମ୍ୟାପ୍ ହୋଇଥିବା ସେ ପ୍ରକାଶ କରିଛନ୍ତି। ଉକ୍ତ ପ୍ଲାଣ୍ଟ ବର୍ତ୍ତମାନ ଭଲ ପ୍ରଦର୍ଶନ କରୁଛି। ନଭେମ୍ବର ୨୦୧୮ ସୁଦ୍ଧା ମାସିକ ୩ ଲକ୍ଷ ମେଟ୍ରିକ ଟନ୍ ହଟ୍ ମେଟାଲ ଏବଂ ଆୟରନ ବର୍ଷ ମାର୍କ ବେଳକୁ ୪ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ହାସଲ ନେଇ ଜିନ୍ଦଲ ଆଶାବାଦୀ ଅଛନ୍ତି। ରାଜ୍ୟରେ ଲୁହା ପଥରର ଚଢା ମୂଲ୍ୟ ଏବଂ କୋଇଲା ଇସ୍ପାତ ଶିଳ୍ପ ଲାଗି ପ୍ରମୁଖ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି। କୋଇଲା ଏବଂ ଲୁହା ପଥରର ଅଭାବ ସତ୍ତ୍ୱେ ମଧ୍ୟ କମ୍ପାନୀ ଏହାର ଉତ୍ପାଦନ କ୍ଷମତା ବୃଦ୍ଧି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଛି। ଅଣ-ଜାଳେଣି କୋଇଲା କ୍ଷେତ୍ରରେ ଭାରତ ପଞ୍ଚମ ବୃହତ୍ ଦେଶ ହୋଇଥିବା ବେଳେ ଏଠାରେ କୋଇଲା ଅଭାବ ରହିବ ନାହିଁ। ମାତ୍ର ଅନେକ ଷ୍ଟିଲ୍ ପ୍ଲାଣ୍ଟ କୋଇଲା ଲାଗି ଅସୁବିଧା ସାମ୍ନା କରୁଛନ୍ତି। ୟୁନିଟ୍‌ଗୁଡିକ କିଭଳି ଭାବେ ଆବଶ୍ୟକ ମୁତାବକ କୋଇଲା ଲାଭ କରିବେ ତାହା ନିଶ୍ଚିତ କରାଇବା କୋଲ୍ ଇଣ୍ଡିଆର କାର୍ଯ୍ୟ ବୋଲି ଜିନ୍ଦଲ କହିଛନ୍ତି।

- ବାର୍ଷିକ ୨୦ ନିୟୁତ ମେଟ୍ରିକ୍ ଟନ୍ ଛୁଇଁବ
- ୨୦୩୦ ସୁଦ୍ଧା ଲକ୍ଷ୍ୟ ହାସଲ ଯୋଜନା
- ନିବେଶ ହେବ ଅତିରିକ୍ତ ୫୦ ହଜାର କୋଟି
- ବର୍ତ୍ତମାନର କ୍ଷମତା ୬ ନିୟୁତ ଟନ୍

**BERHAMPUR UNIVERSITY**
Bhanjabihar, Berhampur - 760007
**Tender Notice: SERB/EMR-2016/006898/20/2018 Date: 26.10.2018**
Sealed quotations are invited from qualified & registered suppliers for supply of minor Equipment, Consumables etc. for DST India Project SERB/EMR No. 2016/006898. The details are available at PI. SERB/EMR, PG Dept. of Chemistry, Berhampur University, Odisha. The last date of receiving tender/quotation is 18.11.2018 by 13.00 h.
Sd./- P.I., SERB/EMR-2016/006898
PG Dept. of Chemistry

**OFFICE OF THE COLLECTOR & DISTRICT MAGISTRATE, ANGUL**
(ST & SC Development Section, Ph. No. 06764-231173, e-mail: angdwo@gmail.com)
NO. 2141 Dt. 25.10.2018
**ADVERTISEMENT**
Applications are invited in prescribed format from the interested eligible female candidates belonging to Angul District for engagement of one Lady Matron / Junior Matron on contractual basis initially for a period of one year in Debahali Sevashram Girls' Hostel under Pallahara Block of Angul district managed by ST & SC Development Department, Govt. of Odisha.
Copy of the application form along with the details of eligibility criteria and selection procedure may be obtained from the district website https://angul.nic.in and from the Notice Board of DWO, Angul and all Block Offices of Angul district.
The last date of receipt of applications in the Office of the District Welfare Officer, Angul is 20.11.2018 by Regd. Post / Speed Post only. Applications received beyond the date line shall not be entertained.
Sd./- Collector, Angul

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ ନଂ – 11-2F/1026 ଟିକୁ ଶ୍ରୀମତୀ ମୀନାକ୍ଷି ପୃଷ୍ଟି, ସ୍ୱା – ୰ ବୈକୁଣ୍ଠନାଥ ପୃଷ୍ଟି, ସା – ମାନସିଂହପାଟଣା, ପୋ – ତୁଳସୀପୁର, ଥା – ଲାଲବାଗ, ଜି – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ମୀନାକ୍ଷୀ ପୃଷ୍ଟି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ପ୍ରତିମା ମୁଦୁଲି, ସ୍ୱା – ଶ୍ରୀ ରବିନ୍ଦ୍ର ମୁଦୁଲି, ସା – ଛିଟିକଣା, ପୋ – ବାଣ୍ଟୁଗ୍ରାମ, ଥା – ନିମାପଡା, ଜିଲ୍ଲା – ପୁରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ ।
ସଚିବ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904
Advt. No.05/2018-19 **EXPRESSION OF INTEREST**
"Expression of Interest" (EOI) are invited from Manufacturers / Authorized Dealers/ Suppliers/Civil Contractors, MV/HV Electrical License Holders & Labour Contract License Holders to be empanelled in the approved vendor list of this Office for supply of materials and execution of works up to Rs.1,00,000/- (Rupees One Lakh) Only. The EOI must be in a sealed cover duly super scribed "Expression of Interest". The interested parties are to furnish their willingness along with the documents to this office on or before **Dated 12.11.2018** in Person/Registered Post/Speed Post. The final list after scrutiny will be intimated in due course. For details please visit our website **www.optcl.co.in** Corrigendum if any will be published In the website only.
*General Manager (Elect.)*

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Tender Notice for "150T Static Rail Weighbridge complete in all respect as identified for this package on divisible turnkey basis".
Tender No. P/Proj/632(81B)/1590000144/RPN-1/65 Dtd. 17.08.2018
Extended Last Date & Time of Tender Submission:2:30PM on Dtd. 12.11.2018

Tender Notice for "PROCUREMENT OF PCs FOR SAIL, RSP, ROURKELA."
Tender No. 042/098/1890000042/01/00/500005897 Dtd. 23.10.2018
Last Date & Time of Tender Submission: 2.30 PM, Dtd. 12.11.2018

Tender Notice for "ROUND THE CLOCK COMPREHENSIVE MECH. MAINT. WORK OF PLATE MILL FIN LINE."
Tender No: 021/253/1782001169/02/00/500005904, Dtd. 18.10.2018
Last Date & Time of Tender Submission: 04:00 PM on Dtd. 05.11.2018

Tender Notice for "COLLECTION OF SAMPLE AND TEMP. FROM CONV. LADLE & TAP HOLE LANCING."
Tender No: 021/644/1782001612/02/00/500005903, Dtd. 10.10.2018
Last Date & Time of Tender Submission: 04:00 PM on Dtd. 31.10.2018

Corrigendum To Tender Notice for "ENABLING JOBS FOR REHEATING FURNACE AREA ACTIVITIES."
Tender No: 021/654/1888100096/01/00/500005858, Dtd. 19.09.2018
Extended Last Date & Time of Tender Submission:4:00 PM on Dtd. 03.11.2018

Tender Notice for "THERNAL INSULATION OF YARD STEAM PIPELINE."
Tender No: 021/633/1882000731/01/00/500005906, Dtd. 16.10.2018
Last Date & Time of Tender Submission: 04:00 PM on Dtd. 30.10.2018

Tender Notice for "MEASURMENT OF DAUGHTER SLABS AT SMS-II."
Tender No: 021/635/1882000734/01/00/500005909, Dtd. 16.10.2018
Last Date & Time of Tender Submission: 04:00 PM on Dtd. 30.10.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP, Category 'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

ବର୍ତ୍ତମାନ ପରିସ୍ଥିତିରେ କ୍ରିକେଟ ଅଷ୍ଟ୍ରେଲିଆର ଚୟନକର୍ତ୍ତା ହେବା ଏକ ଚ୍ୟାଲେଞ୍ଜ ହୋଇଥିଲେ ହେଁ ମୁଁ ଏହି ପଦବୀ ପାଇଁ ଆଗ୍ରହୀ ।

– ଜାସନ ଗିଲେସ୍ପି, ପୂର୍ବତନ ଟେଷ୍ଟ ଫାଷ୍ଟ ବୋଲର



ବିସିସିଆଇ ସିଇଓ ରାହୁଲ ଜୋହରିଙ୍କ ବିପକ୍ଷ ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କାର୍ଯ୍ୟରେ ମୁଁ ସାକ୍ଷ୍ୟ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ।

– ଶିଶିର ହାତଙ୍ଗଡ଼ି, ପୂର୍ବତନ ମୁମ୍ବାଇ ଅଧିନାୟକ



# ଆକର୍ଷଣର କେନ୍ଦ୍ରରେ ଜନ୍‌ସନ୍

**ଭୁବନେଶ୍ୱର, ୨୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ହକି ବିଶ୍ୱକପ୍‌ର ମାତ୍ର କୋଟିଏ ସପ୍ତାହ ପୂର୍ବରୁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି ଏସିଆର ସର୍ବପ୍ରଥମ ତଥା ସମ୍ମାନଜନକ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ମେଗା ଇଭେଣ୍ଟ ନଭେମ୍ବର ୨ ଓ ୩ରେ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ରୀଡ଼ା ସାହିତ୍ୟ ଉତ୍ସବର ଉଦ୍‌ଘାଟନ କରିବେ। ଏହି ହାଇପ୍ରୋଫାଇଲ ଇଭେଣ୍ଟରେ ୩୦ ଜଣ ବକ୍ତା ଯୋଗ ଦେବେ। ଏମାନଙ୍କ ମଧ୍ୟରେ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରହିଛନ୍ତି କାନାଡ଼ାର ପୂର୍ବତନ ତଥା କିମ୍ବଦନ୍ତୀ ଧାବକ ବେନ୍ ଜନସନ ଓ ୩ଟି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଷ୍ଟ୍ରେଲିଆ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍। ନିଜ ସମୟରେ ବିଶ୍ୱର ଜଣେ ଶ୍ରେଷ୍ଠ ଧାବକର ମାନ୍ୟତା ପାଇଥିବା ଜନ୍‌ସନ୍‌ଙ୍କ ବକ୍ତବ୍ୟ କ୍ରୀଡ଼ାବିତ୍ ଓ କ୍ରୀଡ଼ା ପଣ୍ଡିତ ତଥା ସାମ୍ବାଦିକଙ୍କୁ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରାଯାଉଛି।

କ୍ୟାରିୟରରେ ବେଶ୍ ସଫଳତା ଅର୍ଜନ କରିଥିବା ଜନ୍‌ସନ୍ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଜାମାଇକାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ୧୯୭୬ ମସିହାରେ କାନାଡ଼ା ଚାଲିଯାଇଥିଲେ। ସେଠାରେ କୋଚ୍ ଚାର୍ଲି ଫ୍ରାନ୍‌ସିସ୍‌ଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ସେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ସେ ପଛକୁ ଆଉ ଫେରି ଚାହିଁନାହାନ୍ତି। ବ୍ରିସ୍‌ବେନ୍‌ରେ ଅନୁଷ୍ଠିତ ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ରୌପ୍ୟ ପଦକ ହାସଲ କରି ସେ ପ୍ରଥମ ଆନ୍ତର୍ଜାତିକ ସଫଳତା ଅର୍ଜନ କରିଥିଲେ। ଏହା ପରେ ପ୍ରାୟ ସବୁ ବିଶ୍ୱସ୍ତରୀୟ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଇଭେଣ୍ଟରେ ଆଶାନୁରୂପ ସଫଳତା ପାଇଛନ୍ତି। ୬୦, ୧୦୦ ଓ ୨୦୦ ମିଟର ଦୌଡରେ ସେ ଅଂଶଗ୍ରହଣ କରିଥାନ୍ତି। ଅଲିମ୍ପିକ୍ସ ଗେମ୍ସରେ ସେ ଦୁଇଟି ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ୧୯୮୪ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ସେ ୧୦୦ମି. ଓ ୪x-୧୦୦ମି. ରିଲେ ରେସ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ୧୯୮୫ରେ ପ୍ୟାରିସ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ସେ ୬୦ ମି. ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୮୬ରେ ମସ୍କୋରେ ଖେଳାଯାଇଥିବା ଗୁଡୱିଲ୍ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୬ ଏଡିନବର୍ଗ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ୧୦୦ ଓ ୪x୧୦୦ ରିଲେ ରେସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ଏହି ଇଭେଣ୍ଟରେ ସେ ୨୦୦ ମି. ଦୌଡରେ ବ୍ରୋଞ୍ଜ୍ ପଦକ ମଧ୍ୟ ହାସଲ କରିଥିଲେ। ୧୯୮୧ ଖ୍ରୀଷ୍ଟଚର୍ଚ୍ଚରେ ଅନୁଷ୍ଠିତ ପ୍ୟାସିଫିକ୍ କନଫରେନ୍ସ ଗେମ୍ସରେ ସେ ୪x-୧୦୦ ରିଲେ ରେସରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେହିପରି ୧୯୮୫ କାନବେରା ବିଶ୍ୱକପ୍‌ରେ ମଧ୍ୟ ସେ ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଜିତିଥିଲେ।

ସେ ୧୯୮୭ ବିଶ୍ୱ ଚାମ୍ପିୟନଶିପ୍ ଓ ୧୯୮୮ ସିଓଲ ଅଲିମ୍ପିକ୍ସରେ ୧୦୦ ମି. ଦୌଡରେ କ୍ରମାଗତ ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ତେବେ ଡୋପିଂ କାରଣରୁ ତାଙ୍କୁ ଡିସ୍‌କ୍ୱାଲିଫାଏ କରାଯାଇଥିଲା। ଫଳରେ ଦୁଇଟି ବିଶ୍ୱ ରେକର୍ଡ ସହ ଅଲିମ୍ପିକ୍ସ ପଦକ ହରାଇଥିଲେ। ୧୯୯୧ରେ ବାସନ୍ଦ ଅବଧି ଶେଷ ହେବାପରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ବିଭିନ୍ନ ଡକ୍ୟୁମେଣ୍ଟାରୀ ଓ ବିଜ୍ଞାପନରେ ଅଭିନୟ କରି ମଧ୍ୟ ବେଶ ଚର୍ଚ୍ଚିତ ହୋଇଥିଲେ। ବିଭିନ୍ନ ବିବାଦ ଓ ଉତ୍ଥାନ ପତନ ଦେଇ ଗତି କରିଥିଲେ ମଧ୍ୟ ତାଙ୍କୁ ବିଶ୍ୱ ଆଥ୍‌ଲେଟିକ୍ସର ଜଣେ ମହାନ କ୍ରୀଡ଼ାବିତ୍‌ର ମାନ୍ୟତା ମିଳିଛି ଓ ଆଗାମୀ ପିଢ଼ି ପାଇଁ ସେ ପ୍ରେରଣାର ଉତ୍ସ ହୋଇ ରହିବେ।

ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ଷ୍ଟିଫାନି ରାଇସ୍ ବିଶ୍ୱ କ୍ରୀଡ଼ାରେ ଜଣେ ସଫଳ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି। କେବଳ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଏହି ଅଲିମ୍ପିକ୍ସର ୨୦୦ ମି. ମିଡ୍‌ଲେ, ୪୦୦ ମି. ମିଡ୍‌ଲେ, ୪x୨୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ଜିତି ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହିପରି ସେ ୨୦୦୬ ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୦ ମି. ମିଡ୍‌ଲେ ଓ ୪୦୦ ମି. ମିଡ୍‌ଲେରେ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଷ୍ଟିଫାନି ୨୦୦୯ ରୋମ ସଂସ୍କରଣରେ ୨୦୦ ମି. ଓ ୪x-୧୦୦ ମିଡ୍‌ଲେରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାକୁ ବାଦ ଦେଲେ ସେ ମୋଟ ଉପରେ ୫ଟି ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ୨୦୦୬ରେ ଭିକ୍ଟୋରିଆରେ ଅନୁଷ୍ଠିତ ପାନପାସିଫିକ୍ସ ଚାମ୍ପିୟନଶିପ୍‌ରେ ସେ ୨୦୦ ଓ ୪୦୦ ମି. ମିଡ୍‌ଲେରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। କ୍ରୀଡ଼ାରେ ଅସାଧାରଣ ସଫଳତା ଅର୍ଜନ କରିଥିବାରୁ ତାଙ୍କୁ ୨୦୦୯ ଜାନୁୟାରୀ ୨୬ରେ 'ମେଡାଲ ଅଫ୍ ଦି ଅର୍ଡର ଅଫ୍ ଅଷ୍ଟ୍ରେଲିଆ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୪ରେ ସେ ଅବସର ଘୋଷଣା କରିଥିଲେ। ଜଣେ ମହିଳା ସନ୍ତରଣକାରୀ ଭାବେ ସେ ବିଶ୍ୱରେ ଅସାଧାରଣ ସଫଳତା ହାସଲ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ।



ବେନ୍ ଜନସନ



ଷ୍ଟିଫାନି ରାଇସ୍

# ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟେବୁଲ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୬।୧୦(କ୍ରୀଡ଼ା ପ୍ରତିନିଧି)**

ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଶହୀଦ ନଗର ଇନ୍‌ଡୋର ହଲ୍‌ରେ ରାଜ୍ୟ ର୍‌ୟାଙ୍କିଙ୍ଗ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା, କଟକ, ରାଉରକେଲା, କୋରାପୁଟ, ଅନୁଗୋଳ, ପୁରୀ, ଭଦ୍ରକ, ପାରାଦୀପ, ଗଞ୍ଜାମ, ଝାରସୁଗୁଡ଼ା, ରେଲୱେ, ଏଜି, ପିଏସ୍‌ୟୁ ଆଦି ଦଳର ପାଖାପାଖି ୨୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନଶିପ୍ କ୍ୟାଡେଟ୍, ସବ୍‌ଜୁନିୟର, ଜୁନିୟର ଓ ସିନିୟର ଓ ଭେଟେରାନ ସ୍ତରରେ ଖେଳାଯିବ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର ଏହା ହେଉଛି ୩ୟ ର୍‌ୟାଙ୍କିଙ୍ଗ ଟୁର୍ନାମେଣ୍ଟ। ପ୍ରତିଯୋଗିତା ପାଇଁ ୨୦,୦୦୦ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, ବିଜନ ଦାସ ମହାପାତ୍ର, ସୁରେଶ ଚନ୍ଦ୍ର ମହାରଣା, ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ ଆୟୋଜକ କମିଟି ସମ୍ପାଦକ ବିଜନ ଦାସ ମହାପାତ୍ର, ସମ୍ପାଦକ ସ୍ମୃତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ରେଫରି ତପନ ଖା ଏବଂ କେ.ଏସ.ଏନ.ମୂର୍ତ୍ତି, ସୁଜିତ କୁମାର ରୟ, କେ.ଚିନାରାଓ ଓ କେଭିପି ରାମାରାଓ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ପ୍ରଥମ ଦିବସର ପ୍ରତିଯୋଗିତା ପରେ ସବ୍‌ଜୁନିୟର ବାଳିକାରେ ଶ୍ୱେତପଦ୍ମା ଦଳାଇ, ସାଇନା ମିଶ୍ର, ଶ୍ୱେତା ଶିଭାଙ୍ଗି, ବୈଶାଖୀ ବଳ, ସୋହାଲିକା ସୋଦବର୍ମା, ଅନୁଶ୍ୱେତା ହେମ୍ବ୍ରମ, ସ୍ୱସ୍ତିକ ଅଦବାର ଓ ସୁଶ୍ରୀ ପଟ୍ଟନାୟକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

DSPL-218




ବାର୍ଷିକ ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ
୩୦ ଅକ୍ଟୋବର ୨୦୧୮ ରୁ ୦୫ ନଭେମ୍ବର ୨୦୧୮
ପ୍ରତ୍ୟହ ଅପରାହ୍ନ ୨ଘଟିକା ରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ
-ସ୍ଥାନ-
ପ୍ରଦର୍ଶନୀ ପଡିଆ, ୟୁନିଟ୍-୩
ଭୁବନେଶ୍ୱର
-ବିଶେଷ ଆକର୍ଷଣ-
ଦୀପାବଳି ଉପଲକ୍ଷେ
ବିଭିନ୍ନ ପ୍ରକାର
ଦୀପର ଅପୂର୍ବ ସମ୍ଭାର
43002/13/0009/1819
ଆୟୋଜକ-
ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ
ଓଡିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡିଶା)

ଓଡ଼ିଶା ସରକାର
No. XX-10
କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
(ଭୂ-ଅର୍ଜନ ବିଭାଗ)
ଘୋଷଣା
No. (SPLLAORLY)-LAA-KPD-09/2018/663 Dtd. 01.09.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ମଶାକଣି, ଥାନା- ମାର୍ଶାଘାଇ ନଂ-୨୫୨, ତହସିଲ-ମହାକାଳପଡା, ଜିଲ୍ଲା- କେନ୍ଦ୍ରାପଡାରେ - ହରିଦାସପୁର- ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୬୧୭/ରା.ବି.ପ., ତା. ୨୭.୧୧.୨୦୧୭ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ମଶାକଣି, ଥାନା- ମାର୍ଶାଘାଇ, ତହସିଲ- ମହାକାଳପଡା, ଜିଲ୍ଲା- କେନ୍ଦ୍ରାପଡାରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendrapara.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : କେନ୍ଦ୍ରାପଡ଼ା — ତହସିଲ : ମହାକାଳପଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଶାକଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ୧.୬.୮୯୦ | ୧.୦.୬୮୦ | ଏଥି ସହିତ ସଂଲଗ୍ନ ଅଛି |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : କେନ୍ଦ୍ରାପଡ଼ା — ତହସିଲ : ମହାକାଳପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବାଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଶାକାଣି | ଗ୍ରାମାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

ଅଧିସୂଚନାର ବୈଧ ତାରିଖ : ୧୦.୦୩.୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଦାଶରଥୀ ଶତପଥୀ, ଜିଲ୍ଲାପାଳ, କେନ୍ଦ୍ରାପଡା

ଭୂମି ଅନୁସୂଚୀ
ମୌଜା- ମଶାକଣି, ଥାନା- ମାର୍ଶାଘାଇ, ଥାନା ନଂ- ୨୫୨, ତହସିଲ - ମହାକାଳପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା

| ଖାତା ନଂ | ପ୍ଲଟ ନଂ | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରାୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୭୯ | ୬୮୧/୧୩୪୮ | ୦.୫୫୦ | ୦.୦୧୦ | ଶାରଦ-୨ | ନିଶାମଣି, ଦିବାକର, ପୀତାମ୍ବର, ରତ୍ନାକର ରାଉତ, ପି- କାନ୍ଦୁରୀ ଚରଣ ରାଉତ, ଜା- ଖଣ୍ଡାୟତ, ସା- ମଶାକଣି |
| | ୬୮୧ | ୦.୩୮୦ | ୦.୦୨୦ | ଶାରଦ-୨ | |
| ୨୭୮ | ୬୭୯ | ୦.୧୨୦ | ୦.୦୨୦ | ଶାରଦ-୨ | ଭାସ୍କର ସାମନ୍ତରାୟ, ପି- ଆନନ୍ଦ ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୩୫୯/ ୧୩୧ | ୬୮୦ | ୦.୦୪୦ | ୦.୦୧୦ | ଶାରଦ-୨ | ନୃସିଂହ ଚରଣ ବେହେରା, ବୀର କିଶୋର ବେହେରା, ପି- କୁଞ୍ଜ ବିହାରୀ ବେହେରା, ଜା- ଖଣ୍ଡାୟତ, ସା- ମଶାକଣି |
| ୨୬୪ | ୬୭୯/୧୩୬୨ | ୦.୧୦୦ | ୦.୦୧୦ | ଶାରଦ-୨ | ବିଷ୍ଣୁ ଚରଣ ସାମନ୍ତରାୟ, ପି- ଜର୍ନାଦନ ସାମନ୍ତରାୟ, ଜା-ଖଣ୍ଡାୟତ, ସା- ମଶାକଣି |
| ୧୮ | ୬୮୬ | ୦.୨୧୦ | ୦.୦୩୦ | ଶାରଦ-୨ | ଆକୁଳି ଖଟୁଆ, ପି- ନାରଣ ଖଟୁଆ, ସହଦେବ ଏବଂ ଘନଶ୍ୟାମ ଖଟୁଆ, ପି- ଗଣି ଖଟୁଆ, ଦିଲ୍ଲୀପ୍ କୁମାର ଖଟୁଆ, ପି- ଅଲେଖ ଖଟୁଆ, ଧଡି ଖଟୁଆ, ପ୍ରହଲ୍ଲାଦ ଖଟୁଆ, ପି- ଦଧି ଖଟୁଆ, ପଦନ ଖଟୁଆ, ପି- ଯୋଗୀ ଖଟୁଆ, ସତ୍ୟାନନ୍ଦ ଖଟୁଆ, ପି- କରୁଣି ଖଟୁଆ, ସା- ମଶାକଣି, ଜା- ଖଣ୍ଡାୟତ |
| | ୧୦୨୩ | ୦.୪୬୦ | ୦.୦୪୦ | ଶାରଦ-୨ | |
| ୧୭୪ | ୬୮୪ | ୦.୦୫୦ | ୦.୦୧୦ | ଶାରଦ-୨ | ନିର୍ମଳ ଖଟୁଆ, କ୍ଷୀର ସୁରେଶ, ଧୀରେନ୍ଦ୍ର, ବୀର, ଶିଶିର ଖଟୁଆ, ପି- ନିତ୍ୟାନନ୍ଦ ଖଟୁଆ, କେଲୁଣି ଖଟୁଆ, ସ୍ୱା- ନିତ୍ୟାନନ୍ଦ ଖଟୁଆ, ପ୍ରହଲ୍ଲାଦ ଖଟୁଆ, ଆଦିକନ୍ଦ ଖଟୁଆ, ପି- ସଦାଶିବ ଖଟୁଆ, ରସାନନ୍ଦ, ସାଧୁ, ମଧୁ ଖଟୁଆ, ପି- ରତ୍ନାକର ଖଟୁଆ, ବିଷ୍ଣୁ ସାମନ୍ତରା, ପି- ବାଇଧର ସାମନ୍ତରା, ବନମାଳି ଖଟୁଆ, ପି- ରାଜନ ଖଟୁଆ, ଅଦ୍ୱୈତ ବଲ୍ଲଭ ମହାପାତ୍ର, ଲୋଚନ ମହାପାତ୍ର, ନୟନା ମହାପାତ୍ର, ପି- ବିଦ୍ୟାଧର ମହାପାତ୍ର, ନୃସିଂହ ଖଟୁଆ, ପି- ସନ୍ୟାସୀ ଖଟୁଆ, ଜା- ଖଣ୍ଡାୟତ, ସା- ମଶାକଣି |
| ୨୭୫ | ୬୮୯ | ୦.୨୬୦ | ୦.୦୧୦ | ଶାରଦ-୨ | ଭରତ ଚନ୍ଦ୍ର ସାମନ୍ତରାୟ, ପି- ଧନୀ ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୨୨୭ | ୬୪୮ | ୦.୫୩୦ | ୦.୦୨୦ | ଶାରଦ-୨ | ପୁରୁଷୋତ୍ତମ ସାହୁ, ପି- ଉଦୟଧର ସାହୁ, ଜା- ଗୁଡିଆ, ସା- ମଶାକଣି |
| ୧୯୭ | ୬୪୭ | ୦.୩୫୦ | ୦.୦୫୦ | ଶାରଦ-୨ | ପହଲି ଦାସ, ପି- ଧଡି ଦାସ, ପତିତ ଦାସ, ଦୀଜ ଦାସ, ପି- ଚିନ୍ତାମଣି ଦାସ, ଜା- ଗୋପାଳ, ସା- ମଶାକଣି, କିସମତ ପାଞ୍ଚ ଅଣା, କାହ୍ନୁ ଦାସ, ବେଣୁ ଦାସ, ପି- ନିଶାକର ଦାସ, ଜା- ଗୋପାଳ, ସା- ମଶାକଣି କିସମତ ପାଞ୍ଚ ଅଣା ସୁଦର୍ଶନ ଦାସ, ପି- ଦୀନବନ୍ଧୁ ଦାସ, ଜା- ଗୋପାଳ, ସା- ମଶାକଣି କିସମତ ୬ ଅଣା |
| | ୬୪୬ | ୦.୪୫୦ | ୦.୦୪୦ | ଶାରଦ-୨ | |
| ୨୧୪ | ୬୪୪ | ୦.୦୫୦ | ୦.୦୪୦ | ଶାରଦ-୨ | ପ୍ରହଲ୍ଲାଦ ଦାସ, ପି- ଧଡି ଦାସ, ପତି ଦାସ, ଦୁର୍ଯ୍ୟୋଧନ ଦାସ, ପି- ଚିନ୍ତାମଣି ଦାସ, ସୁଦର୍ଶନ ଦାସ, ପି- ଦୀନ ଦାସ, କାହ୍ନୁ ଦାସ, ବେଣୁଧର ଦାସ, ପି- ନିଶା ଦାସ, ଜା- ଗୋପାଳ, ସା- ମଶାକଣି |
| ୧୦୧ | ୬୩୭ | ୦.୩୩୦ | ୦.୦୫୦ | ଶାରଦ-୨ | ଗୋପୀନାଥ ଖଟୁଆ, ପି- କାଳନ୍ଦୀ ଖଟୁଆ, ଜା- ଖଣ୍ଡାୟତ, ସା- ମଶାକଣି |
| | ୯୮୩ | ୦.୭୦୦ | ୦.୦୩୦ | ଶାରଦ-୨ | |
| ୧୭୩ | ୯୮୨ | ୦.୧୪୦ | ୦.୦୧୦ | ଶାରଦ-୨ | ନିର୍ମଳ ଖଟୁଆ, ସୁରେଶ, କ୍ଷୀର, ଧୀରେନ୍ଦ୍ର, ବୀର, ଶିଶିର ଖଟୁଆ, ପି- ନିତ୍ୟାନନ୍ଦ ଖଟୁଆ, କେଲୁଣି ଖଟୁଆ, ସ୍ୱା- ନିତ୍ୟାନନ୍ଦ ଖଟୁଆ, ବିଷ୍ଣୁ ଚରଣ ସାମନ୍ତରାୟ, ପି- ବାଇଧର ସାମନ୍ତରା, ବନମାଳୀ ଖଟୁଆ, ପି- ରାଜନ ଖଟୁଆ, ଅଦ୍ୱୈତ ବଲ୍ଲଭ ଖଟୁଆ, ପି- ବିଦ୍ୟାଧର ଖଟୁଆ, ନୃସିଂହ ଖଟୁଆ, ପି- ସନ୍ନ୍ୟାସୀ ଖଟୁଆ, ପ୍ରହଲ୍ଲାଦ ଖଟୁଆ, ଆଦିକନ୍ଦ ଖଟୁଆ, ପି- ସଦାଶିବ ଖଟୁଆ, ରସାନନ୍ଦ, ସାଧୁ, ମଧୁ ଖଟୁଆ, ପି- ରତ୍ନାକର ଖଟୁଆ, ଜା- ଖଣ୍ଡାୟତ, ସା-ମଶାକଣି |
| | ୯୮୧ | ୦.୨୧୦ | ୦.୦୨୦ | ଶାରଦ-୨ | |
| ୧୨୩ | ୯୮୦ | ୦.୨୦୦ | ୦.୦୨୦ | ଶାରଦ-୨ | ଦୁର୍ଗା ଚରଣ ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଦାମୋଦର ପଣ୍ଡା, ଲମ୍ବୋଧର, ଶ୍ୟାମ ସୁନ୍ଦର, ସୁଶୀଳ ପଣ୍ଡା, ପି- ଦୁର୍ଯ୍ୟୋଧନ ପଣ୍ଡା, ପାର୍ବତୀ ପଣ୍ଡା, ସ୍ୱା-ଦୂର୍ଯ୍ୟୋଧନ ପଣ୍ଡା, ଜା- ବ୍ରାହ୍ମଣ, ସା- ମଶାକଣି |
| ୮୮ | ୧୦୧୬/ ୧୩୧୦ | ୦.୦୮୦ | ୦.୦୧୦ | ଶାରଦ-୨ | ଗଙ୍ଗାଧର ଖଟୁଆ, ପି- ବୃନ୍ଦାବନ ଖଟୁଆ, ଧନେଶ୍ୱର, ଜନ୍ମେଜୟ, ଘନଶ୍ୟାମ ଖଟୁଆ, ପି- ଦୁର୍ଯ୍ୟୋଧନ ଖଟୁଆ, କ୍ଷୀରୋଦିନୀ ମହାନ୍ତି, ନିର୍ମଳା ଖଟୁଆ, ପି- ପଦନ ଖଟୁଆ, ନୟନା ଖଟୁଆ, ସ୍ୱା- ପଦନ ଖଟୁଆ, ଜା- ଖଣ୍ଡାୟତ, ସା- ମଶାକଣି |
| ୨୫୦ | ୯୭୮ | ୦.୩୩୦ | ୦.୦୧୦ | ଶାରଦ-୨ | ଶ୍ରୀ ଗ୍ରାମ ଦେବତୀ ବ୍ରଜବୁଢୀ ଠାକୁରାଣୀ, ବିଜେ ନିଜଗାଁ ମାର୍ଫତ ସମସ୍ତ ଗ୍ରାମବାସୀ ପକ୍ଷେ ବଳରାମ ପଣ୍ଡା, ପି- ରଘୁ ପଣ୍ଡା, ମାଗୁଣି, ଦୁର୍ଗା ଚରଣ, ଦୁର୍ଯ୍ୟୋଧନ ପଣ୍ଡା, ପି- ଗଣି ପଣ୍ଡା, ଜା- ବ୍ରାହ୍ମଣ, ସା- ମଶାକଣି |
| ୧୪୯ | ୧୦୧୫ | ୦.୨୦୦ | ୦.୦୨୦ | ଶାରଦ-୨ | ନନ୍ଦ, ବାବାଜୀ ଏବଂ ଉଲ୍ଲା ଖଟୁଆ, ପି- ଦୀନବନ୍ଧୁ ଖଟୁଆ, ପ୍ରକାଶ ଚନ୍ଦ୍ର ଇତିହାସ, ପ୍ରକାଶ, ସର୍ବେଶ୍ୱର ସାମନ୍ତରାୟ, ପି- ସନ୍ୟାସୀ ସାମନ୍ତରାୟ, କ୍ଷୀର ସାମନ୍ତରାୟ, ସ୍ୱା- ସନ୍ୟାସୀ ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୩୫୯/ ୪୧ | ୧୦୨୪/ ୧୬୮୬ | ୦.୨୩୦ | ୦.୦୩୦ | ଶାରଦ-୨ | ଫକୀର ଚରଣ ଦାସ, ଅଙ୍କୁର ଚରଣ ଦାସ, ଈଶ୍ୱର ଚନ୍ଦ୍ର ଦାସ, ପି- ପତିତପାବନ ଦାସ, ଜା- ଗୋପାଳ, ସା- ନିଜଗାଁ |
| ୩୫୯/ ୫୨ | ୧୧୬୧ | ୦.୨୫୦ | ୦.୦୩୦ | ଶାରଦ-୨ | ସରୋଜ କୁମାର ଦାସ, ପି- ଗୋପବନ୍ଧୁ ଦାସ, ସା- ମଶାକଣି, ଜା- ଗୋପାଳ |
| ୩୫୯/ ୪୪ | ୧୧୬୨ | ୦.୧୭୦ | ୦.୦୩୦ | ଶାରଦ-୨ | ଆକୁଳି ଚରଣ ଖଟୁଆ, ପି- ନାରାୟଣ ଖଟୁଆ କିସ୍ମତ ଚାରି ଅଣା ଘନଶ୍ୟାମ ଖଟୁଆ, ପି- ଗଣେଶ୍ୱର ଖଟୁଆ, କିସ୍ମତ ଚାରି ଅଣା ସହଦେବ ଖଟୁଆ, ପି- ଗଣେଶ୍ୱର କିସ୍ମତ ଚାରି ଅଣା ଚରଣ ବିଶ୍ୱାଳ, ପି- ଯୋଗେନ୍ଦ୍ର ବିଶ୍ୱାଳ, ଭାଗବତ ବିଶ୍ୱାଳ, ପି- ଅଜାମ୍ବର ବିଶ୍ୱାଳ, ପ୍ରତାପ କୁମାର ବିଶ୍ୱାଳ, ପି- ଅଚ୍ୟୁତି ବିଶ୍ୱାଳ କିସ୍ମତ ଚାରି ଅଣା, ଜା- ଖଣ୍ଡାୟତ, ସା- ଯଦୁପୁର |
| ୩୫୯/ ୧୬୧ | ୧୨୨୦ | ୦.୨୩୦ | ୦.୦୮୦ | ଶାରଦ-୨ | ସୁମନ୍ତ କୁମାର ସାମନ୍ତରାୟ, ପି- ସୁରେନ୍ଦ୍ର ଚନ୍ଦ୍ର ସାମନ୍ତରାୟ, ଜା- ଖଣ୍ଡାୟତ, ସା- ମଶାକଣି |
| ୩୧୪ | ୧୨୧୮ | ୦.୨୭୦ | ୦.୦୩୦ | ଶାରଦ-୨ | ଶଙ୍କରଷଣ ଏବଂ ନୃସିଂହ ବିଶ୍ୱାଳ, ପି- ମଣି ବିଶ୍ୱାଳ, କୈଳାସ ଏବଂ ସୁବାଷ ବିଶ୍ୱାଳ, ପି- ଇନ୍ଦ୍ରମଣି ବିଶ୍ୱାଳ, ଜା- ଖଣ୍ଡାୟତ, ସା- ଯଦୁପୁର |
| ମୋଟ | | | ୦.୬୮୦ | | |

24040/14/0011/1819
ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ା



"ମଣିପୁରର ନୋରୋକା ଏଫ୍‌ସି ଏଥର ଆଇ-ଲିଗ୍‌ରେ ନୂଆ କୋଚ୍ ମାନୁଏଲ ରେଟାମେରୋ ଫ୍ରେଲ୍‌ଙ୍କ ଅଧୀନରେ ସ୍ପେନର 'ଟିକି ଟାକା' ଷ୍ଟାଇଲ ଆପଣେଇବ।
– ଲଳିତ ଥାପା, ନେରୋକା ଅଧିନାୟକ



"ଆମ ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରିବାରୁ ଭୁବନେଶ୍ୱର କୁମାର ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଫେରାଇ ଆଣିବା ଲାଗି ଭାରତ ବାଧ ହୋଇଛି।
– ଷ୍ଟୁଆର୍ଟ ଲ', ୱେଷ୍ଟଇଣ୍ଡିଜ କୋଚ୍

## ଟି୨୦ ଦଳରୁ ବାଦ୍ ପଡ଼ିଲେ ଧୋନୀ

ପୁଣେ, ୨୬।୧୦ (ପି.ଟି.): ୱେଷ୍ଟଇଣ୍ଡିଜ ଏବଂ ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଶୁକ୍ରବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରୁ ମହେନ୍ଦ୍ର ସିଂ ଧୋନୀ ବାଦ୍ ପଡ଼ିଛନ୍ତି। ନଭେମ୍ବର ୪ରୁ ଆରମ୍ଭ ହେବାକୁଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ରୋହିତ ଶର୍ମା ଦଳର ନେତୃତ୍ୱ ନେବେ। ତେବେ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। କୋହଲି ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଭାରତର ଅଧିନାୟକତ୍ୱ କରିବେ। ନ୍ୟୁଜିଲାଣ୍ଡ ଏ' ବିପକ୍ଷ ପ୍ରଥମ ୪ ଦିନିଆ ମ୍ୟାଚ ପାଇଁ ୧୫ ଜଣିଆ ଭାରତ ଏ' ଦଳ ମନୋନୟନ ହୋଇଛି।

**ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, କେ.ଏଲ. ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ୍ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ଖଲିଲ ଅହମ୍ମଦ, ଉମେଶ ଯାଦବ ଓ ଶାହବାଜ ନଦିମ।

**ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ:** ବିରାଟ କୋହଲି (ଅଧିନାୟକ), ଏମ. ବିଜୟ, କେ.ଏଲ୍. ରାହୁଲ, ପୃଥ୍ୱୀ ଶ', ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରି, ରୋହିତ ଶର୍ମା, ରିଷଭ ପନ୍ତ୍, ପାର୍ଥିବ ପଟେଲ, ଆର. ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ଶାମି, ଈଶାନ୍ତ ଶର୍ମା, ଉମେଶ ଯାଦବ, ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାର।

**ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଶିଖର ଧାୱନ, କେ.ଏଲ୍. ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ୍ (ଉଇକେଟକିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର, କ୍ରୁନାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ ଓ ଖଲିଲ ଅହମ୍ମଦ।

**ଭାରତ ଏ' ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ଏମ. ବିଜୟ, ପୃଥ୍ୱୀ ଶ', ମୟଙ୍କ ଅଗ୍ରୱାଲ, ହନୁମା ବିହାରି, ରୋହିତ ଶର୍ମା, ପାର୍ଥିବ ପଟେଲ, କେ. ଗୋଥାମ, ଶାହବାଜ ନଦିମ, ମହମ୍ମଦ ସିରାଜ, ନବଦୀପ ସଇନୀ, ଦୀପକ ଚହର, ଆର. ଗୁରବାଣୀ, ବିଜୟ ଶଙ୍କର, କେ.ଏସ୍. ଭରତ।

## ଭାରତ ଏ'ମହିଳା ଦଳର କ୍ଲିନ୍ ସୁଇପ୍ ବିଜୟ

ବମ୍ବେ, ୨୬।୧୦ (ପି.ଟି.): ଏଠାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ଏ' ମହିଳା ଦଳ ୩୭ ରନରେ ଅଷ୍ଟ୍ରେଲିଆ ଏ'କୁ ପରାସ୍ତ କରିଛି। ଫଳରେ ଦଳ ସିରିଜ ୩-୦ରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏ' ମହିଳା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୫୪ ରନ କରିଥିଲା। ଟପ୍ ସ୍କୋରର ହରମନପ୍ରୀତ କୌର ୨୭ ବଲ୍‌ରେ ୪୧ ରନ କରିଥିଲେ। ଭାରତୀୟ ବୋଲରମାନେ ଅଷ୍ଟ୍ରେଲିଆ ଏ' ମହିଳା ଦଳକୁ ୧୯.୨ ଓଭରରେ ୧୧୭ ରନରେ ଅଲଆଉଟ କରିଦେଇଥିଲେ।






୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନଙ୍କ ସହ ବିଭିନ୍ନ ଦଳର ଅଧିନାୟିକାମାନେ। ଭାରତ ଓ ୟୁଏଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଏସିଆ ରଗ୍‌ବୀ ସେଭେନ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ମହା ସମାରୋହରେ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଲିଉଡ୍ ତାରକା ତଥା ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ରାହୁଲ ବୋଷ, ମହିଳା ହେପ୍ଟାଥଲନ ତାରକା ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣପଦକ ବିଜୟିନୀ ସ୍ୱପ୍ନା ବର୍ମନ, ଏସିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଏଆର୍‌ଏଫ୍‌ୟୁ) ଅଧ୍ୟକ୍ଷ ଆଗା ହୁସେନ, ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ଅଧ୍ୟକ୍ଷ ନୁମାଜର ମେହେଟ୍ଟା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ବିଧାୟକ ତଥା ଓଡ଼ିଶା ରଗ୍‌ବୀ ଆସୋସିଏଶନ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ବିଶାଳ ଦେବ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ଜେନେରାଲ ମ୍ୟାନେଜର ନାସିର ହୁସେନ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟ ସଞ୍ଚାଳନ କରିଥିଲେ। ଚାମ୍ପିୟନଶିପ୍‌ରେ ଯୋଗ ଦେଇଥିବା ସବୁ ଦଳର ଖେଳାଳି ଓ ଅଫିସିଆଲଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଥିଲେ। ଏହି ଚାମ୍ପିୟନଶିପ୍ ରାଜ୍ୟରେ ରଗ୍‌ବୀର ବିକାଶରେ ବେଶ୍ ସହାୟକ ହେବ ବୋଲି ସେ କହିଥିଲେ।

ପ୍ରଥମଥର ପାଇଁ ଏଭଳି ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଦେଶରେ ଆୟୋଜନ ହେଉଥିବାରୁ ଆମେ ଗର୍ବିତ ବୋଲି ଚନ୍ଦ୍ରସାରଥି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସାହାଯ୍ୟ ସହଯୋଗ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର ଏବେ ଭାରତର କ୍ରୀଡ଼ା ରାଜଧାନୀ ରୂପେ ଉଭା ହୋଇଛି। ପୁଣି ଆଗକୁ ହକି ବିଶ୍ୱକପ୍ ଆୟୋଜନ ହେବ। ତେଣୁ ଭୁବନେଶ୍ୱର ଏବେ ବିଶ୍ୱକ୍ରୀଡ଼ାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ରାଜ୍ୟରେ ଆଗକୁ ରଗ୍‌ବୀ ଏକାଡେମୀ ପ୍ରତିଷ୍ଠା କରିବାକୁ ପ୍ରୟାସ କରାଯିବ ବୋଲି ସେ କହିଥିଲେ। ଏହି ଚାମ୍ପିୟନଶିପ୍‌ର ଆୟୋଜନ ତଥା ପ୍ରସ୍ତୁତିକୁ ଆଗା ହୁସେନ ତାରିଫ କରିଥିଲେ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିବା ଏକାଧିକ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଭଳି ଏହି ଚାମ୍ପିୟନଶିପ ମଧ୍ୟ ସଫଳତାର ସହ ଆୟୋଜନ ହେବ। ଏଥିପାଇଁ ଏସିଆ ରଗ୍‌ବୀ ୟୁନିୟନ ତରଫରୁ ସେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।

ଷ୍ଟାଡିୟମର ଫ୍ଲଡଲାଇଟ୍ ତଳେ ଉଦ୍‌ଘାଟନୀ ଉତ୍ସବ ବେଶ୍ ମନୋରମ ଥିଲା। ଗ୍ୟାଲେରୀରେ ବହୁ ସଂଖ୍ୟାରେ କିସ୍ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର ବିଦ୍ୟାର୍ଥୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଷ୍ଟାଡିୟମର ପରିବେଶକୁ ଉପଭୋଗ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଅତିଥିମାନଙ୍କ ଅଭିଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦିବାସୀ ପରମ୍ପରାକୁ ପାଥେୟ କରିବା ସହ ନୃତ୍ୟ ପରିବେଷଣ କରି କୁନି ପିଲାମାନଙ୍କ ସହିତ କଳାକାରମାନେ ଉପସ୍ଥିତ କ୍ରୀଡ଼ା ପ୍ରଶଂସକଙ୍କ ମନୋରଞ୍ଜନ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ପୁଲ୍ ବି'ରେ ମୁହାଁମୁହିଁ ହୋଇଥିଲେ। ଘରୋଇ ଦର୍ଶକଙ୍କ ସମର୍ଥନରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବା ସହ ଭାରତୀୟ ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ଓ ସମ୍ପୂର୍ଣ୍ଣ ଏହି ଏକପାଖିଆ ମ୍ୟାଚ୍‌ରେ ଭାରତ ୨୨-୦୫ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ବିଜୟ ସହ ଭାରତୀୟ ଖେଳାଳିଙ୍କ ମନୋବଳ ଓ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି। ଶନିବାର ପୁଲ ବି'ରେ ପ୍ରଥମ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ବାଂଲାଦେଶ ଓ ପରେ ଅଷ୍ଟମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ଭାରତୀୟ ଦଳରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ବିହାର, ଦିଲ୍ଲୀ, କର୍ଣ୍ଣାଟକ ଓ ତାମିଲନାଡୁର ଖେଳାଳି ସାମିଲ ରହିଥିଲେ। ଦଳରେ ମୋଟ ୫ ଓଡ଼ିଆ ସାମିଲ ଥିଲେ। ଓଡ଼ିଶାର ସୁମିତ୍ରା ନାୟକ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେହି ଦଳରେ ସ୍ଥାନ ପାଇଥିବା ଅନ୍ୟ ଓଡ଼ିଆ ଖେଳାଳିମାନେ ହେଲେ ସୋନୀ ମନ୍ଦାଙ୍ଗୀ, ଜେମାମଣୀ ନାୟକ, ଲିଜା ସର୍ଦ୍ଦାର ଓ ପାର୍ବତୀ କିସ୍କୁ।

**ଶୁକ୍ରବାର ମ୍ୟାଚ୍ ଫଳାଫଳ**

- ଭାରତ ୨୨- ୟୁଏଇ ୫
- ଶ୍ରୀଲଙ୍କା ୮୧- ବାଂଲାଦେଶ ୦
- ହଂକଂ ୬୯- ଚାଇନିଜ ତାଇପେ ୦
- ଥାଇଲାଣ୍ଡ ୬୦- ନେପାଳ ୦
- ଚାଇନା ୪୯- ଫିଲିପାଇନ୍ସ ୦
- କାତାର ୨୪- ଲାଓସ ୦

### 'କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ଲକି'

କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ବହୁତ ଭାଗ୍ୟଶାଳୀ ବୋଲି ମହିଳା ହେପ୍ଟାଥଲନ ତାରକା ସ୍ୱପ୍ନା ବର୍ମନ କହିଛନ୍ତି। ୨୦୧୭ରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଗେମ୍ସ ଖେଳିବାକୁ ମୁଁ ଏଠାକୁ ଆସିଥିଲି। ୫୯୪୨ ପଏଣ୍ଟ ସହ ପ୍ରଥମଥର ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରି ମୁଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲି। ଇତିମଧ୍ୟରେ ଷ୍ଟାଡିୟମରେ ବହୁତ ପରିବର୍ତ୍ତନ ହୋଇଛି। ଅବଶ୍ୟ ସେତେବେଳେ ମୋତେ କେହି ଚିହ୍ନି ନ ଥିଲେ କି ପଚାରି ନ ଥିଲେ। ଏହି ଇଭେଣ୍ଟ ଚାମ୍ପିୟନଶିପ୍ ଥିଲା ତେଣୁ ମୋତେ ସେତେବେଳେ କେହି ଗୁରୁତ୍ୱ ଦେଇ ନ ଥିଲେ। ଚାମ୍ପିୟନଶିପ୍ ଅପେକ୍ଷା ଗେମ୍ସକୁ ସମସ୍ତେ ଅଧିକ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିବା ପରେ ସବୁକିଛି ବଦଳିଯାଇଛି। ଏବେ ଏଠାରେ ବହୁତ ସମ୍ମାନ ମିଳୁଛି। ଏହା ମୋ ପାଇଁ ଆନନ୍ଦର ବିଷୟ ବୋଲି ସ୍ୱପ୍ନା କହିଛନ୍ତି। ସମସ୍ତଙ୍କ ଆଶୀର୍ବାଦ ଯୋଗୁ ମୋତେ ପଦକ ମିଳିଛି। ଅଲିମ୍ପିକ୍ସ ପଦକ ହାସଲ କରିବା ମୋର ମୁଖ୍ୟ ଲକ୍ଷ୍ୟ। ତେବେ ସମସ୍ତଙ୍କ ଆଶୀର୍ବାଦ ବଜାୟ ରହିଲେ ଏଥିରେ ସଫଳ ହୋଇପାରିବି ବୋଲି ସେ କହିଛନ୍ତି। ମୋର ଦୁଇ ପାଦରେ ୬ଟି ଲେଖାଏ ଅଙ୍ଗୁଳି ଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଏହା ମୋ ପାଇଁ ଯନ୍ତ୍ରଣାଦାୟକ ହୋଇଥିଲେ ମଧ୍ୟ ସମାନ ଭାବେ ଭାଗ୍ୟଶାଳୀ ବୋଲି ସ୍ୱପ୍ନା କହିଛନ୍ତି।

## ରାଜ୍ୟ ବଧିର ଚେସ୍ ଆଜିଠାରୁ

ଭୁବନେଶ୍ୱର, ୨୬।୧୦(କ୍ରୀଡ଼ା ପ୍ରତିନିଧି)

**■ ପ୍ରତିଯୋଗିତାର ୪ ବିଭାଗରୁ ୧୫ ଖେଳାଳି ଜାତୀୟ ଚେସ୍ ପାଇଁ ମନୋନୀତ ହେବେ।**

ରାଜ୍ୟ ବଧିର କ୍ରୀଡ଼ା ସଂଘ ତରଫରୁ ୨୭ ଓ ୨୮ ତାରିଖ ଦୁଇଦିନ ଧରି ସ୍ଥାନୀୟ ପଳାସପଲ୍ଲୀସ୍ଥିତ ଓ.ଏ.ଡି. ହଲ୍‌ରେ ରାଜ୍ୟସ୍ତରୀୟ (ପୁରୁଷ/ମହିଳା ଓ ଜୁନିୟର ବାଳିକା/ବାଳକ) ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲା ଚେସ୍ ସଂଘ ଓ ଏସ୍.ଆର୍. ଚେସ୍ ସେଣ୍ଟରର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଯେକୌଣସି ବଧିର ଚେସ୍ ଖେଳାଳି ଅଂଶଗ୍ରହଣ କରିପାରିବେ। ଏଥିପାଇଁ ଖେଳାଳିଙ୍କୁ ୧୦୦ ଟଙ୍କା ପ୍ରବେଶିକା ଦେୟ ଦେବେ ବୋଲି ରାଜ୍ୟ ବଧିର ସଂଘର ସମ୍ପାଦକ ନିରଞ୍ଜନ ଯୋଶୀ ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ୪ ବିଭାଗରୁ ୧୫ ଖେଳାଳି ଜାତୀୟ ଚେସ୍ ପାଇଁ ମନୋନୀତ ହେବେ। ଆସନ୍ତା ଡିସେମ୍ବର ୧ରୁ ୫ ତାରିଖ ମଧ୍ୟରେ ରାଜସ୍ଥାନର ଜୟପୁରଠାରେ ୨୧ତମ ଜାତୀୟ ବଧିର ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଠାରୁ ମନୋନୀତ ଖେଳାଳି ଇଟାଲିରେ ହେବାକୁ ଥିବା ୨୨ତମ ଶୀତକାଳୀନ ବଧିର ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଅଧିକ ବିବରଣୀ ପାଇଁ ପ୍ରମୋଦ କୁମାର ମହାପାତ୍ର କିମ୍ବା ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ରଗ୍‌ବୀ ଖେଳାଳିଙ୍କ ପାଇଁ ପ୍ରୋତ୍ସାହନ

ଭୁବନେଶ୍ୱର, ୨୬।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଶୁକ୍ରବାରଠାରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୧୮ବର୍ଷରୁ କମ ବାଳିକା ଏସିଆ ରଗବୀ ୭ଏସ ଚାମ୍ପିୟନଶିପ ଆରମ୍ଭ ହୋଇଛି। ଓଡ଼ିଶାରେ ରଗବୀ ଏସିଆନ ଚାମ୍ପିୟନଶିପ ଆୟୋଜନ କରାଇଥିବାରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୁରୁବାର ଭାରତୀୟ ରଗବୀ ଦଳର ଖେଳାଳିମାନେ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସାମନ୍ତ ଭାରତୀୟ ରଗବୀ ଦଳକୁ ଶୁଭେଚ୍ଛା ଜଣାଇ ଦଳର ବିଜୟ କାମନା କରିବା ସହ ସେମାନଙ୍କ ପାଇଁ ପ୍ରୋତ୍ସାହନ ରାଶି ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଦଳ ଚାମ୍ପିୟନ ହେଲେ ପ୍ରତ୍ୟେକ ଖେଳାଳିଙ୍କୁ ୧୦,୦୦୦ ଓ ରନର୍ସଅପ ହେଲେ ପ୍ରତ୍ୟେକ ଖେଳାଳିଙ୍କୁ ୫ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ସହ ନୈଶ୍ୟଭୋଜି ଏବଂ ତୃତୀୟସ୍ଥାନରେ ରହିଲେ ସ୍ପୋର୍ଟ୍ସ ଡ୍ରେସ ସହ ନୈଶ୍ୟଭୋଜିରେ ଆପ୍ୟାୟିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଭାରତୀୟ ଦଳରେ କିସ୍‌ର ୫ ଖେଳାଳି ସୁମିତ୍ରା ନାୟକ, ସୋନୀ ମାଦାଙ୍ଗୀ, ଲିଜା ସରଦାର, ପାର୍ବତୀ କିସ୍କୁ ଏବଂ ଜେମାମଣି ନାୟକ ସ୍ଥାନ ପାଇଛନ୍ତି।

## ନେପାଳଠାରୁ ହାରିଲା ଭାରତ

ଚୋନ୍‌ବୁରି (ଥାଇଲାଣ୍ଡ), ୨୬।୧୦ (ପି.ଟି.)

୧୯ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟରରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ୦-୨ଗୋଲରେ ନେପାଳଠାରୁ ହାରିଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ନେପାଳ ପକ୍ଷରୁ ଷ୍ଟ୍ରାଇକର ରେଖା ୫୯ ତମ ଓ ୮୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ନେପାଳ ୩ ପଏଣ୍ଟ ଅର୍ଜନ କରିପାରିଛି। ଅନ୍ୟପକ୍ଷରେ ପରାଜୟ ଦ୍ୱାରା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାଲାଗି ଭାରତର ଆଶା କ୍ଷୀଣ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ନେପାଳ ଓ ଥାଇଲାଣ୍ଡ ସମେତ ଭାରତ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଶୁକ୍ରବାର ମ୍ୟାଚରେ ଭାରତର ରେଣୁ ଓ ଯବାମଣି ଗୋଲ୍ ଦେବାର ସୁଯୋଗ ପାଇଥିଲେ ହେଁ ଅସଫଳ ରହିଥିଲେ।



ଶୁକ୍ରବାର ନେପାଳ ଓ ଭାରତ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଏସିଆ, ୟୁରୋପକୁ ସର୍ବାଧିକ ସଫଳତା

**ହକି ବିଶ୍ୱକପ୍**



**ଆଉ ୩୦ ଦିନ**

ହକି ବିଶ୍ୱକପର ଇତିହାସକୁ ଦେଖିଲେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୩ଟି ସଂସ୍କରଣରେ ମୁଖ୍ୟତଃ ଏସିଆନ, ୟୁରୋପିଆନ ଓ ଓସେନିଆ ମହାଦେଶୀୟ ଦଳ ଗୁଡ଼ିକ ମଧ୍ୟରେ ଟାଇଟଲ ମୁକାବିଲା ହୋଇଛି। ଆମେରିକା କିମ୍ବା ଆଫ୍ରିକା ମହାଦେଶର କୌଣସି ଦଳ କେବେହେଲେ ଫାଇନାଲରେ ପହଞ୍ଚି ପାରିନାହିଁ। ରେକର୍ଡ ଅନୁସାରେ ଏସିଆ ଓ ୟୁରୋପୀୟ ଦଳ ଗୁଡ଼ିକୁ ସର୍ବାଧିକ ସଫଳତା ମିଳିଛି। ଏସିଆକୁ ୫ ଟାଇଟଲ ମିଳିଛି। ସେଥିମଧ୍ୟରୁ ପାକିସ୍ତାନ ୪ ଥର ଓ ଭାରତ ଥରେ ଚାମ୍ପିୟନ ହୋଇଛି। ସେହିପରି ୟୁରୋପିଆନ ଦଳ ମଧ୍ୟ ୫ ଟାଇଟଲ ହାସଲ କରିଛନ୍ତି। ନେଦରଲାଣ୍ଡ ୩ ଥର ଚାମ୍ପିୟନ ହୋଇଥିବାବେଳେ ଜର୍ମାନୀ ୨ ଥର ଟାଇଟଲ ହାସଲ କରିଛି। ଏକମାତ୍ର ଓସେନିଆ ଦଳଭାବେ ଅଷ୍ଟ୍ରେଲିଆ ୩ ଥର ଚାମ୍ପିୟନ ହୋଇଛି। ଆମେରିକୀୟ ଦଳ ମଧ୍ୟରେ ଆର୍ଜେଣ୍ଟିନା ୨୦୧୪ରେ ଥରେ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ଆଫ୍ରିକା ଦଳ ମଧ୍ୟରେ କେନିୟା ଥରେ ୧୯୭୧ ପ୍ରଥମ ସଂସ୍କରଣରେ ସର୍ବାଧିକ ୪ର୍ଥ ସ୍ଥାନ ଅକ୍ତିଆର କରିଥିଲା। ଭାରତର ବିଶ୍ୱକପ ରେକର୍ଡ ଦେଖିଲେ ୧୯୭୧ ପ୍ରଥମ ସଂସ୍କରଣରେ ଦଳ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ୧୯୭୩ ଦ୍ୱିତୀୟରେ ରୌପ୍ୟ ଏବଂ ୧୯୭୫ ତୃତୀୟରେ ସ୍ୱର୍ଣ୍ଣ ପଦକ ପାଇଥିଲା। ୧୯୭୮ (୪ର୍ଥ) ସଂସ୍କରଣରେ ଦଳ ୬ଷ୍ଠ, ୧୯୮୨ (୫ମ) ସଂସ୍କରଣରେ ୫ମ, ୧୯୮୬ (୬ଷ୍ଠ) ସଂସ୍କରଣରେ ୧୨ତମ, ୧୯୯୦ (୭ମ) ସଂସ୍କରଣରେ ୧୦ମ, ୧୯୯୪ (୮ମ) ସଂସ୍କରଣରେ ୫ମ, ୧୯୯୮ (୯ମ) ସଂସ୍କରଣରେ ୯ମ, ୨୦୦୨ (୧୦ମ) ସଂସ୍କରଣରେ ୧୦ମ, ୨୦୦୬ ଏକାଦଶ ସଂସ୍କରଣରେ ୧୧, ୨୦୧୦ ଦ୍ୱାଦଶ ସଂସ୍କରଣରେ ୮ମ ଏବଂ ୨୦୧୪ ତ୍ରୟୋଦଶ ସଂସ୍କରଣରେ ୯ମ ସ୍ଥାନ ହାସଲ କରିଛି। ଚତୁର୍ଦ୍ଦଶ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଅନ୍ୟ ୩ଟି ଦେଶ ସହ ଭାରତ ୧୪ଟି ଯାକ ସଂସ୍କରଣରେ ଖେଳିବାକୁ ଯାଉଛି। ଏହି ତାଲିକାରେ ସାମିଲ ଥିବା ଅନ୍ୟ ୩ଟି ଦଳ ହେଲେ ଜର୍ମାନୀ, ନେଦରଲାଣ୍ଡ ଓ ସ୍ପେନ।

## ଆରୋଜ୍‌କୁ ହରାଇଲା ଚେନ୍ନାଇ ସିଟି

କୋଏମ୍ବାଟୁର୍, ୨୬।୧୦ (ପି.ଟି.)

ଆଇ-ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ସ୍ପାନିଶ ଷ୍ଟ୍ରାଇକର ପେଡ୍ରୋ ମାଞ୍ଜିଙ୍କ ହ୍ୟାଟ୍ରିକ୍ ଗୋଲ ସହାୟତାରେ ଚେନ୍ନାଇ ସିଟି ଏଫ୍‌ସି ୪-୧ ଗୋଲରେ ଇଣ୍ଡିଆନ ଆରୋଜକୁ ପରାସ୍ତ କରିଛି। ଚେନ୍ନାଇ ପକ୍ଷରୁ ପେଡ୍ରୋ ୩୧, ୪୯ ଓ ୬୪ତମ ମିନିଟ୍‌ରେ ଏବଂ ରୋମାରିଓ ଜେସୁରାଜ ୭୬ତମ ମିନିଟ୍‌ରେ ଦେଇଥିଲେ। ଇଣ୍ଡିଆନ ଆରୋଜ ପକ୍ଷରୁ ଅଧିନାୟକ ଅମରଜିତ୍ ସିଂ ଏକମାତ୍ର ଗୋଲ୍ ଦେଇଥିଲେ।

## ତୃତୀୟ ଦିନିକିଆ ଆଜି

ପୁଣେ, ୨୬।୧୦ (ପି.ଟି.)

**ଭାରତ ବନାମ ୱେଷ୍ଟଇଣ୍ଡିଜ**


ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଦ୍ୱିତୀୟ ଦିନିକିଆ ଟାଇ ରଖିବା ପରେ ଭ୍ରମଣକାରୀ ଦଳର ନୈତିକ ମନୋବଳ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ଘରୋଇ ଦଳ ଏହାର ଫ୍ରଣ୍ଟଲାଇନ୍ ପେସ୍ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଦଳରେ ସ୍ଥାନ ଦେବାକୁ ବାଧ ହୋଇଛି। ଗୁଆହାଟୀଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୮ଉଇକେଟରେ ବିଜୟ ହାସଲ କରିଥିଲା। ବିଶାଖାପାଟଣାଠାରେ ଦ୍ୱିତୀୟ ଦିନିକିଆରେ ବିଜୟ ଲାଭ କରି ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ହେବା ଲାଗି ଲକ୍ଷ୍ୟ ରଖିଥିଲା। ମାତ୍ର ୱେଷ୍ଟଇଣ୍ଡିଜ ମ୍ୟାଚକୁ ଟାଇ ରଖି ତାହା କରାଇ ଦେଇ ନ ଥିଲା। ଭୁବନେଶ୍ୱର ଓ ବୁମ୍‌ରାଙ୍କ ଅନୁପସ୍ଥିତିରେ ଭ୍ରମଣକାରୀ ଦଳ ଗତ ଦୁଇଟି ଗେମ୍‌ରେ ୩୨୦ରୁ ଅଧିକ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ବିଶେଷକରି ପ୍ରଥମ ପାୱାର ପ୍ଲେ ଏବଂ ଡେଥ୍ ଓଭରରେ ଏହି ବୋଲର ଦ୍ୱୟ ଉମେଶ ଯାଦବ ଓ ଅସ୍ଥିର ପ୍ରଦର୍ଶନ କରିଆସୁଥିବା ମହମ୍ମଦ ସାମିଙ୍କ ତୁଳନାରେ ଉଲ୍ଲେଖନୀୟ ଫରକ ଆଣି ପାରିବେ ବୋଲି ଆଶା କରାଯାଏ। ଅଧିନାୟକ ବିରାଟ କୋହଲି ଭାରତୀୟ ଟିମ୍‌ର ମେରୁଦଣ୍ଡ ଭଳି କାର୍ଯ୍ୟ କରି ଆସୁଛନ୍ତି। ସେ ପଛକୁ ପଛ ଦୁଇଟି ଶତକ (୧୪୦ ଓ ୧୫୭*) ଲଗାଇ ପାରିଛନ୍ତି। ଚଳିତ ସିରିଜରେ ସେ ଇତିମଧ୍ୟରେ ୨୯୭ ରନ ସଂଗ୍ରହ କରିସାରିଲେଣି। ଆଇକନିକ ସଚିନ ତେନ୍ଦୁଲକରଙ୍କ ଦ୍ରୁତତମ ୧୦,୦୦୦ ରନ ରେକର୍ଡକୁ ସେ ଭଙ୍ଗ କରିଛନ୍ତି। ତାଙ୍କଠାରୁ ପୁଣି ଏକ ବଡ଼ ସ୍କୋର ଆଶା କରାଯାଉଛି। ୪ନମ୍ବର ସ୍ଥାନରେ ଅମ୍ବାତି ରାୟୁଡୁ ୭୩ ରନ ସଂଗ୍ରହ କରିପାରିଛନ୍ତି। ଶନିବାର ମ୍ୟାଚରେ ଯଦି ଭଲ ପ୍ରଦର୍ଶନ କରନ୍ତି ତେବେ ସେ ତାଙ୍କ ସ୍ଥିତିକୁ ସୁଦୃଢ଼ କରିପାରିବେ। କିନ୍ତୁ ୫, ୬ ଓ ୭ ନମ୍ବର ସ୍ଥାନ ନେଇ ପ୍ରଶ୍ନ ରହିଛି। ଭେଟେରାନ ମହେନ୍ଦ୍ର ସିଂ ଧୋନୀ ମ୍ୟାଚ ଫିନିଶର ଭାବେ ତାଙ୍କ ସାମର୍ଥ୍ୟ ହରାଇ ବସିଛନ୍ତି। ତେଣୁ ସେ ଚାପରେ ରହିବା ସ୍ୱାଭାବିକ। ଯୁବ ଖେଳାଳି ରିଷଭ ପନ୍ତ୍‌ଙ୍କଠାରୁ ଏକ ବଡ଼ ସ୍କୋର ଆଶା କରାଯାଉଛି। ଟିମ୍ ମ୍ୟାନେଜମେଣ୍ଟ ତାଙ୍କଠାରୁ ଏକ ମ୍ୟାଚ ପରିବର୍ତ୍ତନକାରୀ ଖେଳ ଦେଖିବାକୁ ଚାହୁଁଛି। ଭାରତରେ ବିଶେଷ କରି ଦିବାରାତ୍ର ମ୍ୟାଚରେ କୁହୁଡ଼ି ବଡ଼ ସମସ୍ୟା ସୃଷ୍ଟି କରିଥାଏ। କୋହଲିଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି। ରିଷ୍ଟ ସ୍ପିନର କୁଲ୍‌ଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ ଓଦା ବଲ୍‌ରେ ବୋଲିଂ କରିବା ସହଜ ହେଉ ନାହିଁ। ଭ୍ରମଣକାରୀ ଦଳ ପାଇଁ ସବୁଠାରୁ ବଡ଼ ସମ୍ବଳ ହେଲେ ଯୁବ ବ୍ୟାଟ୍ସମ୍ୟାନ ଶିରନ ହେଟମେର। ଓପନିଂ ମୁକାବିଲାରେ ୧୦୬ରନ କରିବା ପରେ ଗତ ଗେମ୍‌ରେ ସେ ଆକର୍ଷଣୀୟ ୯୪ ରନ କରିଛନ୍ତି। ଏହି ୨୧ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କଠାରୁ ତାଙ୍କ ଦଳ ପୁଣି ଏକ ପ୍ରଭାବୀ ପ୍ରଦର୍ଶନ ଆଶା କରୁଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ


11 BLOOMING YEARS
Reliance
Growth is Life
ଉତ୍କୃଷ୍ଟ ମୁହୂର୍ତ୍ତରୁ ଅମୂଲ୍ୟ ପ୍ରତିଶ୍ରୁତି ପର୍ଯ୍ୟନ୍ତ
ଆପଣଙ୍କ ସହିତ ପ୍ରତିଟି ମୁହୂର୍ତ୍ତରେ
ଖାସ୍ ଦୀପାବଳୀ ଅଫର୍ | 12 ଅକ୍ଟୋବର–11 ନେଭେମ୍ବର 2018
ଫ୍ଲାଟ୍ 50% ଛାଡ଼*
ଗୋଲ୍ଡ ଜ୍ୱେଲରୀ ତିଆରି ଉପରେ
(₹75,000 ରୁ ଊର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)
ଫ୍ଲାଟ୍ 0%
ମେକିଂ ଡାଇମଣ୍ଡ ଜ୍ୱେଲରୀ ଉପରେ*
(₹75,000 ରୁ ଊର୍ଦ୍ଧ୍ୱ ଇନ୍‌ଭଏସ୍ ମୂଲ୍ୟ ଉପରେ)
ଫ୍ଲାଟ୍ 75% ଛାଡ଼*
ଗୋଲ୍ଡ କଏନ୍ ମେକିଂ ଉପରେ
(50 ଗ୍ରାମ୍ ଓ ଊର୍ଦ୍ଧ୍ୱ ଆକାର ଉପରେ)
ଏହା ସହିତ ପାଆନ୍ତୁ ଅନନ୍ୟ ଭାଲ୍ୟୁ ଆଡିଶନ୍‌ସ ଯେପରି
ଓଲ୍ଡ ଗୋଲ୍ଡ ଏକ୍ସଚେଞ୍ଜ୍ ଉପରେ ସମ୍ପୂର୍ଣ୍ଣ ଫେରସ୍ତ ଓ ଫ୍ରୀ ଜ୍ୱେଲରୀ ଇନସୁରାନ୍‌ସ*
*ସର୍ତ୍ତ ଓ ନିୟମାବଳୀ ଲାଗୁ।
COMPLIMENTARY SERVICES AND BENEFITS
100% PEACE OF MIND
FREE JEWELLERY INSURANCE FREEDOM TO ADORN
Protection against Loss & Theft
BIS Hallmarked Gold
Internationally Certified Diamond
COMPLIMENTARY SERVICES
Free Gold Purity Check
Free Jewellery Cleaning
DESIGNS
Customised Jewellery
Exclusive Designs by In-house Designers
BENEFITS
Deduction on Old Gold Exchange
Earn loyalty points on every purchase
Company Owned Showrooms
100% current rate exchange for Reliance Jewels Jewellery
Great Exchange Policies for Non Reliance Jewels Jewellery
Reliance Jewels charges on Net Wt. of Gold, not Gross Wt.
QC TechRoom for minor repairs
Reliance Jewels
BE THE MOMENT
5% EXTRA CASHBACK SBI Debit Card | SBI Card Make life simple
*Min. trxn: ₹25,000; Max. Cashback: ₹2,500 per card account. Validity: 27 Oct - 05 Nov '18. T&C Apply.
ଭୁବନେଶ୍ୱର: ଜନପଥ, ସତ୍ୟ ନଗର, ଫୋନ୍: 0674-2570035 • ଚନ୍ଦ୍ରଶେଖରପୁର, ନାଲ୍‌କୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ୍ ସ୍କୋୟାର୍, ଫୋନ୍: 0674-2303541 କଟକ: କେଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 0671-2520011
ଅଧିକନ୍ତୁ, କିଣନ୍ତୁ ଟ୍ରେଣ୍ଡି ଲାଇଟ୍-ୱେଟ୍ ଫାଇନ୍ ଜ୍ୱେଲରୀ ରିଲାଏନ୍‌ସ ଜ୍ୱେଲ୍‌ସ SIS: At TRENDS • ପ୍ଲଟ୍ ନଂ. 12/2902. 2907, ମାଜେଷ୍ଟିକ୍ ପ୍ଲାଜା, ଦୋଳମୁଣ୍ଡାଇ ସ୍କୋୟାର୍, କଟକ • ସହୀଦ ନଗର ଜନପଥ
thoughtrains-kaleido RJ231018


DSPL - 221
ODISHA ONE
ଓଡ଼ିଶାର ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ
ଏକ ନୂତନ ଅଧ୍ୟାୟ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ଓଡ଼ିଶା ସରକାର
୧ କୋଟିରୁ ଊର୍ଦ୍ଧ୍ୱ
ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର
ଦେୟ ମୁକ୍ତ ସେବା ଦ୍ୱାରା ଉପକୃତ
10001/13/0035/1819
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା



"ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
-କାର୍ଲାଇଲ୍



## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା



**ତିଗିରିଆ,୨୬।୧୦(ଡି.ଏନ.ଏ.):** ତିଗିରିଆ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ଏକ ଜନସମ୍ପର୍କ ପଦଯାତ୍ରା ଅଚଳକୋଟ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା ଅଚଳକୋଟ ମଙ୍ଗଳାମନ୍ଦିରଠାରୁ ବାହାରି ହରିଡ଼ାପଶିଠାରେ ଶେଷ ହୋଇଥିଲା। ପଦଯାତ୍ରାରେ ବ୍ଲକ ଅଧକ୍ଷା ରୂପା ଦଳେଇ, ଉପାଧକ୍ଷ ଗୌରହରି ପରିଡ଼ା, ମହିଳା ସଭାନେତ୍ରୀ ସବିତା ବେହେରା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଳିକ, ପୂର୍ବତନ ଜିଲା ପରିଷଦ ସଭ୍ୟା ବାସନ୍ତୀ କର ଓ ଯୁବନେତା ଅଚ୍ୟୁତ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ଗାଁ କଲ୍ୟାଣ ସମିତି ବୈଠକ

**ମାହାଙ୍ଗା,୨୬।୧୦(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସରପଞ୍ଚ ନିରୁପମା ମହାପାତ୍ରଙ୍କ ସଭାପତିତ୍ୱରେ ଗ୍ରାମ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଞ୍ଚାୟତର ଗାଁ କଲ୍ୟାଣ ସମିତି କାର୍ଯ୍ୟକାରିତା ଏବଂ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମଗୁଡିକରେ ପରିମଳ ସ୍ୱଚ୍ଛତା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥିଭାବେ ଯୁବନେତା ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ମନୋଜ ମହାରଣା ଯୋଗ ଦେଇ ସରକାରଙ୍କ ବିଭିନ୍ନ ଅନୁଦାନ ଓ ଯୋଜନାଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ବେହେରା, ନାଏବ ସରପଞ୍ଚ ରଞ୍ଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛତା ଓ ପରିମଳ ଉପରେ କାର୍ଯ୍ୟ କରିଥିବା ରବୀନ୍ଦ୍ର ନାଥ ଦାଶ, କୁସୁମଲତା ଜଟ, ନାରାୟଣ ବେହେରା, ସୁକାନ୍ତ ମହାପାତ୍ର, ଆରତୀ ବାରିକ, ହରେକୃଷ୍ଣ ପ୍ରଧାନ, ହୃଷୀକେଶ ପ୍ରଧାନ, ବିଜୟ ମଳିକ ଓ ବୀରବର ବେହେରା ପ୍ରମୁଖଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

### ଶାଗୁଆନ କାଠ ଜବତ

**ଆଠଗଡ଼,୨୬।୧୦(ସ୍ୱ.ପ୍ର.):** ଆଠଗଡ଼ ବନାଞ୍ଚଳ ଅଧୀନ ଧାଇପୁର ଗ୍ରାମରୁ ପ୍ରାୟ ୬୦ ହଜାର ଟଙ୍କା ମୂଲ୍ୟର ଶାଗୁଆନ କାଠକୁ ବନ ବିଭାଗ ଶୁକ୍ରବାର ଚଢ଼ାଉ କରି ଜବତ କରିଛି। ଜବତ କାଠଗୁଡ଼ିକ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖସ୍ଥ ଖୋଲାସ୍ଥାନରେ ଗଦା ହୋଇଥିଲା। ଏହାର କେହି ଦାବିଦାର ନ ଥିଲେ। ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ସକାଳେ ଏହି ଚଢ଼ାଉ କରାଯାଇଥିଲା। ଆଠଗଡ଼ ବନାଞ୍ଚଳର ସଦର ଫରେଷ୍ଟର ରାକେଶ ଦଳାଇ, ରାଜନଗର ଫରେଷ୍ଟର ପ୍ରଶାନ୍ତ ପରିଡ଼ା, ଲମ୍ବୋଦର ନାୟକ, ପ୍ରଦୀପ ସାହୁ ଓ ପ୍ରମୋଦ ସାହୁଙ୍କ ସମେତ ବନ ବିଭାଗ ଭ୍ରାମ୍ୟମାଣ ସ୍କ୍ୱାଡ୍ ଏବଂ ପୋଲିସ ଏପିଆର ଫୋର୍ସ ଚଢ଼ାଉରେ ସାମିଲ ହୋଇଥିଲେ।

# ୩ ବର୍ଷରେ ୭୦ ମୃତଦେହ ପୋତାଯାଇଛି

**କଟକ ଅଫିସ, ୨୬।୧୦**

୨୦୧୩ ଜାନୁୟାରୀ ପହିଲାରୁ ୨୦୧୫ ଡିସେମ୍ବର ୧୪ ତାରିଖ ମଧ୍ୟରେ ଏସ୍‌ସିବି ମେଡିକାଲରେ ୭୦ ଅପରିଚିତଙ୍କ ମୃତଦେହ ପୋତାଯାଇଛି। ଏହି ମୃତଦେହଗୁଡ଼ିକୁ ଗଭୀର ଗାତ ଖୋଳାଯାଇ ପୋତାଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟରେ ମେଡିକାଲ ପକ୍ଷରୁ ଏହି କଥା କୁହାଯାଇଛି। ସୂଚନାଥାଉକି, ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀଙ୍କୁ ନେଇ ଏବେ ଏକ ବିବାଦୀୟ ପରିସ୍ଥିତି ଉପୁଜିଛି। ଗତ ରବିବାର ମେଡିକାଲ ପରିସରରେ ଜଣେ ଅସହାୟ ରୋଗୀ ଚିକିତ୍ସା ନ ପାଇ ପ୍ରାଣ ହରାଇବା ଘଟଣା ସାଧାରଣରେ ଆଲୋଡନ ଖେଳାଇଛି। କେବଳ ଏହି ଗୋଟିଏ ଘଟଣା ନୁହେଁ ଏହିଭଳି ଅନେକ ଘଟଣା ଦୈନିକ ମେଡିକାଲରେ ଘଟୁଛି। ତେବେ ଅସହାୟ ଓ ଅପରିଚିତଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ କୁଆଡେ ଯାଉଛି ବୋଲି ସାମାଜିକ କର୍ମୀ ସାହୁ ଜାଣିବାକୁ ଚେଷ୍ଟା କରିଥିଲେ। ମେଡିକାଲ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଅପରିଚିତ ରୋଗୀମାନେ ରୋଗରେ (ଦୁର୍ଘଟଣାଗ୍ରସ୍ତ ନୁହେଁ) ପ୍ରାଣ ହରାଉଛନ୍ତି ସେମାନଙ୍କ ମୃତଦେହକୁ ଡାକ୍ତରୀ ପିଲାଙ୍କ ପାଠ ପଢ଼ିବା ପାଇଁ ବ୍ୟବହାର କରାଯାଇଥାଏ। ଏହି କ୍ରମରେ ଉପରୋକ୍ତ ସମୟ ମଧ୍ୟରେ ୭୦ଟି ମୃତଦେହକୁ ମେଡିକାଲ କଲେଜର ଆନାଟୋମି ବିଭାଗକୁ ଦିଆଯାଇଛି। ସେଠାରେ ମେଡିକାଲ ଛାତ୍ରୀଛାତ୍ର ପାଠ ପଢ଼ିସାରିବା ପରେ ମୃତଦେହଗୁଡ଼ିକୁ ଗଭୀର ଗାତ ଖୋଳି ପୋତି ଦିଆଯାଇଛି। ତେବେ ଗୋଟିଏ ବି ମୃତଦେହ କୌଣସି ଘରୋଇ ମେଡିକାଲ କଲେଜକୁ ଦିଆଯାଇ ନ ଥିବା ଏହି ତଥ୍ୟରେ ମେଡିକାଲ ପକ୍ଷରୁ ଦର୍ଶାଯାଇଛି। ହେଲେ ସାମାଜିକ କର୍ମୀ

**ଏସ୍‌ସିବି ମେଡିକାଲ**

- ୭୦ ମୃତଦେହକୁ ମେଡିକାଲ କଲେଜର ଆନାଟୋମି ବିଭାଗକୁ ଦିଆଯାଇଛି
- ଏସ୍‌ସିବିରେ ଅସହାୟ, ଅପରିଚିତ ରୋଗୀଙ୍କୁ ନେଇ ବିବାଦୀୟ ସ୍ଥିତି ଉପୁଜିଛି

ସାହୁ ଏଭଳି ଘଟଣା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ ମତରେ ଯେଉଁ ଅସହାୟ ରୋଗୀଙ୍କ ମୃତଦେହକୁ ପାଠପଢ଼ାରେ ବିନିଯୋଗ କରାଯାଉଛି ସେମାନଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ଉଦ୍ୟମ କରୁନାହାନ୍ତି। ଏସ୍‌ସିବିରେ ଅସହାୟ ରୋଗୀମାନଙ୍କୁ ମଣିଷ ଭଳି ବ୍ୟବହାର କରାଯାଉନାହିଁ। ଅସହାୟ ରୋଗୀଙ୍କ କ୍ଷେତ୍ରରେ ଏଠାରେ ପ୍ରତି ମୁହୂର୍ତ୍ତରେ ମାନବାଧିକାର ଉଲ୍ଲଂଘନ କରାଯାଉଛି। ଏ ସମ୍ପର୍କରେ ସାହୁ ପୂର୍ବରୁ ରାଜ୍ୟ ମାନବାଧିକାର କମିଶନ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଜୁଲାଇ ୨୫ ତାରିଖରେ ତତ୍କାଳୀନ ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ବୀରକିଶୋର ମିଶ୍ର ଏସ୍‌ସିବିକୁ ଆସି ନିଜ ଆଖିରେ ଅସହାୟଙ୍କ ଦୁର୍ଦ୍ଦଶା ଦେଖିଥିଲେ। ତୁରନ୍ତ ଅସହାୟଙ୍କ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତିମଧ୍ୟରେ ୩ ମାସ ବିତିଥିଲେ ମଧ୍ୟ ଏ କ୍ଷେତ୍ରରେ କୌଣସି ସମାଧାନ କରାଯାଇ ନାହିଁ। ଫଳରେ ଆଉଥରେ ସାହୁ କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କୁହନ୍ତି, ଆମେ ୫ଟି ବିଭାଗରେ ସ୍ୱତନ୍ତ୍ର ଡେଷ୍ଟିଚ୍ୟୁଟ ୱାର୍ଡ ଖୋଲିବା ପାଇଁ ବ୍ୟବସ୍ଥା କରିଛୁ। ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା କରାଯିବ।



ଏମ୍‌ଜିଏନ୍‌ଆର୍‌ଇଜିଏ ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥି ।

## ସମିତିସ୍ତରୀୟ ସାମାଜିକ ସମୀକ୍ଷା ଶୁଣାଣି

**ନରସିଂହପୁର,୨୬।୧୦(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ସମସ୍ତ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି(ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଜନାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ଶୁଣାଣି ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଅତିରିକ୍ତ ବିଡିଓ ଭରତ ଚନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ପ୍ରବୀଣ ବିଶ୍ୱାଳ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଭାରତୀ ସାହୁ, ବିଏସ୍‌ଏଫ୍ ମମତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ଚଳିତ ବର୍ଷ ପଞ୍ଜୀକରଣ ହୋଇଥିବା ୧୨ ହଜାର ୯ଶହ ୭୧ ପରିବାରର ୨୯ ହଜାର୧୫୩ ଜବ୍ କାର୍ଡଧାରୀଙ୍କୁ କାମ ଯୋଗାଇ ଦିଆଯାଇଛି। ଚଳିତ ବର୍ଷରେ ବିଭିନ୍ନ ଗ୍ରାମରେ ଶ୍ରମଦିବସ ୨ଲକ୍ଷ ୬୧ ହଜାର ୪୫୭ ଦିନ ସୃଷ୍ଟି କରାଯାଇଥିବା ବେଳେ ୧୦୦ ଦିନ ଧରି ୩ ଜଣ ବ୍ୟକ୍ତି କାର୍ଯ୍ୟ କରିଥିଲେ। ଚଳିତବର୍ଷ ୨୬୯୨ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଆଲୋଚନା ହୋଇଥିଲା। ଏଥିରେ ମୋ ପୋଖରୀ, ମୋ କୂପ, ଗ୍ରାମ ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟ, ଗ୍ରାମ ସଡକ ଓ ଅଙ୍ଗନଓ୍ୱାଡି ସମେତ ବହୁ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ୨୦୧୭-୧୮ବର୍ଷରେ ମୋଟ ୭ କୋଟି ୨୧ ଲକ୍ଷ ୨୦ ହଜାର ଟଙ୍କା ବିଭିନ୍ନ କାର୍ଯ୍ୟରେ ବ୍ୟୟ କରାଯାଇଥିବା ବେଳେ ଚଳିତ ବର୍ଷ ପାଇଁ ତାହା ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି ବୋଲି କୁହାଯାଇଛି। ବନପାଳ ଭାଗ୍ୟଶ୍ରୀ ଦାସ, ବାମନ ଚରଣ ରାଉତ ଉପସ୍ଥିତ ରହି ଜଙ୍ଗଲ ବିଭାଗରେ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ହିତାଧିକାରୀ, ଜିଆରଏସ୍, ଭିଏଲ୍‌ଡବ୍ଲ୍ୟୁ ଓ ଭିଆରପିଙ୍କ ସମେତ ମାନସ ରଞ୍ଜନ ଦାଶ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ଲଳିତଗିରିରେ ପହଞ୍ଚିଥିବା ବିଦେଶୀ ବୌଦ୍ଧ ଭିକ୍ଷୁ।

## ଲଳିତଗିରିରେ ୩୦୦ ବିଦେଶୀ ବୌଦ୍ଧ ଭିକ୍ଷୁ

**ମାହାଙ୍ଗା/ଲଳିତଗିରି,୨୬।୧୦(ସ୍ୱ.ପ୍ର.)**

ବିଶ୍ୱପ୍ରସିଦ୍ଧ ଲଳିତଗିରି ବୌଦ୍ଧପୀଠରେ ୧୦ ଦେଶର ୩୦୦ ବିଦେଶୀ ବୌଦ୍ଧ ଭିକ୍ଷୁ ଶୁକ୍ରବାର ଅପରାହ୍ନରେ ପହଞ୍ଚିଛନ୍ତି। ଏମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଉଚ୍ଛସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୨୪ ତାରିଖରେ ଏମାନେ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଧଉଳିଗିରି ବୌଦ୍ଧପୀଠ ଓ ଖଣ୍ଡଗିରି ବୌଦ୍ଧପୀଠ ପରିଭ୍ରମଣ କରିଥିଲେ। ସେଠାରୁ ପରିବେଶ ସୁରକ୍ଷା, ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନତା ଏବଂ ଦେଶର ସ୍ଥାୟୀ ବିକାଶ ଉଦ୍ଦେଶ୍ୟ ନେଇ ଷୋଡଶ ପଦଯାତ୍ରାରେ ବାହାରି ସ୍ୱର୍ଣ୍ଣ ତ୍ରିଭୂଜ ବୌଦ୍ଧପୀଠ ଲଳିତଗିରିରେ ପହଞ୍ଚିଛନ୍ତି। ଅଞ୍ଚଳବାସୀ ସେମାନଙ୍କୁ ଓଳାଶୁଣି ଛକରୁ ଲଳିତଗିରି ହାଇସ୍କୁଲକୁ ପାଛୋଟି ନେଇଥିଲେ। ଶନିବାର ଲଳିତଗିରି ବୌଦ୍ଧପୀଠ ଓ ମ୍ୟୁଜିୟମ ପରିଭ୍ରମଣ କରି ବୌଦ୍ଧ ପର୍ଯ୍ୟଟନସ୍ଥଳୀ ରତ୍ନଗିରି ଓ ଉଦୟଗିରି ଅଭିମୁଖେ ଯାତ୍ରା ଆରମ୍ଭ କରିବା ସହ ଏହି ବୌଦ୍ଧସ୍ଥଳୀଗୁଡିକର କିପରି ବିକାଶ କରାଯାଇପାରିବ ସେଥିନେଇ ପ୍ରୟାସ ଜାରି ରଖିବେ। ବିଶ୍ୱସ୍ତରୀୟ ପେଲ୍ ଦୁପକା ଚାରି ଟେବୁଲ ଟ୍ରଷ୍ଟର ମୁଖ୍ୟ ହୋଲିନେସ୍ ୱାନଚୋ ଓ ରବି ଠାକୁରଙ୍କ ନେତୃତ୍ୱରେ ଏମାନେ ଷୋଡ଼ଶ ପଦଯାତ୍ରାରେ ଆସି ଲଳିତଗିରିରେ ପହଞ୍ଚିଥିବା ଜଣାପଡ଼ିଛି। ଲଳିତଗିରି ଗ୍ରାମବାସୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ମଧୁସୂଦନ ଦାସ, ଖବରଦାତା ଭକ୍ତଚରଣ ସାହୁ, ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ସଦସ୍ୟ, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ, ବାଲିଚନ୍ଦ୍ରପୁର ଆଇଆଇସି ରାକେଶ ତ୍ରିପାଠୀ, ପରିବେଶବିତ୍ ପି.ଭି.ଏସ. ପୃଷ୍ଟି, ସାମାଜିକ କର୍ମୀ ସତ୍ୟାନନ୍ଦ ମଲ୍ଲିକ, ରୁଦ୍ର ନାରାୟଣ ସିଂହ ଓ ପ୍ରକାଶ ଚନ୍ଦ୍ର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବୌଦ୍ଧ ଭିକ୍ଷୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଭ୍ରଷ୍ଟାଚାର, ଦୁର୍ନୀତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ଭାଜପା

**କଟକ ସଦର,୨୬।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକରେ ପିସି କାରବାର, ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ବିରୋଧ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶୁକ୍ରବାର ଦଳୀୟ ସାଧାରଣ ସମ୍ପାଦକ ଦିଲ୍ଲୀପ ମଲ୍ଲିକ କହିଛନ୍ତି। କନ୍ଦରପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଯୋଜନାର ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛ ଭାରତ ଯୋଜନାର ପାଇଖାନା ନିର୍ମାଣରେ ପକ୍ଷପାତ ନୀତି ଅବଲମ୍ବନ କରିଛନ୍ତି। କାଠଯୋଡି ଓ ମହାନଦୀ ଘାଟରୁ ବେଆଇନ ବାଲି ଉଠାଣ, ବିଦ୍ୟାଳୟରେ ଶିକ୍ଷକ ଅଭାବ, କନ୍ଦରପୁର ଓ ୪୨ ମୌଜାରୁ ସିଟି ବସ ଚଳାଚଳ ବନ୍ଦ, ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ନ ହେବା, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ପ୍ରକଳ୍ପ ତାଲିକାରେ ଦୁର୍ନୀତି ହୋଇଥିବା ମଲ୍ଲିକ କହିଛନ୍ତି। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଅକ୍ଟୋବର ୩୦ରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ନିର୍ମଳ ଦାସ, ପ୍ରସନ୍ନ ପ୍ରଧାନ, ବିଶ୍ୱନାଥ ବସ୍ତିଆ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା



କୁଆଁପାଳ ଗଜଲକ୍ଷ୍ମୀ ପୂଜା ମଣ୍ଡପ।

**ମାହାଙ୍ଗା,୨୬।୧୦(ସ୍ୱ.ପ୍ର.)**

ମାହାଙ୍ଗାର ବିଭିନ୍ନ ପୂଜାମଣ୍ଡପରେ ମା'ଗଜଲକ୍ଷ୍ମୀ ପୂଜା ଚାଲିଛି ।ଏହି ଅବସରରେ ପୂଜାମଣ୍ଡପଗୁଡିକରେ ରଙ୍ଗବେରଙ୍ଗର ଆଲୋକମାଳା ସୁସଜ୍ଜିତ ହୋଇଛି। ମଣ୍ଡପଗୁଡିକରେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି । ବିଶେଷ କରି କୁଆଁପାଳ ଇଲେଭେନଷ୍ଟାର କ୍ଲବ, କୁଆଁପାଳ ବଜାର କମିଟି, ପଶୁଲୁଣ୍ଡା ଗୋପବନ୍ଧୁ ବଜାର ପୂଜା କମିଟି, କୁସୁପୁର, ଚାୟାଁପାଳ, ବାଗସରପୁର, ଛତ୍ରତୋଟା, କୋଠପଦା, ମାଣ୍ଡିତ୍ରି, ମାହାଙ୍ଗା ଓ ହଂସଦିଆ ଆଦି ସ୍ଥାନର ପୂଜା ମଣ୍ଡପଗୁଡିକରେ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ବିଭିନ୍ନ ପୂଜାମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

■ ପାଣି ସାହିତ୍ୟ ସଭାର ଦ୍ୱିତୀୟ ସନ୍ଧ୍ୟା

## ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ଥିଲେ ଗଣକବି

**ମାହାଙ୍ଗା,୨୬।୧୦(ସ୍ୱ.ପ୍ର.)**

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ପାଣି ସାହିତ୍ୟ ସଭାର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଛି। ଆନନ୍ଦପୁର ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଗଣକବି ବୈଷ୍ଣବ ପାଣି ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ ସଭାରେ ସଭାପତିତ୍ୱ କରିଥିଲେ। ରାଜକିଶୋର ଜେନା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଗବେଷକ ଡ. କ୍ଷୀରୋଦ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥିଭାବେ ଭିନ୍ନକ୍ଷମ କମିଶନର ମିନତୀ ବେହେରା, ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ, ସମ୍ମାନିତ ବକ୍ତା କୃଷ୍ଣ କୁମାର ମିଶ୍ର, ସରପଞ୍ଚ ଲଳିତମୋହନ ମହାପାତ୍ର ଓ ସମିତିସଭ୍ୟ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ଗଣକବିଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। କବି ବିଶ୍ୱେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଂସଦ ସମ୍ପାଦକ ହୃଷୀକେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱାବସୁ ଶବର ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ

**ସାଲେପୁର,୨୬।୧୦(ଡି.ଏନ୍.ଏ.)–** ସାଲେପୁର ବ୍ଲକ୍ ମଧ୍ୟକଚ୍ଛ ପଞ୍ଚାୟତ ଅଧୀନ ଝାଡଖଣ୍ଡୀ ଶବରସାହିରେ ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନ ପକ୍ଷରୁ ଝାଡଖଣ୍ଡୀ ପୀଠସ୍ଥଳୀରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ପରିକ୍ଷିତ ଦେହୁରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଧରଣୀଧର ଦେହୁରି, ବଂଶୀଧର ଦେହୁରି, ସତ୍ୟାନନ୍ଦ ଦେହୁରୀ, ଶିବରାମ ଦେହୁରି, ରୀତ ଦେହୁରି, ସୁଦର୍ଶନ ଦେହୁରି, ଧ୍ରୁବଚରଣ ଦେହୁରି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

■ ବାଙ୍କୀ ମହୋତ୍ସବର ତୃତୀୟ ସନ୍ଧ୍ୟା

## ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିଛି ବାଙ୍କୀ



ବାଙ୍କୀ ମହୋତ୍ସବରେ କ୍ରୀଡ଼ା ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥିମାନେ।

**ବାଙ୍କୀ,୨୬।୧୦(ସ୍ୱ.ପ୍ର.)**

ସ୍ଥାନୀୟ କଟେରି ପଡ଼ିଆଠାରେ ଚାଲିଥିବା ବାଙ୍କୀ ମହୋତ୍ସବର ୩ୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମହୋତ୍ସବ ସଭାପତି ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରଶେଖର ବେହେରା ଯୋଗଦେଇ କହିଥିଲେ, ବାଙ୍କୀ ଅଞ୍ଚଳ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିଛି। ବାଙ୍କୀ ମହୋତ୍ସବ ଆମର ସଂସ୍କୃତି ଓ ଐତିହ୍ୟର ଧାରାକୁ ଅଧିକ ଗତିଶୀଳ ଓ ଆକର୍ଷଣ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସାଂସ୍କୃତିକ ଚେତନାର ବିକାଶରେ ସହାୟକ ହେବ। ମୁଖ୍ୟବକ୍ତା ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ଅଞ୍ଚଳର ବିକାଶ ଦିଗରେ ମହୋତ୍ସବ ଆୟୋଜନ ମୁଖ୍ୟ ଭୂମିକା ଗ୍ରହଣ କରିବ। ସମ୍ମାନିତ ଅତିଥି ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବାଙ୍କୀର ଗରିମା ମୟ ମାଟିରେ ଇତିହାସ ପାଲଟି ଯାଇଥିବା ଗୌରବ ଗାଥାକୁ ଜନମାନସରେ ଉଦ୍‌ଜୀବିତ ରଖିବା ଉଦ୍ଦେଶ୍ୟରେ ମହୋତ୍ସବ ପାଳନ କରାଯାଉଥିବାରୁ ବାଙ୍କୀବାସୀ ଅଭିନନ୍ଦନର ପାତ୍ରବୋଲି କହିଥିଲେ। ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ ବାଙ୍କୀର ସାଂସ୍କୃତିକ ଐତିହ୍ୟର ପ୍ରସାର ଓ ପ୍ରଚାର ଲକ୍ଷ୍ୟ ନେଇ ମହୋତ୍ସବ ଆରମ୍ଭ ହୋଇଛି। ଉଚ୍ଚକୋଟିର ସାଂସ୍କୃତିକ ବାତାବରଣ ମଧ୍ୟରେ ନୃତ୍ୟ, ସଂଗୀତ ମୁଖରିତ ଉତ୍ସବଟି କଳାରେ ରୁଚି ରଖିଥିବା ବ୍ୟକ୍ତିଙ୍କୁ ଆକର୍ଷିତ କରିବ ବୋଲି କହିଥିଲେ। ମହୋତ୍ସବ ଉପସଭାପତି ସୌମେନ୍ଦ୍ର ମିଶ୍ର, ଅନୁପ ବଥୁଆଲ୍ ଓ ପୂର୍ବତନ ନଗରପାଳ ଅକ୍ଷୟ ପ୍ରଧାନ ପ୍ରମୁଖ ବିଶେଷ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଦଳକୁ ପୁରସ୍କାର ବିତରଣ କରାଯାଇଥିଲା। ମହୋତ୍ସବ ମୁଖ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏହାକୁ ପରିଚାଳନା କରିଥିଲେ। ସୁନୀଲ ସିଂହ, ହୃଦାନନ୍ଦ ବେଉରା, ଡା. ଦୀପକ୍ ରାଜ୍, କ୍ରୀଡ଼ା ସଂଗଠକ ଧର୍ମପ୍ରସାଦ ମଙ୍ଗରାଜ, ସଂସ୍କୃତ ବିଶାରଦ ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା। ମହୋତ୍ସବ ସଭାପତି ତ୍ରିପାଠୀ ବାଙ୍କୀ ମହୋତ୍ସବ ସାଂସ୍କୃତିକ ଜାଗରଣ, ସାହିତ୍ୟିକ ସୃଷ୍ଟି , କଳାପ୍ରଦର୍ଶନ ଓ କବି, କଳାକାର ଗୋଷ୍ଠୀଙ୍କ ମନରେ ପାରମ୍ପରିକତା ମଧ୍ୟରେ ସାହାସ ସଞ୍ଚୟକରୁ ବୋଲି କହିଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପସଭାପତି ସନ୍ତୋଷ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାପରିଷଦ ସଭ୍ୟ ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଟେରି ପଡ଼ିଆଠାରେ ନବ ନିର୍ମିତ ମିନି ଷ୍ଟାଡିୟମକୁ ମନ୍ତ୍ରୀ ବେହେରା ଉଦ୍‌ଘାଟନ କରିଥିଲେ।

## କଟକିଆସାହିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଆଠଗଡ଼,୨୬।୧୦(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ କଟକିଆସାହି ପଞ୍ଚାୟତରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପାଟେଣିଗାଁଠାରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳାଇ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶହ ଶହ କର୍ମୀ ଓ ନେତା ପଦଯାତ୍ରାରେ ପାଟେଣିଗାଁ, ବାଉଁଶଦଣ୍ଡା, ବଉଳପଦା, ନୂଆଗଡ଼, ବନ୍ଧହଟା ଓ ବଳରାମପୁର ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ସର୍ପେଶ୍ୱର ମନ୍ଦିରଠାରେ ଏହା ସମାପିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବ୍ଲକ ବିଜେଡ ସଭାପତି ରାଉତ, ବ୍ଲକ ଅଧ୍ୟକ୍ଷ ଦଳାଇ, ୩ ନଂ ଜୋନର ଜିଲାପରିଷଦ ସଭ୍ୟ ଜାନକୀଲତା ନାଏକ, ବଳଭଦ୍ର ବାଘ, ସରପଞ୍ଚ ନେରନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ଅରୁଣ ସାହୁ, ପଞ୍ଚାୟତ ବିଜେଡି ସଭାପତି ଦେବରାଜ ପ୍ରଧାନ, ରସାନନ୍ଦ ସ୍ୱାଇଁ, ଭରତ ପାଣି, ମହିଳା ବିଜେଡି ସଭାନେତ୍ରୀ ବାସନ୍ତୀ ରାଉଳ, ଲକ୍ଷ୍ମୀପ୍ରିୟା ବେହେରା, ମିନତୀ ସ୍ୱାଇଁ, ମିନା କୁମାରୀ ଶୁକ୍ଳ ଓ କିରଣବାଳା ଶତପଥୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଦଳୀୟ ନେତା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ।



ବିଜେଡି କର୍ମୀମାନେ ଗ୍ରାମ ପରିକ୍ରମା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ଅକ୍ଟୋବର, ୨୦୧୮



ଯେଉଁମାନଙ୍କ ମନଟି ଛୋଟ ସେମାନଙ୍କୁ
ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଦୁର୍ଦ୍ଦାନ୍ତ ଅପରାଧୀ ରାଜୀବଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ

**ଖୁଣ୍ଟୁଣୀ,୨୬।୧୦(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସି ଗତ ମଙ୍ଗଳବାର ଦୁର୍ଦ୍ଦାନ୍ତ ଅପରାଧୀ ରାଜୀବ ଲୋଚନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇଦିଆଯାଇଛି। ରାଜୀବ କଟକ ଓ ଜଗତ୍‌ସିଂହପୁର ଜିଲାରୁ ଦଶହରା ପୂଜା ପୂର୍ବରୁ ବିଭିନ୍ନ ସ୍ଥାନରୁ ଧମକ ଦେଇ ପ୍ରାୟ ୯ଲକ୍ଷ ୧୩ହଜାର ୮୮୦ଟଙ୍କାକୁ ଥାନା ଅଧିକାରୀ ବିସି ଫ୍ରିଜ୍ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ଥାନା ଅଧିକାରୀ ଶୁକ୍ରବାର ମଧ୍ୟାହ୍ନରେ ଖୁଣ୍ଟୁଣୀସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ୬ଲକ୍ଷ ୩୦୮୦ ଟଙ୍କା ଓ ୟୁକୋ ବ୍ୟାଙ୍କରେ ଥିବା ୩ ଲକ୍ଷ ୧୦ହଜାର ୮୦୦ଟଙ୍କାଙ୍କୁ ଫ୍ରିଜ କରିଛନ୍ତି। ଆକାଉଣ୍ଟରୁ ରାଜୀବ ଟଙ୍କା ଉଠାଇ ପାରିବେ ନାହିଁ ବୋଲି ଥାନା ଅଧିକାରୀ ବିସି କହିଛନ୍ତି। ସୂଚନାଥାଉ କି, ରାଜୀବଙ୍କ ନାଁରେ ୧୮ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା କୋର୍ଟରେ ବିଚାରାଧୀନ ରହିଛି।

### ସାଉଥ୍ ଚ୍ୟାନେଲରେ ଘାଇ

**କଟକ ସଦର,୨୬।୧୦(ଡି.ଏନ୍.ଏ.):** ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ଅନ୍ତର୍ଗତ ତାଳଦଣ୍ଡା ଏକ ନମ୍ବର କେନାଲର ସାଉଥ୍ ଚ୍ୟାନେଲରେ ଦାମୋଦରପୁର ନିକଟରେ ଶୁକ୍ରବାର ଅପରାହ୍ନରେ ୨୦ଫୁଟ ଲମ୍ବର ଏକ ଘାଇ ସୃଷ୍ଟି ହୋଇଛି। ଚ୍ୟାନେଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧସିଯିବାରୁ ଘାଇ ସୃଷ୍ଟି ସହ ୪୦ଫୁଟ ଗଭୀର ଗର୍ତ୍ତ ସୃଷ୍ଟି ହୋଇ ପାଣି ଶୁକ ପାଇକା ନଦୀକୁ ପ୍ରବାହିତ ହେଉଛି। ଖବରପାଇ ଜଳସେଚନ ବିଭାଗର ଯନ୍ତ୍ରୀମାନେ ଘଟଣାସ୍ଥଳରେ ପହଞ୍ଚି ଜଳ ପ୍ରବାହ ଚ୍ୟାନେଲକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଘାଇ କିପରି ସୃଷ୍ଟି ହୋଇଛି ସେ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଅନୁସନ୍ଧାନ ଆରମ୍ଭ କରିଛନ୍ତି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**କଟକ ସଦର,୨୬।୧୦(ଡି.ଏନ୍.ଏ.):** କିଶୋରନଗରସ୍ଥିତ ଚିନ୍ତାମଣୀ ବିଦ୍ୟାପୀଠ ଖେଳ ପଡିଆରେ ଶାରଦୀୟ ବିରିଡି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କ୍ରୀଡ଼ା ଶିକ୍ଷକ ଏସ୍. କଲିମ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁକାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। କବାଡି, ଦୌଡ, ବ୍ୟାଡମିଣ୍ଟନ, ଭଲିବଲ, ଥ୍ରୋ ବଲ ଆଦି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୧୫୪ଜଣ ପିଲା ଭାଗ ନେଇଛନ୍ତି। କ୍ରୀଡା ଶିକ୍ଷକ ସୁଧାଂଶୁ ଶେଖର ରାମ, ନନ୍ଦ କୁମାର ଜେନା, ପବିତ୍ର ଗୋଚ୍ଛାୟତ, ସଦାଶିବ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

# କଟକରେ ଜଣ୍ଡିସ, ଝଡ଼ାଫୁଙ୍କା ଚିକିତ୍ସା ଆରମ୍ଭ

**କଟକ ଅଫିସ,୨୬।୧୦**

କଟକ କାଠଗଡ଼ାସାହି ଅଞ୍ଚଳରେ ଏବେ ଜଣ୍ଡିସ ବ୍ୟାପିଛି। ପ୍ରାୟ ୧୭ ଜଣ ପୀଡ଼ିତ ହୋଇଛନ୍ତି। ହେଲେ କେତେଜଣ ଚିକିତ୍ସା ପାଇଁ ଝଡ଼ାଫୁଙ୍କା ପନ୍ଥା ଆପଣାଇଛନ୍ତି। ଏ ସମ୍ପର୍କରେ ଖବର ମିଳିବା ପରେ କଟକ ମହାନଗର ନିଗମ(ସିଏମ୍‌ସି)ସ୍ୱାସ୍ଥ୍ୟ ବିଭାଗ, ପିଏଚଡି ଏବଂ ସିଡିଏମଓଙ୍କ ମିଳିତ ଟିମ୍ ଶୁକ୍ରବାର ଉକ୍ତ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଣ୍ଡିସ ବ୍ୟାପିବାର ମୁଖ୍ୟ କାରଣ ଦୂଷିତ ପାନୀୟ ଜଳ ବୋଲି ଅଞ୍ଚଳବାସୀ କହିଥିବାବେଳେ ପରିଦର୍ଶନରେ ଯାଇଥିବା ଟିମ୍ ପାଣି ନମୁନା ସଂଗ୍ରହ କରି ଯାଞ୍ଚ ପାଇଁ ପଠାଇଛି। ସ୍ଥାନୀୟ କର୍ପୋରେଟର କାଞ୍ଚନ ଦାଶ କହିଛନ୍ତି, ଲୋକଙ୍କ ଘରକୁ ଯୋଗାଣ ହେଉଥିବା ପାନୀୟ ଜଳ ଦୁର୍ଗନ୍ଧ ହେବା ସହ ଗୋଳିଆ ଦେଖାଯାଉଛି। ଜଣ୍ଡିସ ପୀଡ଼ିତ ଶିବ ଶଙ୍କର ଡାକୁଆ, ବିଭୁ ସେଠୀ ସମାନ ଅଭିଯୋଗ କରିଛନ୍ତି। ଦେଢ଼ମାସ ହେଲା ଏଭଳି ଗୋଳିଆ ପାଣି ଯୋଗାଣ ହେଉଥିବାରୁ ଆମେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛୁ ବୋଲି ସେମାନେ କହିଛନ୍ତି। କେଉଁଠି ପାଇପ୍ ଫାଟି ନର୍ଦ୍ଦମା ପାଣି ମିଶୁଥିବା ସେମାନେ ଆଶଙ୍କା କରୁଛନ୍ତି। ବିଭୁ ଜଣ୍ଡିସ୍‌ରୁ ମୁକ୍ତି ପାଇଁ ଝଡ଼ାଫଙ୍କା କରିଥିବା ସେ କହିଛନ୍ତି। ଲୋକ ବିଶ୍ୱାସ ରହିଥିବାରୁ ସେ ଏଭଳି କରିଥିବା କହିଛନ୍ତି।

ସିଏମସି ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ କହିଛନ୍ତି, ଉକ୍ତ ଅଞ୍ଚଳରେ ଏକ ମାସ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ଟପିଛି। ଲୋକେ କିପରି ବିଶୁଦ୍ଧ ପାନୀୟ ଜଳ ପାଇବେ ସେନେଇ ପିଏଚଡି ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ହେଲେ ସିଏମ୍‌ସି ତରଫରୁ ଉକ୍ତ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ନ ଥିବା କଥା ସେ ସ୍ୱୀକାର କରିଛନ୍ତି। ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟ ଶିବିର ଖୋଲାଯିବା ସହ ଲୋକଙ୍କୁ ସଚେତନ କରାଯିବ ସେ କହିଛନ୍ତି।





ପାଇପରୁ ସଂଗୃହୀତ ପାଣି।



କଟକ ବିଡାନାସୀ କୁମ୍ଭାର ସାହି ଅଞ୍ଚଳରେ ଦୀପାବଳି ପାଇଁ ମାଟି ଦୀପ ପ୍ରସ୍ତୁତ କରୁଥିବା ଜଣେ ଶିଳ୍ପୀ।

## ମହତାବଙ୍କ ୧୧୯ତମ ଜୟନ୍ତୀର ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୬।୧୦**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୧୯ତମ ଜୟନ୍ତୀ ମହାସମାରୋହରେ ପାଳନ କରାଯିବ। ଶୁକ୍ରବାର ବିହାରୀବାଗଠାରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହତାବ ଜୟନ୍ତୀ କମିଟି ପକ୍ଷରୁ ନଭେମ୍ବର ୨୧ ସକାଳେ ପ୍ରଜାତନ୍ତ୍ର ପରିସରରେ ମହତାବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସର୍ବଧର୍ମ ପ୍ରାର୍ଥନା ସଭା ହେବ। ସକାଳ ୯ଟାରେ ଖପୁରିଆ ପ୍ରେସ୍‌ଛକଠାରେ ମହତାବଙ୍କ ପୂର୍ଣ୍ଣବୟବ ମୂର୍ତ୍ତିରେ ମାଲ୍ୟାର୍ପଣ ଓ ସାଢ଼େ ୯ରେ ତୁଳସୀପୁର ମହତାବ ନଗରସ୍ଥ ପାର୍କଠାରେ ସ୍ମୃତିଚାରଣ ସଭା ଆୟୋଜନ ହେବ। ସେହିପରି ଓଡ଼ିଶା ଅଲିମ୍ପିକ ଆସୋସିଏସନ୍ ଆନୁକୂଲ୍ୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣଦୌଡ଼ ହେବ। ସନ୍ଧ୍ୟାରେ କଟକ ଶହୀଦଭବନଠାରେ ସାଧାରଣ ସଭା ଓ ଚଳିତ ବର୍ଷର ମହତାବ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ କରାଯିବ। ବୈଠକରେ ଜୟନ୍ତୀ କମିଟିର ମୁଖ୍ୟ ପରାମର୍ଶଦାତା ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ଡ. ବାବାଜୀ ପଟ୍ଟନାୟକ, ଡା. ରବି ରଞ୍ଜନ ସାହୁ, ଡ. ତରୁଣ କୁମାର ସାହୁ, କେଶବ ରାଉତ, ପ୍ରଫୁଲ୍ଲ ସିଂ, ଧର୍ମେଶ ନାୟକ, ପୀତାମ୍ବର ଜେନା, ଗୌତମ ଦାସ, ବିଜୟ ବେହେରା, ବିଶ୍ୱଜିତ୍ ଦାଶ, ଜନସନ ମହାପାତ୍ର, ସନ୍ତୋଷ ପତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜାଇକାକୁ ନେଇ ବରିଷ୍ଠ ନାଗରିକଙ୍କ କ୍ଷୋଭ

### ଜିଲାପାଳଙ୍କୁ ଭେଟିଲେ

**କଟକ ଅଫିସ, ୨୬।୧୦**

ଜାଇକାର ମନ୍ଥର କାର୍ଯ୍ୟକୁ ନେଇ କଟକ ବରିଷ୍ଠ ନାଗରିକ ମଞ୍ଚ କ୍ଷୋଭ ପ୍ରକାଶ କରିଛି। ମଞ୍ଚ ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ଶୁକ୍ରବାର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ୨୦୧୮ରେ ଅଦ୍ୟାବଧି କଟକ ସହରର ଅର୍ଦ୍ଧେକ ଅଞ୍ଚଳର ପ୍ରାୟ ୨ ଲକ୍ଷ ଅଧିବାସୀ ୭ ଥରରୁ ଊର୍ଦ୍ଧ୍ୱ ଜଳବନ୍ଦୀରେ ରହି ଦୁର୍ଦ୍ଦଶା ଭୋଗିସାରିଲେଣି। ଏପରି ଅବସ୍ଥା ୧୯୯୯ ମହାବାତ୍ୟାରେ ମଧ୍ୟ ପରିଲକ୍ଷିତ ହୋଇ ନ ଥିଲା। ସିଏମ୍‌ସି ପକ୍ଷରୁ ୨୦୦ରୁ ଊର୍ଦ୍ଧ୍ୱ ଭଲ୍‌ଭୋ ପମ୍ପ ବସାଇ ଜଳ ନିଷ୍କାସନର ବ୍ୟବସ୍ଥା କରିବା ସତ୍ତ୍ୱେ ପରିସ୍ଥିତିରେ କୌଣସି ସୁଧାର ହୋଇ ନ ଥିଲା। ଜାଇକା ଯୋଗୁ ଏପରି ହେଉଛି ବୋଲି ଆରୋପ ପ୍ରତ୍ୟାରୋପରେ କଟକବାସୀଙ୍କୁ ଆଶ୍ୱସ୍ତକରାଗଲା। ଦଶହରା ପୂଜା ପରେ ଜାଇକା ମୁଖ୍ୟ ଡ୍ରେନ କାର୍ଯ୍ୟ ଆରମ୍ଭ କରିବ ବୋଲି କୁହାଯାଇଥିଲା। କିନ୍ତୁ ପୂଜା ସରିବାକୁ ଇତିମଧ୍ୟରେ ୭ ଦିନ ବିତିଲାଣି। ହେଲେ କାର୍ଯ୍ୟ ଆରମ୍ଭ କରାଯାଉ ନାହିଁ। ଜାଇକା କାର୍ଯ୍ୟ କରୁଥିବା ଦୁଇଟି ଠିକା ସଂସ୍ଥା ବକେୟା ବିଲ୍ ପାଇ ନ ଥିବାରୁ ଏବେ କାମ ବନ୍ଦ ରହିଥିବା ସଂଘ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଛି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ପଣ୍ଡିତ ଗୋଦାବରୀଶ ମିଶ୍ର ଜୟନ୍ତୀ

**କଟକ ଅଫିସ, ୨୬।୧୦**

ଶୁକ୍ରବାର ଉତ୍କଳ ସାହିତ୍ୟ ସମାଜ ପରିସରରେ ପଣ୍ଡିତ ଗୋଦାବରୀଶ ମିଶ୍ର ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ପାଠାଗାର ସମ୍ପାଦକ ସୁନାମଣି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ବ୍ରହ୍ମାନନ୍ଦ ବିଶ୍ୱାଳ, ତପନ କୁମାର ସ୍ୱାଇଁଙ୍କ ସମେତ ପ୍ରତାପ କିଶୋର ମହାନ୍ତି, ବିଦ୍ୟୁତ୍ କୁମାରୀ ଲାଲା, ତ୍ରିଲୋଚନ ମହାକୁଳ, ଦିବେଶ କୁମାର ମହାନ୍ତି, ନୃସିଂହ ଚରଣ ମଲ୍ଲିକ, କୁନ୍ତଳା ବେହେରା ଓ ଅଧ୍ୟାପକ କମଳ ମାହୁନ୍ତ ପ୍ରମୁଖ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୀବନ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ, ଓଡ଼ିଶାର ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ ପ୍ରତିପାଦିତ ପୁରୁଷ। ତାଙ୍କର ସାରା ଜୀବନ ଥିଲା ସଂଘର୍ଷମୟ। ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିଷ୍ଠିତ ବନବିଦ୍ୟାଳୟରୁ ଆରମ୍ଭକରି ଓଡ଼ିଶାର ଶିକ୍ଷାମନ୍ତ୍ରୀ ଯାଏ ସବୁ କ୍ଷେତ୍ରରେ ସେ ପଦଚିହ୍ନ ଛାଡ଼ିଯାଇଛନ୍ତି। ତାଙ୍କ ରଚିତ କବିତା, ଗାଥାକବିତା, ପ୍ରବନ୍ଧ ଓ ଆତ୍ମଜୀବନୀ ଓଡ଼ିଆ ଭାଷା–ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ସମକାଳୀନ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ରାଜନୀତିର ସ୍ୱଚ୍ଛ ପରିପ୍ରକାଶ। ସରଳ, ସାବଲୀଳ ପ୍ରକାଶଭଙ୍ଗୀ ଓ ରୁଚି ସମ୍ପନ୍ନ ବିଷୟବସ୍ତୁ ତାଙ୍କ ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ବକ୍ତାମାନେ କହିଥିଲେ।

## ମେଲଣ ପଡ଼ିଆରେ ସମସ୍ତ ମେଢ଼





ଶୋଭାଯାତ୍ରାରେ ବାହାରିଥିବା ମୃଣ୍ମୟୀ ମୂର୍ତ୍ତି।

**ଚୌଦ୍ୱାର,୨୬।୧୦(ଡି.ଏନ୍.ଏ.)**

ପବିତ୍ର କୁମାର ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଚୌଦ୍ୱାର ରୂପଯାତ୍ରାର ୩ୟ ସନ୍ଧ୍ୟାରେ ଅଞ୍ଚଳର ସମସ୍ତ ପୂଜା ମଣ୍ଡପରୁ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତିଗୁଡ଼ିକ ମେଲଣପଡ଼ିଆକୁ ଆଗମନ କରିଥିଲେ। ଶୁକ୍ରବାର ଅପରାହ୍ନରେ ମେଢଗୁଡିକ ସାହି ପରିକ୍ରମା କରିବା ପରେ ମେଲଣ ପଡ଼ିଆ ଅଭିମୁଖେ ନିଆଯାଇଥିଲା। ରାତି ପ୍ରାୟ ୧୦ଟା ସୁଦ୍ଧା ସମସ୍ତ ମେଢ଼ ପଡ଼ିଆରେ ପହଞ୍ଚିଥିଲେ। ଏହି ଅବସରରେ ପୂଜାମଣ୍ଡପଗୁଡ଼ିକ ପକ୍ଷରୁ ବ୍ରହ୍ମପୁର, ଯାଜପୁର, ସାଲେପୁର, କଟକ ଆଦି ସ୍ଥାନରୁ ଆସିଥିବା ବ୍ରାସବ୍ୟାଣ୍ଡ ପାର୍ଟି ଓ ଅର୍କେଷ୍ଟ୍ରା, ଢ଼ୋଲବାଜା, ଢେଙ୍କାନାଳ ଦୁଲଦୁଲି, ମାଦଳ, ବଲାଙ୍ଗୀର ସିଙ୍ଗବାଜା, ଘଣ୍ଟ ବାଦ୍ୟ ଆଦି ପାରମ୍ପରିକ ବାଦ୍ୟରେ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ମେଢ଼ଗୁଡ଼ିକୁ ଅଞ୍ଚଳ ପରିକ୍ରମା କରାଯିବା ସହ ମେଲଣ ପଡ଼ିଆକୁ ନିଆଯାଇଥିଲା। ଏହି ରୂପଯାତ୍ରା ଦେଖିବା ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। କମିଟିର ନିଷ୍ପତ୍ତି ଅନୁଯାୟୀ ଶନିବାର ସକାଳ ୮ଟାରୁ ମେଢ଼ଗୁଡ଼ିକୁ ଟିକେଟ ଓ ଛନ୍ଦା ନେଇ ଭସାଣି ପାଇଁ ବିରୂପା ନଦୀ ନିକଟସ୍ଥ ଅସ୍ଥାୟୀ ପୁଷ୍କରିଣୀକୁ ନିଆଯିବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳା ଦୃଷ୍ଟିରୁ ଏଡିସିପିଙ୍କ ନେତୃତ୍ୱରେ ୩ ଜଣ ଏସିପି, ୪୦ଜଣ ପୋଲିସ ଅଧିକାରୀ, ୧୬ ପ୍ଲାଟୁନ ଫୋର୍ସ ସମେତ ବ୍ୟାପକ ସାଦା ପୋଷାକଧାରୀ ପୋଲିସ, ମହିଳା ପୋଲିସ ମୁତୟନ କରାଯାଇଛି।

## '#ମି ଟୁ': ସଚେତନତା ଜାଗ୍ରତ ପାଇଁ ଉଦ୍ଦିଷ୍ଟ

**କଟକ ଅଫିସ, ୨୬।୧୦**

'#ମି ଟୁ' ଆନ୍ଦୋଳନ ସମାଜରେ ଘୃଣା ସୃଷ୍ଟି କରିବା ପାଇଁ ନୁହେଁ, ବରଂ ସଚେତନତା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା କହିଛନ୍ତି। ରୋଟାରୀ କ୍ଲବ ଅଫ କଟକ ମିଲେନିୟମ ପକ୍ଷରୁ ଆୟୋଜିତ ଏ ସଂକ୍ରାନ୍ତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡା କହିଥିଲେ ଯେ, ନାରୀ ଜାତି ପ୍ରତି ହେଉଥିବା ଅମର୍ଯ୍ୟାଦା ଓ ଯୌନଶୋଷଣ ବିରୋଧରେ '#ମି ଟୁ' ଅଭିଯାନ ଏକ ସାମାଜିକ ବିପ୍ଳବର ରୂପ ନେଉଛି। ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ କ୍ଲବର ସଭାପତି ଡ. ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଶିବବ୍ରତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଡଭୋକେଟ ଟହଲି ଚରଣ ମହାନ୍ତି, ଇଂ ରବୀନ୍ଦ୍ର କୁମାର ସାହୁ, ଡା. ଶରତ ଚନ୍ଦ୍ର ଦାଶ, ଡା. କୈଳାସ ଚନ୍ଦ୍ର ସାହୁ, ଡା. ନୀରଦ କୁମାର ଗୋଚ୍ଛାୟତ, ରୋଟାରିଆନ ପ୍ରଦୀପ କୁମାର ମହାନ୍ତି, ରୋଟାରିଆନ ବିଷ୍ଣୁ ଚରଣ ମହାପାତ୍ର, ଅଧ୍ୟାପକ ପ୍ରଭାତ ରଞ୍ଜନ ପରିଡ଼ା, ରୋଟାରିଆନ ଦୀପକ କୁମାର ମହାନ୍ତ, ରୋଟାରିଆନ ସରୋଜକାନ୍ତ ପାଇଟାଳ ପ୍ରମୁଖ '#ମି ଟୁ'ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କ୍ଲବର ସମ୍ପାଦକ ଅଧ୍ୟାପକ ଜ୍ଞାନେନ୍ଦ୍ର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଏବଂ ଆଡଭୋକେଟ ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**କଟକ ଅଫିସ,୨୬।୧୦:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କଟକ–ପାରାଦୀପ ରାସ୍ତା ଶିଖରପୁର ଅଞ୍ଚଳରେ ଶୁକ୍ରବାର ଏକ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କର ସବିଶେଷ ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର କଟକ ସଦର ଥାନା ଅନ୍ତର୍ଗତ ଗବବସ୍ତ ଅଞ୍ଚଳରେ ବୋଲି ଜଣାପଡିଛି। ଏନେଇ ଚାଉଳିଆଗଞ୍ଜ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବ୍ୟକ୍ତି ଜଣକ ଶୁକ୍ରବାର ବାଇକ୍ ପରାଦୀପ–କଟକ ରାସ୍ତାରେ କଟକ ଆଡକୁ ଆସୁଥିଲେ। ସେ ଏକ କାରକୁ ଅତିକ୍ରମ କରି ଆଗକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ଆଗରୁ ଅନ୍ୟ ଏକ କାର ଆସୁଥିଲା। ସେ ହଠାତ୍ ବ୍ରେକ୍ ମାରିଦେବାରୁ ପଛ ପଟୁ ଆସୁଥିବା ଅନ୍ୟ ଏକ ଟ୍ରକ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବା ପରେ ଟ୍ରକ ତାଙ୍କ ହାତ ଉପରେ ଚଢି ଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

# ଆର୍‌ଡିସିଙ୍କୁ ଭେଟିଲା ଭାଜପା

### ଏସ୍‌ସିବିରେ ଅବ୍ୟବସ୍ଥା

**କଟକ ଅଫିସ, ୨୬।୧୦**

ଏସ୍‌ସିବି ମେଡିକାଲରେ ଚିକିତ୍ସା ନ ପାଇ ବହୁ ରୋଗୀ ଫେରୁଛନ୍ତି। ନିଦାନ ବିଭାଗରେ କର୍ମଚାରୀ ଅଭାବ ହେତୁ ସାଧାରଣ ଲୋକମାନଙ୍କର ରକ୍ତ ପରୀକ୍ଷା କରିବା ପାଇଁ ୧୫ ଦିନ ସମୟ ଲାଗିଯାଉଛି। ତାହା ମଧ୍ୟ ଦିନରେ ଗୋଟିଏ ବେଳା ହେଉଥିବାରୁ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ସେହିଭଳି ୧ ମାସ ହେଲାଣି ଏମ୍‌ଡି ସିଟି ସ୍କାନ ମେଶିନ ଅଚଳ ହୋଇପଡ଼ିଥିବା ଯୋଗୁ କିଡ୍‌ନୀ, କର୍କଟ, ହୃଦ୍ ଓ ପକ୍ଷାଘାତ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଏସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଗୁରୁତର ପୀଡ଼ିତ କର୍କଟ ରୋଗୀମାନେ ଠିକ୍ ସମୟରେ ଚିକିତ୍ସା ନ ପାଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଅନ୍ୟପକ୍ଷରେ ଆଚାର୍ଯ୍ୟ ହରିହର ବିଭାଗରେ ସିଟିସ୍କାନ୍‌ର ମଧ୍ୟ ସୁବିଧା ନାହିଁ। ଗୁରୁତର ରୋଗରେ ପୀଡ଼ିତ ରୋଗୀମାନଙ୍କୁ ଏକ୍ସ–ରେ କରିବା ପାଇଁ ମାସ ମାସ ଅପେକ୍ଷା କରିବାକୁ ପଡୁଥିବାରୁ ସେମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏହିସବୁ ଅଭିଯୋଗ କରି କଟକ ନଗର ଜିଲା ଭାଜପା ମହିଳା ମୋର୍ଚ୍ଚା ଶୁକ୍ରବାର ଆର୍‌ଡିସିଙ୍କୁ ଭେଟିଛି। ଦଳ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକଳାପକୁ ଦୃଢ ନିନ୍ଦା କରାଯିବା ସହିତ ଆର୍‌ଡିସିଙ୍କ ହସ୍ତକ୍ଷେପ ଦାବି କରାଯାଇଛି।



କଟକ ନଗର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଆରଡିସିଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଯାଉଥିବା ମହିଳା ପ୍ରତିନିଧି।

### ଡିସେମ୍ବର ସୁଦ୍ଧା ସବୁ ପଞ୍ଚାୟତକୁ ଇଣ୍ଟରନେଟ ସେବା

# ପ୍ରତ୍ୟେକ ଗ୍ରାମରେ ୱାଇଫାଇ ହଟ୍‌ସ୍ପଟ୍

**କଟକ ଅଫିସ, ୨୬।୧୦**


କଟକ ଜିଲାର ୨୯୦ ଗ୍ରାମ ପଞ୍ଚାୟତକୁ ଇଣ୍ଟରନେଟ ସେବା ଯୋଗାଇ ଦିଆଯାଇଛି। ଅବଶିଷ୍ଟ ପଞ୍ଚାୟତଗୁଡ଼ିକୁ ଡିସେମ୍ବର ୩୧ ସୁଦ୍ଧା ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ। ସପ୍ତମ ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକରେ ଟେଲିକମ୍ ବିଭାଗ ଡିଜିଏମ୍ ଏହି କଥା କହିଛନ୍ତି।

ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସବୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଇଣ୍ଟରନେଟ ସେବା ଯୋଗାଇଦେବା ଉପରେ ଏମ୍‌ପି ମହତାବ ଗୁରୁତ୍ୱ ଆରୋପ କରିଥିଲେ। ଟେଲିକମ୍ ଡିଜିଏମ୍ ବୈଠକରେ ଉପସ୍ଥିତ ରହି କହିଥିଲେ ଯେ, ୭ଟି ଟେଲିଫୋନ ଏକ୍ସଚେଞ୍ଜ ମାଧ୍ୟମରେ ଏଫ୍‌ଟିଏଚ୍(ଫାଇବର ଟୁ ହୋମ୍) ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଯୋଗାଇଦେବା ପାଇଁ ୭୦୦ ସଂଯୋଗ କଟକ ସହରରେ ଦିଆଯାଇଛି। ଜିଲାର ପ୍ରତ୍ୟେକ ଗ୍ରାମକୁ ୱାଇଫାଇ ହଟ୍‌ସ୍ପଟ୍ କରିବା ପାଇଁ ଟେଲିକମ୍ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ବୈଠକରୁ ଜଣାପଡିଛି । ସେହିପରି ଜିଲାରେ ଗ୍ରାମାଞ୍ଚଳରେ ଥିବା ବ୍ୟାଙ୍କଗୁଡିକରେ ଅଧିକାଂଶ ସମୟରେ କୋର ବ୍ୟାଙ୍କିଙ୍ଗ ସେବା ବାଧପ୍ରାପ୍ତ ହେଉଛି। ତେଣୁ ଇଣ୍ଟରନେଟ ସେବାର ମାନ ବୃଦ୍ଧି ନିମନ୍ତେ ବିଭାଗୀୟ ଅଧିକାରୀ ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ନେବାକୁ ଏମ୍‌ପି ମହତାବ ପରାମର୍ଶ ଦେଇଥିଲେ। ସେହିପରି ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ଜିଲାରେ ୧୮୪ ସ୍କୁଲରେ ସ୍ମାର୍ଟ କ୍ଲାସ ପାଇଁ ଇଣ୍ଟରନେଟ ସେବା ଯୋଗାଇଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବୈଠକରେ ମଧ୍ୟାହ୍ନ ଭୋଜନ, ମମତା ଯୋଜନା, ମିଶନ ଶକ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯିବା ସହ ସମୀକ୍ଷା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟମାନେ।



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
-କାର୍ଲାଇଲ୍



## ସଂକ୍ଷେପରେ

### ସମିତିସ୍ତରୀୟ ସାମାଜିକ ସମୀକ୍ଷା ଶୁଣାଣି

ନରସିଂହପୁର,୨୬।୧୦(ଡି.ଏନ.ଏ.)- ନରସିଂହପୁର ବ୍ଲକ ଅଧୀନ ସମସ୍ତ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି(ଏମ୍‌ଜିଏନ୍‌ଆର୍‌ଇଜିଏ) ଯୋଜନାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ଶୁଣାଣି ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଅତିରିକ୍ତ ବିଡିଓ ଭରତ ଚନ୍ଦ୍ର ବେହେରା, ସହକାରୀ ଯନ୍ତ୍ରୀ ପ୍ରବୀଣ ବିଶ୍ୱାଳ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଭାରତୀ ସାହୁ, ବିଏସ୍‌ଏଫ୍ ମମତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ। ଚଳିତ ବର୍ଷ ପଞ୍ଜୀକରଣ ହୋଇଥିବା ୧୨ ହଜାର ୯ଶହ ୭୧ ପରିବାରର ୨୯ ହଜାର୧୫୩ ଜବ୍ କାର୍ଡଧାରୀଙ୍କୁ କାମ ଯୋଗାଇ ଦିଆଯାଇଛି। ଚଳିତ ବର୍ଷରେ ବିଭିନ୍ନ ଗ୍ରାମରେ ଶ୍ରମଦିବସ ୨ଲକ୍ଷ ୬୧ ହଜାର ୪୫୭ ଦିନ ସୃଷ୍ଟି କରାଯାଇଥିବା ବେଳେ ୧୦୦ ଦିନ ଧରି ୩ ଜଣ ବ୍ୟକ୍ତି କାର୍ଯ୍ୟ କରିଥିଲେ। ଚଳିତବର୍ଷ ୨୬୯୨ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଆଲୋଚନା ହୋଇଥିଲା। ଏଥିରେ ମୋ ପୋଖରୀ, ମୋ କୂପ, ଗ୍ରାମ ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟ, ଗ୍ରାମ ସଡକ ଓ ଅଙ୍ଗନୱାଡି ସମେତ ବହୁ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ୨୦୧୭-୧୮ ବର୍ଷରେ ମୋଟ ୭ କୋଟି ୨୧ ଲକ୍ଷ ୨୦ ହଜାର ଟଙ୍କା ବିଭିନ୍ନ କାର୍ଯ୍ୟରେ ବ୍ୟୟ କରାଯାଇଥିବା ବେଳେ ଚଳିତ ବର୍ଷ ପାଇଁ ତାହା ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି ବୋଲି କୁହାଯାଇଛି। ବନପାଳ ଭାଗ୍ୟଶ୍ରୀ ଦାସ, ବାମନ ଚରଣ ରାଉତ ଉପସ୍ଥିତ ରହି ଜଙ୍ଗଲ ବିଭାଗରେ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ହିତାଧିକାରୀ, ଜିଆରଏସ୍, ଭିଏଲ୍‌ଡବ୍ଲ୍ୟୁ ଓ ଭିଆରପିଙ୍କ ସମେତ ମାନସ ରଞ୍ଜନ ଦାଶ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତି ଥିଲେ।

# ୩ ବର୍ଷରେ ପୋତାଯାଇଛି ୭୦ ମୃତଦେହ

**ଏସ୍‌ସିବି ମେଡିକାଲ**

- ୭୦ ମୃତଦେହକୁ ମେଡ଼ିକାଲ କଲେଜର ଆନାଟୋମି ବିଭାଗକୁ ଦିଆଯାଇଛି
- ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀଙ୍କୁ ନେଇ ଏବେ ବିବାଦୀୟ ପରିସ୍ଥିତି ଉପୁଜିଛି

କଟକ ଅଫିସ, ୨୬।୧୦

୨୦୧୩ ଜାନୁୟାରୀ ପହିଲାରୁ ୨୦୧୫ ଡିସେମ୍ବର ୧୪ ତାରିଖ ମଧ୍ୟରେ ଏସ୍‌ସିବି ମେଡିକାଲରେ ୭୦ ଅପରିଚିତଙ୍କ ମୃତଦେହ ପୋତାଯାଇଛି। ଏହି ମୃତଦେହଗୁଡ଼ିକୁ ଗଭୀର ଗାତ ଖୋଳାଯାଇ ପୋତାଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି। ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ସୂଚନା ଅଧିକାର ଆଇନ ବଳରେ ମାଗିଥିବା ତଥ୍ୟରେ ମେଡିକାଲ ପକ୍ଷରୁ ଏହି କଥା କୁହାଯାଇଛି। ସୂଚନାଥାଉକି, ଏସ୍‌ସିବିରେ ଅସହାୟ ଓ ଅପରିଚିତ ରୋଗୀଙ୍କୁ ନେଇ ଏବେ ଏକ ବିବାଦୀୟ ପରିସ୍ଥିତି ଉପୁଜିଛି। ଗତ ରବିବାର ମେଡିକାଲ ପରିସରରେ ଜଣେ ଅସହାୟ ରୋଗୀ ଚିକିତ୍ସା ନ ପାଇ ପ୍ରାଣ ହରାଇବା ଘଟଣା ସାଧାରଣରେ ଆଲୋଡନ ଖେଳାଇଛି। କେବଳ ଏହି ଗୋଟିଏ ଘଟଣା ନୁହେଁ ଏହିଭଳି ଅନେକ ଘଟଣା ଦୈନିକ ମେଡିକାଲରେ ଘଟୁଛି। ତେବେ ଅସହାୟ ଓ ଅପରିଚିତଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ କୁଆଡେ ଯାଉଛି ବୋଲି ସାମାଜିକ କର୍ମୀ ସାହୁ ଜାଣିବାକୁ ଚେଷ୍ଟା କରିଥିଲେ। ମେଡିକାଲ ପକ୍ଷରୁ କୁହାଯାଇଛି ଯେ, ଯେଉଁ ଅପରିଚିତ ରୋଗୀମାନେ ରୋଗରେ (ଦୁର୍ଘଟଣାଗ୍ରସ୍ତ ନୁହେଁ) ପ୍ରାଣ ହରାଉଛନ୍ତି ସେମାନଙ୍କ ମୃତଦେହକୁ ଡାକ୍ତରୀ ପିଲାଙ୍କ ପାଠ ପଢିବା ପାଇଁ ବ୍ୟବହାର କରାଯାଇଥାଏ। ଏହି କ୍ରମରେ ଉପରୋକ୍ତ ସମୟ ମଧ୍ୟରେ ୭୦ଟି ମୃତଦେହକୁ ମେଡିକାଲ କଲେଜର ଆନାଟୋମି ବିଭାଗକୁ ଦିଆଯାଇଛି। ସେଠାରେ ମେଡିକାଲ ଛାତ୍ରୀଛାତ୍ର ପାଠ ପଢିସାରିବା ପରେ ମୃତଦେହଗୁଡ଼ିକୁ ଗଭୀର ଗାତ ଖୋଳି ପୋତି ଦିଆଯାଇଛି। ତେବେ ଗୋଟିଏ ବି ମୃତଦେହ କୌଣସି ଘରୋଇ ମେଡିକାଲ କଲେଜକୁ ଦିଆଯାଇ ନ ଥିବା ଏହି ତଥ୍ୟରେ ମେଡିକାଲ ପକ୍ଷରୁ ଦର୍ଶାଯାଇଛି। ହେଲେ ସାମାଜିକ କର୍ମୀ ସାହୁ ଏଭଳି ଘଟଣା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ ମତରେ ଯେଉଁ ଅସହାୟ ରୋଗୀଙ୍କ ମୃତଦେହକୁ ପାଠପଢାରେ ବିନିଯୋଗ କରାଯାଉଛି ସେମାନଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ଉଦ୍ୟମ କରୁନାହାନ୍ତି। ଏସ୍‌ସିବିରେ ଅସହାୟ ରୋଗୀମାନଙ୍କୁ ମଣିଷ ଭଳି ବ୍ୟବହାର କରାଯାଉନାହିଁ। ଅସହାୟ ରୋଗୀଙ୍କ କ୍ଷେତ୍ରରେ ଏଠାରେ ପ୍ରତି ମୁହୂର୍ତ୍ତରେ ମାନବାଧିକାର ଉଲ୍ଲଂଘନ କରାଯାଉଛି। ଏ ସମ୍ପର୍କରେ ସାହୁ ପୂର୍ବରୁ ରାଜ୍ୟ ମାନବାଧିକାର କମିଶନ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଜୁଲାଇ ୨୫ ତାରିଖରେ ତତ୍କାଳୀନ ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ବୀରକିଶୋର ମିଶ୍ର ଏସ୍‌ସିବିକୁ ଆସି ନିଜ ଆଖିରେ ଅସହାୟଙ୍କ ଦୁର୍ଦ୍ଦଶା ଦେଖିଥିଲେ। ତୁରନ୍ତ ଅସହାୟଙ୍କ ନିମନ୍ତେ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତିମଧ୍ୟରେ ୩ ମାସ ବିତିଥିଲେ ମଧ୍ୟ ଏ କ୍ଷେତ୍ରରେ କୌଣସି ସମାଧାନ କରାଯାଇ ନାହିଁ। ଫଳରେ ଆଉଥରେ ସାହୁ କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା କୁହନ୍ତି, ଆମେ ୫ଟି ବିଭାଗରେ ସ୍ୱତନ୍ତ୍ର ଡେଷ୍ଟିଚ୍ୟୁଟ ୱାର୍ଡ ଖୋଲିବା ପାଇଁ ବ୍ୟବସ୍ଥା କରିଛୁ। ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା କରାଯିବ।

## ଦୁର୍ନୀତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ଭାଜପା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

କଟକ ସଦର, ୨୬।୧୦(ଡି.ଏନ୍.ଏ.)

କଟକ ସଦର ବ୍ଲକରେ ପିସି କାରବାର, ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ବିରୋଧ କରି ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶୁକ୍ରବାର ଦଳୀୟ ସାଧାରଣ ସମ୍ପାଦକ ଦିଲ୍ଲୀପ ମଲ୍ଲିକ କହିଛନ୍ତି। କନ୍ଦରପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ କର୍ତ୍ତୃପକ୍ଷ କେନ୍ଦ୍ରୀୟ ଯୋଜନାର ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛ ଭାରତ ଯୋଜନାର ପାଇଖାନା ନିର୍ମାଣରେ ପକ୍ଷପାତ ନୀତି ଅବଲମ୍ବନ କରିଛନ୍ତି। କାଠଯୋଡି ଓ ମହାନଦୀ ଘାଟରୁ ବେଆଇନ ବାଲି ଉଠାଣ, ବିଦ୍ୟାଳୟରେ ଶିକ୍ଷକ ଅଭାବ, କନ୍ଦରପୁର ଓ ୪୨ ମୌଜାରୁ ସିଟି ବସ ଚଳାଚଳ ବନ୍ଦ, ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ନ ହେବା, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ପ୍ରକଳ୍ପ ତାଲିକାରେ ଦୁର୍ନୀତି ହୋଇଥିବା ମଲ୍ଲିକ କହିଛନ୍ତି। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଅକ୍ଟୋବର ୩୦ରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ନିର୍ମଳ ଦାସ, ରବିନାରାୟଣ ମହାପାତ୍ର, ପ୍ରସନ୍ନ ପ୍ରଧାନ, ବିଶ୍ୱନାଥ ବଡ଼ିଆ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଲଳିତଗିରିରେ ପହଞ୍ଚିଥିବା ବିଦେଶୀ ବୌଦ୍ଧ ଭିକ୍ଷୁ।

## ଲଳିତଗିରିରେ ୩୦୦ ବିଦେଶୀ ବୌଦ୍ଧ ଭିକ୍ଷୁ

ମାହାଙ୍ଗା/ଲଳିତଗିରି,୨୬।୧୦(ସ୍ୱ.ପ୍ର.)

ବିଶ୍ୱପ୍ରସିଦ୍ଧ ଲଳିତଗିରି ବୌଦ୍ଧପୀଠରେ ୧୦ ଦେଶର ୩୦୦ ବିଦେଶୀ ବୌଦ୍ଧ ଭିକ୍ଷୁ ଶୁକ୍ରବାର ଅପରାହ୍ନରେ ପହଞ୍ଚିଛନ୍ତି। ଏମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୨୪ ତାରିଖରେ ଏମାନେ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଥମେ ଧଉଳିଗିରି ବୌଦ୍ଧପୀଠ ଓ ଖଣ୍ଡଗିରି ବୌଦ୍ଧପୀଠ ପରିଭ୍ରମଣ କରିଥିଲେ। ସେଠାରୁ ପରିବେଶ ସୁରକ୍ଷା, ପୁରୁଷ ଓ ମହିଳାଙ୍କ ମଧ୍ୟରେ ସମାନତା ଏବଂ ଦେଶର ସ୍ଥାୟୀ ବିକାଶ ଉଦ୍ଦେଶ୍ୟ ନେଇ ଷୋଡଶ ପଦଯାତ୍ରାରେ ବାହାରି ସ୍ୱର୍ଣ୍ଣ ତ୍ରିଭୂଜ ବୌଦ୍ଧପୀଠ ଲଳିତଗିରିରେ ପହଞ୍ଚିଛନ୍ତି। ଅଞ୍ଚଳବାସୀ ସେମାନଙ୍କୁ ଓଳାଶୁଣି ଛକରୁ ଲଳିତଗିରି ହାଇସ୍କୁଲକୁ ପାଛୋଟି ନେଇଥିଲେ। ଶନିବାର ଲଳିତଗିରି ବୌଦ୍ଧପୀଠ ଓ ମ୍ୟୁଜିୟମ ପରିଭ୍ରମଣ କରି ବୌଦ୍ଧ ପର୍ଯ୍ୟଟନସ୍ଥଳୀ ରତ୍ନଗିରି ଓ ଉଦୟଗିରି ଅଭିମୁଖେ ଯାତ୍ରା ଆରମ୍ଭ କରିବା ସହ ଏହି ବୌଦ୍ଧସ୍ଥଳୀଗୁଡିକର କିପରି ବିକାଶ କରାଯାଇପାରିବ ସେଥିନେଇ ପ୍ରୟାସ ଜାରି ରଖିବେ। ବିଶ୍ୱସ୍ତରୀୟ ପେଲ୍ ଦୁପକା ଚାରି ଟେବୁଲ ଟ୍ରଷ୍ଟର ମୁଖ୍ୟ ହୋଲିନେସ୍ ୱାନଚୋ ଓ ରବି ଠାକୁରଙ୍କ ନେତୃତ୍ୱରେ ଏମାନେ ଷୋଡ଼ଶ ପଦଯାତ୍ରାରେ ଆସି ଲଳିତଗିରିରେ ପହଞ୍ଚିଥିବା ଜଣାପଡ଼ିଛି। ଲଳିତଗିରି ଗ୍ରାମବାସୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ମଧୁସୂଦନ ଦାସ, ଖବରଦାତା ଭକ୍ତଚରଣ ସାହୁ, ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ସଦସ୍ୟ, ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ, ବାଲିଚନ୍ଦ୍ରପୁର ଆଇଆଇସି ରାକେଶ ତ୍ରିପାଠୀ, ପରିବେଶବିତ୍ ପି.ଭି.ଏସ. ପୃଷ୍ଟି, ସାମାଜିକ କର୍ମୀ ସତ୍ୟାନନ୍ଦ ମଲ୍ଲିକ, ରୁଦ୍ର ନାରାୟଣ ସିଂହ ଓ ପ୍ରକାଶ ଚନ୍ଦ୍ର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ବୌଦ୍ଧ ଭିକ୍ଷୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ଗାଁ କଲ୍ୟାଣ ସମିତି ବୈଠକ

ମାହାଙ୍ଗା,୨୬।୧୦(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସରପଞ୍ଚ ନିରୁପମା ମହାପାତ୍ରଙ୍କ ସଭାପତିତ୍ୱରେ ଗ୍ରାମ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଞ୍ଚାୟତର ଗାଁ କଲ୍ୟାଣ ସମିତି କାର୍ଯ୍ୟକାରିତା ଏବଂ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମଗୁଡିକରେ ପରିମଳ ସ୍ୱଚ୍ଛତା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥିଭାବେ ଯୁବନେତା ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ମନୋଜ ମହାରଣା ଯୋଗ ଦେଇ ସରକାରଙ୍କ ବିଭିନ୍ନ ଅନୁଦାନ ଓ ଯୋଜନାଗୁଡିକ କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ବେହେରା, ନାଏବ ସରପଞ୍ଚ ରଞ୍ଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛତା ଓ ପରିମଳ ଉପରେ କାର୍ଯ୍ୟ କରିଥିବା ରବୀନ୍ଦ୍ର ନାଥ ଦାଶ, କୁସୁମଲତା ଜଟ, ନାରାୟଣ ବେହେରା, ସୁକାନ୍ତ ମହାପାତ୍ର, ଆରତୀ ବାରିକ, ହରେକୃଷ୍ଣ ପ୍ରଧାନ, ହୃଷୀକେଶ ପ୍ରଧାନ, ବିଜୟ ମଳିକ ଓ ବୀରବର ବେହେରା ପ୍ରମୁଖଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

### ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ଥିଲେ ଗଣକବି

ମାହାଙ୍ଗା, ୨୬।୧୦(ସ୍ୱ.ପ୍ର.)

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ପାଣି ସାହିତ୍ୟ ସଭାର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଛି। ଆନନ୍ଦପୁର ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଗଣକବି ବୈଷ୍ଣବ ପାଣି ଗୀତିନାଟ୍ୟ ଜଗତର କାଳଜୟୀ ସ୍ରଷ୍ଟା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ ସଭାରେ ସଭାପତିତ୍ୱ କରିଥିଲେ। ରାଜକିଶୋର ଜେନା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଗବେଷକ ଡ. କ୍ଷୀରୋଦ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥିଭାବେ ଭିନ୍ନକ୍ଷମ କମିଶନର ମିନତୀ ବେହେରା, ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ, ସମ୍ମାନିତ ବକ୍ତା କୃଷ୍ଣ କୁମାର ମିଶ୍ର, ସରପଞ୍ଚ ଲଳିତମୋହନ ମହାପାତ୍ର ଓ ସମିତିସଭ୍ୟ ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ଗଣକବିଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। କବି ବିଶ୍ୱେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଂସଦ ସମ୍ପାଦକ ହୃଷୀକେଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଆ ସାହିତ୍ୟରେ ଗୋଦାବରୀଶ ମିଶ୍ରଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ): ଗୋଦାବରୀଶ ସାହିତ୍ୟ ସଂସଦର ୬୧ତମ ବାର୍ଷିକ ଉତ୍ସବ ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୨ତମ ଜୟନ୍ତୀ ଅବସରରେ ଏକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଦାବରୀଶ ସାହିତ୍ୟ ସଂସଦର ସଭାପତି ବିନୋଦ ବିହାରୀ ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟଙ୍କୁ 'ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ସୁବାସ ଚନ୍ଦ୍ର ମହାପାତ୍ର, ଗାୟତ୍ରୀ ତ୍ରିପାଠୀ, ରଜନୀକାନ୍ତ ପଟ୍ଟନାୟକ, ଡ. ରାମଚନ୍ଦ୍ର ମହାନ୍ତି, ବିଦେଶୀ ଭଞ୍ଜ, ରବି ମହାପାତ୍ର, ପ୍ରତିମା ଦାସ, ବଂଶୀଧର ସେଠୀ ଏବଂ କିର୍ତ୍ତିମୟୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

### ବିଶ୍ୱାବସୁ ଶବର ସମାଜର ବନ୍ଧୁମିଳନ

ସାଲେପୁର,୨୬।୧୦(ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ମଧକଚ୍ଛ ପଞ୍ଚାୟତ ଅଧୀନ ଝାଡଖଣ୍ଡୀ ଶବରସାହିରେ ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନ ପକ୍ଷରୁ ଝାଡଖଣ୍ଡୀ ପୀଠସ୍ଥଳୀରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ପରିକ୍ଷିତ ଦେହୁରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଧରଣୀଧର ଦେହୁରି, ବଂଶୀଧର ଦେହୁରି, ସତ୍ୟାନନ୍ଦ ଦେହୁରୀ, ଶିବରାମ ଦେହୁରି, ରୀତ ଦେହୁରି, ସୁଦର୍ଶନ ଦେହୁରି, ଧ୍ରୁବଚରଣ ଦେହୁରି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ଶାଗୁଆନ କାଠ ଜବତ

ଆଠଗଡ଼,୨୬।୧୦(ସ୍ୱ.ପ୍ର.)

ଆଠଗଡ଼ ବନାଞ୍ଚଳ ଅଧୀନ ଧାଇପୁର ଗ୍ରାମରୁ ପ୍ରାୟ ୬୦ ହଜାର ଟଙ୍କା ମୂଲ୍ୟର ଶାଗୁଆନ କାଠକୁ ବନ ବିଭାଗ ଶୁକ୍ରବାର ଚଢ଼ାଉ କରି ଜବତ କରିଛି। ଜବତ କାଠଗୁଡ଼ିକ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖସ୍ଥ ଖୋଲାସ୍ଥାନରେ ଗଦା ହୋଇଥିଲା। ଏହାର କେହି ଦାବିଦାର ନ ଥିଲେ। ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ସକାଳେ ଏହି ଚଢ଼ାଉ କରାଯାଇଥିଲା। ଆଠଗଡ଼ ବନାଞ୍ଚଳର ସଦର ଫରେଷ୍ଟର ରାକେଶ ଦଳାଇ, ରାଜନଗର ଫରେଷ୍ଟର ପ୍ରଶାନ୍ତ ପରିଡ଼ା, ଲମ୍ବୋଦର ନାୟକ, ପ୍ରଦୀପ ସାହୁ ଓ ପ୍ରମୋଦ ସାହୁଙ୍କ ସମେତ ବନ ବିଭାଗ ଭ୍ରାମ୍ୟମାଣ ସ୍କ୍ୱାଡ୍ ଏବଂ ପୋଲିସ ଏପିଆର ଫୋର୍ସ ଚଢ଼ାଉରେ ସାମିଲ ହୋଇଥିଲେ।

### ଇଲିଆନା ଚିତାରିସ୍ତିଙ୍କୁ 'ସୁରେଶ ସୃଜନ ସମ୍ମାନ'

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

ଓଡ଼ିଶାରେ ଲୋକସଂସ୍କୃତି ଓ ପରମ୍ପରାର ବିସ୍ତୃତ ଇତିହାସ ସ୍ୱୀକାର୍ଯ୍ୟ। ଆମ ରାଜ୍ୟରେ ଲୋକ ସଂସ୍କୃତି ଗବେଷଣାର ବ୍ୟାପକ ଅବସର ରହିଛି ବୋଲି ବିଶିଷ୍ଟ ସଂସ୍କୃତି ଗବେଷକ ଡ. ମନ୍ମଥ କୁମାର ଶତପଥୀ କହିଛନ୍ତି। ଶୁକ୍ରବାର ରାଜ୍ୟ ଅଭିଲେଖାଗାରଠାରେ ସୁରେଶ ବଳବନ୍ତରାୟ ସ୍ମାରକ ବକ୍ତୃତା ପ୍ରଦାନ କରି ଡ. ଶତପଥୀ 'ଓଡ଼ିଶାରେ ଲୋକ ସଂସ୍କୃତି ପରମ୍ପରା' ଉପରେ ଆଲୋଚନା କରିଥିଲେ। ଲୋକ ସଂସ୍କୃତି ବିଶେଷଜ୍ଞ ସ୍ୱର୍ଗୀୟ ସୁରେଶ ବଳବନ୍ତରାୟଙ୍କ ୬୪ତମ ଜୟନ୍ତୀ ଅବସରରେ ସୁରେଶ ବଳବନ୍ତରାୟ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନ ପକ୍ଷରୁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ତଥା ସଂସ୍କୃତି ଗବେଷକ ପଦ୍ମଶ୍ରୀ ଡ. ଇଲିଆନା ଚିତାରିସ୍ତିଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଥିଲା।

## ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ କେନ୍ଦ୍ରୀୟ ସଚିବ

ଭୁବନେଶ୍ୱର, ୨୬।୧୦ (ବ୍ୟୁରୋ)



କେନ୍ଦ୍ରୀୟ ସଚିବ ଓ ଅନ୍ୟ ଅଧିକାରୀମାନେ ଶହୀଦ ନଗର ସ୍ମାର୍ଟ ପାର୍କକୁ ବୁଲି ଦେଖୁଛନ୍ତି।

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦୁର୍ଗା ଶଙ୍କର ମିଶ୍ର ଏବଂ ଅତିରିକ୍ତ ସଚିବ ତଥା ଅମୃତ ମିଶନ ନିର୍ଦ୍ଦେଶକ ଶିବ ଦାଶ ମେନା ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍)ର ପରିଚାଳନା ନିର୍ଦ୍ଦେଶକ କ୍ରିଷନ କୁମାର, ବିଏସ୍‌ସିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍. ଭିନିଲ୍ କ୍ରିଷ୍ଣା, ବିଏମ୍‌ସି ଅତିରିକ୍ତ କମିଶନର ଶୁଭମ୍ ସେକ୍‌ସେନା ଏବଂ ରାଜ୍ୟ ଅମୃତ ମିଶନ ନିର୍ଦ୍ଦେଶକ ପି. କେ. ଝା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ସଚିବ ଶହୀଦନଗର ସ୍ମାର୍ଟପାର୍କକୁ ଯାଇ ବୁଲି ଦେଖିଥିଲେ। ପାର୍କରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ଥିବା ପାନୀୟଜଳ ବ୍ୟବସ୍ଥା, ପିଲାଙ୍କ ଖେଳାନା ଉପକରଣ, ଓପନ୍ ଜିମ୍ ସେଣ୍ଟର ଏବଂ ଇ-ଟଏଲେଟ୍‌କୁ ବୁଲି ଦେଖିଥିଲେ। ସେହିପରି ସ୍ମାର୍ଟ ଜନପଥକୁ ଯାଇ କାର୍ଯ୍ୟ ଦେଖିଥିଲେ। ପରେ ସଚିବଦ୍ୱୟ ଖାରବେଳନଗରରରେ ଥିବା ସୋସିଆଲ ଇକ୍ୟୁଇଟି ସେଣ୍ଟର(ଏସ୍‌ଇସି)ରେ ଗୃହହୀନଙ୍କ ପାଇଁ ନିର୍ମାଣ ହୋଇଥିବା କୋଠା ଏବଂ ଭୁବନେଶ୍ୱର ଅପରେଟିଂ ସେଣ୍ଟର ପରିଦର୍ଶନ କରିବା ସହିତ ସ୍ମାର୍ଟସିଟି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଅଧିକାରୀ ଏସ୍. ଲକ୍ଷ୍ମୀପତି ସଚିବଙ୍କୁ ପିପିପି ମୋଡ୍‌ରେ କିପରି ଆଇଆଇଟି ଭୁବନେଶ୍ୱର ଏବଂ ନାଇଜରକୁ ପାନୀୟ ଜଳ ଯୋଗାଣ କରାଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା




କଣ୍ଡରେଇ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା।

କଣ୍ଟାପଡ଼ା/ ଖୁଣ୍ଟୁଣୀ, ୨୬।୧୦ (ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଡିମିରି ଓ ଉତ୍ତାରଣ ପଞ୍ଚାୟତରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଉତ୍ତାରଣ ପଞ୍ଚାୟତର ଭୋଗେଶ୍ୱର ମନ୍ଦିରଠାରୁ ଉତ୍ତାରଣ ସରପଞ୍ଚ ମନସ୍ୱିନୀ କାନୁନ୍‌ଗୋ, ସମିତିସଭ୍ୟ ଭାରତୀ ପରିଜା, କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଅମର ରାଉତରାୟ, ପୂର୍ବତନ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ କାନୁନ୍‌ଗୋ, ପ୍ରମୋଦ ଜେନା, ସୁଧୀର ଜେନା, ଆଶୁତୋଷ ଭୋଇ, କାଳନ୍ଦୀ ଭୋଇ, ରବି ମହାପାତ୍ର, ଟୁନି ଭୋଇ ଓ ଧର୍ମବୀର କାନୁନ୍‌ଗୋଙ୍କ ସମେତ ବହୁ ବିଜେଡି କର୍ମୀ ଉଭୟ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ବିଭିନ୍ନ ଗ୍ରାମରେ ପଦଯାତ୍ରା ବେଳେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କନ୍ଦଳ ହନୁମାନ ମନ୍ଦିର ନିକଟରେ ପଦଯାତ୍ରା ଉଦ୍‌ଯାପିତ ହୋଇଥିଲା।

ସେହିପରି ଆଠଗଡ ବ୍ଲକ କଣ୍ଡରେଇ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ କଣ୍ଡରେଇ ସରପଞ୍ଚ ରୋଜାଲିନ ବେହେରା, ସମିତି ସଭ୍ୟା ପୁଷ୍ପାଞ୍ଜଳି ଦାସ, ପଞ୍ଚାୟତ ସଭାପତି ହୃଷୀକେଶ ପରିଡା, ୨ନଂ. ଜିଲା ପରିଷଦ ସଦସ୍ୟ କୋବ ଚନ୍ଦ୍ର ଦଳେଇ, ନୃସିଂହ ସାହୁ, ଆଲୋକ ସାହୁ, ମାମୁନି ରାଉତ, ଯୁବ ସଙ୍ଗଠକ ଜ୍ଞାନରଞ୍ଜନ ଦାସ, ଅଜୟ ବେହେରା ଓ କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ପଦଯାତ୍ରା ସତ୍ୟନାରାୟଣପୁର ଗ୍ରାମରୁ ବାହାରି କଣ୍ଡରେଇ, ସାବିତ୍ରୀପୁର ଦେଇ ଅନନ୍ତପୁରଠାରେ ଶେଷ ହୋଇଥିଲା।


## ନଭେମ୍ବର ପହିଲାରୁ କାୟାକଳ୍ପ ମୂଲ୍ୟାୟନ

ଭୁବନେଶ୍ୱର, ୨୬।୧୦(ବ୍ୟୁରୋ)

- ସରକାରୀ ଡାକ୍ତରଖାନାରେ ପରିଚ୍ଛନ୍ନତା, ସଂକ୍ରମଣ ନିୟନ୍ତ୍ରଣ ଲାଗି ଦିଆଯିବ ପୁରସ୍କାର
- ୭୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଲେ ଯୋଗ୍ୟ ବିବେଚିତ ହେବେ

ସରକାରୀ ଡାକ୍ତରଖାନାଗୁଡିକରେ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଏବଂ ସଂକ୍ରମଣ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା କାୟାକଳ୍ପ ପୁରସ୍କାର ଲାଗି ଆସନ୍ତା ନଭେମ୍ବର ପହିଲାରୁ ମୂଲ୍ୟାୟନ ଆରମ୍ଭ ହେବ। ନଭେମ୍ବର ୨୫ ପର୍ଯ୍ୟନ୍ତ ଡାକ୍ତରଖାନାଗୁଡ଼ିକରେ ମୂଲ୍ୟାୟନ ଚାଲିବ। ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ଅଧିକାରୀଙ୍କ ଉପସ୍ଥିତିରେ ବାହ୍ୟ ସମୀକ୍ଷକମାନଙ୍କୁ ନେଇ ଶୁକ୍ରବାର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଏହି ସୂଚନା ଦିଆଯାଇଛି।

ବୈଠକରେ କୁହାଯାଇଛି ଯେ, ମୂଲ୍ୟାୟନ ସମୟରେ ଯେଉଁ ସରକାରୀ ଡାକ୍ତରଖାନା ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ୭୦% କିମ୍ବା ତା'ଠାରୁ ଅଧିକ ନମ୍ବର ରଖିବେ ସେହି ଡାକ୍ତରଖାନାଗୁଡ଼ିକ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ। ୨୦୧୫ରୁ ଦିଆଯାଉଥିବା ଏହି ପୁରସ୍କାର ଲାଗି ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୫୦ ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୨୦ ଲକ୍ଷ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୩ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ସେହିପରି ଉପଖଣ୍ଡ, ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଡାକ୍ତରଖାନାକୁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନରେ ରହିଲେ ୧୦ ଲକ୍ଷ ଏବଂ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। କାୟାକଳ୍ପ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରାଥମିକ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଡାକ୍ତରଖାନାଗୁଡିକୁ ବାହ୍ୟ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା କରାଯାଏ। ପରେ ରାଜ୍ୟସ୍ତରୀୟ କ୍ୱାଲିଟି ଆସ୍ୟୁରାନ୍ସ ସମୀକ୍ଷା ବୈଠକରେ ଚୟନ କରାଯାଇଥାଏ।



"ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍



## ସଂକ୍ଷେପରେ

### ବିଷ ଦେଇ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ବୋଲଗଡ,୨୬।୧୦(ଡି.ଏନ.ଏ.):** ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ପୋଲିସ ଜଣେ ବଧୂଙ୍କୁ ବିଷଦେଇ ହତ୍ୟା ଅଭିଯୋଗରେ ଶୁକ୍ରବାର ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ଅଭିଯୁକ୍ତ ହେଉଛନ୍ତି ବେଗୁନିଆ ଥାନା ବାୟାପଲ୍ଲୀ ଗ୍ରାମର ଟୁକୁନା ସାମନ୍ତରାୟ(୨୩)। ମୃତ ବଧୂ ରଶ୍ମିତାଙ୍କ ପିତା ମାନସ ମାନସିଂଙ୍କ ଅଭିଯୋଗ କ୍ରମେ ବୋଲଗଡ଼ ଥାନା ପୋଲିସ କେସ୍ ନଂ ୧୧୧/୧୮ରେ ଏକ ଯୌତୁକଜନିତ ବଧୂ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁସାରେ ୨ ବର୍ଷ ତଳେ ଟୁକୁନା ବାଙ୍କୋଇ ଫାଣ୍ଡିସ୍ଥିତ ହରିକେଶର ଗ୍ରାମର ମାନସଙ୍କ ଝିଅ ରଶ୍ମିତାଙ୍କୁ ପ୍ରେମବିବାହ କରିଥିଲେ। ବିବାହ ପରେ ରଶ୍ମିତା, ସ୍ୱାମୀ ଓ ଏକ ପୁତ୍ର ସନ୍ତାନ ସହିତ ରାଜସୁନାଖଳା କାଉଁରୀପାଟଣା ସାହିର ଏକ ଭଡାଘରେ ରହୁଥିଲେ। ଏହାପରେ ଟୁକୁନାଙ୍କ ପରିବାରର ଦାବି ଅନୁସାରେ ରଶ୍ମିତାଙ୍କ ପିତା ୫୦ ହଜାର ଟଙ୍କା ଦେଇଥିଲେ। ଗୁରୁବାର ରାତିରେ ରଶ୍ମିତା ଅସୁସ୍ଥ ହୋଇ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଖବର ପାଇ ମାନସଙ୍କ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ତେବେ ଅଧିକ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ମଧ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରଶ୍ମିତାଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ ନେଇ ମାନସ ବୋଲଗଡ଼ ଥାନାରେ ଲିଖିତ ଏତଲା ଦେଇଥିଲେ। ଟୁକୁନାଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରଶ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ରାତି ଉଜାଗର ରହି ହାତୀ ଘଉଡ଼ା

**ଖୋର୍ଦ୍ଧା ଅଫିସ,୨୬।୧୦:** ଦେଉଳି ଓ ଦଲକରେ ହାତୀ ଉପଦ୍ରବକୁ ରୋକିବାକୁ ଚାଷୀ ରାତି ଉଜାଗର ରହି ଘଉଡାଇବାକୁ ଚେଷ୍ଟା କରୁଛନ୍ତି। ହେଲେ ହାତୀ କିଛି ନ ଶୁଣି ଧାନ ଫସଲ ନଷ୍ଟ କରି ଚାଲିଛି। ସେହିପରି ଉପରୋକ୍ତ ଦୁଇ ଗାଁରେ ବିଭିନ୍ନ ସମୟରେ ହାତୀ ପଶି ବାରିପଟ ପ୍ରାଚୀର ଓ ବଗିଚା ନଷ୍ଟ କରୁଛି। ଗୁରୁବାର ରାତିରେ ଗୌତମ ପାଇକରାୟଙ୍କର ୬ ଗୁଣ୍ଠ, ବରୁଣ ପାଇକରାୟଙ୍କ ୨ ବଖରା, ଗୁଣନାଥ ଖୁଣ୍ଟିଆ, ହେମନ୍ତ ପାଇକରାୟଙ୍କ ୪ ଗୁଣ୍ଠ ଫସଲ ନଷ୍ଟ କରିଛି।

### ଜନସମ୍ପର୍କ ପଦଯାତ୍ରା

**ଟାଙ୍ଗୀ(ଖୋର୍ଦ୍ଧା),୨୬।୧୦(ଡି.ଏନ.ଏ.):** ଚିଲିକା ନିର୍ବାଚନମଣ୍ଡଳୀର ସୋରଣ ଓ ମାନସିଂହପୁର ଗ୍ରାମପଞ୍ଚାୟତ ତରଫରୁ ଶୁକ୍ରବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିଂହପୁର ବରୁଣପଡ଼ାର ମା' କାଳୀଜାଈ ମନ୍ଦିରଠାରୁ ପଦଯାତ୍ରା ବାହାରି ହନୁମନ୍ତଦେଇ ରାଧାମୋହନପୁରଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ବରପାଟଣା, ଚମ୍ପାଦେଈପୁର, ବଡଡିହ ଓ ହଂସରାଡି ଗ୍ରାମରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ କର୍ମୀ ଓ ସମର୍ଥକମାନେ ସଂକଳ୍ପ ନେଇଥିଲେ। ଚିଲିକା ବ୍ଲକ୍ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ମହେଶ ବିଶ୍ୱାଳ, ସୋରଣ ପଞ୍ଚାୟତ ସଭାପତି ସଉରୀ ବିଶ୍ୱାଳ ପ୍ରମୁଖ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା

**ବାଲୁଗାଁ,୨୬।୧୦(ଡ଼ି.ଏନ.ଏ.):** ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ କୁବେର କୁମାର ପାଢ଼ୀଙ୍କ ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପାଢ଼ୀ ବାଲୁଗାଁ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ୧୯୯୪ ରେ ସେ ତତ୍କାଳୀନ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଶୁକ୍ରବାର ତାଙ୍କର ଦ୍ୱାଦଶାହରେ ସ୍ଥାନୀୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ମୃତିସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ସମ୍ମାନିତ ଅତିଥିଭାବେ ସ୍ୱାଧୀନ କୁମାର ପଣ୍ଡା, ମୁରଲୀ ଧର ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ।

# ଡେଙ୍ଗୁ ରୋଗୀ ସଂଖ୍ୟା ୯୦ରେ ପହଞ୍ଚିଲା

**ବେଗୁନିଆ ବ୍ଲକ**
- ସ୍ୱାସ୍ଥ୍ୟ ବିଭାଗ ନୀରବ
- ଲୋକେ ଭୟଭୀତ

**ବେଗୁନିଆ,୨୬।୧୦ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ କ୍ରମାଗତ ଭାବେ ବ୍ୟାପକ ହେଉଛି ଡେଙ୍ଗୁ ରୋଗ। ଦିନକୁଦିନ ଏ ଗାଁରୁ ସେ ଗାଁକୁ ବ୍ୟାପିବାରେ ଲାଗିଛି। ବ୍ଲକରେ ଏଯାଏ ସମୁଦାୟ ୯୦ ରୋଗୀ ଆକ୍ରାନ୍ତ ହେଲେଣି। ସେଥିମଧ୍ୟରୁ କେବଳ ବଡବରେଣା ଗ୍ରାମରେ ୬୮, ଅନ୍ୟ ୧୧ଟି ଗ୍ରାମରେ ୨୨ ଜଣ ରୋଗୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଗଲାଣି। ଅଗଷ୍ଟରୁ ଏଯାଏ ପ୍ରାୟ ଅଢେଇ ମାସ ହେଲା ରୋଗୀଙ୍କୁ ଅଣାୟତ୍ତ କରୁଛି ଏହି ଡେଙ୍ଗୁ ରୋଗ। ସବୁଠି ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନାମକୁ ମାତ୍ର ଜନସଚେତନତା ସୃଷ୍ଟି କରାଯାଉଛି। ଏଥିସହ ପ୍ରତିକାର ମଧ ଜାରି ରହିଛି। ହେଲେ କିଛି କାମରେ ଆସୁନି। ତେବେ ବ୍ଲକରେ ସ୍ୱାସ୍ଥ୍ୟ ବିଭାଗ ନୀରବି ଯାଇଥିବା ଲୋକେ କହୁଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମଶାରି ବଣ୍ଟନ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ତାହାକୁ ଅଣଦେଖା କରାଯାଉଛି। ହେଲେ ଯୋଗାଣ ହୋଇଥିବା ମଶାରିଗୁଡିକ ବାଟମାରଣା ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ଗାଁ ପରିବେଶକୁ ସ୍ୱାସ୍ଥ୍ୟ ବିଭାଗ ଦାୟୀ କରୁଥିବାବେଳେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ଉଠୁଛି। ଫଳରେ ଗରିବ ରୋଗୀମାନେ ଖୋର୍ଦ୍ଧା ଓ ଭୁବନେଶ୍ୱର ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଦୌଡି ଦୌଡି ନୟାନ୍ତ ହେଉଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ଡେଙ୍ଗୁ ରୋଗୀ ସମ୍ପର୍କିତ ତଥ୍ୟ ଭିତ୍ତିକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ତେବେ ବ୍ଲକରେ ଆକ୍ରାନ୍ତ ହୋଇଥିବା ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କେତେ ବୋଲି ପଚାରିବାରୁ ବ୍ଲକ ସ୍ୱାସ୍ଥ୍ୟ ବିଭାଗୀୟ କର୍ମୀ ସୂଚନା ଦେବାକୁ ମନା କରି ଦେଇଥିଲେ। ଏପରି କି ତାଙ୍କ ନାମ ଗୋପନ ରଖି ସେ କହିଥିଲେ ଜିଲା ମୁଖ୍ୟାଳୟରୁ ମନା କରାଯାଇଛି ଯେ ଧରିତ୍ରୀକୁ ଡେଙ୍ଗୁ ରୋଗ ସମ୍ପର୍କରେ କୌଣସି ସୂଚନା ଦେବନାହିଁ। କାରଣ ସର୍ବଦା ଆମ ସମସ୍ୟାଗୁଡିକ ପଦାରେ ପଡିଯାଉଛି। ପ୍ରକାଶଥାଉ କି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ମିଳିଥିବା ରିପୋର୍ଟ ଅନୁସାରେ, ଅଗଷ୍ଟ ୧୭ରୁ ବଡବେରଣା ଗ୍ରାମରେ କ୍ରମାଗତ ଭାବେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୬୮ରେ ପହଞ୍ଚିଛି। ସେହିପରି ତଳଗଡ ଗ୍ରାମରେ ପୂର୍ବରୁ ଜଣେ ରୋଗୀ ଚିହ୍ନଟ ହୋଇଥିବା ବେଳେ ପୁଣି କ୍ରମାଗତ ଭାବେ କୁରାଢିଲୋ, ପୋଡାଡିହ, କୁଶୁପଲା, ସାରୁଅ, ଅଟ୍ରି ଓ ଡିଙ୍ଗର ଗ୍ରାମରେ ୧୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିଲା। କିଛିଦିନ ପାଗ ପରିବର୍ତ୍ତନ ଯୋଗୁ ରୋଗୀ ସଂଖ୍ୟା ହ୍ରାସ ପାଇଥିଲା। ପୁଣି ପାଇକସାହି, କଣ୍ଟାବାଡ, ମଲୀପଦର, ରଘୁନାଥପୁର, ତଣ୍ଡାଳ ଆଦି ଗ୍ରାମରେ ୧୦ ଜଣ ରୋଗୀଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜିଟିଭ ଭାବେ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ବ୍ଲକ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀ କୁହନ୍ତି, ଏବେ ଆଉ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇନାହିଁ। ତଥାପି ଆମ ପାଖରେ ଖବର ପହଞ୍ଚିଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗୀଙ୍କୁ ସଚେତନ କରାଯାଉଛି। ହେଲେ ତଥ୍ୟ ମାଗିବାରୁ ସେ ବ୍ୟସ୍ତ ଅଛନ୍ତି ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।




ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଗାଁ ସାଥୀମାନଙ୍କ ବିକ୍ଷୋଭ।

## ଗାଁ ସାଥୀଙ୍କ ପକ୍ଷରୁ ଗଣଧାରଣା

**ଖୋର୍ଦ୍ଧା ଅଫିସ,୨୬।୧୦**

ରାଜ୍ୟ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଗାଁସାଥୀମାନଙ୍କର ପ୍ରଦେଶ ସ୍ତରୀୟ ଟ୍ରେଡ ୟୁନିୟନର ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣଧାରଣା ଦିଆଯାଇଛି। ଗାଁ ସାଥୀମାନଙ୍କୁ ସର୍ବନିମ୍ନ ମାସିକ ୬ ହଜାର ଟଙ୍କା ଦରମା, ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୯ ଟି ବିଭାଗର ୧୭ ଟି କ୍ୟାଟେଗୋରିରେ ୧୫୫ ପ୍ରକାର କାର୍ଯ୍ୟରେ ସାମିଲ କରିବା ଦାବି ରହିଛି। ଅନ୍ୟପକ୍ଷେ ୨୦୦୮ରୁ ଗାଁ ସାଥୀମାନେ କାମ କରୁଥିଲେ ମଧ ଡାଟାବେସକୁ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ଦିଆଯାଇନାହିଁ। ଅଗଷ୍ଟ ୩୦ ସୁଦ୍ଧା ଦେବା ପାଇଁ ନିୟମ ଥିଲେ ମଧ ଅକ୍ଟୋବର ୩୦ ହୋଇଥିଲେ ମଧ ସରକାରଙ୍କୁ ଏଯାବତ ଡାଟାବେସ ଦିଆଗଲାନାହିଁ। ଏଣୁ ଜିଲାସ୍ତରରେ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଦୁଇ ଦାବିପୂରଣ ନେଇ ୨୯ରେ ବଡଧରଣର ଆନ୍ଦୋଳନ ହେବ। ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲାର ଗାଁ ସାଥୀ ବିଧାନସଭା ସମ୍ମୁଖରେ ଧାରଣାରେ ବସିବେ। ପରେ ଜିଲାୱାରି ଧାରଣା ନଭେମ୍ବର ୧୧ ତାରିଖ ଯାଏ ଚାଲୁ ରହିବ। ନଭେମ୍ବର ୧୪ରେ ରାଜ୍ୟସ୍ତରୀୟ ସମାବେଶ ହେବ ବୋଲି କୁହାଯାଇଛି।

### ■ ଫସଲ କ୍ଷୟକ୍ଷତି ସତ୍ତ୍ୱେ ମିଳିଲାନି ବୀମା ଅର୍ଥ

## ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ଖୋର୍ଦ୍ଧା ଅଫିସ,୨୬।୧୦**

ଧାନ ଫସଲ କ୍ଷୟକ୍ଷତି ସତ୍ତ୍ୱେ ଖୋର୍ଦ୍ଧା ଜିଲା କମଳଲୋଚନପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ଝାନସିପାଟଣା, କମଳଲୋଚନପୁର, ଦିୟାନୀପାଟଣା, ମାଳିସାହି, କଳାଙ୍ଗ, ଦିବ୍ୟସିଂହପୁର ଅଞ୍ଚଳ ଚାଷୀ ବୀମା ଅର୍ଥ ପାଇନାହାନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପ୍ରତିବର୍ଷ ବ୍ୟାଙ୍କ ଋଣ ଆଣି ଏଠାର ଚାଷୀ ନେଣଦେଣ କରୁଛନ୍ତି। ପ୍ରତିବର୍ଷ ଋଣର ବୀମା ମଧ ଦାଖଲ ହେଉଛି। ତେବେ ଅଧିକାଂଶ ଚାଷୀଙ୍କୁ ଗତ ବର୍ଷର ବୀମା ଅର୍ଥ ମିଳିଛି। କିନ୍ତୁ କେତେଜଣ ଚାଷୀ ଚାଷର ବାଦ୍ ପଡି ଯାଇଛନ୍ତି। ବୀମା ଅର୍ଥ ପାଇବାରୁ ବାଦ୍ ପଡିଥିବା ଚାଷୀ ଗତ ୫ ତାରିଖରେ ଫେରାଦ ହୋଇଥିଲେ। ହେଲେ ସୁଫଳ ନ ମିଳିବାରୁ ଶୁକ୍ରବାର ଚାଷୀମାନେ ଜିଲାପାଳଙ୍କ ନିକଟରେ ପୁଣି ଫେରାଦ ହୋଇଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିଭିନ୍ନ ଅଞ୍ଚଳର ଚାଷୀ।

## ମା'ଗଜଲକ୍ଷ୍ମୀ କମିଟି ପକ୍ଷରୁ ନାଟକ ମଞ୍ଚସ୍ଥ

**ବାଲୁଗାଁ,୨୬।୧୦(ଡ଼ି.ଏନ.ଏ.):** ବାଲୁଗାଁ ଗୋପୀନାଥପୁର ଛକ ଠାରେ ମା'ଗଜଲକ୍ଷ୍ମୀ ଜନ କଲ୍ୟାଣ ମଞ୍ଚ ତରଫରୁ କୁମାର ପୂର୍ଣ୍ଣିମା ଅବସରରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ଅନୁଷ୍ଠାନ ପକ୍ଷରୁ ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକକୁ ସଂଜୟ କୁମାର ଦାସ ନିର୍ଦ୍ଦେଶନା ଦେଇଥିବା ବେଳେ କିଶୋର ଚନ୍ଦ୍ର ବେହେରା, ଖାଡ଼େଶ୍ୱର ଲେଙ୍କା, ମୁନା ପଟ୍ଟନାୟକ, ଅଶୋକ କୁମାର ଜେନା ଓ ମନୋଜ କୁମାର ଶ୍ରୀଚନ୍ଦନ ପରିଚାଳନା କରିଥିଲେ। ମୁଖ୍ୟ ଭୂମିକାରେ ସୁଧାଂଶୁ ମହାପାତ୍ର, ଦୁର୍ଗାଚରଣ ପଟ୍ଟଯୋଶୀ ଅଭିନୟ କରିଥିଲେ।

## ପଦଯାତ୍ରା ପାଇଁ କୃଷକ ସଂଗଠନର ପ୍ରସ୍ତୁତି

**ବୋଲଗଡ,୨୬।୧୦(ଡି.ଏନ.ଏ.)**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ପଦଯାତ୍ରା ନିମନ୍ତେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କୃଷକ ଏବଂ ଚାଷୀମାନଙ୍କର ବିଭିନ୍ନ ଦାବି ନେଇ ଆଗାମୀ ୨୯ରୁ ବାଲୁଗାଁଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା ପାଇଁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସଂଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂହଙ୍କ ଆବାହକତ୍ୱରେ ବୋଲଗଡ଼ ବ୍ଲକ ବାୟାପଲ୍ଲୀଠାରେ ଅନୁଷ୍ଠିତ ବୈଠକରେ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ବସନ୍ତ ବେହେରା, କୃଷ୍ଣଚନ୍ଦ୍ର ବାରିକ, ସୁଶାନ୍ତ ନାୟକ, ହାଡୁ ବଳିୟାରସିଂହ, ଘନଶ୍ୟାମ ବେହେରା, ଦେବନ ଜେନା, ଅରବିନ୍ଦ ନାୟକ ଓ ପବିତ୍ର ବେହେରା ପ୍ରମୁଖ ଚାଷୀ ବୈଠକରେ ଯୋଗଦେଇଥିଲେ।

### ■ ମୃତଦେହ ଆଣିବାରେ ଅର୍ଥ ସାଜିଲା ବାଧକ

## ବେଙ୍ଗାଲୁରୁରେ କରାଗଲା ସଂସ୍କାର

**ଖୋର୍ଦ୍ଧା ଅଫିସ,୨୬।୧୦**

କମ୍ପାନୀର ଅସହଯୋଗ କାରଣରୁ ବେଙ୍ଗାଲୁରୁରେ ପ୍ରାଣ ହରାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ନିଜ ଗାଁ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାରୁଣୀ ପଞ୍ଚାୟତ କହ୍ନେଇପୁର ଗାଁକୁ ଆସିପାରିନାହିଁ। ମୃତଦେହ ଆଣିବାରେ ଅର୍ଥ ବାଧକ ସାଜିବାରୁ ପରିବାର ଲୋକ ସେଠାରେ ଶବ ସଂସ୍କାର କରି ଗାଁକୁ ଫେରି ଆସିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, କହ୍ନେଇପୁର ଗାଁର କଣ୍ଠ ସାହୁଙ୍କର ଏକମାତ୍ର ପୁତ୍ର ମହେଶ୍ୱର(୨୦) ୨ ବର୍ଷ ତଳେ ବେଙ୍ଗାଲୁରୁ ଯାଇ ସିମ୍ପିଲେକ୍ସ ନାମକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୪ ତାରିଖରେ ମହେଶ୍ୱରଙ୍କ ମୃତ୍ୟୁ ଖବର ଘରେ ପହଞ୍ଚିଥିଲା। ଖବରପାଇ ପରିବାର ଲୋକେ ବେଙ୍ଗାଲୁରୁରେ ପହଞ୍ଚି ମୃତ୍ୟୁର କାରଣ ଖୋଜିଥିଲେ। କୌଣସି ଏକ ଦୁରାରୋଗରେ ମହେଶ୍ୱରଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

**ହଜିଗଲା ସ୍ୱପ୍ନ**

ଘରର ରୋଜଗାରିଆ ପୁଅ ଥିଲେ ମହେଶ୍ୱର। ବେଙ୍ଗାଲୁରୁରେ କରୁଥିବା ରୋଜଗାରର ଏକ ସିଂହ ଭାଗ ନିଜ ଗାଁକୁ ଆସୁଥିଲା। ଏଥିରେ ପରିବାର ଚଳୁଥିଲା। ଭଉଣୀ ବାହାଘରରେ କିଛି ଟଙ୍କା ଖର୍ଚ୍ଚ ହୋଇଥିଲା। ଅବଶିଷ୍ଟ ଟଙ୍କା ବାହାରୁ ଋଣ ଆଣି କରାଯାଇଥିଲା। ପୁଅ ପଠାଉଥିବା ଟଙ୍କାରୁ କଣ୍ଠ ଋଣ ପରିଶୋଧ କରୁଥିଲେ। ହେଲେ ମହେଶ୍ୱରଙ୍କ ମୃତ୍ୟୁରେ ମା' ବାପା ବେଶି ଚିନ୍ତିତ ହୋଇପଡିଛନ୍ତି। ରୋଜଗାରିଆ ପୁଅକୁ ହରାଇ ମା'ବାପା ଭାଙ୍ଗି ପଡିଛନ୍ତି। କେମିତି ଚଳିବେ ସେଇ ଚିନ୍ତାରେ ଘାରି ହେଉଛନ୍ତି। ପୁଅକୁ ନେଇ ମା' ବାପା ଦେଖିଥିବା ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା।

### ଧୋବି ପାହାଡ଼ ନିଲାମକୁ ନେଇ ବିବାଦ

## ମଳିପଡ଼ାରେ ବୋମାମାଡ଼, ଜଣେ ଆହତ

**ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଲେ ଲୋକେ**

**ଖୋର୍ଦ୍ଧା ଅଫିସ,୨୬।୧୦**

ଖୋର୍ଦ୍ଧା ସଦର ଥାନା ଧୋବି ପାହାଡକୁ ନିଲାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ଶୁକ୍ରାବାର ବିସ୍ଫୋରକ ରୂପ ନେଇଛି। ଗୋଟିଏ ଗୋଷ୍ଠୀର ଦୁଇଜଣ ଅପରଗୋଷ୍ଠୀର ଲୋକଙ୍କ ଉପରକୁ ଦୁଇଟି ବୋମାମାଡ କରି ଫେରାର ହୋଇ ଯାଉଥିବା ବେଳେ ଗାଁ ଲୋକ ଅଭିଯୁକ୍ତ ନୟାଗଡ ଜିଲା ଫତେଗଡ ଥାନା ଫତେଗଡ ଗାଁର ବିଜୟ କରଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଅନ୍ୟପକ୍ଷେ ୪ଟି ବୋମା ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୋଗ ପରେ ଜଙ୍କଆ ଥାନା ପୋଲିସ ଦଫା ନଂ. ୧୫୨/୧୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ବିଜୟଙ୍କୁ ହେପାଜତକୁ ନେଇ ପଚରାଉଚୁରା ଆରମ୍ଭ କରିଛି। ପୋଲିସ ସୂଚନା ଅନୁସାରେ, ଧୋବି ପାହାଡ ନିଲାମକୁ ନେଇ ମଳିପଡାର ଭାଗ୍ୟଧର ରାଉତରାୟ ଓ ଖୋର୍ଦ୍ଧା ଟାଉନ ଥାନା ଜେମାଦେଇର ମହେଶ୍ୱର ପରିଡାଙ୍କ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଛି। ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ଧୋବି ପାହାଡରେ ଗଣ୍ଡଗୋଳ ଓ ମାରପିଟ୍ ହୋଇଥିଲା। ଭାଗ୍ୟଧରଙ୍କ ଗୋଷ୍ଠୀର ଗୌରୀ ଶଙ୍କର ନିଶଙ୍କ ଆସୁଥିବାବେଳେ ତାଙ୍କ ଉପରକୁ ଶୁକ୍ରବାର ପୂର୍ବାହ୍ନରେ ୨ଟି ବୋମା ପକା ଯାଇଥିଲା। ଏଥିରେ ଗୌରୀ ଶଙ୍କର ଆହତ ହୋଇଥିଲେ। ଏ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକ ବିଜୟଙ୍କୁ କବ୍‌ଜା କରି ନେଇଥିଲେ। ଅପରପକ୍ଷେ ବିଜୟଙ୍କ ସୂଚନା ଅନୁସାରେ ସେ ନିର୍ଦ୍ଦୋଷ। ସତ୍ୟାସତ୍ୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ। ସତ ହେଉଛି ସେ ଓ ତାଙ୍କର ଜଣେ ସହଯୋଗୀ ମଳିପଡା ଯାଉଥିଲେ। ତାଙ୍କୁ ଧରି ନେଇ ପାହାଡରେ ଅଟକ ରଖାଗଲା। ଅପହରଣ କେସ୍‌ରେ ଫସିଯିବାର ଭୟରେ ବୋମା ଧରାଇ ଫସେଇ ଦିଆଗଲା କହି କାନ୍ଦି ପକାଇଛନ୍ତି। ଏଭଳିସ୍ଥଳେ କିଏ ସତ କହୁଛି ତାହା ତଦନ୍ତ ସାପେକ୍ଷ।

## ନଭେମ୍ବର ୯ରୁ ଶ୍ରୀରାମଦୟା ପରିଷଦର ବାର୍ଷିକ ଉତ୍ସବ

**ନିରାକାରପୁର,୨୬।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ଧର୍ମାନୁଷ୍ଠାନ ଶ୍ରୀ ରାମଦୟା ପରିଷଦର ୩୬ତମ ବାର୍ଷିକ ଉତ୍ସବ ଓ ଅଧିବେଶନ ନଭେମ୍ବର ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ୧୦ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଶ୍ରୀରାମଚରିତ ମାନସ ପାରାୟଣ, ଯଜ୍ଞ ଓ ପ୍ରବଚନ ହେବ। ୧୯ ତାରିଖରେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୨୦୧୮ ସ୍ନାତକୋତ୍ତର ଟପର୍ ଓ ୨୦୧୮ ବ୍ୟାଚ୍‌ର ଟପର୍‌ମାନଙ୍କ ତଥା ବିଭିନ୍ନ କ୍ଷେତ୍ରରେ ସୁନାମଧନ୍ୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉତ୍କଳିକା ସଙ୍ଗୀତ ଏକାଡ଼େମୀ ଓ ସାଇ ଡ୍ୟାନ୍ସ ଗ୍ରୁପ୍ ଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ନଭେମ୍ବର ୧୯ ସନ୍ଧ୍ୟା ୭ଟାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଗଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ପରିଷଦର ଉପସଭାପତି ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ଯୁଗ୍ମ ସମ୍ପାଦକ ରାମନାଥ ଦାସ ଅନୁରୋଧ କରିଛନ୍ତି।

## ବାଣପୁର ଡାକଘରେ ପୋଷ୍ଟମାଷ୍ଟର ପଦବୀ ଖାଲି

**ଖୋର୍ଦ୍ଧା ଅଫିସ,୨୬।୧୦**

ଐତିହାସିକ ତଥା ସଂସ୍କୃତି ସମ୍ପନ୍ନ ସହର ବାଣପୁର ପୋଷ୍ଟ ଅଫିସରେ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଗ୍ରେଡ-୧ ପୋଷ୍ଟ ମାଷ୍ଟର ପଦବୀ ଖାଲି ରହିଛି। ଏ ନେଇ ବିଭିନ୍ନ ସମୟରେ ଦାବି, ଆପତ୍ତି ଅଭିଯୋଗ ପରେ ସୁଫଳ ମିଳୁନି। ପ୍ରକାଶଥାଉ କି ବ୍ରିଟିଶ୍ ଅମଳରୁ ସ୍ଥାପିତ ହୋଇଥିବା ପୁରାତନ ପୋଷ୍ଟ ଅଫିସରେ ବାର୍ଷିକ ୨୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ କାରବାର ହେଉଛି। ଏହା ଉପରେ ବାଣପୁର ଏନ୍ଏସି ଏବଂ ବାଣପୁର ବ୍ଲକର ଲକ୍ଷାଧିକ ଲୋକ ନିର୍ଭର କରନ୍ତି। ତେବେ ପ୍ରଶାସନିକ ଅବହେଳା କାରଣରୁ ପୋଷ୍ଟ ମାଷ୍ଟର ପଦବୀ ପୂରଣ ହେଉ ନ ଥିବା କୁହାଯାଉଛି।

## ବିଜୁ ଯୁବବାହିନୀର ମୁଁ ହିରୋ କାର୍ଯ୍ୟକ୍ରମ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୧୦(ଡି.ଏନ.ଏ.)**

ଚିଲିକା ବ୍ଲକ୍ ବିଜୁ ଯୁବବାହିନୀ ତରଫରୁ ଜରିପଡା ଓ କଳକଳେଶ୍ୱର ପଞ୍ଚାୟତରେ ଶୁକ୍ରବାର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ରଘୁନାଥ ସାହୁ, ଜରିପଡା ସରପଞ୍ଚ ଉମାକାନ୍ତ ବେହେରା, କଳକଳେଶ୍ୱର ସରପଞ୍ଚ ଅସିତ୍ କୁମାର ନାଥ ପ୍ରମୁଖ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଦୈବୀ ଦୁର୍ବିପାକ ଓ ଦୁର୍ଘଟଣା ସମୟରେ ଅନ୍ୟକୁ ସହାୟତା ପ୍ରଦାନ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ଜରିପଡ଼ା ବିଜୁ ଯୁବବାହିନୀ ସଭାପତି ଦୁର୍ଗାଚରଣ ପ୍ରଧାନ, ସମ୍ପାଦକ ରମାକାନ୍ତ ଜେନା ଓ କୋଷାଧ୍ୟକ୍ଷ ଅଭିଷେକ ପରିଡ଼ା ଏବଂ କଳକଳେଶ୍ୱର ବିଜୁ ଯୁବବାହିନୀ ସଭାପତି ଚିତ୍ତରଞ୍ଜନ ବେହେରା, ସମ୍ପାଦକ ଜିତେନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ଗୁରୁଚରଣ ନାଥ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।





ମୁଁ ହିରୋ କାର୍ଯ୍ୟକ୍ରମରେ ବିଧାୟକ, ସରପଞ୍ଚ ଓ ଅନ୍ୟମାନେ।

# ବାର୍‌ହା, ମୟୂର ଉଜାଡୁଛନ୍ତି ଧାନ ଫସଲ

**ମିଳୁନି କ୍ଷତିପୂରଣ**

**ଖୋର୍ଦ୍ଧା ଅଫିସ,୨୬।୧୦**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ଅଙ୍ଗାରପଡା, ବିଞ୍ଝଗିରି, ପଳାସପୁର, ପାଣିଓରା, ମିନ୍‌ଚିନ୍‌ପାଟଣା ଏବଂ ଖୋର୍ଦ୍ଧା ବ୍ଲକର ଗଡହଳଦିଆ ପଞ୍ଚାୟତ ଅଞ୍ଚଳର ଧାନଜମିରେ ବାର୍‌ହା ଓ ମୟୂରଙ୍କ ଉତ୍ପାଦ ଲାଗି ରହିଛି। ସ୍ଥାନୀୟ ଲୋକ ଘଉଡାଇଲେ ମଧ କିଛି ସୁଫଳ ମିଳୁନି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପଲ ପଲ ହୋଇ ବାର୍‌ହା, ମୟୂର କ୍ଷେତକୁ ଆସି ଧାନ ଖାଇବା ସହ ନଷ୍ଟ କରି ଚାଲିଛନ୍ତି। ସବୁ ଜାଣି ବନ ବିଭାଗ ଚୁପ ହୋଇ ରହୁଥିବାର ଅଭିଯୋଗ ହୋଇଆସୁଛି। ଅନ୍ୟପକ୍ଷେ ଫସଲ କ୍ଷତିର କ୍ଷତିପୂରଣ ମିଳୁନି। ଚାଷୀ ପ୍ରତି ବର୍ଷ କ୍ଷତିର ସମ୍ମୁଖୀନ ହେଉଥିବାରୁ କେତେଜଣ ଚାଷୀ ଚାଷ ଛାଡି ସାରିଲେଣି। ଆଉ କେତେକେ କ୍ଷତି ସତ୍ତ୍ୱେ ଚାଷ କାର୍ଯ୍ୟ ଛାଡି ପାରୁନାହାନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ହଳଦିଆଗଡ ଅଞ୍ଚଳର ଚାଷୀ।

**ବାସସ୍ଥଳ କରି ସାରିଲେଣି ହାତୀ**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ଗୋଡା, ଦଲକ, ଖୋର୍ଦ୍ଧା ବ୍ଲକର ମାଧପୁର, କାଇପଦର, ଗୋଳବାଇ, ଗୟାବନ୍ଧ, ଗୋଡିପଡା, ଟାଙ୍ଗୀ ବ୍ଲକର ଅଚ୍ୟୁତପୁର, କମାଗୁରୁ, ସରପାରି, ରାମେଶ୍ୱର, ଛଣଗିରି, ଓଳସିଂହ ପଞ୍ଚାୟତ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ହାତୀମାନେ ଦଲକ, ଗୋଡିପଡା, ଗୋଳବାଇ, ନିରାକାରପୁର ଚିତ୍ରକୂଟ ପାହାଡ, ରାମେଶ୍ୱର ଧାନଘର ପାହାଡରେ, ଚାନ୍ଦକା ମୁଣ୍ଡିଆରେ ରହି ଆଖପାଖ ଧାନ ଫସଲ ଓ ପନିପରିବା କ୍ଷତି କରୁଛନ୍ତି।

**ଜିଲାପାଳଙ୍କୁ ଫେରାଦ**

ବାର୍‌ହା ଓ ମୟୂର ଫସଲ ନଷ୍ଟ କଲେ କ୍ଷତିପୂରଣ ମିଳୁନି। ଗତବର୍ଷ ଗଡହଳଦିଆ ପଞ୍ଚାୟତ ଅଞ୍ଚଳରେ କ୍ଷତି କରିଥିଲେ। ହେଲେ ଚାଷୀ କ୍ଷତି ପୂରଣ ପାଇନାହାନ୍ତି। ଚଳିତବର୍ଷ ପୁଣି କ୍ଷତି ଆରମ୍ଭ ହୋଇଗଲାଣି। ଅନ୍ୟପକ୍ଷେ ଧାନ ଫୁଲ ଉଡିବା ସମୟରେ ତିତ୍‌ଲି ବନ୍ୟା ଓ ପରବର୍ତ୍ତୀ ବର୍ଷା କାରଣରୁ ଧାନ ଫସଲ ଉଜୁଡିଗଲା। ଏହାର ତୁରନ୍ତ ତଦନ୍ତ କରି କ୍ଷତି ପୂରଣ ଦେବାକୁ ଜିଲାପାଳଙ୍କୁ ହଳଦିଆଗଡ ଅଞ୍ଚଳର ଚାଷୀ ଫେରାଦ ହୋଇଛନ୍ତି। ସେହିପରି ହଳଦିଆଗଡ ଅଞ୍ଚଳରେ ଜଳସେଚନ ନ ଥିବାରୁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଦାବି ହୋଇଛି।



ଯେଉଁମାନଙ୍କ ମନଟି ଛୋଟ ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା ଅଭିଯୋଗ: ଶାଶୁ, ଶ୍ୱଶୁର ଗିରଫ

ବଳଙ୍ଗା, ୨୬ା୧୦(ଡି.ଏନ୍.ଏ.): ବଳଙ୍ଗା ଥାନା ଅନ୍ତର୍ଗତ ଛଣଘର ଗ୍ରାମର ଜଣେ ନବବଧୂଙ୍କୁ ଯୌତୁକ ଜନିତ ନିର୍ଯାତନା ଦେବା ସହ ହତ୍ୟା କରିବା ଅଭିଯୋଗରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ନବବଧୂଙ୍କ ଶାଶୁ ରାଧାମଣି ନାୟକ ଓ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ନାୟକ। ପ୍ରକାଶ ଯେ, ଛଣଘର ଗ୍ରାମର ଅକ୍ଷୟ କୁମାର ନାୟକ (୨୧) ସେହି ଗ୍ରାମର ବନ୍ଦନା ନାୟକ (୨୦)ଙ୍କୁ ଭଲ ପାଇ ୫ମାସ ତଳେ କୋର୍ଟ ବିବାହ କରି ଏହି ଥାନା ଅନ୍ତର୍ଗତ ଗଡଚାନ୍ଦପୁରରେ ଥିବା ଅଜାଘରେ ନେଇ ରଖିଥିଲେ। ବିବାହ ପରେ ଯୌତୁକ ପାଇଁ ସ୍ୱାମୀ, ଶାଶୁ, ଶ୍ୱଶୁର ବନ୍ଦନାଙ୍କୁ ନିର୍ଯାତନା ଦେଇଆସୁଥିଲେ ବୋଲି ବନ୍ଦନାଙ୍କ ଦାଦା ବୁଧବାର ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ବୁଧବାର ବନ୍ଦନାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ଦାଦା ବେଣୁଧର ନାୟକ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଝିଆରୀକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ବଳଙ୍ଗା ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପରେ ବଳଙ୍ଗା ପୋଲିସ, ପିପିଲି ଉପଖଣ୍ଡ ଅଧିକାରୀ ଏବଂ ନିମାପଡା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲେ। ପୋଲିସ ତଦନ୍ତ ପରେ ୧୪୭/୧୮ରେ ଗିରଫ ଶାଶୁ,ଶ୍ୱଶୁରଙ୍କୁ କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଜେଲ୍‌କୁ ପଠାଇ ଦିଆଯାଇଛି। ସ୍ୱାମୀ ଅକ୍ଷୟ ଫେରାର ଅଛନ୍ତି। ଏ ସମ୍ପର୍କରେ ବଳଙ୍ଗା ଥାନାଧିକାରୀ ସୁଶାନ୍ତ ସାହୁଙ୍କୁ ପଚାରିବାରେ ଶିଘ୍ର ଗିରଫ କରାଯିବ ବୋଲି କହିଥିଲେ।

### ବାହାବେଦିରୁ କନ୍ୟାଙ୍କୁ ଉଠାଇନେଲା ପୋଲିସ
#### ଶିଶୁପାଳ ହୋଇ ଫେରିଲେ ବର

ବ୍ରହ୍ମଗିରି, ୨୬ା୧୦(ଡି.ଏନ୍.ଏ.): ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ଶୁକ୍ରବାର ବିବାହ ବେଦିରୁ ପୋଲିସ କନ୍ୟାଙ୍କୁ ଉଠାଇ ନେବାରୁ ବିବାହ ପାଇଁ ଆସିଥିବା ବରକୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଛି। ଶୁକ୍ରବାର ବ୍ରହ୍ମଗିରି ଅଲାରନାଥ ମନ୍ଦିରରେ ଏକ ବିବାହ ଆୟୋଜିତ ହୋଇଥିଲା। ଏଥିରେ ବର ପକ୍ଷର ବହୁ ବନ୍ଧୁବାନ୍ଧବ ଉପସ୍ଥିତ ରହି ଭୋଜି ଭାତର ଆସର ଜମି ଆସୁଥାଏ। ବିବାହ ପାଇଁ ବେଦୀ ମଧ ପ୍ରସ୍ତୁତ ସରିଥାଏ। ଏପଟେ ବର କନ୍ୟା ବେଦୀକୁ ଯିବାକୁ ପ୍ରସ୍ତୁତ ହେଉଥାନ୍ତି। ଏହି ସମୟରେ ହଠାତ୍ ସେଠାରେ ବ୍ରହ୍ମଗିରି ପୋଲିସ ଗାଡ଼ି ପହଞ୍ଚିଥିଲା। କେହି କିଛି ଜାଣିବା ପୂର୍ବରୁ ପୋଲିସ କନ୍ୟାଙ୍କୁ ବେଦୀରୁ ଉଠାଇ ଆଣିଥିଲା। ପରେ ଘଟଣା ସମ୍ପର୍କରେ ବୁଝିବାରୁ ଜଣା ପଡ଼ିଲା ଯେ, ଅଳ୍ପ ଦିନ ତଳେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାତପଡା ଫାଣ୍ଡି ଅଞ୍ଚଳରୁ ଏକ ଯୁବତୀ ନିଖୋଜ ଥିଲେ। ଏନେଇ ଯୁବତୀଙ୍କ ମା' ଶୁକ୍ରବାର ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବ୍ରହ୍ମଗିରି ପୋଲିସ ଅଲାରନାଥ ମନ୍ଦିରରେ ଯୁବତୀଙ୍କର ବିବାହ ହେଉଥିବା ଜାଣି ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲା। ପରେ ଉଭୟଙ୍କୁ ଥାନାରେ ବସାଇ ଘଟଣା ସମ୍ପର୍କରେ ପଚରା ଉଚରା କରିବାରୁ ବର ଅନ୍ୟଜାତିର ବୋଲି ଜଣାପଡ଼ିବାରୁ କନ୍ୟା ଜଣଙ୍କ ନିଜ ପରିବାର ସହ ଘରକୁ ଚାଲି ଯିବାରୁ ବିଚରା ବରକୁ ଶିଶୁପାଳ ହୋଇ ଫେରିବାକୁ ପଡ଼ିଥିଲା।

### ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କଣାସ, ୨୬ା୧୦(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ୍ ନିକଟସ୍ଥ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୧୮ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ଏବିଇଓ ରବି ନାରାୟଣ ମହାପାତ୍ର, ଶରତ ଚନ୍ଦ୍ର ମିଶ୍ର, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ବିଆର୍‌ସି ଯୁଧିଷ୍ଠିର ପରିଡ଼ାଙ୍କ ସମେତ ସମସ୍ତ ସିଆର୍‌ସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଅଭିଭାବକ ଓ ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକସ୍ଥିତ ୧୬ଟି କ୍ଲଷ୍ଟରରୁ ମନୋନୀତ ୩୮୪ଜଣ ପ୍ରତିଯୋଗୀ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଚିତ୍ରକଳା ଓ ଶିଳ୍ପକଳା, ମଧାହ୍ନ ଭୋଜନରେ ସ୍ୱଚ୍ଛତା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ ଯୋଗ ଦେଇ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ସୁରଭି ସବୁଠାରୁ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

# ନିମ୍ନମାନର ଛତୁଆକୁ ନେଇ ସରଗରମ

**ପୁରୀ ଜିଲା ପରିଷଦ ବୈଠକ**

- ଜିଲା, ବ୍ଲକ ସ୍ତରରେ ଗଠନ ହେବ ଯାଞ୍ଚ କମିଟି
- ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ
- ପିସି ନ ଦେଲେ ମଞ୍ଜୁର ହେଉନି ପାଇଖାନା ବିଲ୍
- ପ୍ରମାଣ ପାଇଲେ ଭିଜିଲାନ୍ସରେ ଦିଅନ୍ତୁ: ଜିଲାପାଳ



ପୁରୀ ଅଫିସ, ୨୬ା୧୦

ପୁରୀ ଜିଲା କଣାସ ବ୍ଲକ ଅଞ୍ଚଳରେ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ନିମ୍ନମାନର ଓ ପୋକ ସାଲୁବାଲୁ ଛତୁଆ ଦିଆଯାଉଥିବା ଅଭିଯୋଗ ଆସିଛି। ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ପୁରୀ ଜିଲା ପରିଷଦ ବୈଠକରେ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ସଦସ୍ୟ ଏବଂ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏହି ଅଭିଯୋଗ ଆଣିଥିଲେ। ଏହାକୁ ନେଇ ବୈଠକ ସରଗରମ ହୋଇଥିଲା।

ସତ୍ୟବାଦୀ ବିଧାୟକ ଅଭିଯୋଗ କରିଥିଲେ ଯେ, କଣାସର କ୍ଷେତ୍ରପାଳ ଏବଂ ମା' ସନ୍ତୋଷୀ ନାମକ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘ ବର୍ଷ ହେଲା ଛତୁଆ ଯୋଗାଉଛନ୍ତି। ଏମାନେ ନିମ୍ନମାନର ଛତୁଆ ଯୋଗାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି କଣାସ ଯାଇ ଛତୁଆ ୟୁନିଟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏପରି କି ୟୁନିଟର ଦ୍ୱାର ନ ଖୋଲିବାରୁ କମିଟି ସଦସ୍ୟଙ୍କୁ ୩ ଘଣ୍ଟା ଅପେକ୍ଷା କରିବାକୁ ପଡିଲା। ତେଣୁ ଛତୁଆ ପ୍ରସ୍ତୁତିରୁ ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘକୁ ଏହାର ପ୍ରସ୍ତୁତି ଦାୟିତ୍ୱ ଦେବାକୁ ବିଧାୟକ ଓ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ଅଚାନକ ଗସ୍ତରେ ଯାଇ ଛତୁଆ ୟୁନିଟ ଦ୍ୱୟ ଯାଞ୍ଚ କରିବେ। ପୂର୍ବ ରିପୋର୍ଟ ଏବଂ ତାଙ୍କ ରିପୋର୍ଟକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଜ୍ୟୋତିପ୍ରକାଶ ଦାସ ବୈଠକରେ କହିଥିଲେ। ଅନ୍ୟପକ୍ଷରେ ଛତୁଆ ଯାଞ୍ଚ ପାଇଁ ଜିଲା ଓ ବ୍ଲକସ୍ତରରେ କମିଟି ଗଠନ କରିବା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଆସିଥିବା ବୈଠକରେ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଉକ୍ତ କମିଟି ଗଠନ ହେବ ବୋଲି ଜିଲାପାଳ କହିଥିଲେ।

ବୈଠକରେ ଜିଲାର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାରେ ୨୪୩ ଡାକ୍ତର ପଦବୀ ରହିଥିବା ବେଳେ ୧୩୩ ପଦବୀ ଖାଲି ପଡିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୧ ଏବଂ ଜିଲାର ଅନ୍ୟାନ୍ୟ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୮୨ ଡାକ୍ତର ପଦବୀ ଖାଲି ପଡିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାସ୍କର ସାମନ୍ତରାୟ ସୂଚନା ଦେଇ କହିଥିଲେ ଯେ, ପୁରୀ ଜିଲା ପାଇଁ ରାଜ୍ୟ ସରକାର ଏବେ ୨୫ଜଣ ଡାକ୍ତରଙ୍କୁ ନିଯୁକ୍ତ କରିଛନ୍ତି। ଅକ୍ଟୋବର ୩୧ ପରେ ସେମାନେ କାର୍ଯ୍ୟରେ ଯୋଗଦେବେ। ଗତ କିଛି ଦିନ ମଧ୍ୟରେ ୬ଜଣ ଡାକ୍ତରଙ୍କୁ ଠିକାରେ ନିଯୁକ୍ତି ଦିଆଯାଇଛି। ଆସନ୍ତା ଏକ ମାସ ମଧ୍ୟରେ ଡାକ୍ତର ସମସ୍ୟାରେ କିଛି ମାତ୍ରାରେ ସୁଧାର ଆସିପାରିବ ବୋଲି କହିଥିଲେ। ନିମାପଡ଼ା ବ୍ଲକ ଚାରିଛକ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତି ଅର୍ଥ ଖର୍ଚ୍ଚରେ ଅନିୟମିତତା ହୋଇଥିବା ବିଧାୟକ ସମୀର ରଞ୍ଜନ ଦାଶ ଅଭିଯୋଗ ଆଣିଥିଲେ। ଏହି ଅନିୟମିତତା ଯୋଗୁ ରୋଗୀ କଲ୍ୟାଣ ସମିତି ବୈଠକ ଡକା ହୋଇପାରୁନାହିଁ। ଏହାର ତୁରନ୍ତ ତଦନ୍ତ କରିବା ଲାଗି ସେ କହିଥିଲେ।

ସର୍ବଶିକ୍ଷା ଅଭିଯାନରେ ପୁରୀ ଜିଲାକୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୯୪କୋଟି ୬୦ଲକ୍ଷ ଟଙ୍କା ଅନୁଦାନ ରହିଥିବା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ ସୂଚନା ଦେଇଥିଲେ। ଜିଲାରେ କୋଠାଘର ନ ଥିବା ୨୭ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ସେଥିରୁ ୭ଟି ବିଦ୍ୟାଳୟର ଗୃହ ନିର୍ମାଣ ଲାଗି ଅନୁଦାନ ଆସିଥିବା ବୈଠକରେ ଆଲୋଚନା ହୋଇଥିଲା। ଜିଲାର ଶତାଧିକ ସ୍କୁଲ ଗୃହ ସ୍ଥିତି ଭଲ ନ ଥିବା ବିଧାୟକ ଓ ଜିଲା ପରିଷଦ ସଦସ୍ୟମାନେ ଅଭିଯୋଗ କରିଥିଲେ। କେନ୍ଦ୍ରରୁ ଅନୁଦାନ ଆସୁ ନ ଥିବା ପ୍ରକଳ୍ପ ସଂଯୋଜିକା କହିଥିଲେ। କଣାସ ବ୍ଲକର କାର୍ତ୍ତିକେଶ୍ୱର ନୋଡାଲ ୟୁପି ସ୍କୁଲରେ ୫୬୦ ପିଲା ରହିଥିବା ବେଳେ ସ୍କୁଲ ଗୃହ ନାହିଁ। ପିଲାମାନେ ରାସ୍ତାରେ ବସି ପାଠ ପଢୁଥିବା ସତ୍ୟବାଦୀ ବିଧାୟକ କହିଥିଲେ।

ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଉପରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପୁରୀ ଡିଭିଜନ ଅଧୀନରେ ଚଳିତବର୍ଷ ୪୦୪ ରାସ୍ତା ହାତକୁ ନିଆଯାଇଥିବା ବେଳେ ୬୦ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ରହିଛି। ସେହିପରି ନିମାପଡା ଡିଭିଜନ ଅଧୀନରେ ୨୪୦ରୁ ୨୨୮ ରାସ୍ତା ନିର୍ମାଣ ସରିଥିବା ବେଳେ ୧୨ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ରହିଛି। ଅନ୍ୟପକ୍ଷରେ ସ୍ୱଚ୍ଛଭାରତ ମିଶନ ଜରିଆରେ ପାଇଖାନା ନିର୍ମାଣ ସରିଛି। ବ୍ଲକସ୍ତରରେ ବିଲ୍ ପଡି ରହିଛି। ହାତଗୁଞ୍ଜା (ପିସି) ନ ଦେଲେ ବିଲ୍ ପାସ ହେଉନାହିଁ ବୋଲି ବୈଠକରେ ଜିଲା ପରିଷଦ ସଦସ୍ୟମାନେ ଅଭିଯୋଗ କରିଥିଲେ। ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ପ୍ରକଳ୍ପ ସରିବ। ତେଣୁ ଏହା ମଧ୍ୟରେ ବିଲ୍ ପାସ ନ ହେଲେ ଅର୍ଥ ମିଳିବ ନାହିଁ। ତେଣୁ ଜିଲାପାଳ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଲ୍ କିଭଳି ଶୀଘ୍ର ହେବ ସେ ଦିଗରେ ପଦକ୍ଷେପ ନେବାକୁ ନିମାପଡ଼ା ଓ ସତ୍ୟବାଦୀ ବିଧାୟକ ଜିଲାପାଳଙ୍କୁ କହିଥିଲେ। ପିସି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଜିଲାପାଳ କହିଥିଲେ ଯେ, ଯଦି ନିର୍ଦ୍ଦିଷ୍ଟ ଅଭିଯୋଗ ଆସୁଛି ତେବେ ଭିଜିଲାନ୍ସରେ ଦିଅନ୍ତୁ।

ଜିଲା ପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ଜିଲା ପରିଷଦ ଉପସଭାପତି, ଜିଲା ପରିଷଦ ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାର ଦୁଇ ମନ୍ତ୍ରୀ ଏବଂ ବ୍ରହ୍ମଗିରି ଓ କାକଟପୁର ବିଧାୟକ ବୈଠକରେ ଅନୁପସ୍ଥିତ ରହିଥିବା ବେଳେ ସେମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।



ଭାଜପା ମହିଳା ମୋର୍ଚ୍ଚା ସଦସ୍ୟମାନେ ରାସ୍ତା ଅବରୋଧ କରିଛନ୍ତି।

■ କୋଣାର୍କରେ ବଙ୍ଗୀୟ ଯୁବତୀଙ୍କୁ ଗଣବଳାତ୍କାର ଘଟଣା

## କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ମହିଳା ମୋର୍ଚ୍ଚାର ୧୨ଘଣ୍ଟିଆ ବନ୍ଦ

କୋଣାର୍କ, ୨୬ା୧୦(ଡି.ଏନ୍.ଏ.)

ଗତ ୧୭ତାରିଖରେ କୋଣାର୍କ ମାର୍କେଟ ବିଲ୍ଡିଂର ଏକ କୋଠରିରେ ଗଣବଳାତ୍କାରର ଶିକାର ହୋଇଥିବା ଜଣେ ବଙ୍ଗୀୟ ଯୁବତୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ୧୨ଘଣ୍ଟିଆ କୋଣାର୍କ ବନ୍ଦ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ମହିଳା ମୋର୍ଚ୍ଚା ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲା। ବନ୍ଦ ଯୋଗୁ କୋଣାର୍କକୁ ସଂଯୋଗ କରୁଥିବା ଭୁବନେଶ୍ୱର-ପୁରୀ ଓ ପୁରୀ-କାକଟପୁର ରାସ୍ତାର ମାଧିପୁର ଛକ, ହେଲିପ୍ୟାଡ ସମ୍ମୁଖସ୍ଥ ରାସ୍ତା ଓ ରାଉଳପାଟଣା ଛକରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହା ସହ ଦୋକନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ରହିଥିଲା। ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, କାକଟପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, କୋଣାର୍କ ମଣ୍ଡଳ ସଭାପତି ସୁରେନ ପାଲ, ସୌଦାମିନୀ ମହାପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ବନ୍ଦ ସମ୍ପର୍କରେ ଜାଣି ନ ଥିବା ବାହାର ରାଜ୍ୟର ଯାତ୍ରୀବାହୀ ବସ୍, ମାଲବାହୀ ଟ୍ରକ ସମେତ ଛୋଟବଡ ଯାନବାହନ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। ଏହି ସମୟରେ ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର ବନ୍ଦ ରହିଥିବାରୁ ପର୍ଯ୍ୟଟକମାନେ ନିରାଶ ହୋଇ ଫେରିଥିଲେ। ଏ ସମ୍ପର୍କରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ପରିଡ଼ାଙ୍କୁ ପଚାରିବାରେ କୋଣାର୍କ ପୋଲିସର ମନମୁଖି ନୀତିକୁ ବରଦାସ୍ତ କରାଯାଇପାରିବ ନାହିଁ। ପୋଲିସ ଯଦି ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଓ କୋଣାର୍କକୁ ସମ୍ପୂର୍ଣ୍ଣ ରୂପେ ଦେହବ୍ୟବସାୟ ମୁକ୍ତ ନ କରେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କହିଥିଲେ। ଏ ନେଇ କୋଣାର୍କ ଆଇଆଇସି ସଞ୍ଜୀବ ପ୍ରଧାନ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଚେଷ୍ଟା ଚଳାଇଛି। ଏହା ସହ କୋଣାର୍କରେ ଥିବା ବିଭିନ୍ନ ବେଆଇନ ଲଜ୍‌ରେ ଚଢ଼ାଉ କରାଯାଉଛି ବୋଲି କହିଥିଲେ।

## ସେପ୍‌ଟେଜ ବିଶୋଧନ ପ୍ରକଳ୍ପ ଉଦ୍‌ଘାଟିତ



ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ସେପ୍‌ଟେଜ୍ ବିଶୋଧନ ପ୍ରକଳ୍ପ।

ପୁରୀ ଅଫିସ, ୨୬ା୧୦

ସ୍ଥାନୀୟ ମଙ୍ଗଳାଘାଟ ସ୍ଥିତ ସ୍ୱେରେଜ ବିଶୋଧନ ପ୍ରକଳ୍ପ(ଏସ୍‌ଟିପି) ପରିସରରେ ସେପ୍‌ଟେଜ(ପାଇଖାନା ବର୍ଜ୍ୟ) ବିଶୋଧନ ପ୍ରକଳ୍ପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅମୃତ ଯୋଜନାରେ ୧କୋଟି ୬୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ମଙ୍ଗଳାଘାଟ ସ୍ଥିତ ପ୍ରକଳ୍ପ ପରିସରରେ ମଧ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପାଇଖାନାରୁ ବାହାରୁଥିବା ବର୍ଜ୍ୟକୁ ପୌରସଂସ୍ଥା ପକ୍ଷରୁ ସେସପୁଲ ମାଧମରେ ବାହାର କରାଯାଇ ଏଣେତେଣେ ପକାଯାଉଥିଲା। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେଉଥିଲା। କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ସେପ୍‌ଟେଜ ବିଶୋଧନ ପ୍ରକଳ୍ପ ସ୍ଥାପନ ପାଇଁ ୨୦୧୫-୧୬ ମସିହାରେ ସ୍ଥିର ହୋଇଥିଲା। ଉଦ୍‌ଘାଟିତ ପ୍ରକଳ୍ପରେ ପ୍ରତ୍ୟହ ୫୦ କିଲୋ ଲିଟର ପାଇଖାନା ବର୍ଜ୍ୟ ବିଶୋଧନ ହୋଇପାରିବ। ୩ କିଲୋ ଲିଟର ବିଶିଷ୍ଟ ୧୬ଟି ସେସପୁଲ ପ୍ରତ୍ୟହ ଏହି ପ୍ରକଳ୍ପରେ ବର୍ଜ୍ୟ ନିଷ୍କାସନ କରିପାରିବ। ନଗର ଉନ୍ନୟନ ବିଭାଗ ପକ୍ଷରୁ ହୋଇଥିବା ଏହି ପ୍ରକଳ୍ପକୁ ସ୍ୱେରେଜ ବୋର୍ଡ ପରିଚାଳନା କରିବ। ପୁରୀ ପୌରସଂସ୍ଥାର ୪ଟି ସେସପୁଲ ଯାନ ରହିଛି। ପୁରୀ ସହର ବାସିନ୍ଦାଙ୍କ ପାଇଖାନା ବର୍ଜ୍ୟ ସେସପୁଲ ମାଧମରେ ନିଆଯାଇ ଉକ୍ତ ବିଶୋଧନ ପ୍ରକଳ୍ପରେ ପକାଯିବ।

## ମୃଷାନଈ ଖନନ ପୂର୍ବରୁ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ପୁରୀ ଅଫିସ, ୨୬ା୧୦

ମୃଷାନଈର ପଙ୍କୋଦ୍ଧାର ଏବଂ ଖନନ ଲାଗି ସେପ୍ଟେମ୍ବର ୪ରୁ ଡ୍ରେଜର ମେଶିନ ପହଞ୍ଚିଛି। ମେଶିନ ଆସିବାର ଦେଢ ମାସ ବିତିଥିଲେ ହେଁ ଏ ପର୍ଯ୍ୟନ୍ତ ଖନନ ଆରମ୍ଭ ହୋଇନାହିଁ। ଆସନ୍ତା ସପ୍ତାହରୁ ଖନନ ପାଇଁ ଡ୍ରେନେଜ ବିଭାଗ ଯୋଜନା କରୁଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଅଠରନଳା ନିକଟସ୍ଥ ହୁଲୁହୁଳିଆ ପୋଲ ନିକଟରେ ପଙ୍କୋଦ୍ଧାର ଲାଗି ରଖାଯାଇଥିବା ପାଇପ୍‌ରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ୧ଫୁଟ ଗୋଲେଇ ୨୦ଫୁଟ ଲମ୍ବର ପ୍ରାୟ ୧ଶହ ପାଇପ ଜଳି ଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମୃଷାନଈ ଖନନ ପୂର୍ବରୁ ଏହି ଘଟଣା ପଙ୍କୋଦ୍ଧାର କାର୍ଯ୍ୟକୁ ଅନିଶ୍ଚିତତାକୁ ମଧ ଠେଲି ଦେଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଦାଦାବଟି ଲାଗି ନିଆଁ ଲଗାଯାଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ମୃଷାନଈ ପୁନରୁଦ୍ଧାର ଲାଗି ଜଳସେଚନ ବିଭାଗ ୨୫କୋଟି ଟଙ୍କା ମଞ୍ଜୁର କରିଛି। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯କୋଟି ୪୫ଲକ୍ଷ ଟଙ୍କାର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ହୁଲୁହୁଳିଆ ପୋଲ ଠାରୁ ଅଠରନଳା ପର୍ଯ୍ୟନ୍ତ ପଙ୍କୋଦ୍ଧାର ଓ ଖନନ, ନଦୀ ବନ୍ଧ ସୁଦୃଢ଼ୀକରଣ, ହୁଲୁହୁଳିଆ ପୋଲ ନିକଟରେ ସ୍ଲୁଇସ୍ ଏବଂ ଏକ ଡ୍ରେନ କରାଯିବାର ଯୋଜନା ରହିଛି। ପ୍ରଥମ ପର୍ଯ୍ୟାୟରେ ମୃଷାନଈର ହୁଲୁହୁଳିଆ ପୋଲଠାରୁ ଅଠରନଳା ପର୍ଯ୍ୟନ୍ତ ଅଞ୍ଚଳରେ ପଙ୍କୋଦ୍ଧାର କରାଯିବ।



ମୃଷାନଈ ପୁନରୁଦ୍ଧାର ପାଇଁ ଆସିଥିବା ପାଇପ୍‌କୁ ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବ୍ରହ୍ମଗିରି, ୨୬ା୧୦(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି ଓ ମଧ୍ୟାହ୍ନଭୋଜନ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବଶିକ୍ଷା ଅଭିଯାନ ତରଫରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକର ୧୭ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଆଦି ବିଭାଗରେ ଚୟନ ହୋଇ ଆସିଥିବା ୩୯୧ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଉଲ୍ଲାସ ଚନ୍ଦ୍ର ଜେନା, ଯତୀନ୍ଦ୍ର ନାୟକ, ଜେନା, ସୁରେନ୍ଦ୍ର ମହାରଣା ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ଦକ୍ଷିଣକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ହେଲା ମାଟି ଅନୁକୂଳ

ପୁରୀ ଅଫିସ/ସାକ୍ଷୀଗୋପାଳ, (ଡି.ଏନ.ଏ.) ୨୬ା୧୦

**୬ରେ କାଳୀପୂଜା**

ଆସନ୍ତା ନଭେମ୍ବର ୬ରେ କାଳୀପୂଜା। ଉତ୍ସବମୁଖର ହୋଇପଡିବ ପୁରୀ ସହରଠାରୁ ୨୦କିମି ଦୂର ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣକାଳୀ ପୀଠ। ମା'ଙ୍କ ପ୍ରସିଦ୍ଧ ପର୍ବ କାଳୀପୂଜା ପାଇଁ ବୀରଗୋବିନ୍ଦପୁର ଗାଁ କୋଠ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଶୁକ୍ରବାର ମା' ଦକ୍ଷିଣକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କରାଯାଇଛି। ଦକ୍ଷିଣକାଳୀଙ୍କ ନିକଟରେ ସଙ୍କଳ୍ପ ପୂଜା ପରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ଶୋଭାଯାତ୍ରା ବାହାରିଥିଲା। ପଞ୍ଚୁକେରା ଗ୍ରାମରେ ଥିବା ମା'ଙ୍କ ଶ୍ମଶାନରୁ ମାଟି ଅନୁକୂଳ କରାଯାଇଥିଲା। ପୂଜକ ଅଗାଧୁ ଦୀକ୍ଷିତ ମାଟି ଅନୁକୂଳ ଓ ମହାପୂଜା କରିବା ନିମନ୍ତେ ସଙ୍କଳ୍ପ ନେଇଥିଲେ। କୋଠର ସଦସ୍ୟ ଓ ଗ୍ରାମର ଲୋକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବୀରଗୋବିନ୍ଦପୁର ଗାଁ କୋଠର ସଭାପତି ଭିକାରୀ ନନ୍ଦ ଏବଂ ସମ୍ପାଦକ ଶ୍ରୀନିବାସ ମିଶ୍ର ଉପସ୍ଥିତ ଥିଲେ। ନଭେମ୍ବର ୭ତାରିଖ ଦିନ ବ୍ୟାପୀ ଦର୍ଶନ ପରେ ସନ୍ଧ୍ୟାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ହେବ।



ଦକ୍ଷିଣକାଳୀ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଉଛି।

# ଆମ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି

ପୁରୀ ଅଫିସ, ୨୬ା୧୦




କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**କୁମାରୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଆମ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି। ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳୀୟ ସଂସ୍କୃତିର ପ୍ରତୀକ। ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଉତ୍କର୍ଷତା ଲାଭ କରିଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଭାରତୀୟଙ୍କ ଆରାଧ ଦେବତା। ଶ୍ରୀକ୍ଷେତ୍ରର କଳା ଓ ସଂସ୍କୃତି ଅନନ୍ୟ। ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ପରିଚୟ। ରଥଯାତ୍ରା ବିଶ୍ୱକୁ ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଶରଧାବାଲିଠାରେ ଚାଲିଥିବା ୫୧ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୁରୀ ବାର ଆସୋସିଏଶନ ସଭାପତି ପ୍ରେମାନନ୍ଦ ମହାନ୍ତି କହିଲେ, କଳା ଓ ସଂସ୍କୃତିର ସହର ପୁରୀର ଐତିହ୍ୟ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ପୁରୀର ବିକାଶ ଠପ୍ ହୋଇଯାଇଛି। ନବକଳେବରରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ଶ୍ରୀମନ୍ଦିର ଆୟବ୍ୟୟର ଅଡିଟ କରାଯାଉନାହିଁ। ଅନ୍ୟମାନଙ୍କ ମଧ୍ୟରେ ଡା. ବାମଦେବ ମହାନ୍ତି, କଂଗ୍ରେସ ନେତ୍ରୀ ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଉପଦେଷ୍ଟା ରାଜେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ମଞ୍ଚ ଅଭିନେତା ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ଜ୍ୟୋତିର୍ବିଦ ହରିବନ୍ଧୁ ଆଚାର୍ଯ୍ୟ, ବେଣୁଧର ମାପିଷ୍ଟ, ଶିବସୁନ୍ଦର ମିଶ୍ର ଏବଂ ସାମାଜିକ ଅନୁଷ୍ଠାନ ହୋପ ଇଜ୍ ଲାଇଫକୁ ସମ୍ମାନିତ କରାଯଇଥିଲା।

ଏହି ଅବସରରେ ହରପ୍ରିୟା ଦେବଦାସୀ ନୃତ୍ୟ କଳାମନ୍ଦିର କଳାକାରମାନେ ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରି ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଗଞ୍ଜାମ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ଯୁଗଳ ଶଙ୍ଖ ବାଦ୍ୟାନୁଷ୍ଠାନର କଳାକାରମାନେ ଯୋଡ଼ିଶଙ୍ଖ ଓ ରଣପା ନୃତ୍ୟ ପରିବେଷଣ କରିଥିଲେ। ଶିଳ୍ପୀ ଏଣ୍ଟରଟେନମେଣ୍ଟ ନୃତ୍ୟଶିଳ୍ପୀମାନେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କୁମାର ଉତ୍ସବ ସମିତି ପକ୍ଷରୁ ଆୟୋଜିତ ନାଟକ ଶେଷ ଇଚ୍ଛା। ଦିଅଁ ଦର୍ଶନ, ଠାକୁର ପୂଜା କରି ପୁଅକୁ ପାଇଥିବା ମା' ବାପା ଶେଷରେ କିପରି ନିଜ ଜନ୍ମିତ ପୁଅ ଦ୍ୱାରା ହତାଦର ହୋଇଥାନ୍ତି ତାହା ନାଟକ ଶେଷ ଇଚ୍ଛାରେ ପ୍ରତିଫଳିତ ହୋଇଥିଲା।



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।

-କାର୍ଲାଇଲ୍



## ସଂକ୍ଷେପରେ

### ୩ ହବିଷିଆଳି ମେଡିକାଲରେ ଭର୍ତ୍ତି



ପୁରୀ ଅଫିସ,୨୬।୧୦: କାର୍ତ୍ତିକ ବ୍ରତର ଦ୍ୱିତୀୟ ଦିନରେ ଶୁକ୍ରବାର ୩ ହବିଷିଆଳି ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ନୟାଗଡ଼ ଜିଲାର ବ୍ରାହ୍ମଣୀ ପ୍ରଧାନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କର ନିମ୍ନ ରକ୍ତଚାପ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ସେହିପରି ବଗଲା ଧର୍ମଶାଳାରେ ରହୁଥିବା ବ୍ରହ୍ମପୁରର ପଦ୍ମାବତୀ ରାଉତ ଏବଂ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟସ୍ଥ ଏକ ଲଜ୍‌ରେ ରହୁଥିବା ବ୍ରହ୍ମପୁରର କୃଷ୍ଣଲତା କର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କୃଷ୍ଣଲତାଙ୍କୁ ଜ୍ୱର ହୋଇଥିବା ବେଳେ ବ୍ରାହ୍ମଣୀଙ୍କ ରକ୍ତଚାପ ଥିବା ଜଣାପଡିଛି।


### ଦ୍ୱିତୀୟ ପର୍ଯ୍ୟାୟରେ ୧୪୧୭ ରାଶନ କାର୍ଡ ବଣ୍ଟନ

ସାକ୍ଷୀଗୋପାଳ, ୨୬।୧୦(ଡି.ଏନ୍.ଏ.)- ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କୁ ସତ୍ୟବାଦୀ ବ୍ଲକ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ରାଶନ କାର୍ଡ ଗୁରୁବାର ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ୧୪୧୭ ପରିବାରକୁ ରାଶନ କାର୍ଡ ବଣ୍ଟନ କରିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ କୁମାର ଜେନା, ଅତିରିକ୍ତ ବିଡିଓ ସାରଦା ପ୍ରସନ୍ନ ମହାନ୍ତି, ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ସିଂହ, ସମବାୟ ସଂପ୍ରସାରଣ ଅଧିକାରୀ କମଳ କୁମାର ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ରହିଥିଲେ। ଶଙ୍କର ପ୍ରଧାନ, ସୁରେଶ କୁମାର ସାହୁ, ସୁନୀଲ କୁମାର ପଣ୍ଡା, ପ୍ରମୋଦ କୁମାର ରାଉତରାୟ, ସ୍ୱାଧୀନ ଜେନା, ସୋମନାଥ ମୁଦୁଲି, ଆମ୍ବା ସଭାପତି ବେବିଲାଲ ମିଶ୍ର, ସମିତିସଭ୍ୟ ପ୍ରଶାନ୍ତ ମହାପାତ୍ର, ମୋନାଲିସା ପାଣି ଏବଂ ସରପଞ୍ଚ କୃଷ୍ଣପ୍ରିୟା ପଣ୍ଡା, ବାସନ୍ତୀ ବେହେରା, ପ୍ରକାଶ ଖଟେଇ, ବିଜୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ଦୋକାନ

ବ୍ରହ୍ମଗିରି, ୨୬।୧୦(ଡି.ଏନ୍.ଏ.)-ବ୍ରହ୍ମଗିରି ଥାନା ଅନ୍ତର୍ଗତ ଜଗଦଳ ଗ୍ରାମରେ ଥିବା ଏକ ଦୋକାନରେ ଗୁରୁବାର ରାତିରେ ନିଆଁ ଲାଗି ଯିବାରୁ ଦୋକନଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଦୋକାନଟି ଉକ୍ତ ଗ୍ରାମର ଚନ୍ଦନ ପଲାଇଙ୍କର ବୋଲି ଜଣାପଡ଼ିଛି। ଖବର ପାଇ ବ୍ରହ୍ମଗିରି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

### ୩ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଗୋପ, ୨୬।୧୦(ଡି.ଏନ୍.ଏ.)-କାକଟପୁର ନିର୍ବାଚନ ମଣ୍ଡଳୀ ତଥା ଗୋପ ବ୍ଲକର ବନାଖଣ୍ଡି, ଅଚ୍ୟୁତପୁର, ମହଲପଡ଼ା ଗ୍ରାମପଞ୍ଚାୟତରେ ଶୁକ୍ରବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଥିଲା। ଏଥିରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ୩ଟି ପଞ୍ଚାୟତର ମହଲପଡ଼ା, ଓରେଇ, ଖରିପଡ଼ିଆ, ବନାଖଣ୍ଡି, ବଗଲେଇ, ଅଚ୍ୟୁତପୁର, ସଦାନନ୍ଦପୁର, ବମ୍, ବନ୍ଧାଲୋ, ମାଙ୍କରଗୋରଡ଼ି ସମେତ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଜନସାଧାରଣଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କରେ ସିଧାସଳଖ ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ସମିତି ସଭ୍ୟ ବିଚିତ୍ରାନନ୍ଦ ସ୍ୱାଇଁ, କାକଟପୁର ନିର୍ବାଚନ ମଣ୍ଡଳୀ ଗୋପ ବ୍ଲକ ୧୪ ପଞ୍ଚାୟତ ଆବାହକ ବ୍ରହ୍ମାନନ୍ଦ ସାମନ୍ତରାୟ, ଯୁବନେତା ଧନଞ୍ଜୟ ବେହେରା, ବନାଖଣ୍ଡି ସରପଞ୍ଚ ଜିତେନ୍ଦ୍ର ମଲ୍ଲିକ୍ ପ୍ରମୁଖ ସାମିଲ ହୋଇଥିଲେ।

# ନଭେମ୍ବର ୧୭ରେ ରାଧାପାଦ ଦର୍ଶନ

- ଚପିଗଲା ନକଲି ପାସ୍‌ର ତଦନ୍ତ
- ତୁରନ୍ତ ସମନ୍ୱୟ ବୈଠକ ଡାକିବାକୁ ଚିଠି

ପୁରୀ ଅଫିସ, ୨୬।୧୦

ଆସନ୍ତା ନଭେମ୍ବର ୧୭ ତାରିଖ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ଗୋପୀନାଥ ଦେବଙ୍କ ପୀଠରେ ହେବ ରାଧାପାଦ ଦର୍ଶନ। ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ରାଧାରାଣୀ। ବର୍ଷକୁ ଥରେ ମା'ଙ୍କ ପାଦ ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ହେଲେ ଗତବର୍ଷ ନକଲି ପାସ୍‌କୁ ନେଇ ଦର୍ଶନରେ ହୋଇଥିବା ବିଶୃଙ୍ଖଳାକୁ ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି ଭକ୍ତ। ରାଜନେତାଙ୍କ ସମ୍ପୃକ୍ତି ଥିବାରୁ ନକଲି ପାସ୍‌ର ତଦନ୍ତକୁ ଚାପି ଦିଆଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ତୁରନ୍ତ ସମନ୍ୱୟ ବୈଠକ ଡାକିବା ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଦେବୋତ୍ତର କମିଶନ ଚିଠି କରିଛନ୍ତି। ଦୁଇଟି ବୈଠକ ଡାକିବାକୁ ଦେବୋତ୍ତର କମିଶନ ଚିଠିରେ ଉଲ୍ଲେଖ କରିଥିବା ବେଳେ ତାରିଖ ସ୍ଥିର କରି ତାଙ୍କୁ ଡାକିବା ପାଇଁ କହିଛନ୍ତି। ବିଗତବର୍ଷ ଅବ୍ୟବସ୍ଥା ପାଇଁ ଦାୟୀ କିଏ, କେଉଁ ପରିସ୍ଥିତିରେ ବିଶୃଙ୍ଖଳା ହେଲା ଏସବୁ ବିଷୟ ବୈଠକରେ ଆଲୋଚନା କରାଯାଇ ଚଳିତବର୍ଷ ଲାଗି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେବ ବୋଲି ଜଣାପଡିଛି।

ଗତବର୍ଷ ରାଧାପାଦ ଦର୍ଶନ ବେଳେ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଠେଲାପେଲାରେ ୪ ଜଣ ଆହତ ହୋଇଥିଲେ। ନକଲି ପାସ୍ ଛପାଯାଇ ବିକ୍ରି କରାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଏଥିଯୋଗୁ ଭକ୍ତମାନେ ଖରାରେ ୭ରୁ ୮ ଘଣ୍ଟା ଧରି ଅପେକ୍ଷା କରିଥିଲେ। ବହୁ ସଂଖ୍ୟାରେ ଭକ୍ତ ଦର୍ଶନ ନ ପାଇ ଫେରିଥିଲେ।

ଏହି ଘଟଣାକୁ ନେଇ କଳାହାଣ୍ଡି ମୁଖିଗୁଡ଼ାର ନିଗମ ପ୍ରସାଦ ରଣା ଦେବୋତ୍ତର କମିଶନରଙ୍କୁ ଅଭିଯୋଗ କରିଥିଲେ। ମନ୍ଦିରର କେତେଜଣ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀ ସେବାୟତଙ୍କ ସହ ମିଶି ପଛପଟେ ଦର୍ଶନ କରୁଥିଲେ। ଆଉ କେତେଜଣ ସେବାୟତ ୩୦୦ରୁ ୪୦୦ ଟଙ୍କାରେ ପାସ୍ ବିକ୍ରି କରୁଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାର ଦେବୋତ୍ତର କମିଶନର ନିଜେ ତଦନ୍ତ କରିବା ଲାଗି ନିଗମ ସାକ୍ଷାତ୍ କରି ଅନୁରୋଧ କରିଥିଲେ। କିନ୍ତୁ ଏହାର ତଦନ୍ତ ଏ ପର୍ଯ୍ୟନ୍ତ ହୋଇନାହିଁ। ଅନ୍ୟପକ୍ଷରେ ପୁରୀ ଏସ୍‌ପି ଏହାର ତଦନ୍ତ ପାଇଁ ତତ୍କାଳୀନ ପିପିଲି ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ତଦନ୍ତ ମଧ୍ୟ ଶୀତଳଭଣ୍ଡାରରେ ରହିଛି। ଆଗକୁ ଆସୁଛି ରାଧାପାଦ ଦର୍ଶନ। ହାତରେ ଆଉ ୨୧ ଦିନ ସମୟ ଥିବା ବେଳେ ଏ ପର୍ଯ୍ୟନ୍ତ ସମନ୍ୱୟ ବୈଠକ ବସିନାହିଁ କିମ୍ବା ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କୌଣସି ଯୋଜନା ହୋଇନାହିଁ। ଗତବର୍ଷ ଯେଉଁ ପାସ୍‌କୁ ନେଇ ବିଶୃଙ୍ଖଳା ହେଲା ଏ ବର୍ଷ ପାସ୍ ବ୍ୟବସ୍ଥାକୁ କେଉଁଭଳି ନିୟନ୍ତ୍ରଣ କରାଯିବ ସେ ନେଇ କୌଣସି ପଦକ୍ଷେପ ଆରମ୍ଭ ହୋଇନାହିଁ।

ଏ ସମ୍ପର୍କରେ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସମନ୍ୱୟ ବୈଠକ ପାଇଁ ତାରିଖ ଧାର୍ଯ୍ୟ କରିବାକୁ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଚିଠି ଲେଖିଛି। ଗତବର୍ଷ ବିଶୃଙ୍ଖଳାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି ବୈଠକରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଭିଆଇପି ଦର୍ଶନକୁ ନେଇ ରାଧାପାଦ ଦର୍ଶନ ସମୟରେ ଅନେକଥର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ତତ୍କାଳୀନ ଦେବୋତ୍ତର କମିଶନ ଏହାର ତଦନ୍ତ କରି ପାସ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। କିନ୍ତୁ ଗତବର୍ଷ ଭିଆଇପି ଟିକେଟ ହୋଇ ନ ଥିଲେ ହେଁ ନକଲି ପାସ୍ ଛପାଯାଇ ବିକ୍ରି କରାଯାଇଥିବା ଏବଂ ସେବାୟତଙ୍କୁ ଦିଆଯାଇଥିବା ପାସ୍‌ର ଦୁରୁପଯୋଗ ହୋଇଥିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।




ଯୋଗାଣ ବିଭାଗ ଦ୍ୱାରା ଜବତ ହୋଇଥିବା ଗ୍ୟାସ ସିଲିଣ୍ଡର।

- ଯୋଗାଣ ବିଭାଗର ଚଢ଼ାଉ

## ୫୮ ଲିଟର ପେଟ୍ରୋଲ, ୯ ଗ୍ୟାସ ସିଲିଣ୍ଡର ଜବତ

ପୁରୀ ଅଫିସ, ୨୬।୧୦:

ପୁରୀ ସହରର ପାନଦୋକାନ ଠାରୁ ଆରମ୍ଭ କରି ତେଜରାତି ଦୋକାନରେ ବିକ୍ରି ହେଉଛି ପେଟ୍ରୋଲ। ଏପରି କି କେତେଜଣ ବ୍ୟକ୍ତି ରାସ୍ତାକଡ଼ରେ ପେଟ୍ରୋଲ ବିକ୍ରି କରୁଛନ୍ତି। ବେନିୟମ ଭାବେ ପେଟ୍ରୋଲ ବିକ୍ରି ଚାଲିଥିବା ବେଳେ ନୀରବ ରହିଛି ଯୋଗାଣ ବିଭାଗ। ଅନ୍ୟପକ୍ଷରେ ଘରୋଇ ରନ୍ଧନ ଗ୍ୟାସ୍‌ର ଦୁରୁପଯୋଗ ହେଉଛି। ଜିଲାପାଳଙ୍କ ତାଗିଦ ପରେ ଶୁକ୍ରବାର ୨ଟି ଦୋକାନ ଉପରେ ଚଢାଉ କରିଛି ଯୋଗାଣ ବିଭାଗ। ଦରଜିପୋଖରୀ ଛକ ନିକଟସ୍ଥ ଏକ ପାନ ଦୋକାନରୁ ୫୮ଲିଟର ପେଟ୍ରୋଲ ଜବତ ହୋଇଛି। ସେହିପରି ବଡ଼ଶଙ୍ଖ ନିକଟସ୍ଥ ଏକ ଦୋକାନ ଉପରେ ଚଢାଉ କରି ସେଠାରୁ ୯ଟି ଘରୋଇ ଗ୍ୟାସ ସିଲିଣ୍ଡରକୁ ଯୋଗାଣ ବିଭାଗ ଜବତ କରିଛି।



ଗାଡି ଦୁର୍ଘଟଣାରେ ଆହତ ପରିବାର।

## ଶବ ବାହକ ଗାଡ଼ି ଓଲଟି ୮ ଆହତ

ପୁରୀ ଅଫିସ,୨୬।୧୦ :

ପୁରୀ ସଦର ଥାନା ଅଧୀନ ମାଳତିପାଟପୁର ଛକରେ ଏକ ଶବ ବାହକ ଗାଡ଼ି ଓଲଟି ପଡ଼ିବାରୁ ଏଥିରେ ଥିବା ୮ଜଣ ଆହତ ହୋଇଛନ୍ତି। ଗାଡ଼ିଟି ଜଗତ୍‌ସିଂହପୁର ଜିଲା ଏରସମାରୁ ମୃତଦେହ ସତ୍କାର ପାଇଁ ସ୍ୱର୍ଗଦ୍ୱାରକୁ ଆସୁଥିଲା। ଆହତମାନେ ହେଲେ ପାରାଦୀପର ପ୍ରିୟାଂଶୁ କୁମାର ଦାଶ, ଏରସମାର ସୁଜାତା କରଣ, ଆନନ୍ଦ କରଣ, ମଣ୍ଟୁ କରଣ, ଅନନ୍ତ କରଣ, ବିଜୟ କରଣ, ତୁଳସୀ କରଣ ଓ ମୋଦିନି ପାଉଣିଆ। ଏରସମାର ଗୋଟିଏ ପରିବାର ଓ ସମ୍ପର୍କୀୟ ମୃତ ବରେନ କରଣଙ୍କ ଶବଦାହ ଲାଗି ଉକ୍ତ ଗାଡ଼ିରେ ପୁରୀ ଆସୁଥିଲେ। ଶୁକ୍ରବାର ଅପରାହ୍ଣ ୨ଟା ସମୟରେ ମାଳତିପାଟପୁର ଛକ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ିଟି ବାମପାର୍ଶ୍ୱ ରାସ୍ତାକଡକୁ ଓଲଟି ପଡିଥିଲା। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଆହତମାନେ ପ୍ରାଥମିକ ଚିକିତ୍ସା ପରେ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରିଥିଲେ। ସଦର ପୋଲିସ ଘଟଣାସ୍ଥଳରୁ ଗାଡିକୁ ଜବତ କରିଛି।

## ଶିକ୍ଷା ସଚେତନତା ଶୋଭାଯାତ୍ରା




ଶିକ୍ଷା ସଚେତନତା ରାଲିରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ବଳଙ୍ଗା, ୨୬।୧୦(ଡି.ଏନ୍.ଏ.)–

ବଳଙ୍ଗା ଥାନା ବାଙ୍ଗରୁସପାଟଣା ଗ୍ରାମରେ ଥିବା ଛାତ୍ରୀଛାତ୍ର ଜ୍ଞାନକେନ୍ଦ୍ର ଓ ପାଠାଗାର ତରଫରୁ ଏକ ଶିକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ଞାନକେନ୍ଦ୍ରର ଉପଦେଷ୍ଟା ଲେଖକ ତଥା ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ସଦସ୍ୟ ବିଷ୍ଣୁଚରଣ ଦାସ, ଭାଗୀରଥି ବେହେରା, ଚକ୍ରଧର ନାୟକ, ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇଥିଲେ। ଜ୍ଞାନ କେନ୍ଦ୍ର ଛାତ୍ରୀଛାତ୍ରମାନେ ବାଙ୍ଗୁରୁସଶାସନ, ଗଡପଦନପୁର, କଣ୍ଟାବଣିଆ, ବାଲିଆଶାସନ, ଦଳଭାଣପୁର, ଭାଣପୁର ଓ ହରିପୁର ଗ୍ରାମ ମାନଙ୍କରେ ଶିକ୍ଷା ସମ୍ପର୍କିତ ବ୍ୟାନର ପୋଷ୍ଟର ଧରି ଶୋଭାଯାତ୍ରା କରିଥିଲେ। ଏହା ସହ ଲୋକମାନଙ୍କୁ ଶିକ୍ଷାର ଉପାଦେୟତା ସମ୍ପର୍କରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇଥିଲେ। ପରେ ଜ୍ଞାନକେନ୍ଦ୍ରରେ ଶିକ୍ଷାର ମହତ୍ତ୍ୱ ଏବଂ ଗୁରୁତ୍ୱ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

## ଭତ୍ତା ଅପେକ୍ଷାରେ ହିତାଧିକାରୀ ଅନୁମୋଦନ ହୋଇଛି ୬୦୩, ପଡ଼ିରହିଛି ୧୭୩

ଗୋପ, ୨୬।୧୦(ଡି.ଏନ୍.ଏ.)

ଗୋପ ବ୍ଲକରେ ହଜାର ହଜାର ସଂଖ୍ୟାରେ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଭତ୍ତା ଅପେକ୍ଷାରେ ଥିବାବେଳେ ବ୍ଲକ ପ୍ରଶାସନର ଅପାରଗତା ଯୋଗୁ ଏହି ହିତାଧିକାରୀମାନଙ୍କୁ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ କରାଯାଇପାରୁନାହିଁ। ବ୍ଲକରେ ପୂର୍ବରୁ ୧୭୩ଜଣ ହିତାଧିକାରୀଙ୍କ ଭତ୍ତା ବଣ୍ଟନ ହୋଇପାରି ନ ଥିବାବେଳେ ଚଳିତ ବର୍ଷ ୩୧ଟି ପଞ୍ଚାୟତରେ ମାତ୍ର ୬୦୩ ଜଣଙ୍କର ଭତ୍ତା ଅନୁମୋଦନ ହୋଇଛି। ଏ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରକାଶ ଯେ, ଚଳିତ ବର୍ଷ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତର ୩୧ଗୋଟି ଗ୍ରାମ ପଞ୍ଚାୟତ ୩୩୫ଜଣଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇଥିବାବେଳେ ହଜାର ହଜାର ସଂଖ୍ୟକ ଆବେଦନକାରୀଙ୍କୁ ଭତ୍ତା ମିଳିପାରୁନାହିଁ। କେତେକ କ୍ଷେତ୍ରରେ ବ୍ଲକ ପ୍ରଶାସନର ଅଧିକାରୀମାନେ ଏହି ଦାୟିତ୍ୱରେ ରହିଥିବାବେଳେ ଠିକ୍ ଭାବରେ ହିତାଧିକାରୀମାନଙ୍କୁ ଚୟନ କରିପାରୁ ନ ଥିବା ଅଭିଯୋଗ ଆସୁଛି। ଏପରିକି ୮୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ୫୦୦ଟଙ୍କା ମିଳିବାକୁ ଥିବାବେଳେ ସେମାନଙ୍କୁ ୩୦୦ଟଙ୍କା ଭତ୍ତା ଟଙ୍କା ମିଳୁଥିବା ଭଳି ଅଭିଯୋଗ ହୋଇଛି। ବ୍ଲକ ପ୍ରଶାସନ ନିଜର ପାରିବାପଣିଆକୁ ଲୁଚେଇବାକୁ ଯାଇ ଚଳିତ ବର୍ଷ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଓ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଏକ ଉତ୍ସବକୁ ଡାକି ଏହି ଭତ୍ତା ବଣ୍ଟନ ଉତ୍ସବ କରିଥିବାବେଳେ ଏହା କେବଳ ଲୋକ ଦେଖାଣିଆ ବୋଲି ହିତାଧିକାରୀମାନେ କହିଛନ୍ତି। ଗୋପ ବ୍ଲକରେ ୩ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଥିବାବେଳେ ଏହି ଆବେଦନପତ୍ର ମଧ୍ୟରୁ ୧୦୦୨ଜଣଙ୍କ ନାମ ଜିଲା ପ୍ରଶାସନ ନିକଟକୁ ଅନୁମୋଦନ ପାଇଁ ପଠାଯାଇଥିବାବେଳେ ସେଥିମଧ୍ୟରୁ ଦୁଇଟି ପର୍ଯ୍ୟାୟରେ ୬୦୩ ଜଣ ହିତାଧିକାରୀଙ୍କ ଭତ୍ତା ଅନୁମୋଦନ କରାଯାଇଛି। ସେପ୍ଟେମ୍ବର ମାସଠାରୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଥିବାବେଳେ ପ୍ରଶାସନର ଖାମଖିଆଲ ନୀତି ଓ ରାଜନେତାଙ୍କ ଦୂରଦୃଷ୍ଟି ଅଭାବରୁ ପୂର୍ବ ବର୍ଷର ୧୭୩ଜଣ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଇଡିଭୂଆଁ, ଛଇତନା, ଗଡ଼ଭିଙ୍ଗୁରା ପଞ୍ଚାୟତରେ ୮୧ଜଣ ହିତାଧିକାରୀଙ୍କୁ ଭତ୍ତା ଅନୁମୋଦନ ପତ୍ର ସମେତ ପ୍ରାପ୍ୟ ପ୍ରଦାନ କରାଯାଇଥିବାବେଳେ ନିମାପଡ଼ା ଓ କାକଟପୁର ନିର୍ବାଚନ ମଣ୍ଡଳୀରେ ଥିବା ୨୮ଟି ଗ୍ରାମ ପଞ୍ଚାୟତରେ ଏହି ଭତ୍ତା ପ୍ରଦାନ କରାଯାଇପାରିନାହିଁ। ଫଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ତ୍ରୟୋଦଶ କୁଞ୍ଜେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

କଣାସ, ୨୬।୧୦(ସ୍ୱ.ପ୍ର.)




କୁଞ୍ଜେଶ୍ୱରୀ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ।

କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଦଶହରା ପଡିଆରେ ଗତ ୧୯ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରୟୋଦଶ କୁଞ୍ଜେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଲୁପ୍ତ ହୋଇଯାଉଥିବା ସଂସ୍କୃତି ଓ ଲୁକ୍କାୟିତ ହୋଇ ରହିଯାଉଥିବା ଗାଁ ଗହଳିର ପ୍ରତିଭାମାନଙ୍କୁ ଆଗଧାଡିକୁ ଆଣିବାପାଇଁ କଣାସ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଦୀର୍ଘ ୧୩ବର୍ଷ ଧରି ଏହି ମହୋତ୍ସବ ଆୟୋଜ କରିଆସୁଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସ୍ଥାୟୀସଭାପତି କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜଙ୍କ ସଭାପତିତ୍ୱରେ ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ଅନ୍ୟାମାନଙ୍କ ମଧ୍ୟରେ କଣାସ ବ୍ଲକ ପୂର୍ବତନ ଆମ୍ବା ଅଧ୍ୟକ୍ଷ ଭଗବାନ ସୁବୁଦ୍ଧି, ଜନମଙ୍ଗଳ କ୍ଲବର ସମ୍ପାଦକ ତଥା ମହୋତ୍ସବର ଆୟୋଜକ ସୁକାନ୍ତକିଶୋର ସାମନ୍ତରାୟ ଯୋଗଦେଇଥିଲେ। ବିଲୁପ୍ତ ହୋଇଯାଉଥିବା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ କଣାସ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସହଯୋଗ ଲୋଡାବୋଲି ଅତିଥିମାନେ ନିବେଦନ କରିଥିଲେ। ୭ଦିନ ଧରି ଅନୁଷ୍ଠିତ ହୋଇଥିବା ଓଡ଼ିଶୀ ନାମସଂକୀର୍ତ୍ତନ ପ୍ରତିଯୋଗିତା, ପାଇକଖେଳ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା, କୌତୁକ ପୋଷାକ, ଭଜନ, କ୍ଷୁଦ୍ରନାଟକ, ଚିତ୍ରାଙ୍କନ, କବିତାପାଠ, ବିଭିନ୍ନ ନୃତ୍ୟ ପରିବେଷଣ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତିମାନଙ୍କୁ ଅତିଥିମାନେ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ।

- କଣାସରେ ଖାଉଟି କାର୍ଡ ଦୁର୍ନୀତି ଘଟଣା

## କଂଗ୍ରେସର ଗଣବିକ୍ଷୋଭ ଉଦ୍‌ଯାପିତ

କଣାସ, ୨୬।୧୦(ସ୍ୱ.ପ୍ର.)

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କଣାସ ବ୍ଲକରେ ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ପଞ୍ଚାୟତ ସମିତି ସମ୍ମୁଖରେ ଚାଲିଥିବା ଗଣ ବିକ୍ଷୋଭ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶହଶହ ଗରିବଲୋକ ଖାଉଟିକାର୍ଡରୁ ବଞ୍ଚିତ ହୋଇଥିବାରୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ କଣାସ ବ୍ଲକର ଶହଶହ କଂଗ୍ରେସ କର୍ମୀ ଓ ଏଥିରୁ ବଞ୍ଚିତ ହୋଇଥିବା ହିତାଧିକାରୀ ପରିବାର ଗତ୨୩ତାରିଖ ଠାରୁ କଣାସ ବିକ୍ଷୋଭରେ ସାମିଲ ହୋଇଥିଲେ। ଶୁକ୍ରବାର କଣାସ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ସଂଗ୍ରାମକେଶରୀ ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାମାଜିକ କର୍ମୀ ସୁକାନ୍ତକିଶୋର ସାମନ୍ତରାୟ, ସାମାଜିକ କର୍ମୀ ପ୍ରଦୀପ ହରିଚନ୍ଦନ, ପାଣ୍ଡିଆକେରା ସରପଞ୍ଚ ମନମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ରାଜ୍ୟସରକାର କିପରି ସେମାନଙ୍କୁ ପ୍ରତାରିତ କରିଥିବାରୁ ସଭାରେ ବକ୍ତାମାନେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟସରକାର ଭୋକବିକଳରେ ତାଟିଆ କାମୁଡିଲା ପରି ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୧୦ହଜାର ଟଙ୍କା ଋଣ ପ୍ରଦାନ, ଖାଉଟିକାର୍ଡ ପ୍ରଦାନଭଳି ବିଭିନ୍ନ ଯୋଜନାକରି ଭୋଟ ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି ବୋଲି ହରିଚନ୍ଦନ କହିଥିଲେ। ଶେଷରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରତିଭା ସାହୁ, କଣାସ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, କଣାସ ଅତିରିକ୍ତ ତହସିଲଦାର ସହଦେବ ସାହୁଙ୍କ ମାଧ୍ୟମରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଡିଓ ସାହୁ ଉପସ୍ଥିତଥିବା ଲୋକମାନଙ୍କୁ କହିଥିଲେ ଯେ, ଯେଉଁମାନେ ଖାଉଟିକାର୍ଡ ପାଇବାକୁ ହକ୍‌ଦାର ସେମାନେ ମୋତ ଦରଖାସ୍ତ ଲେଖି ଦେଲେ ମୁଁ ତଦନ୍ତ କରି ତୁରନ୍ତ ଖାଉଟିକାର୍ଡ ପ୍ରଦାନ କରିବି। ଶାନ୍ତି ଶୃଙ୍ଖଳା ରକ୍ଷାଲାଗି କଣାସ ଥାନା ଅଧିକାରୀଙ୍କ ସହ ପୋଲିସ ଫୋର୍ସ ବିକ୍ଷୋଭ ସ୍ଥଳ ଜଗି ରହିଥିଲେ।

## ଭାଜପାର ମିଶ୍ରଣପର୍ବ

କଣାସ, ୨୬।୧୦(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ସାଉରିଆ ପଞ୍ଚାୟତର ବାରବାଟି ତ୍ରାହି ଅଚ୍ୟୁତ ଆଶ୍ରମରେ ମଣ୍ଡଳ ସଭାପତି ଦିଲୀପ କୁମାର ଧାଉଡ଼ିଆଙ୍କ ନେତୃତ୍ୱରେ ଶୁକ୍ରବାର ଏକ ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ଯୁବ ଭାଜପା ନେତା ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲା ଭାଜପା ଉପସଭାପତି ଜନ୍ମେଜୟ ଜେନା, ଆର୍ତ୍ତବନ୍ଧୁ ପୃଷ୍ଟି, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବିଶ୍ୱଜିତ୍ ବଡ଼ଜେନା, ଗଡ଼ମୋଟରୀ ଭାଜପା ମଣ୍ଡଳ ସଭାପତି ଶ୍ୱେତ କୁମାର ନାୟକ, ମନୋରଞ୍ଜନ ହରିଚନ୍ଦନ, ବିଜୟ ସୁନ୍ଦରାୟ, ପୂର୍ଣ୍ଣଚନ୍ଦ୍ର ଶତ୍ରୁଶଲ, ବାବୁରାମ ଦାସ, କବିରାଜ ପରିଡ଼ା, ଶଙ୍କର୍ଷଣ ବଳିୟାରସିଂହ ପ୍ରମୁଖ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଶାସକ ବିଜେଡିର ଦୃଢ଼ ସମର୍ଥକ ଲକ୍ଷ୍ମୀଧର ପାଇକରାୟଙ୍କ ସମେତ ତାଙ୍କ ସମର୍ଥକମାନଙ୍କୁ ଉପସଭାପତି ଜେନା ଭାଜପା ଟୋପି ଓ ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିଲେ। ଆଗାମୀ ୩୦ତାରିଖରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଅପାରଗତା ବିରୋଧରେ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭାଜପା କର୍ମୀ ଓ ସମର୍ଥକ ଯୋଗଦେବାକୁ ପଟ୍ଟନାୟକ ନିବେଦନ କରିଥିଲେ।

## ନିମାପଡ଼ା ଜେଲ ସମ୍ମୁଖରେ ଅଭିଜିତଙ୍କ କୁଶପୁତ୍ତଳିକା ଦାହ

ନିମାପଡ଼ା,୨୬।୧୦(ଡି.ଏନ୍.ଏ.):

ଓଡ଼ିଶାର କଳା, ସଂସ୍କୃତି, କୋଣାର୍କ ସୂର୍ଯ୍ୟମନ୍ଦିର, ଜଗନ୍ନାଥ ସଂସ୍କୃତି ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇ ଗିରଫ ହେବା ପରେ ନିମାପଡ଼ା ଜେଲରେ ଥିଲେ ଅଭିଜିତ ଆୟର ମିତ୍ର। ତେବେ ଅଭିଜିତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ନିମାପଡ଼ା ୟୁଥ୍ କ୍ଲବର ଶତାଧିକ ଯୁବକ ନିମାପଡ଼ା ଜେଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିଜିତଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଅବସରରେ ଏକ ପ୍ରତିବାଦ ସଭା ଜେଲ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଅଭିଜିତଙ୍କ ଏଭଳି ମନ୍ତବ୍ୟକୁ ତୀବ୍ର ନିନ୍ଦା କରାଯାଇଥିଲା। ସତ୍ୟଜିତ୍ ଆଚାର୍ଯ୍ୟ, ବିଶ୍ୱଜିତ୍ ସ୍ୱାଇଁ, ସତ୍ୟପ୍ରିୟ ନାୟକ, ମୃତ୍ୟୁଞ୍ଜୟ ବେହେରା, ସଞ୍ଜୟ ପରିଡ଼ା, ଯୋଗଜନ୍ମା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।



ନିମାପଡା ଜେଲ୍ ସମ୍ମୁଖରେ ଅଭିଜିତ ଆୟରଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

## କଳାପାହାଡ଼ଠୁ ବଳିଗଲା ପୁରୀ ହିଂସା: ଦାମୋଦର

ପୁରୀ ଅଫିସ,୨୬।୧୦

ଶ୍ରୀମନ୍ଦିରକୁ ଧ୍ୱଂସ ଲାଗି ୩ଥର ପ୍ରୟାସ ସତ୍ତ୍ୱେ କଳାପାହାଡ଼ ବିଫଳ ହୋଇଥିଲା। କଳାପାହାଡ଼ର ଆକ୍ରମଣଠାରୁ ବଳିଗଲା ପୁରୀ ହିଂସା। କୋଟି କୋଟି ଓଡ଼ିଆଙ୍କ ସ୍ପନ୍ଦନ ଶ୍ରୀଜଗନ୍ନାଥ ମନ୍ଦିର ଭିତରକୁ ପୋଲିସ ଚପଲ ପିନ୍ଧି ପ୍ରବେଶ କରିଥିଲା। ଏହା ଶ୍ରୀମନ୍ଦିରର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଶ୍ରୀମନ୍ଦିରକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ବିଜୁବାବୁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଉପଲବ୍ଧି କରିଥିଲେ। ଶ୍ରୀମନ୍ଦିର ପରିଚାଳନାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଶ୍ରୀମନ୍ଦିରର ବିକାଶ ପ୍ରତି ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ରହିଛି ବୋଲି ଶୁକ୍ରବାର କୁମାର ଉତ୍ସବ ସମିତି ଆନୁକୂଲ୍ୟରେ ଚାଲିଥିବା ୫୧ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ କହିଛନ୍ତି ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ।

### ଶ୍ରୀମନ୍ଦିର ସୁରକ୍ଷାରେ ସରକାର ବିଫଳ



ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଉଦ୍‌ବୋଧନ ଦେଉଛନ୍ତି।

ସେ କହିଲେ, ବିଜୁବାବୁ ଥିଲେ ଦରଦୀ ହୃଦୟର ବନ୍ଧୁ। ଓଡ଼ିଆ ଜାତିର ଗୌରବ ଲାଗି ସର୍ବଦା ଚିନ୍ତିତ ଥିଲେ। ସେ ଦୁର୍ନୀତି ଠାରୁ ବହୁ ଦୂରରେ ଥିଲେ। ତାଙ୍କ ପୁଅ ନବୀନ ପଟ୍ଟନାୟକ ଏହାର ଓଲଟା। ୧୮ବର୍ଷର ଶାସନ କାଳରେ ନବୀନ ସରକାର ଦୁର୍ନୀତିରେ ବୁଡି ରହିଛି। ରାଜସ୍ୱ ଆଦାୟ ଆଳରେ ୪କୋଟି ଓଡ଼ିଆଙ୍କ ସ୍ୱାର୍ଥକୁ ଅଣଦେଖା କରୁଛନ୍ତି। ଗ୍ରାମାଞ୍ଚଳରେ ମଦର ବନ୍ୟା। ପରୋକ୍ଷରେ ରାଜ୍ୟ ସରକାର ଏହାକୁ ପ୍ରୋତ୍ସାହିତ କରୁଛନ୍ତି। ଚିଲିକାରେ ବୈଜୟନ୍ତଙ୍କ ହେଲିକପ୍ଟର ଉଡିବା ପ୍ରସଙ୍ଗରେ କହିଲେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଚିଲିକା ଉପରେ ହେଲିକପ୍ଟରରେ ଉଡିଛନ୍ତି। ଯଦି ବୈଜୟନ୍ତ ଦୋଷୀ, ତେବେ ମୁଖ୍ୟମନ୍ତ୍ରୀ କାହିଁକି ଦୋଷୀ ନ ହେବେ ବୋଲି ସେ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ବିଜୁବାବୁଙ୍କ ନୀତି, ଆଦର୍ଶରେ ଦଳ ଚାଲିଛି। ଓଡ଼ିଶାର ପ୍ରଗତି ଭାରତବର୍ଷରେ ସ୍ୱୀକୃତି ପାଇଛି। ଜଗନ୍ନାଥଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭକ୍ତି ଓ ବିଶ୍ୱାସ ରହିଛି। ଶ୍ରୀମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଦାମବାବୁ ଦଳରୁ ବହିଷ୍କୃତ ହେବା ପରେ ବିଳି ବିଳାଉଛନ୍ତି।